# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୯/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, October 9/2025 Page 14 | ₹ 7.00

୫୧ଶ ଭାଗ ୩୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 313 | ମୂଲ୍ୟ ₹୭/-




## ବେଥ୍ ମୁନିଙ୍କ ଶତକ

କଲମ୍ବୋରେ ବୁଧବାର ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ମହିଳା ବିଶ୍ୱକପ୍ କ୍ରିକେଟ୍ ମ୍ୟାଚ୍‌ରେ ଶତକ ହାସଲ କରିଛନ୍ତି ଅଷ୍ଟ୍ରେଲିଆର ବେଥ୍ ମୁନି।

୧୪

୧୩

## ଅପେକ୍ଷା କରିଛନ୍ତି ରଶ୍ମିକା

ଅଭିନେତ୍ରୀ ରଶ୍ମିକା ମାନ୍ଦାନା ଦୀର୍ଘଦିନ ହେଲା ଅପେକ୍ଷା କରିଥିବା ତାଙ୍କ ଅଭିନୀତ 'ଥାମ୍ମା' ଚଳଚ୍ଚିତ୍ର ଆସନ୍ତା ୨୧ରେ ରିଲିଜ ହେବାକୁ ଯାଉଛି।





ଭୁବନେଶ୍ୱରରେ ବୁଧବାର ମଧ୍ୟାହ୍ନରେ ହୋଇଥିବା ପ୍ରବଳ ବର୍ଷାରେ ୧୬ ନମ୍ବର ଜାତୀୟ ରାଜପଥର ଜୟଦେବ ବିହାର ଓଭରବ୍ରିଜ୍ ଉପରେ ପାଣିର ସୁଅ ଛୁଟୁଛି। **(ଫଟୋ– ବିକାଶ ନାୟକ)**

# 'ଓଡ଼ିଶା ଛବି ମଳିନ କରିବାକୁ କିଛି ଗୋଷ୍ଠୀ ଉଦ୍ୟମ କରୁଛନ୍ତି'

## ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ

- **କଟକ ସ୍ଥିତି ସ୍ୱାଭାବିକ ହେଉଛି**
- **ପୀତବାସଙ୍କ ହତ୍ୟା ଘଟଣାରେ ଦୋଷୀଙ୍କୁ ତୁରନ୍ତ ଖୋଜି ବାହାର କର**

ଭୁବନେଶ୍ୱର, ୮।୧୦ (ସୁନିତ୍ ମିଶ୍ର)

ଏକ ଶାନ୍ତିପୂର୍ଣ୍ଣ ରାଜ୍ୟ ଭାବେ ପରିଚିତ ଓଡ଼ିଶାର ଛବିକୁ ମଳିନ କରିବା ପାଇଁ କିଛି ଉଦ୍ଦେଶ୍ୟ ପ୍ରଣୋଦିତ ଗୋଷ୍ଠୀ ଉଦ୍ୟମ କରୁଛନ୍ତି। ସେମାନଙ୍କୁ ଦୃଢ଼ହସ୍ତରେ ଦମନ କରିବାର ଆବଶ୍ୟକତା ରହିଛି। ଏପରି ବ୍ୟକ୍ତିମାନଙ୍କ ଉପରେ ସତର୍କଦୃଷ୍ଟି ରଖିବାକୁ ପୋଲିସ ପ୍ରଶାସନର ଉଚ୍ଚ ପଦାଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ବୁଧବାର ଲୋକସେବା ଭବନରେ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ଉପରେ ସମୀକ୍ଷା କରିବା ସହ ରାଜ୍ୟର ସମସ୍ତ ଅଞ୍ଚଳରେ ଅସାମାଜିକ ବ୍ୟକ୍ତି, ବିଶୃଙ୍ଖଳାକାରୀ ତଥା ଅନ୍ୟାନ୍ୟ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ଉପରେ କଡ଼ା ନଜର ରଖିବାକୁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସମୀକ୍ଷାକରି ମୁଖ୍ୟମନ୍ତ୍ରୀ କହିଛନ୍ତି, କଟକ ଘଟଣାରେ ପରିସ୍ଥିତି ସ୍ୱାଭାବିକ ହେଉଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। କର୍ଫ୍ୟୁ ଉଠିବା ସହ ଇଣ୍ଟରନେଟ୍ ସେବା ପୁନଃ ସ୍ଥାପିତ ହୋଇଛି ବୋଲି ଜଣାଯାଇଛି। ପରିସ୍ଥିତି ସାମାନ୍ୟ ହେଲେ ମଧ୍ୟ ପୋଲିସକୁ ସତର୍କ ରହିବାକୁ ପଡ଼ିବ। କୌଣସି ପରିସ୍ଥିତିରେ କୋହଳ ମନୋଭାବ ପୋଷଣ କରିବା ଉଚିତ ନୁହେଁ। ବର୍ତ୍ତମାନ ପରିସ୍ଥିତିରେ ସବୁ ସମ୍ବେଦନଶୀଳ ଅଞ୍ଚଳରେ ପୋଲିସ ଫୋର୍ସ ମୁତୟନ ସହ ପାଟ୍ରୋଲିଂ ଜାରି ରଖାଯାଉ। ଭାଇଚାରାର ସହରରେ ଯେପରି ସାମାଜିକ ସଦ୍‌ଭାବ ଫେରିଆସିବ ସେଥିପାଇଁ ବିଭିନ୍ନ ଗୋଷ୍ଠୀର ନେତୃବୃନ୍ଦଙ୍କ ସହ ପୋଲିସ ଉଚ୍ଚ ପଦାଧିକାରୀମାନେ ଆଲୋଚନା ଜାରି ରଖିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ସୂଚନାଯୋଗ୍ୟ, ପୂର୍ବରୁ ମୁଖ୍ୟମନ୍ତ୍ରୀ ଭାଇଚାରାର ସହର କଟକର ଅଧିବାସୀଙ୍କୁ ଶାନ୍ତି ଶୃଙ୍ଖଳା ଫେରାଇ ଆଣିବା ପାଇଁ ନିବେଦନ କରିଥିଲେ। ☞ପୃଷ୍ଠା–୪

# ଭାରତ ସହ ଯୁଦ୍ଧ ହୋଇପାରେ

## ପାକ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ଚେତାବନୀ

ଭାରତ–ପାକିସ୍ତାନ ମଧ୍ୟରେ ପୁଣି ଯୁଦ୍ଧ ଆଶଙ୍କା ପ୍ରକାଶ ପାଇଛି। ମେ'ରେ 'ଅପରେଶନ ସିନ୍ଦୂର' ପରଠାରୁ ଦୁଇଦେଶ ମଧ୍ୟରେ ବାକ୍‌ଯୁଦ୍ଧ ଲାଗିରହିଥିବାବେଳେ ଆମେରିକା ସହ ଭାରତର ସମ୍ପର୍କ ତିକ୍ତ ହୋଇପଡ଼ିଛି। ଅନ୍ୟପକ୍ଷେ ପାକିସ୍ତାନ ଆମେରିକାର ଅଧିକ ନିକଟତର ହୋଇଛି। କେବଳ ସେତିକି ନୁହେଁ, ଗତ ମାସକ ଭିତରେ ପାକିସ୍ତାନର ପ୍ରମୁଖ ସହଯୋଗୀ ତୁର୍କୀ ସହ ଭାରତର କୂଟନୈତିକ ଏବଂ ବାଣିଜ୍ୟିକ ସମ୍ପର୍କ ମଧ୍ୟ ଖରାପ ହୋଇଛି। ଏଭଳି ସ୍ଥିତିରେ ସାଉଦି ଆରବ ସହ ହୋଇଥିବା ସାମରିକ ଚୁକ୍ତି ପାକିସ୍ତାନକୁ ବଳୀୟାନ କରିଛି। ଉକ୍ତ ଚୁକ୍ତି ଅନୁଯାୟୀ ପାକିସ୍ତାନ ଉପରେ କୌଣସି ଆକ୍ରମଣକୁ ସାଉଦି ଆରବ ନିଜ ଉପରେ ଅତିକ୍ରମଣ ବୋଲି ବିବେଚନା କରିବ। ଏହିସବୁ ଦୃଷ୍ଟିରୁ ପାକିସ୍ତାନ ଭଲ ସ୍ଥିତିରେ ଥିବାବେଳେ ଏହି ପଡ଼ୋଶୀ ଦେଶକୁ ଭାରତର ପ୍ରତିରକ୍ଷା ମନ୍ତ୍ରୀ ଓ ସେନାମୁଖ୍ୟଙ୍କ ଧମକ ଯୁଦ୍ଧସ୍ଥିତି ଉସୁକାଇବା ଭଳି ହେଉଛି ବୋଲି ବିଶେଷଜ୍ଞମାନେ କହୁଛନ୍ତି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ କହିଛନ୍ତି, ଭାରତ ସହ ଯୁଦ୍ଧ ହୋଇପାରେ। ଏଭଳି ଆଶଙ୍କା ବାସ୍ତବ। ଭବିଷ୍ୟତରେ କୌଣସି ସଶସ୍ତ୍ର ଯୁଦ୍ଧରେ ପାକିସ୍ତାନ ବଡ଼ ସଫଳତା ହାସଲ କରିବ ବୋଲି ଆସିଫ୍ ଦାବି କରିଛନ୍ତି।



ଖ୍ୱାଜା ଆସିଫ୍

ଇସ୍‌ଲାମାବାଦ,୮।୧୦

ଭାରତ ସହ ଯୁଦ୍ଧ ଆଶଙ୍କା ବାସ୍ତବ ବୋଲି ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଚେତାବନୀ ଦେଇଛନ୍ତି। ଭବିଷ୍ୟତରେ କୌଣସି ସଶସ୍ତ୍ର ଯୁଦ୍ଧରେ ପାକିସ୍ତାନ ଆହୁରି ବଡ଼ ସଫଳତା ହାସଲ କରିବ ବୋଲି ଆସିଫ୍ ଦାବି କରିଛନ୍ତି। ମଙ୍ଗଳବାର ଏକ ଟେଲିଭିଜନକୁ ସାକ୍ଷାତ୍‌କାର ଦେବାବେଳେ ଉପସ୍ଥାପିକା ଭାରତୀୟ ରାଜନୈତିକ ଓ ସାମରିକ ନେତାଙ୍କ ମନ୍ତବ୍ୟ ଉପରେ ପ୍ରଶ୍ନ କରିବାରୁ ଆସିଫ୍ ଏଭଳି ମତ ରଖିଛନ୍ତି। ସେ କହିଛନ୍ତି, ସଶସ୍ତ୍ର ସଂଘର୍ଷର ବିପଦ ରହିଥିବାରୁ ପାକିସ୍ତାନ ଏହାର ସେନାକୁ ପ୍ରସ୍ତୁତ ରଖିବା ସହ ସ୍ଥିତି ଉପରେ ନଜର ରଖିଛି। ସେ ଉତ୍ତେଜନା ସୃଷ୍ଟି କରିବାକୁ ଚାହୁଁନାହାନ୍ତି, ତେବେ ଯୁଦ୍ଧ ସମ୍ଭାବନା ବାସ୍ତବ, ଯାହାକୁ ସେ ଖଣ୍ଡନ କରୁନାହାନ୍ତି। ଯଦି ଯୁଦ୍ଧ ହୁଏ, ତେବେ ଆଲ୍ଲାଙ୍କ ଇଚ୍ଛାରେ ଆମେ ପୂର୍ବାପେକ୍ଷା ଭଲ ଫଳାଫଳ ହାସଲ କରିବୁ ବୋଲି ଆସିଫ୍ କହିଛନ୍ତି।

ଏପ୍ରିଲ ୨୨ରେ ଜମ୍ମୁ–କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ମେ' ୭ରେ ଭାରତୀୟ ସଶସ୍ତ୍ର ବଳ ପାକିସ୍ତାନ ଓ ପାକ୍–ଅଧିକୃତ କଶ୍ମୀର (ପିଓକେ)ରେ ପଶି ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ନଷ୍ଟ କରିଦେଇଥିଲେ। ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ କେତେଜଣ ଆତଙ୍କବାଦୀ ମଧ୍ୟ ନିହତ ହୋଇଥିଲେ। ସେବେଠୁ ଦୁଇଦେଶ ମଧ୍ୟରେ ତିକ୍ତତା ଆହୁରି ବଢ଼ିବାରେ ଲାଗିଥିବାବେଳେ ପାକିସ୍ତାନ ଆମେରିକାର ନିକଟତର ହେବାରେ ଲାଗିଛି। ଇତିମଧ୍ୟରେ ପାକିସ୍ତାନୀ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ୍ ମୁନିର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ୨ ଥର ସାକ୍ଷାତ୍ କରିସାରିଲେଣି। ଗୋଟିଏପଟେ ଟ୍ରମ୍ପ ଭାରତୀୟ ସାମଗ୍ରୀଗୁଡ଼ିକ ☞ପୃଷ୍ଠା–୪

## ପାକିସ୍ତାନକୁ ଏୟାର୍–ଟୁ–ଏୟାର ମିଶାଇଲ ଦେବ ଆମେରିକା

ୱାଶିଂଟନ୍,୮।୧୦

ଆମେରିକା ପାକିସ୍ତାନକୁ ଏଆଇଏମ୍–୧୨୦ ଶ୍ରେଣୀର ଆଡ୍‌ଭାନ୍ସ ମିଡିୟମ୍ ରେଞ୍ଜ ଏୟାର୍–ଟୁ–ଏୟାର ମିଶାଇଲ୍ (ଏଏମ୍‌ଆର୍‌ଏଏମ୍) ଦେବ। ଆମେରିକାର ଯୁଦ୍ଧ ବିଭାଗ (ଡିଓଡବ୍ଲ୍ୟୁ) ପକ୍ଷରୁ ଏନେଇ ଏକ ସରକାରୀ ବିବୃତିରେ ସୂଚନା ଦିଆଯାଇଛି। ଆମେରିକା ଏହାର ସଦ୍ୟ ମିଶାଇଲ୍ କଣ୍ଟ୍ରାକ୍ଟରେ ପାକିସ୍ତାନକୁ ସାମିଲ କରିବା ଇସ୍‌ଲାମାବାଦ ଓ ୱାଶିଂଟନ୍ ମଧ୍ୟରେ ବଢ଼ୁଥିବା ଘନିଷ୍ଠତାକୁ ଦର୍ଶାଉଛି। କେବଳ ଏତିକି ନୁହେଁ, ଏଏଆର୍‌ଏଏମ୍ କାର୍ଯ୍ୟକ୍ରମରେ ପାକିସ୍ତାନକୁ ଅନ୍ତର୍ଭୁକ୍ତ କରାଯିବା ଫଳରେ ପଡ଼ୋଶୀ ଦେଶର ବାୟୁସେନା ନିଜ ଏଫ୍–୧୬ ଫ୍ଲିଟ୍‌କୁ ଉନ୍ନତ କରିବା ପାଇଁ ସୁଯୋଗ ପାଇବ। ଏଥିସହ ଆକାଶମାର୍ଗରୁ ଆକାଶରେ ଏହାର ଆକ୍ରମଣ କ୍ଷମତା ମଧ୍ୟ ବୃଦ୍ଧି ପାଇବ। ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୨୮ ରେ ପାକିସ୍ତାନ ସେନାମୁଖ୍ୟ ଆସିମ ମୁନିର ଓ ପ୍ରଧାନମନ୍ତ୍ରୀ ☞ପୃଷ୍ଠା–୪

# ଶିଳ୍ପା ସେଟ୍ଟୀଙ୍କୁ ବିଦେଶ ଯିବା ମନା

## ପ୍ରଥମେ ୬୦ କୋଟି ଜମା କରିବାକୁ କହିଲେ ହାଇକୋର୍ଟ

ମୁମ୍ବାଇ,୮।୧୦

ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଏକ ୟୁଟ୍ୟୁବ୍ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି କଲମ୍ବୋ ଯିବାକୁ ଚାହୁଁଥିବାବେଳେ ବୁଧବାର ବମ୍ବେ ହାଇକୋର୍ଟ ଏଥିପାଇଁ ମନା କରିଦେଇଛନ୍ତି। ଆବେଦନର ବିଚାର ପୂର୍ବରୁ ଶିଳ୍ପା ପ୍ରଥମେ ଠକେଇ ମାମଲାରେ ୬୦ କୋଟି ଟଙ୍କା ଜମା କରନ୍ତୁ ବୋଲି ହାଇକୋର୍ଟ କହିଛନ୍ତି। ଅଦାଲତ କହିଛନ୍ତି, ଶିଳ୍ପା ଓ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ନାମରେ ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ ଲୁକ୍‌ଆଉଟ୍ ସର୍କୁଲାର ଜାରି କରାଯାଇଥିଲା, ଯାହା ଏବେ ବଳବତ୍ତର ରହିଛି। ଏହି କାରଣରୁ ସେମାନେ କୋର୍ଟଙ୍କ ଅନୁମତି କିମ୍ବା ତଦନ୍ତକାରୀ ସଂସ୍ଥାର ଅନୁମତି ବିନା ବିଦେଶ ଯାଇପାରିବେ ନାହିଁ ବୋଲି ମୁଖ୍ୟ ବିଚାରପତି ଶ୍ରୀଚନ୍ଦ୍ରଶେଖର ଏବଂ ଜଷ୍ଟିସ୍ ଗୌତମ ଅଙ୍ଖଡ଼ଙ୍କ ଖଣ୍ଡପୀଠ କହିଛନ୍ତି।



ଅକ୍ଟୋବର ୨୫ରୁ ୨୯ ପର୍ଯ୍ୟନ୍ତ କଲମ୍ବୋରେ ୟୁଟ୍ୟୁବ୍ କାର୍ଯ୍ୟକ୍ରମରେ ଶିଳ୍ପା ଯୋଗଦେବା ଆବଶ୍ୟକ ବୋଲି ☞ପୃଷ୍ଠା–୪






# ରାସ୍ତାପାର୍ଶ୍ୱରୁ ହାତୀ ମୃତଦେହ ଜବତ

## ବିଦ୍ୟୁତ୍ ଆଘାତ: ଏପ୍ରିଲରୁ ମଲେଣି ୮

ଦେବଗଡ଼,୮।୧୦ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ବନଖଣ୍ଡ ରିଆମାଳ ରେଞ୍ଜ ରେଙ୍ଗାଳବେଡ଼ା ଫରେଷ୍ଟ ସେକ୍ସନ ଅଧୀନ କାଉଁଶିତଇଲା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାପାର୍ଶ୍ୱରୁ ବୁଧବାର ଏକ ହାତୀର ମୃତଦେହ ଜବତ କରାଯାଇଛି। ସକାଳେ ହାତୀର ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଅଧିକାରୀ ସକାଳ ପ୍ରାୟ ୭ଟାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ବ୍ରାହ୍ମୀଲିପିର ପ୍ରଭାବ**

# ୩ ଜଣଙ୍କୁ ରସାୟନ ବିଜ୍ଞାନରେ ନୋବେଲ

## ମେଟାଲ ଅର୍ଗାନିକ୍ ଫ୍ରେମ୍‌ୱାର୍କକୁ ବିକଶିତ କରିବା ପାଇଁ ସମ୍ମାନ

ଷ୍ଟକ୍‌ହୋମ, ୮।୧୦

ରୟାଲ ସ୍ୱିଡିଶ୍ ଏକେଡେମି ଅଫ୍ ସାଇନ୍ସେସ୍ ପକ୍ଷରୁ ବୁଧବାର ରସାୟନ ବିଜ୍ଞାନ କ୍ଷେତ୍ରରେ '୨୦୨୫ ନୋବେଲ ପୁରସ୍କାର'ର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ମେଟାଲ ଅର୍ଗାନିକ୍ ଫ୍ରେମ୍‌ୱାର୍କ (ଏମ୍‌ଓଏଫ୍)କୁ ବିକଶିତ କରିଥିବାରୁ ଜାପାନୀ ବୈଜ୍ଞାନିକ ସୁସୁମୁ କିଟାଗାୱା, ଅଷ୍ଟ୍ରେଲୀୟ ବୈଜ୍ଞାନିକ ରିଚାର୍ଡ ରବସନ୍ ଏବଂ ଆମେରିକୀୟ ବୈଜ୍ଞାନିକ ଓମାର ଏମ୍. ୟାଘିଙ୍କୁ ରସାୟନ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ଦିଆଯିବ। ଏମ୍‌ଓଏଫ୍ ହେଉଛି ଏକ ନୂତନ ପ୍ରକାରର ମଲିକୁଲାର ଆର୍କିଟେକ୍ଚର ଯେଉଁଥିରେ, ରାସାୟନିକ ପଦାର୍ଥ ପାଇଁ ଅନ୍ତର୍ନିହିତ ସ୍ଥାନ ରହିଛି। ଏହାର ସାହାଯ୍ୟରେ ମରୁଭୂମି ବାୟୁରୁ ଆର୍ଦ୍ରତା ଶୋଷଣ କରି ପାଣି ବାହାର କରାଯାଇପାରିବ, ଯାହା ଶୁଷ୍କ ଅଞ୍ଚଳ ପାଇଁ ସହାୟକ ସାବ୍ୟସ୍ତ ହେବ। ସେହିପରି ଗ୍ଲୋବାଲ ୱାର୍ମିଂକୁ ରୋକିବା ପାଇଁ କାରଖାନାଗୁଡ଼ିକରୁ ନିର୍ଗତ ଅଙ୍ଗାରକାମ୍ଳ ଗ୍ୟାସ୍‌ଗୁଡ଼ିକୁ ଏମ୍‌ଓଏଫ୍ ଦ୍ୱାରା କବ୍‌ଜା କରି ରଖାଯାଇପାରିବ। ସେହିପରି ଏହାଦ୍ୱାରା ବିଷାକ୍ତ ଗ୍ୟାସ୍‌ଗୁଡ଼ିକୁ ସଂରକ୍ଷଣ କରି ରଖାଯାଇପାରିବ ଏବଂ ରସାୟନିକ ପ୍ରତିକ୍ରିୟାଗୁଡ଼ିକୁ ତ୍ୱରାନ୍ୱିତ କରାଯାଇପାରିବ। ପରିବେଶ ସଫା ରଖିବା ପାଇଁ ଏମ୍‌ଓଏଫ୍ ଦ୍ୱାରା ପାଣିରୁ କ୍ଷତିକାରକ ରସାୟନିକ ପଦାର୍ଥ ପିଏଫ୍‌ଏଏସ୍‌କୁ ମଧ୍ୟ ବାହାର କରାଯାଇପାରିବ ବୋଲି ରୟାଲ ସ୍ୱିଡିଶ୍ ଏକେଡେମି ଅଫ୍ ସାଇନ୍ସେସ୍ ପକ୍ଷରୁ ସୂଚନା ଦିଆଯାଇଛି। 'ନୋବେଲ କମିଟି ଫର୍ କେମେଷ୍ଟ୍ରି'ର ଅଧ୍ୟକ୍ଷ ହେଇନର ଲିଙ୍କେ କହିଛନ୍ତି, ଏମ୍‌ଓଏଫ୍‌ଗୁଡ଼ିକରେ ଅଗଣିତ ସମ୍ଭାବନା ରହିଛି। ଏହା ଦ୍ୱାରା ପୂର୍ବରୁ କଳ୍ପନା କରାଯାଇ ନ ଥିବା ନୂତନ ପ୍ରକାରର କଷ୍ଟମ ମ୍ୟାଟେରିଆଲ ସୃଷ୍ଟି କରାଯାଇପାରିବ।



ସୁସୁମୁ କିଟାଗାୱା



ରିଚାର୍ଡ ରବସନ୍



ଓମାର ଏମ୍. ୟାଘି

୧୯୮୯ରେ ୟୁନିଭର୍ସିଟି ଅଫ୍ ମେଲବୋର୍ନ ସହ ଜଡ଼ିତ ଥିବା ରିଚାର୍ଡ ପ୍ରଥମେ ଏମ୍‌ଓଏଫ୍ ବିକଶିତ କରିଥିଲେ। ୧୯୯୨ରୁ ୨୦୦୩ ମଧ୍ୟରେ ଜାପାନର କ୍ୟୋଟୋ ☞ପୃଷ୍ଠା–୪

## ୨ ଯବାନ ନିଖୋଜ

ଜମ୍ମୁ-କଶ୍ମୀରର ଅନନ୍ତନାଗ ଅନ୍ତର୍ଗତ କୋକେରନାଗ ଜଙ୍ଗଲରେ କୋମ୍ବିଂ ଅପରେଶନ ବେଳେ ୨ ଯବାନ ନିଖୋଜ ହୋଇଯାଇଛନ୍ତି। ସେମାନଙ୍କୁ ଠାବ କରିବା ପାଇଁ ସୁରକ୍ଷା ବଳ ବ୍ୟାପକ ତଲାସି ଅଭିଯାନ ଚଳାଇଛି। କୋକେରନାଗ ଅନ୍ତର୍ଗତ ଆହଲାନ ଗାଡୋଲ ଅଞ୍ଚଳରେ ଆତଙ୍କବାଦୀମାନେ ଲୁଚିଥିବା ଖବର ପାଇ କମ୍ବିଂ ଅପରେଶନ ଆରମ୍ଭ ହୋଇଥିଲା। ନିଖୋଜ ଯବାନଙ୍କୁ ଠାବ କରିବା ପାଇଁ ହେଲିକପ୍ଟର ନିୟୋଜିତ ହୋଇଛି।

### ଦିଲ୍ଲୀରେ ଆଜି



ହିଣ୍ଡନ୍ ଏୟାରଫୋର୍ସ ଷ୍ଟେଶନଠାରେ ବୁଧବାର ୯୩ତମ ବାୟୁସେନା ଦିବସ ପାଳନ ଅବସରରେ ଯବାନମାନେ ପରେଡ କରୁଛନ୍ତି। (ଫଟୋ-ଚମନ ଗୌତମ)

# ନଭି ମୁମ୍ବାଇ ଏୟାରପୋର୍ଟ ଉଦ୍‌ଘାଟନକଲେ ପ୍ରଧାନମନ୍ତ୍ରୀ

ମୁମ୍ବାଇ,୮।୧୦



ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଉଦ୍‌ଘାଟନ କରିଛନ୍ତି। ୧୯,୬୫୦ କୋଟି ଟଙ୍କା ବ୍ୟୟରେ ଏହି ଏୟାରପୋର୍ଟ ୧,୧୬୦ ହେକ୍ଟର ଜମିରେ ପରିବ୍ୟାପ୍ତ। ଏହା ଭାରତର ବିମାନ ଚଳାଚଳ ସାମର୍ଥ୍ୟକୁ ଯଥେଷ୍ଟ ବଢ଼ାଇବା ସହ ମୁମ୍ବାଇରେ ଥିବା ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରର ଅତ୍ୟଧିକ ଟ୍ରାଫିକ୍ ବୋଝକୁ ଲାଘବ କରିବ। ଉଦ୍‌ଘାଟନ ପୂର୍ବରୁ ପ୍ରଧାନମନ୍ତ୍ରୀ ନବନିର୍ମିତ ଏୟାରପୋର୍ଟରେ ବୁଲିଥିଲେ। ସରକାରୀ ଘରୋଇ ଭାଗୀଦାରିତା (ପିପିପି) ମୋଡ୍‌ରେ ନିର୍ମିତ ଏହା ଭାରତର ସର୍ବବୃହତ୍ ଗ୍ରୀନ୍‌ଫିଲ୍ଡ ଏୟାରପୋର୍ଟ ପ୍ରୋଜେକ୍ଟ। ମୁମ୍ବାଇ ମେଟ୍ରୋପଲିଟାନ୍ ଅଞ୍ଚଳ ପାଇଁ ଏହା ଦ୍ୱିତୀୟ ଅନ୍ତର୍ଜାତୀୟ ବିମାନବନ୍ଦର।

ଏଥିସହିତ ପ୍ରଧାନମନ୍ତ୍ରୀ ମୁମ୍ବାଇ ମେଟ୍ରୋ ଲାଇନ୍-୩ର ଫେଜ୍ ୨ବିକୁ ଉଦ୍‌ଘାଟନ କରିଛନ୍ତି। ଆଚାର୍ଯ୍ୟ ଆତ୍ରେ ଚୌକରୁ କୁଫେ ପ୍ୟାରେଡ୍ ପର୍ଯ୍ୟନ୍ତ ଏହି ମେଟ୍ରୋ ଲାଇଡ଼ ନିର୍ମାଣରେ ୧୨,୨୦୦ କୋଟି ଟଙ୍କା ବ୍ୟୟ ହୋଇଛି। ମୋଟ ୩୭,୨୭୦ କୋଟି ଟଙ୍କାର ମୁମ୍ବାଇ ମେଟ୍ରୋ ଲାଇନ୍-୩କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ମୁମ୍ବାଇର ସହରାଞ୍ଚଳ ପରିବହନର ପରିବର୍ତ୍ତନରେ ଏହା ଏକ ବଡ଼ ସଫଳତା। ଏଥିସହିତ ପ୍ରଧାନମନ୍ତ୍ରୀ ମୁମ୍ବାଇ ୱାନ୍ ଆପ୍ ଶୁଭାରମ୍ଭ କରିଛନ୍ତି, ଯାହା ଦୈନନ୍ଦିନ ଯାତ୍ରୀମାନଙ୍କୁ ସମନ୍ୱିତ ମୋବାଇଲ୍ ଟିକେଟ ବୁକିଂ ସମେତ ଅନେକ ସୁବିଧା ପ୍ରଦାନ କରିବ। ମହାରାଷ୍ଟ୍ରରେ ଦକ୍ଷତା, ନିଯୁକ୍ତି, ଉଦ୍ୟୋଗୀକରଣ ଏବଂ ନବପ୍ରବର୍ତ୍ତନର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ସ୍ୱଳ୍ପ ମିଆଦୀ ନିଯୁକ୍ତିଯୋଗ୍ୟ କାର୍ଯ୍ୟକ୍ରମ (ଏସ୍‌ଟିଇପି)ର ଉଦ୍‌ଘାଟନ କରିଛନ୍ତି। ୪୦୦ ସରକାରୀ ଆଇଟିଆଇ, ୧୫୦ ସରକାରୀ ଟେକ୍‌ନିକାଲ ହାଇସ୍କୁଲରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବ। ଶିଳ୍ପ ଆବଶ୍ୟକତା ଏବଂ ନିଯୁକ୍ତି ବଢ଼ାଇବାରେ ଦକ୍ଷତା ବିକାଶରେ ଏହା ଏକ ବଡ଼ ପଦକ୍ଷେପ ହେବାକୁ ଯାଉଛି।

## କରୁର ଦଳାଚକଟା ମାମଲା: ସୁପ୍ରିମକୋର୍ଟ ଗଲା କେଟିଭି

ନୂଆଦିଲ୍ଲୀ,୮।୧୦

କରୁର ଦଳାଚକଟା ଘଟଣାର ତଦନ୍ତ ପାଇଁ ମାଡ୍ରାସ ହାଇକୋର୍ଟ ଏସ୍‌ଆଇଟି ଗଠନ ନିର୍ଦ୍ଦେଶ ଦେଇଥିବାବେଳେ ତାମିଲ ଅଭିନେତା ବିଜୟଙ୍କ ଦଳ କେଟିଭି ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ସର୍ବୋଚ୍ଚ ଅଦାଲତ ପିଟିଶନ୍‌କୁ ଆସନ୍ତା ଶୁକ୍ରବାର ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। ଗତ ସେପ୍ଟେମ୍ବର ୨୭ରେ କରୁରରେ ବିଜୟଙ୍କ ରାଲିରେ ଦଳାଚକଟା ଘଟି ୪୧ ଜଣଙ୍କ ମୃତ୍ୟୁ ହୋଇଥିଲା। ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏହାକୁ ଶୁଣାଣି ପାଇଁ ଗ୍ରହଣ କରିବା ସହ ଶୁକ୍ରବାରକୁ ସମୟ ଧାର୍ଯ୍ୟ କରିଛନ୍ତି। ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ନିରପେକ୍ଷ ତଦନ୍ତ ପାଇଁ ଟିଭିକେ ଚାହୁଁଛି। ତାମିଲନାଡୁର ପୋଲିସ ଅଫିସରଙ୍କ ଦ୍ୱାରା ତଦନ୍ତ କରାଗଲେ ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ହେବା ନେଇ କେଟିଭି ସନ୍ଦେହ ବ୍ୟକ୍ତ କରିଛି।

# ବୋର୍ଡ ଆସନକୁ ନେଇ ଟାଟା ଟ୍ରଷ୍ଟରେ ବିବାଦ

### ସ୍ଥିରତା ବଜାୟ ରଖିବାକୁ କହିଲା କେନ୍ଦ୍ର

ନୂଆଦିଲ୍ଲୀ,୮।୧୦



ନୋଏଲ୍ ଟାଟା



ଏନ୍. ଚନ୍ଦ୍ରଶେଖରନ୍

ଟାଟା ଟ୍ରଷ୍ଟରେ ପୁଣିଥରେ ବିବାଦ ମୁଣ୍ଡ ଟେକିଛି। ୪ ବର୍ଷ ପୂର୍ବେ ଟାଟା ସନ୍ସ ଅଧ୍ୟକ୍ଷ ସାଇରସ୍ ମିସ୍ତ୍ରିଙ୍କୁ ବହିଷ୍କାର ଘଟଣାରେ ତିକ୍ତ କ୍ଷମତା କନ୍ଦଳ ଦେଖାଦେଇଥିବାବେଳେ ସୁପ୍ରିମକୋର୍ଟ ଏହାର ସମାଧାନ କରିଥିଲେ। ଏବେ ବୋର୍ଡ ଆସନକୁ ନେଇ ଟାଟା ଟ୍ରଷ୍ଟରେ ବିବାଦ ଦେଖାଦେଇଛି। ଟାଟା ଟ୍ରଷ୍ଟ ଏକ ଅଣଲାଭଦାୟକ ପରୋପକାରୀ ସଂଗଠନ ହୋଇଥିବାବେଳେ ଟାଟା ଗ୍ରୁପ୍‌ର ମୁଖ୍ୟ ହୋଲ୍ଡିଂ କମ୍ପାନୀ ଟାଟା ସନ୍ସ ଅଂଶଧନର ୬୬ ପ୍ରତିଶତର ମାଲିକାନା ଏହା ଅଧୀନରେ ରହିଛି।

ବୋର୍ଡରେ ନିଯୁକ୍ତି ଏବଂ ପରିଚାଳନା ପ୍ରସଙ୍ଗକୁ ନେଇ ଟ୍ରଷ୍ଟିମାନଙ୍କ ମଧ୍ୟରେ ବିବାଦ ତୀବ୍ର ହେବା ପରେ ଟାଟା ଗ୍ରୁପ୍‌ର ଶୀର୍ଷ କାର୍ଯ୍ୟନିର୍ବାହୀ ଟାଟା ଟ୍ରଷ୍ଟ ଅଧ୍ୟକ୍ଷ ନୋଏଲ୍ ଟାଟା ଏବଂ ଟାଟା ସନ୍ସ ଅଧ୍ୟକ୍ଷ ଏନ୍. ଚନ୍ଦ୍ରଶେଖରନ୍ ମଙ୍ଗଳବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ଭେଟିଥିଲେ। ଟାଟା ଟ୍ରଷ୍ଟର ଉପାଧ୍ୟକ୍ଷ ବେନୁ ଶ୍ରୀନିବାସନ ଓ ଟ୍ରଷ୍ଟି ଦରିଉସ୍ ଖମ୍ବାଟା ମଧ୍ୟ ଶାହାଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଥିଲେ। ୪୫ ମିନିଟ୍ ଧରି ଆଲୋଚନା ପରେ ଟାଟା ଟ୍ରଷ୍ଟରେ ସ୍ଥିରତା ବଜାୟ ରଖିବାକୁ କେନ୍ଦ୍ର ସରକାର ଟାଟା ଗ୍ରୁପ୍‌କୁ କଡ଼ା ବାର୍ତ୍ତା ଦେଇଥିବା ଜଣାପଡ଼ିଛି। ଆଭ୍ୟନ୍ତରୀଣ କଳହ ଯେପରି ଟାଟା ସନ୍ସକୁ ପ୍ରଭାବିତ ନ କରେ, ତାହା ସୁନିଶ୍ଚିତ କରିବାକୁ ଶାହା ଓ ସୀତାରାମନ୍ କହିଥିଲେ। ଏଥିପାଇଁ ଆବଶ୍ୟକ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ କୁହାଯାଇଛି। ଗ୍ରୁପ୍‌ର କାର୍ଯ୍ୟ ପ୍ରତି ବିପଦ ସୃଷ୍ଟି ହେଲା ଭଳି କୌଣସି ଆଭ୍ୟନ୍ତରୀଣ ଘଟଣା ଘଟୁଥିଲେ, ସମ୍ପୃକ୍ତ ଟ୍ରଷ୍ଟିଙ୍କୁ ବହିଷ୍କାର କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

ଟାଟା ଗ୍ରୁପ୍‌ର ଲିଷ୍ଟେଡ୍ ସଂସ୍ଥାଗୁଡ଼ିକର ବଜାର ପୁଞ୍ଜି ୨୫ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ଭାରତର ଜିଡିପିରେ ଏହା ୪ ପ୍ରତିଶତ ଅବଦାନ ରହିଛି। ଏହା ଟିକସ ବାବଦରେ ଅନେକ ହଜାର କୋଟି ଟଙ୍କା ପୈଠ କରିଥାଏ। ବୋର୍ଡର ଜଣେ ସଦସ୍ୟ ରତନ ଟାଟାଙ୍କ ସାବତ ଭାଇ ନୋଏଲ୍‌ଙ୍କ ସହ ରହିଥିବାବେଳେ ଅନ୍ୟମାନେ ସାଇରସ୍ ମିସ୍ତ୍ରିଙ୍କ ସମ୍ପର୍କୀୟ ଭାଇ ମେହଲି ମିସ୍ତ୍ରିଙ୍କ ସହ ରହିଛନ୍ତି, ଯାହାଙ୍କର ଶାପୁର୍ଜୀ ପାଲୋଞ୍ଜି ପରିବାର ସହ ସମ୍ପର୍କ ରହିଛି। ଟାଟା ସନ୍ସରେ ଏହି ପରିବାରର ୧୮.୩୭ ପ୍ରତିଶତ ଶେୟାର ରହିଛି। ପୂର୍ବତନ ପ୍ରତିରକ୍ଷା ସଚିବ ବିଜୟ ସିଂଙ୍କୁ ଟାଟା ସନ୍ସ ବୋର୍ଡରେ ମନୋନୀତ ନିର୍ଦ୍ଦେଶକ ଭାବେ ପୁନଃ ନିଯୁକ୍ତି ଦେବା ପ୍ରସ୍ତାବକୁ ନେଇ ଗତ ସେପ୍ଟେମ୍ବର ୧୧ ବୋର୍ଡ ବୈଠକରେ ବିବାଦ ମୁଣ୍ଡ ଟେକିଥିଲା।

## ସର୍ଜିଓଙ୍କ ରାଷ୍ଟ୍ରଦୂତ ନିଯୁକ୍ତିକୁ ସିନେଟ୍ ମଞ୍ଜୁରୀ



ୱାଶିଂଟନ୍, ୮।୧୦

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ସର୍ଜିଓ ଗୋର୍ ଭାରତରେ ଆମେରିକାର ରାଷ୍ଟ୍ରଦୂତ ହେବା ବୁଧବାର ସ୍ପଷ୍ଟ ହୋଇଛି। ସିନେଟରେ ସର୍ଜିଓଙ୍କ ନାଁରେ ମୋହର ବାଜିଛି। ୫୧ ସିନେଟର ତାଙ୍କ ସପକ୍ଷରେ ଓ ୪୭ ସିନେଟର ବିରୋଧରେ ଭୋଟ ଦେଇଥିଲେ। ୩୮ ବର୍ଷ ବୟସ୍କ ସର୍ଜିଓ ଭାରତରେ ସର୍ବକନିଷ୍ଠ ଆମେରିକୀୟ ରାଷ୍ଟ୍ରଦୂତ ହେବେ। ପୂର୍ବରୁ ସର୍ଜିଓ 'ହ୍ୱାଇଟ ହାଉସ ପ୍ରେସିଡେନ୍ସିଆଲ ପର୍ସନାଲ ଅଫିସ'ର ଡାଇରେକ୍ଟର ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଛନ୍ତି। ଅଗଷ୍ଟ ୨୨ରେ ତାଙ୍କୁ ରାଷ୍ଟ୍ରଦୂତ ପାଇଁ ଟ୍ରମ୍ପ୍ ମନୋନୀତ କରିଥିଲେ।

## ସୋସିଆଲ ମିଡିଆରେ ସିଜେଆଇଙ୍କୁ ଟାର୍ଗେଟ

ଚଣ୍ଡିଗଡ଼,୮।୧୦

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇଙ୍କୁ ଟାର୍ଗେଟ କରି ବେଆଇନ ତଥା ଆପତ୍ତିଜନକ ସୋସିଆଲ ମିଡିଆ କଣ୍ଟେଣ୍ଟ ଉପରେ ପଞ୍ଜାବ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ସହ ଅଭିଯୋଗ ଆଧାରରେ ଅନେକ ଏତଲା ଦାଏର କରିଛି। ପଞ୍ଜାବର ବିଭିନ୍ନ ଜିଲାରୁ ଅନେକ ଅଭିଯୋଗ ଆସିଥିଲା। ଉଚ୍ଚ ସାମ୍ବିଧାନିକ କର୍ତ୍ତୃପକ୍ଷଙ୍କ ପ୍ରତି ସୋସିଆଲ ମିଡିଆରେ ଜାତି ଆଧାରିତ ଏବଂ ଘୃଣିତ ମନ୍ତବ୍ୟ ପୋଷ୍ଟ କରାଯାଉଛି। ଜାତି ଓ ସମ୍ପ୍ରଦାୟର ଭାବନାକୁ ଆଘାତ ଦେଇ ସଦ୍‌ଭାବନା ଓ ଶାନ୍ତିଶୃଙ୍ଖଳା ଭଙ୍ଗ କରିବାକୁ ଉଦ୍ୟମ ହେଉଥିବା ଏତଲାରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, ୨ ଦିନ ପୂର୍ବରୁ ଜଣେ ୭୧ ବର୍ଷୀୟ ଆଇନଜୀବୀ କୋର୍ଟରୁମ୍‌ରେ ସିଜେଆଇଙ୍କୁ ଜୋତା ଫିଙ୍ଗିବାକୁ ଉଦ୍ୟମ କରିଥିଲେ, ଯାହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

# ମଧ୍ୟପ୍ରଦେଶ କଫ୍ ସିରପ୍ ମୃତ୍ୟୁସଂଖ୍ୟା ୨୦

ଭୋପାଳ, ୮।୧୦

ମଧ୍ୟପ୍ରଦେଶରେ କୋଲ୍ଡରିଫ୍ କଫ୍ ସିରପ୍ ସେବନଜନିତ ମୃତ୍ୟୁସଂଖ୍ୟା ୨୦ରେ ପହଞ୍ଚିଥିବାବେଳେ ନାଗପୁରର ୫ ଶିଶୁ ଗୁରୁତର ଅବସ୍ଥାରେ ଏମ୍ସ ଓ ଅନ୍ୟାନ୍ୟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାମିଲନାଡୁର ସ୍ରେସାନ ଫାର୍ମାସ୍ୟୁଟିକାଲ୍ସ କମ୍ପାନୀ ପ୍ରସ୍ତୁତ କୋଲ୍ଡରିଫ୍ କଫ୍ ସିରପ୍ ଖାଇବା ପରେ ପିଲାମାନଙ୍କ କିଡ୍‌ନୀ ଅକାମୀ ହୋଇଯାଇଥିଲା।

ମଧ୍ୟପ୍ରଦେଶର ୭ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ବୁଧବାର ଚେନ୍ନାଇ ନିକଟ ସ୍ରେସାନ ଫାର୍ମାସ୍ୟୁଟିକାଲ୍ସ କମ୍ପାନୀରେ ପହଞ୍ଚି ତଦନ୍ତ ଚଳାଇଛି। ଚେନ୍ନାଇସ୍ଥିତ କମ୍ପାନୀ କାର୍ଯ୍ୟାଳୟରେ ଏସ୍‌ଆଇଟି ଚଢ଼ାଉ କରି ଦସ୍ତାବିଜ୍ ଓ ସିସିଟିଭି ଫୁଟେଜ୍ ଜବତ କରିଛି। ଉକ୍ତ କମ୍ପାନୀ ପଣ୍ଡିଚେରୀ, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଅନ୍ୟାନ୍ୟ ରାଜ୍ୟକୁ କୋଲ୍ଡରିଫ୍ ସିରପ୍ ଯୋଗାଉଥିଲା। କମ୍ପାନୀ ମାଲିକ ୩ ଦିନ ପୂର୍ବରୁ ଅଫିସ୍ ଛାଡ଼ି ଚାଲିଯାଇଛନ୍ତି। ମଙ୍ଗଳବାର ତାମିଲନାଡୁ ସରକାର ଫ୍ୟାକ୍ଟ୍ରିକୁ ସିଲ୍ କରିଦେଇଛନ୍ତି। ତାମିଲନାଡୁ ଖାଦ୍ୟ ସୁରକ୍ଷା ଏବଂ ଔଷଧ ପ୍ରଶାସନ ପକ୍ଷରୁ ଫ୍ୟାକ୍ଟ୍ରିରୁ ସଂଗ୍ରହ କରାଯାଇଥିବା ନମୁନା ଅପମିଶ୍ରିତ ହୋଇଥିବା ଜଣାପଡ଼ିଥିଲା। ଫଳରେ ଫ୍ୟାକ୍ଟ୍ରିରେ ଉତ୍ପାଦନ ତୁରନ୍ତ ବନ୍ଦ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଅକ୍ଟୋବର ୧ରୁ ରାଜ୍ୟ ସରକାର କୋଲ୍ଡରିଫ୍ ସିରପ୍ ବିକ୍ରି ଉପରେ ନିଷେଧାଦେଶ ଲଗାଇଥିଲେ।

### ଔଷଧ ପରୀକ୍ଷା କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୮।୧୦

କୋଲ୍ଡରିଫ୍ କଫ୍ ସିରପ୍ ଖାଇ ଅନେକ ପିଲା ପ୍ରାଣ ହରାଇବା ପରେ ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ବୁଧବାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶନାମା ଜାରି କରି ଡ୍ରଗ୍ସ ନିୟମାବଳୀ, ୧୯୪୫ ଅନୁଯାୟୀ ଔଷଧଗୁଡ଼ିକର ପରୀକ୍ଷାକୁ କଡ଼ାକଡ଼ି କରିବା ପାଇଁ କହିଛନ୍ତି। ଉତ୍ପାଦନ ପୂର୍ବରୁ ଉଭୟ କଞ୍ଚାମାଲ୍‌ର ପରୀକ୍ଷା ଏବଂ ବଜାରକୁ ପଠାଇବା ପୂର୍ବରୁ ଉତ୍ପାଦିତ ଔଷଧର ପରୀକ୍ଷା କରାଇବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଔଷଧ ନିୟନ୍ତ୍ରକମାନଙ୍କୁ କୁହାଯାଇଛି। ଫାର୍ମାସ୍ୟୁଟିକାଲ କମ୍ପାନୀଗୁଡ଼ିକ କେବଳ ନିର୍ଭରଯୋଗ୍ୟ ଏବଂ ଅନୁମୋଦିତ ଭେଣ୍ଡରଙ୍କଠାରୁ କଞ୍ଚାମାଲ୍ କିଣିବା ନିଶ୍ଚିତ କରିବାକୁ ଡିସିଜିଆଇ ନିର୍ଦ୍ଦେଶ ଦିଆଯାଇଛି। ଦୂଷିତ କୋଲ୍ଡରିଫ୍ କଫ୍ ସିରପ୍ ବିଦେଶକୁ ରପ୍ତାନି ହୋଇଥିଲା କି ନାହିଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଭାରତଠାରୁ ଏହାର ସ୍ପଷ୍ଟୀକରଣ ମାଗିଛି। ଭାରତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କଠାରୁ ଜବାବ ମିଳିବା ପରେ ଏହା ଉପରେ ତଦନ୍ତ କରାଯିବ ବୋଲି ଡବ୍ଲ୍ୟୁଏଚ୍‌ଓ ଅଧିକାରୀ କହିଛନ୍ତି।

## ୟୁପିରେ ସ୍କୁଟର ବିସ୍ଫୋରଣ: ୮ ଆହତ

କାନପୁର ,୮।୧୦

ଉତ୍ତରପ୍ରଦେଶର କାନପୁର ଅନ୍ତର୍ଗତ ମେଷ୍ଟୋନ୍ ରୋଡ୍‌ରେ ବୁଧବାର ସନ୍ଧ୍ୟାରେ ଏକ ସ୍କୁଟର ବିସ୍ଫୋରଣ ହେବାରୁ ୮ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଗହଳି ମିସ୍ତ୍ରି ବଜାରର ଏକ ପ୍ଲାଷ୍ଟିକ୍ ଦୋକାନ ବାହାରେ ଏହି ବିସ୍ଫୋରଣ ଘଟିବାରୁ ଅନ୍ୟ ୨ଟି ସ୍କୁଟର କ୍ଷତିଗ୍ରସ୍ତ ହୋଇଛି। ସ୍କୁଟର ବ୍ୟାଟେରି ବିସ୍ଫୋରଣ ହେଲା କି ସେଥିରେ ବିସ୍ଫୋରକ ସାମଗ୍ରୀ ଥିଲା ତାହାର ତଦନ୍ତ କରାଯାଉଛି। ବିସ୍ଫୋରଣର ଶବ୍ଦ ୫୦୦ ମିଟର ପର୍ଯ୍ୟନ୍ତ ଶୁଣାଯିବା ସହ ପାଖ ଫୁଟ୍‌ପାଥରେ ଥିବା ୬ଟି ଦୋକାନ କ୍ଷତିଗ୍ରସ୍ତ ହୋଇଛି। ବିସ୍ଫୋରଣ ପରେ ନିଆଁ ଲାଗିଯିବା ସହ ପ୍ରବଳ ଧୂଆଁ ଉଠିବାରୁ ବଜାରରେ ଆତଙ୍କ ଖେଳିଯାଇଥିଲା।

## ମ୍ୟାନ୍‌ମାର ସେନା ଆକ୍ରମଣରେ ୨୪ ମୃତ

ବ୍ୟାଙ୍କକ୍,୮।୧୦

ମ୍ୟାନ୍‌ମାର ସେନା ଏକ ଗ୍ରାମ ଉପରେ ପାରାଗ୍ଲାଇଡର ମାଡ଼ କରିବାରୁ ୨୪ ଜଣଙ୍କ ମୃତ୍ୟୁ ଘଟିବା ସହ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଦେଶର କେନ୍ଦ୍ରୀୟ ସାଗିଆଙ୍ଗ ଅଞ୍ଚଳରେ ଥିବା ବୋନ ଗାଁରେ ସୋମବାର ରାତିରେ ବୌଦ୍ଧ ଉତ୍ସବ ପାଳନ ବେଳେ ରାଲି କରାଯାଇ ମ୍ୟାନ୍‌ମାର ସାମରିକ ସରକାର ଦ୍ୱାରା ଗିରଫ ରାଜନେତାମାନଙ୍କୁ ମୁକ୍ତ କରିଦେବାକୁ ଆହ୍ୱାନ ଦିଆଯାଇଥିଲା। ଏହି ସମୟରେ ଉକ୍ତ ଗ୍ରାମକୁ ଟାର୍ଗେଟ କରି ସେନା ପକ୍ଷରୁ ଆକ୍ରମଣ କରାଯାଇଥିଲା।

## ଜୁବିନ୍ ମୃତ୍ୟୁ ମାମଲାରେ ଆସାମ ଡିଏସ୍‌ପି ଗିରଫ

ଗୁଆହାଟୀ,୮।୧୦

ଗାୟକ ଜୁବିନ୍ ଗର୍ଗଙ୍କ ମୃତ୍ୟୁ ମାମଲାରେ ଆସାମର ଆଇପିଏସ୍ ଅଫିସର ସନ୍ଦିପନ୍ ଗର୍ଗଙ୍କୁ ଆସାମ ପୋଲିସର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ବୁଧବାର ଗିରଫ କରିଛି। ସନ୍ଦିପନ୍ ଜୁବିନ୍‌ଙ୍କ ସମ୍ପର୍କୀୟ ଭାଇ। ସେପ୍ଟେମ୍ବର ୧୯ରେ ସିଙ୍ଗାପୁରର ସମୁଦ୍ରରେ ସନ୍ତରଣ ବେଳେ ସନ୍ଦେହଜନକ ସ୍ଥିତିରେ ଜୁବିନ୍‌ଙ୍କ ମୃତ୍ୟୁ ଘଟିଥିଲା। ଘଟଣା ଦିନ ସନ୍ଦିପନ୍ ସେଠାରେ ବୋଟ୍‌ରେ ଥିଲେ। ଗତ ୫ ଦିନ ହେଲା ଡିଏସ୍‌ପି ସନ୍ଦିପନ୍ ଆସାମ ସିଆଇଡି କାର୍ଯ୍ୟାଳୟରେ ଉପସ୍ଥିତ ରହି ତଦନ୍ତର ସମ୍ମୁଖୀନ ହେଉଥିଲେ। ବୁଧବାର ସକାଳ ୧୦ଟା ୩୦ରେ ସେ ସିଆଇଡି ଅଫିସରେ ପହଞ୍ଚିବା ପରେ ତାଙ୍କୁ ଗିରଫ କରାଯାଇଛି। ତାଙ୍କୁ କୋର୍ଟରେ ହାଜରକରି ସିଆଇଡି ୧୪ ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରିବ ବୋଲି ଜଣାପଡ଼ିଛି।

## ମାଲବାହୀ ଟ୍ରେନ୍‌ର ୩୮ ୱାଗନ ଲାଇନଚ୍ୟୁତ

ନୂଆଦିଲ୍ଲୀ,୮।୧୦(ପି.ଟି.)

ରାଜସ୍ଥାନର ନ୍ୟୁ ଶ୍ରୀମାଧୋପୁର ଷ୍ଟେଶନ ନିକଟରେ ଏକ ମାଲବାହୀ ଟ୍ରେନ୍‌ର ୩୮ଟି ୱାଗନ ମଙ୍ଗଳବାର ବିଳମ୍ବିତ ରାତିରେ ଲାଇନଚ୍ୟୁତ ହୋଇଛି। ଫଳରେ ୱେଷ୍ଟର୍ନ ଡେଡିକେଟେଡ୍ ଫ୍ରାଇଟ୍ କରିଡରରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବାବେଳେ ରେଳଲାଇନରେ ଗୋରୁପଲ ସହ ଧକ୍କା ହୋଇ ଟ୍ରେନ୍ ଲାଇନଚ୍ୟୁତ ହୋଇଥିବା ବିଶ୍ୱାସ କରାଯାଉଛି। ଟ୍ରେନ୍ କର୍ମଚାରୀ ସୁରକ୍ଷିତ ଅଛନ୍ତି। ଡେଡିକେଟେଡ୍ ଫ୍ରାଇଟ୍ କରିଡର କର୍ପୋରେଶନ ଅଫ୍ ଇଣ୍ଡିଆ ଲିଃର ଶୀର୍ଷ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଟ୍ରେନ୍ ଚଳାଚଳ ସ୍ୱାଭାବିକ କରିବାକୁ ଉଦ୍ୟମ ଚଳାଇଛନ୍ତି। ମାଲ୍‌ବାହୀ ଟ୍ରେନ୍‌ଟି ପଞ୍ଜାବର ହାଡ଼ିୟାରୁ ଖାଦ୍ୟଶସ୍ୟ ନେଇ ଦେଶର ପଶ୍ଚିମ ଭାଗକୁ ଯାଉଥିଲା। ଅପ୍‌ଲାଇନରେ ଦୁର୍ଘଟଣା ଘଟିବା ପରେ ୱାଗନଗୁଡ଼ିକ ଅନ୍ୟ ଲାଇନକୁ ଚାଲିଯିବାରୁ ଉଭୟ ଲାଇନରେ ଟ୍ରେନ୍ ଚଳାଚଳ ବନ୍ଦ ରହିଛି।



ନ୍ୟୁ ଶ୍ରୀମାଧୋପୁର ଷ୍ଟେଶନ ନିକଟରେ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି।

## ବାଣ ଫ୍ୟାକ୍ଟ୍ରିରେ ନିଆଁ, ୬ ମୃତ

ଅମରାବତୀ, ୮।୧୦

ଆନ୍ଧ୍ରପ୍ରଦେଶର ପୂର୍ବ ଗୋଦାବରୀ ଜିଲା କୋମାରିପାଲେମ ଗ୍ରାମ ନିକଟ ଲକ୍ଷ୍ମୀ ଗଣପତି ବାଣ କାରଖାନାରେ ବୁଧବାର ଦ୍ୱିପ୍ରହର ସମୟରେ ଅଗ୍ନିକାଣ୍ଡ ଘଟି ୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୮ ଜଣ ଆହତ ହୋଇଛନ୍ତି। ନିଆଁ ଲାଗିବା ସମୟରେ କାରଖାନାରେ ବାଣ ତିଆରି ଚାଲିଥିଲା। କାରଖାନାରେ ଥିବା ଜ୍ୱଳନଶୀଳ ରାସାୟନିକ ପଦାର୍ଥ ଯୋଗୁ ନିଆଁ ଦ୍ରୁତ ଗତିରେ ପୂରା ୟୁନିଟକୁ ବ୍ୟାପିଯାଇଥିଲା ଏବଂ ଅନେକ ଶ୍ରମିକ ଏହା ଭିତରେ ଫସି ରହିଥିଲେ। ଅନେକ ଘଣ୍ଟାର ପରିଶ୍ରମ ପରେ ଅଗ୍ନିଶମ ବାହିନୀ ନିଆଁ ଲିଭାଇଥିଲା। ୮ ଆହତଙ୍କୁ ନିକଟସ୍ଥ ରାଜମୁନ୍ଦରୀ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।



ଭାରତ ଗସ୍ତରେ ଆସି ବୁଧବାର ମୁମ୍ବାଇର ଛତ୍ରପତି ଶିବାଜୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିବା ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମରଙ୍କୁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ସ୍ୱାଗତ କରୁଛନ୍ତି। ପାଖରେ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ଉପସ୍ଥିତ ଅଛନ୍ତି।

# ସହନଶୀଳତା ମଣିଷ-ହାତୀ ସଂଘର୍ଷ କମାଏ: ତଥାଗତ

ଯୋଡ଼ା/କେନ୍ଦୁଝର,୮।୧୦
(ମାନସ ମହାନ୍ତି/ନରେଶ ପଟ୍ଟନାୟକ)

ପରିବେଶ ସନ୍ତୁଳନ ରକ୍ଷାକରିବା ପାଇଁ ମନୁଷ୍ୟ ସହ ବନ୍ୟପ୍ରାଣୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମଣିଷର ତ୍ରୁଟିକୁ କେବଳ ମନୁଷ୍ୟ ହିଁ ସୁଧାରିପାରିବ। ମନୁଷ୍ୟର ଗତିଶକ୍ତି ଏତେ ବଢ଼ିଯାଇଛି ଯେ, ବିଶାଳକାୟ ପ୍ରାଣୀ ହାତୀ ମଧ୍ୟ ଅବକ୍ଷୟ ଆଡ଼କୁ ଚାଲିଯାଉଛି। ପରିବେଶ ପ୍ରତି ସଚେତନ ରହିବା ଏବଂ ସଚେତନତା କରିବା ନାଗରିକ ଭାବେ ଆମର ପ୍ରଥମ କର୍ତ୍ତବ୍ୟ ବୋଲି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ କହିଛନ୍ତି। କେନ୍ଦୁଝର ସହରସ୍ଥିତ ଅଡିଟୋରିୟମରେ ବୁଧବାର ପୂର୍ବାହ୍ନ ୧୧ଟାରେ ଆୟୋଜିତ ୭୧ତମ ଜାତୀୟ ବନ୍ୟପ୍ରାଣୀ ମହୋତ୍ସବରେ ତଥାଗତ ମୁଖ୍ୟବକ୍ତାଭାବେ ଯୋଗଦେଇ




କେନ୍ଦୁଝର ଅଡିଟୋରିୟମଠାରେ ବୁଧବାର ଅନୁଷ୍ଠିତ ଜାତୀୟ ବନ୍ୟପ୍ରାଣୀ ମହୋତ୍ସବରେ ମୁଖ୍ୟବକ୍ତା ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି। ମଞ୍ଚରେ(ବାମରୁ) ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ, ବିଧାୟକ ଫକୀର ମୋହନ ନାଏକ, ଆରକ୍ଷୀ ଅଧୀକ୍ଷକ ନୀତିନ୍ କୁଶଲକର ଓ ପୌରାଧକ୍ଷା ନିକୁ ସାହୁ ଉପସ୍ଥିତ ଅଛନ୍ତି।

- ହାତୀ ସୁରକ୍ଷା ପାଇଁ ସରକାର ବିଭିନ୍ନ ଯୋଜନା ଆଣୁଛନ୍ତି: ବିଧାୟକ ଫକୀର ନାଏକ
- ମଣିଷ-ହାତୀ ସଂଘର୍ଷ ରୋକିବାରେ 'ହାତୀସଭା'ର କାର୍ଯ୍ୟ ପ୍ରଶଂସନୀୟ: ଡିଏଫ୍‌ଓ

## ଜାତୀୟ ବନ୍ୟପ୍ରାଣୀ ମହୋତ୍ସବ

ଉପରୋକ୍ତ ମନ୍ତବ୍ୟ ଦେବା ସହ ହାତୀ ସହବସ୍ଥାନ ନିକଟ ଅଞ୍ଚଳର ଲୋକଙ୍କ ସହନଶୀଳତା ମଣିଷ-ହାତୀ ସଂଘର୍ଷ କମାଇଥାଏ ବୋଲି ମତବ୍ୟକ୍ତ କରିଛନ୍ତି।

ତଥାଗତ କହିଛନ୍ତି, କେନ୍ଦୁଝରର ବିଭିନ୍ନ ଗ୍ରାମାଞ୍ଚଳ ଗସ୍ତ କରି 'ହାତୀସଭା'ରେ ଯୋଗଦେବା ସମୟରେ ସେ ଉପଲବ୍ଧି କରିଛନ୍ତି, ହାତୀପ୍ରବଣ ଅଞ୍ଚଳରେ ହାତୀ ପ୍ରତି ଅଞ୍ଚଳବାସୀଙ୍କ କ୍ରୋଧ ନାହିଁ। ଗ୍ରାମବାସୀଙ୍କ ମଧ୍ୟରେ ସହନଶୀଳତା ଏବଂ ବିଶ୍ୱାସ ରହିଥିବାରୁ ମନୁଷ୍ୟ ଓ ହାତୀ ସଂଘର୍ଷ ହ୍ରାସ ପାଉଛି। ଏହା ଗୋଟିଏ ପୃଥିବୀ, ଯେଉଁଠି ମନୁଷ୍ୟ ସହ ପଶୁପକ୍ଷୀ ମଧ୍ୟ ରହିବେ। ଏବେ ବି ସମୟ ଅଛି, ବନ୍ୟପ୍ରାଣୀଙ୍କୁ ବଞ୍ଚିବାକୁ ଦେବା। ଏକ ଉଦାହରଣ ଦେଇ ସେ କହିଛନ୍ତି, ଗୋଟିଏ ଦେଶରେ ଲୋକମାନେ ସାପ ଖାଆନ୍ତି। ସେଠାକାର ଲୋକ ଏତେ ପରିମାଣରେ ସାପ ଖାଇଗଲେ ଯେ, ମୂଷାକୁ ମାରିବା ପାଇଁ ଆଉ ସାପ ରହିଲେ ନାହିଁ। ଫଳରେ ସନ୍ତୁଳନ ବିଗିଡ଼ିଗଲା। ମୂଷା ଉପଦ୍ରବ ବୃଦ୍ଧି ପାଇଲା। ସେହି ଦେଶର ଲୋକେ ମୂଷା ପାଇଁ ହନ୍ତସନ୍ତ ହେଲେ। ସେହିପରି ହାତୀ ଏକ ବିଶାଳକାୟ ବନ୍ୟପ୍ରାଣୀ ହୋଇଥିବାରୁ ଉଚ୍ଚରେ ଥିବା ତାଳପତ୍ରକୁ ଭାଙ୍ଗେ ଏବଂ ଖାଏ। ବଡ଼ ଗଛର ଛାଇରେ ବଢ଼ି ଉଠୁଥିବା ନୂତନ ଗଛ ଏହାଦ୍ୱାରା ଉଜ୍ଜୀବିତ ହୋଇଥାଏ। ଏହା ଆଗାମୀ ବନୀକରଣ ପାଇଁ ସହାୟକ ହୁଏ। ଏଥିସହ ପ୍ଲାଷ୍ଟିକ୍ ଉତ୍ପାଦ ବୃଦ୍ଧି ଆଗାମୀ ଦିନରେ ବ୍ଲୁ ପ୍ଲାନେଟ୍ ପୃଥିବୀ ପାଇଁ ଉଦ୍‌ବେଗର ବିଷୟ ହେଲାଣି। ସ୍ଥଳଭାଗରୁ ଆରମ୍ଭକରି ଜଳଭାଗ ପର୍ଯ୍ୟନ୍ତ ପ୍ଲାଷ୍ଟିକ୍ ପରିବେଶକୁ ବିଗାଡ଼ିଦେଲାଣି। ଏବେ ବି ଏହାକୁ ରୋକାଯାଇପାରିବ ବୋଲି ତଥାଗତ କହିଛନ୍ତି। ଏଥିସହ ଖବରଦାତା ପରିବେଶ ଉପରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ସର୍ବଦା ସତ୍ୟ ଲେଖନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି।

ମୁଖ୍ୟ ଅତିଥିଭାବେ ତେଲକୋଇ ବିଧାୟକ ଫକୀର ମୋହନ ନାଏକ ବନସ୍ପତି ଏବଂ ଜୀବଜନ୍ତୁଙ୍କ ସୁରକ୍ଷା ଓ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସରକାର ବିଭିନ୍ନ ଯୋଜନା ଆଣୁଛନ୍ତି। ସେଥିରେ ହାତୀଙ୍କ ପ୍ରିୟ ଖାଦ୍ୟ ବାଉଁଶଗଛ ସେମାନେ ରହୁଥିବା ଅଞ୍ଚଳରେ ଲଗାଯାଉଛି। ହାତୀ ରହୁଥିବା ଅଞ୍ଚଳରେ ଏହି ବୃହତ୍ ପ୍ରାଣୀର ସୁରକ୍ଷା ପାଇଁ ବାରମ୍ବାର ବିଜୁଳି କାଟ ହେଉଥିବାରୁ ଅଣ୍ଡର ଗ୍ରାଉଣ୍ଡ



ସଭାସ୍ଥଳରେ ଉପସ୍ଥିତ ବୁଦ୍ଧିଜୀବୀ, ହାତୀ ପ୍ରବଣ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ,ଛାତ୍ରୀଛାତ୍ର ,ବନ କର୍ମଚାରୀ ଓ ଗଜସାଥୀ।

ମାଧ୍ୟମରେ ବିଦ୍ୟୁତ୍ ସରବରାହ ପାଇଁ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ନିମ୍ନ ଉଚ୍ଚତାରେ ଥିବା ବିଦ୍ୟୁତ୍ ତାର ଉଚ୍ଚ ଖୁଣ୍ଟରେ ଲଗାଇବାକୁ ଯୋଜନା କରାଯାଉଛି ବୋଲି ବିଧାୟକ ନାୟକ କହିଛନ୍ତି। ନିମନ୍ତ୍ରିତ ଅତିଥିଭାବେ କେନ୍ଦୁଝର ପୌର ଅଧକ୍ଷା ନିକୁ ସାହୁ କହିଛନ୍ତି, ପୃଥିବୀ ସୀମିତ, କିନ୍ତୁ ଏଥିରେ ସମସ୍ତଙ୍କ ପାଇଁ ସ୍ଥାନ ରହିଛି। ମନୁଷ୍ୟର ମାତ୍ରାଧିକ ଚାହିଦା ବୃଦ୍ଧି ପାଇଁ ଜଙ୍ଗଲ ନଷ୍ଟ ଏବଂ ଜଙ୍ଗଲ ଜବରଦଖଲ ହେଉଛି। ଏହାଦ୍ୱାରା ସନ୍ତୁଳନ ବିଗିଡ଼ିଯାଉଛି। ଜଙ୍ଗଲ ଧ୍ୱଂସ ଫଳରେ ମଣିଷ ଏବଂ ପ୍ରାଣୀ ମଧ୍ୟରେ ତିକ୍ତତା ଲାଗି ରହୁଛି। ତେଣେ ପ୍ଲାଷ୍ଟିକ୍ ପରିବେଶକୁ ନଷ୍ଟ କରୁଛି ବୋଲି ସେ ଚିନ୍ତାବ୍ୟକ୍ତ କରିଛନ୍ତି।

ନିମନ୍ତ୍ରିତ ଅତିଥି କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ନୀତିନ୍ କୁଶଲକର କହିଛନ୍ତି, ଧନଜୀବନ ରକ୍ଷାକରିବା ପୋଲିସର କାମ। ବନ୍ୟପ୍ରାଣୀ, ପକ୍ଷୀ ଓ ପରିବେଶ ରକ୍ଷାକରିବା ବନ ବିଭାଗର କାମ। ପୋଲିସ ଓ ବନ ବିଭାଗର ସମନ୍ୱୟରେ ଅନେକାଂଶରେ ମିଳିତ ଚଢ଼ାଉ କରାଯାଇ ଶିକାରୀଙ୍କୁ ଧରାଯାଉଛି। ବନାଞ୍ଚଳରେ ବେଆଇନ ଖଣି ଖନନକୁ ବନ୍ଦ କରାଯାଉଛି। ଏଥିସହ ବନାଞ୍ଚଳରେ ସୋଲାର ଲାଇଟ୍ ସହ ସିସିଟିଭି ସମନ୍ୱିତ ଭାବେ ଲଗାଗଲେ ବନ୍ୟପ୍ରାଣୀଙ୍କ ଗତିବିଧିରେ ଉପରେ ନଜର ରଖାଯିବା ସହ ଶିକାରୀଙ୍କୁ ମଧ୍ୟ ଧରାଯାଇ ପାରିବ। ଗ୍ରାମବାସୀଙ୍କୁ ପ୍ରଶିକ୍ଷଣ ଦିଆଗଲେ ବନ୍ୟପ୍ରାଣୀ ଓ ମଣିଷ ମଧ୍ୟରେ ତିକ୍ତତା କମିବ ବୋଲି ସେ ପ୍ରସ୍ତାବ ଦେଇଛନ୍ତି।

କେନ୍ଦୁଝର ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ କାର୍ଯ୍ୟକ୍ରମକୁ ପରିଚାଳନା କରି କହିଛନ୍ତି, ହାତୀ ମଣିଷ ସଂଘର୍ଷ ବଢ଼ିବାରେ ଲାଗିଛି। ମନୁଷ୍ୟର ବିଶୃଙ୍ଖଳିତ ଆଚରଣ ହେତୁ ଏହି ସଂଘର୍ଷ ହେଉଛି। ଧରିତ୍ରୀ ସହଭାଗିତାରେ ରାଜ୍ୟରେ ହେଉଥିବା ହାତୀସଭାକୁ ସେ ଭୂୟଂସୀ ପ୍ରଶଂସା କରିବା ସହ ମଣିଷ ଓ ହାତୀ ସଂଘର୍ଷ ରୋକିବାରେ ଏହାର ଭୂମିକା ଉଲ୍ଲେଖନୀୟ। ରାଜ୍ୟ ସରକାରଙ୍କ ପକ୍ଷରୁ ଧନ ଜୀବନହାନି ହେଲେ କ୍ଷତିପୂରଣ ଦିଆଯାଉଛି। ହାତୀ ଫସଲ ନଷ୍ଟକଲେ ମଧ୍ୟ ଆକଳନ କରି ବନ ବିଭାଗ ଆର୍ଥିକ ସାହାଯ୍ୟ ଦେଉଛି ବୋଲି ସେ କହିଛନ୍ତି।

ସଭାରେ ଯୋଗଦେଇଥିବା କେନ୍ଦୁଝର ଜିଲା ପରିଷଦ ସଦସ୍ୟ ଆଶିଷ ଚକ୍ରବର୍ତ୍ତୀ ଧରିତ୍ରୀ ସମ୍ପାଦକଙ୍କ ସମ୍ପାଦକୀୟ 'ଫାଶୀ ଦିଅ' ସମ୍ପର୍କରେ ଉପସ୍ଥାପନ କରି ତଥାଗତଙ୍କ ଏହି ବଳିଷ୍ଠ ଲେଖାକୁ ପ୍ରଶଂସା କରିଛନ୍ତି। ମାତ୍ର ଆଜିକାଲି ଖବରଦାତାମାନେ ସତ୍ୟ ନ ଲେଖି ସ୍ୱାର୍ଥକୁ ସୁହାଇଲା ଭଳି ଖବର ଲେଖୁଛନ୍ତି। ଏହାଦ୍ୱାରା ସତ୍ୟ ଆଧାରିତ ଖବର ଲୁଚିଯାଉଛି। ତେଣୁ ନିର୍ଭୀକ ଏବଂ ବିନା ପକ୍ଷପାତିତା ସାମ୍ବାଦିକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ପ୍ରାୟ ୨୦ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସଭାରେ ଅଂଶଗ୍ରହଣ କରିଥିଲେ। ଏଥିସହ ଜିଲା ପରିଷଦର ପ୍ରତିନିଧି, ବନ ବିଭାଗର ଗଜସାଥୀ ଓ ଅନ୍ୟାନ୍ୟ ସୁରକ୍ଷା ଦାୟିତ୍ୱରେ ଥିବା ମହିଳା ଓ ପୁରୁଷ କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ହାତୀ ପ୍ରବଣ ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚଙ୍କୁ ଟର୍ଚ୍ଚ, ଇନ୍‌ଭର୍ଟରେ ବଲ୍‌ବ ଏବଂ ହାତୀ ଦ୍ୱାରା କ୍ଷତିଗ୍ରସ୍ତଙ୍କ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଚେକ୍ ପ୍ରଦାନ କରାଯାଇଥିଲା। ଶେଷରେ ବିଶିଷ୍ଟ ଅଭିନେତା ଅଂଶୁମୋଚନ ମହାନ୍ତି ଏବଂ ପ୍ରଜ୍ଞାନଙ୍କ ଦ୍ୱାରା ନାଟକ 'ଐରାବତ' ପରିବେଷଣ କରାଯାଇଥିଲା।

## ଡ୍ରୋନ୍‌ମୁକ୍ତ ଅଞ୍ଚଳ ହେବ ବାଲିଯାତ୍ରା

### ଐତିହାସିକ କଟକ ବାଲିଯାତ୍ରା ପାଇଁ ଜିଲା ପ୍ରଶାସନର ତତ୍ପରତା

କଟକ,୮।୧୦(କାର୍ତ୍ତିକ ସାହୁ)

କଟକ ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ନଭେମ୍ବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଐତିହାସିକ ବାଲିଯାତ୍ରା କଟକର ଆୟୋଜନ ନିମନ୍ତେ ତତ୍ପରତା ପ୍ରକାଶ ପାଇଛି। ସୁରକ୍ଷା ଏବଂ ନିରାପତ୍ତା ଦୃଷ୍ଟିରୁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ତଳ ଏବଂ ଉପର ବାଲିଯାତ୍ରା ପଡ଼ିଆଠାରୁ ୫ କି.ମି. ପରିଧିକୁ ଡ୍ରୋନ ମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିଛନ୍ତି। ନଭେମ୍ବର ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଡ୍ରୋନମୁକ୍ତ ଅଞ୍ଚଳ ଉପରେ ପାରା ଗ୍ଲାଇଡର୍, ପାରା ମୋଟର୍ସ, ପାୱାର ହ୍ୟାଙ୍ଗ ଗ୍ଲାଇଡର୍, ମାଇକ୍ରୋ ଲାଇଟ ଏୟାରକ୍ରାଫ୍ଟ, ହଟ ଏୟାର ବେଲୁନ, ୟୁଏଭି କିମ୍ବା ଡ୍ରୋନ ଉଡ଼ାଣକୁ କଡ଼ାକଡ଼ି ନିଷିଦ୍ଧ କରାଯାଇଛି। ଏହି ନିର୍ଦ୍ଦେଶ ଉଲ୍ଲଂଘନ କଲେ ଏନ୍‌ଫୋର୍ସମେଣ୍ଟ ଦଳ ଦ୍ୱାରା ନିଷିଦ୍ଧ ସାମଗ୍ରୀ ଜବତ କରାଯିବ। ଏଥିସହ ଉଲ୍ଲଂଘନକାରୀଙ୍କ ପ୍ରତି ଆଇନ ବ୍ୟବସ୍ଥା ଅନୁଯାୟୀ ଦଣ୍ଡ ବିଧାନ କରାଯିବ। ତେଣୁ ନିର୍ଦ୍ଦିଷ୍ଟ ଅଞ୍ଚଳ ଏବଂ ପରିଧି ମଧ୍ୟରେ ଏପରି କୌଣସି ଉପକରଣ ପରିଚାଳନା କରିବା ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟ ନ୍ୟାୟିକ ବିଭାଗରୁ ଆବଶ୍ୟକ ଅନୁମତି ନେବାକୁ ଅନୁରୋଧ କରାଯାଇଛି। ଚଳିତବର୍ଷ ଐତିହାସିକ ବାଲିଯାତ୍ରା ମହୋତ୍ସବ ଉଭୟ ତଳ ଏବଂ ଉପର ବାଲିଯାତ୍ରା ପଡ଼ିଆରେ ୬୦ ଏକରରୁ ଅଧିକ ପରିବ୍ୟାପ୍ତ ସ୍ଥାନରେ ବିଶାଳ ଆକାରରେ ଆୟୋଜନ ହେବ। ଏହି ଅବସରରେ ଅନେକ ଭିଭିଆଇପି ଏବଂ ଭିଆଇପି ଅତିଥି ଐତିହାସିକ ମହୋତ୍ସବ ଦେଖିବା ପାଇଁ ଯୋଗଦେବା ଆଶା କରାଯାଉଛି। ପ୍ରତିବର୍ଷ ପରି ବହୁ ସଂଖ୍ୟକ ଦର୍ଶକଙ୍କ ସମାଗମ ହେବ। ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଉଥିବା ଜଣାଯାଇଛି।

## ବଜ୍ରପାତରେ ଚାଲିଗଲା ୨ ଜୀବନ

ମହାକାଳପଡ଼ା/ ଆଠମଲ୍ଲିକ, ୮।୧୦
(ପ୍ରତାପ ଚନ୍ଦ୍ର ସ୍ୱାଇଁ/ଉଦୀପ୍ତ ପୁରୋହିତ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ବୁଧବାର ଅପରାହ୍ନରେ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଏଥିରେ କେରିଡାଙ୍ଗା ପଞ୍ଚାୟତ ବଗରହଣ ଗ୍ରାମର ନିଳକମଲ ମାଇତି(୫୭)ଘର ନିକଟ ନଦୀକୂଳ ବଣ୍ଡରୁ ଗାଈ ଆଣିବାକୁ ଯାଇଥିବା ବେଳେ ବଜ୍ରପାତରେ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ତାଙ୍କ ଛାତିରେ କଣା ହୋଇ କଳା ପଡ଼ିଥିବା ଦେଖିବାକୁ ମିଳିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଡିଓ ତଥା ଭାରପ୍ରାପ୍ତ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ କହିଛନ୍ତି, ରିପୋର୍ଟ ମିଳିଲେ ସରକାରଙ୍କ ରିଲିଫ କୋଡ ଅନୁସାରେ ଆର୍ଥିକ ସହାୟତା ଯୋଗାଇ ଦେବା ବ୍ୟବସ୍ଥା କରାଯିବ। ସେହିପରି ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ମାଳିପଦର ଗ୍ରାମର ଚାଷୀ ରଞ୍ଜିତ ଖମାରୀ (୪୨)ଙ୍କ ବୁଧବାର ବଜ୍ରପାତରେ ମୃତ୍ୟୁ ହୋଇଛି। ରଞ୍ଜିତ ଓ ତାଙ୍କ ସ୍ତ୍ରୀ ଚାଷ ଜମିରେ କାମ କରୁଥିବା ବେଳେ ଅପରାହ୍ନ ୨ଟାରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଏଥିରେ ରଞ୍ଜିତ ଗୁରୁତର ହୋଇଥିଲେ। ଗ୍ରାମବାସୀ ଏକ ଅଟୋରେ ତାଙ୍କୁ ଆଠମଲ୍ଲିକ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ରଞ୍ଜିତଙ୍କୁ ମୃତ ଘୋଷଣା କରିଥିଲେ।

DSPL - 283


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ଦୃଷ୍ଟି ଦିବସ
୯ ଅକ୍ଟୋବର ୨୦୨୫

ପ୍ରତିବର୍ଷ ଅକ୍ଟୋବର ମାସ ଦ୍ୱିତୀୟ ଗୁରୁବାରରେ ବିଶ୍ୱ ଦୃଷ୍ଟି ଦିବସ ପାଳନ କରାଯାଇଥାଏ। ଚକ୍ଷୁରୋଗ ଓ ଦୃଷ୍ଟିଶକ୍ତି ଜନିତ ସମସ୍ୟାର ପ୍ରତିରୋଧ ତଥା ପ୍ରତିକାର ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ଉଦ୍ଦେଶ୍ୟ।

'ନିଜ ଚକ୍ଷୁର ଯତ୍ନ ନିଅନ୍ତୁ'

- ଦୃଷ୍ଟି ଦୋଷ ଥିବା ବ୍ୟକ୍ତିମାନେ ଚକ୍ଷୁ ପରୀକ୍ଷା କରାଇ ନିୟମିତ ଚଷମା ବ୍ୟବହାର କରନ୍ତୁ
- ସୁଷମ ଖାଦ୍ୟ ଖାଆନ୍ତୁ
- କମ୍ପ୍ୟୁଟର କିମ୍ବା ମୋବାଇଲରେ କାମ କରୁଥିଲେ ପ୍ରତି ୨୦ ମିନିଟ୍‌ରେ ୨୦ ଫୁଟ୍ ଦୂରରେ ଥିବା ବସ୍ତୁକୁ ୨୦ ସେକେଣ୍ଡ ଦେଖନ୍ତୁ
- ବାରମ୍ବାର ଆଖି ପତା ପକାନ୍ତୁ
- ଧୂମପାନ ବର୍ଜନ କରନ୍ତୁ
- ଟାଣ ଖରାରେ ଘରୁ ବାହାରିଲେ କଳା ଚଷମା ବ୍ୟବହାର କରନ୍ତୁ

ଅଧିକ ସୂଚନା ପାଇଁ ନିକଟସ୍ଥ ଆଶା, ସ୍ୱାସ୍ଥ୍ୟକର୍ମୀ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବା ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
OIPR-10003/13/0296/2526

DADLS - 55



ଉତ୍କଳମଣି
ପଣ୍ଡିତ ଗୋପବନ୍ଧୁ ଦାସଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୯ ଅକ୍ଟୋବର, ୨୦୨୫

ସକାଳ ୮ ଘଟିକା -
ଗୋପବନ୍ଧୁ ଛକ, ୟୁନିଟ-୮, ଭୁବନେଶ୍ୱରସ୍ଥିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସକାଳ ଘ. ୮.୩୦ ମିନିଟ୍ -
ଓଡ଼ିଶା ବିଧାନସଭା ପରିସରରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ, ଉପ ବାଚସ୍ପତି, ମନ୍ତ୍ରୀ ଓ ବିଧାୟକ ବୃନ୍ଦ ତଥା ଅନ୍ୟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ୬ ଘଟିକା, ଜୟଦେବ ଭବନ, ଭୁବନେଶ୍ୱର
ସାଧାରଣ ସଭା

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ଗୋକୁଳାନନ୍ଦ ମଲ୍ଲିକ
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଏମ୍.ଏସ୍.ଏମ୍.ଇ, ଓଡ଼ିଶା

ସମ୍ମାନନୀୟ ଅତିଥି
ପୁରୀ ଜିଲ୍ଲାର ସମସ୍ତ ବିଧାୟକ ଗଣ

ମୁଖ୍ୟବକ୍ତା
ଡଃ ଶରତ ଚନ୍ଦ୍ର ରଥ
ବିଶିଷ୍ଟ ଶିକ୍ଷାବିତ୍ ତଥା ଲେଖକ

ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର
OIPR-15001/13/1221/2526

## ୧.୨୭ ଲକ୍ଷ ଟପିଲା ସୁନା

ପାର୍ବଣ ଋତୁ ଚାଲିଥିବାବେଳେ ଲଗାତର ତୃତୀୟ ଦିନ ପାଇଁ ସୁନା ମୂଲ୍ୟରେ ବୃଦ୍ଧି ଘଟିଛି। ବୁଧବାର ଦିଲ୍ଲୀରେ ୧୦ ଗ୍ରାମ୍ (୨୪ କ୍ୟାରେଟ୍) ସୁନାର ମୂଲ୍ୟ ୨,୭୦୦ ଟଙ୍କା ବଢ଼ି ୧,୨୭,୭୦୦ ହୋଇଛି। ଏହାସହ ସୁନା ମୂଲ୍ୟ ସର୍ବକାଳୀନ ଉଚ୍ଚ ସ୍ତରରେ ପହଞ୍ଚିଛି। ବଢ଼ୁଥିବା ଭୂ-ରାଜନୈତିକ ଅସ୍ଥିରତା କାରଣରୁ ସୁନା ମୂଲ୍ୟରେ ବୃଦ୍ଧି ଘଟୁଥିବା ନେଇ ବିଶେଷଜ୍ଞମାନେ କହିଛନ୍ତି। ଗତ ୩ ଦିନ ମଧ୍ୟରେ ସୁନା ମୂଲ୍ୟ ୬ ହଜାର ଟଙ୍କା ବଢ଼ିଛି। ଅନ୍ୟପକ୍ଷେ, ବୁଧବାର ରୁପାର ମୂଲ୍ୟ ୩ ହଜାର ଟଙ୍କା ବୃଦ୍ଧି ପାଇ ୧,୫୭,୦୦୦ ଟଙ୍କା ପ୍ରତି କେ.ଜି.ରେ ପହଞ୍ଚିଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ଗୋପବନ୍ଧୁ ଛକ, ସମୟ: ସକାଳ ୮ଟା।
- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ: ବିଧାନସଭା ପରିସର. ସମୟ: ସକାଳ ୯ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗୋପବନ୍ଧୁ ଛକ, ସମୟ: ସକାଳ ୯ଟା।
- ଉତ୍କଳ ବିପନ୍ନ ସହାୟତା ସମିତି ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ ଓ ରକ୍ତଦାନ ଶିବିର କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ବିପନ୍ନ ସହାୟତା ସମିତି ସେବା, ପ୍ଲଟ୍ ୪, ମଞ୍ଚେଶ୍ୱର, ସମୟ: ସକାଳ ୯ଟା ୩୦।
- ବିଜେଡ଼ି ଏକାମ୍ର ନିର୍ବାଚନ ମଣ୍ଡଳୀ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା, ସ୍ଥାନ: ଡୁମୁଡୁମା ଡାଇବିଟିକ୍ ହସ୍ପିଟାଲ୍ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇ ଲିବରେଶନ୍ ପକ୍ଷରୁ ନାଗଭୂଷଣ ପଟ୍ଟନାୟକଙ୍କ ୨୮ତମ ଶ୍ରଦ୍ଧାଞ୍ଜଳି ଦିବସ, ସ୍ଥାନ: ନାଗଭୂଷଣ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- କସ୍ତୁରବା ନାରୀମହଲ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଫ୍ରେଣ୍ଡସ୍ କ୍ଲବ୍ ଗଜଲକ୍ଷ୍ମୀ ପୂଜା ପକ୍ଷରୁ ଭଜନ ସମାରୋହ କାର୍ଯ୍ୟକ୍ରମ, ସ୍ଥାନ: ଫ୍ରେଣ୍ଡସ୍ କ୍ଲବ ୟୁନିଟ୍ ୯, ସମୟ: ସନ୍ଧ୍ୟା ୭ଟା।

## କଟକ

- ବିଜୁ ଜନତା ଦଳ ପକ୍ଷରୁ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ବକ୍ସି ବଜାର, ସମୟ: ସକାଳ ୮ଟା।
- ମହାନଗର ନାଗରିକ ମଞ୍ଚ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୯ତମ ଜୟନ୍ତୀ ଉପଲକ୍ଷେ ମାଲ୍ୟାର୍ପଣ, ସ୍ଥାନ: ଗୋପବନ୍ଧୁ ବାଗ, ବକ୍ସିବଜାର, ସମୟ: ପୂର୍ବାହ୍ନ ୧୦ଟା।
- ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ନେଇ ସଦ୍‌ଭାବନା ବୈଠକ, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡୋ, ସମୟ: ସକାଳ ୮ଟା।
- ଗୋପବନ୍ଧୁ ସେବାସଂଘ ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ସମାରୋହ, ସ୍ଥାନ: ଟାଉନ୍ ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ସତ୍ୟବାଦୀ ବ୍ଲକ କଂଗ୍ରେସ ପକ୍ଷରୁ ସର୍ବଧର୍ମ ପ୍ରାର୍ଥନା ସଭା, ସ୍ଥାନ: ପଞ୍ଚସଖା ସ୍ମୃତି ସମାଧିପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଗୋପବନ୍ଧୁ ସ୍ମୃତି ପରିଷଦ ଓ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ ପାଳନ, ସ୍ମୃତି ସଭା ଓ ପୁରସ୍କାର ବିତରଣ, ସ୍ଥାନ: ଜନ୍ମପୀଠ ସୁଆଣ୍ଡୋ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ବିଶ୍ୱବିଦ୍ୟାଳୟ ୨ୟ ବାର୍ଷିକ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ବକୁଳ ବନ, ସମୟ: ପୂର୍ବାହ୍ନ ୧୦ଟା୩୦।

## ବାଲେଶ୍ୱର

- ୬୭ତମ କୁମାର ଉତ୍ସବ, ସ୍ଥାନ: ଟାଉନ ହଲ ରଙ୍ଗମଞ୍ଚ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଉତ୍କଳମଣି ଗୋପବନ୍ଧୁ ନୋଡାଲ ବିଦ୍ୟାପୀଠର ବାର୍ଷିକ ଉତ୍ସବ, ସ୍ଥାନ: ନରେନ୍ଦ୍ରପୁର, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ପାଲା ପରିବେଷଣ, ସ୍ଥାନ: ଉତ୍ସବ ପଡିଆ, ଲକ୍ଷ୍ମୀପୂଜା ମଣ୍ଡପ, ବଡ଼ବିଲ, ସମୟ: ରାତି ୮ଟା।

## ମୟୂରଭଞ୍ଜ

- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ଖୁଣ୍ଟାପାଳ ପୁନେଇତାଣ୍ଡି, ମୋରଡ଼ା,ସମୟ:ରାତି ୯ଟା।

## ବ୍ରହ୍ମପୁର

- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଆସିକାରୋଡ, ଆମ୍ବପୁଆ ଓ ରେଡକ୍ରସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୮ଟା।
- ବିଜେଡି ଜନ ସଂପର୍କ ପଦଯାତ୍ରାର ଶୁଭାରମ୍ଭ, ସ୍ଥାନ: ବିଜିପୁର ଛକ, ସମୟ: ଅପରାହ୍ନ ୪ଟା।

## ଢେଙ୍କାନାଳ

- ଗଣେଶ ବଜାର ପୂଜା କମିଟି ପକ୍ଷରୁ ପ୍ରସାଦ ସେବନ, ସ୍ଥାନ: ଗଣେଶ ବଜାର, ସମୟ: ଅପରାହ୍ନ ୧ଟା।
- ଜୁବୁଲି ଟାଉନ-୧ ପୂଜା ପ୍ରତିଷ୍ଠାନ ପକ୍ଷରୁ ପ୍ରସାଦ ସେବନ, ସ୍ଥାନ: ନାଗେଶ୍ୱର ମନ୍ଦିର, ଜୁବୁଲି ଟାଉନ, ସମୟ: ଅପରାହ୍ନ ୧ଟା।
- କାଞ୍ଚନ ବଜାର ପ୍ଲାଟିନମ୍ ଜୟନ୍ତୀ ତୃତୀୟ ସନ୍ଧ୍ୟା, ସ୍ଥାନ: କଞ୍ଚନ ବଜାର, ସମୟ: ସନ୍ଧ୍ୟା ୬ଟା୩୦।

## ଅନୁଗୋଳ

- ବିଜେଡି ପକ୍ଷରୁ ପଦଯାତ୍ରା, ସ୍ଥାନ: ତାଳଚେର, ସମୟ: ସକାଳ ୮ଟା ୩୦।
- ଖଣି/ଅବକାରୀ/ଆର୍‌ଟିଓ/ସିଏସ୍‌ଓର ସମୀକ୍ଷା ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ରାଜସ୍ୱ ବିଭାଗ ମାସିକ ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରେଲ୍‌ୱେ ଏବଂ ଜାତୀୟ ରାଜପଥ କାର୍ଯ୍ୟର ଅଗ୍ରଗତି ସମୀକ୍ଷା, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ୧୦ଟା ୩୦।

## ଜଗତ୍‌ସିଂହପୁର

- ଜିଲାସ୍ତରୀୟ ୮ମ ରାଷ୍ଟ୍ରୀୟ ପୋଷଣ ମହୋତ୍ସବ ନେଇ ଶୋଭାଯାତ୍ରା, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, ଜଗତ୍‌ସିଂହପୁର, ସମୟ: ସକାଳ ୯ଟା।
- ବିଜେଡିର ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଜଗନ୍ନାଥ ମନ୍ଦିର ଠାରୁ ଗାନ୍ଧୀ ଛକ, ସମୟ: ପୂର୍ବାହ୍ନ ୧୧ ଟା।
- ଜଗତ୍‌ଜନନୀ ମହିଳା ସମିତିର ବାର୍ଷିକ ଉତ୍ସବ, ସ୍ଥାନ: ବୃନ୍ଦାବନ କଲୋନୀ, ପାରାଦୀପ,ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ମଢ଼ିଆଳ, କେନ୍ଦ୍ରାପଡା ସହର, ଠାକୁରହାଟ, ଡେରାବିଶ, ଅଳପୁଆ,ନାରାୟଣପୁର, କୁହୁଡି, ଅଙ୍ଗୁଳାଇ, ମାର୍ଶାଘାଇ, ସମୟ:ସଂନ୍ଧ୍ୟା : ୬ଟା ।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ପୁରୁଷୋତ୍ତମପୁର, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।

## ଯାଜପୁର

- ଧର୍ମଶାଳା ଗୋପବନ୍ଧୁ ଦାସ ଫାଉଣ୍ଡେଶନ ପକ୍ଷରୁ ୧୪୮ତମ ଜୟନ୍ତୀ ପାଳନ, ସ୍ଥାନ: ଧର୍ମଶାଳା ବ୍ଲକ ଜାରକାସ୍ଥିତ ଗୋପବନ୍ଧୁ ଛକ, ସମୟ: ସକାଳ ୯ଟା।
- ଯାଜପୁର ରୋଡ ଧବଳଗିରି କୋର୍ଟ ଛକ ଲକ୍ଷ୍ମୀ ପୂଜା ଅବସରରେ ପ୍ରସାଦ ସେବନ, ସ୍ଥାନ: ମଣ୍ଡପ ପରିସର, ସମୟ: ଅପରାହ୍ନ ୧ଟା।

## ନୟାଗଡ଼

- ଜଗନ୍ନାଥ ମନ୍ଦିରରେ ଭାଗବତ ସପ୍ତାହ ଆରମ୍ଭ, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ: ସକାଳ ୯ଟା ।
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସାଧାରଣ ଅଭିଯୋଗ ଶୁଣାଣି, ସ୍ଥାନ:ନୟାଗଡ ବ୍ଲକ ନୂଆ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।
- ଗଜଲକ୍ଷ୍ମୀ ପୂଜାର ୪ର୍ଥ ଦିବସ, ସ୍ଥାନ:ଦଶପଲ୍ଲା ମହାବୀର କ୍ଷେତ୍ର ପୂଜା ମଣ୍ଡପ, ସମୟ:ସନ୍ଧ୍ୟା ୭ଟା ।
- ସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ ବ୍ଲକ କୃଷ୍ଣପ୍ରସାଦ, ମଝିସାହି,ନାଗପୁର ଓ ଆଖପାଖ ଅଞ୍ଚଳ, ସମୟ: ସକାଳ ୮ଟାରୁ ରାତି ୯ଟା୩୦।

## ରାୟଗଡ଼ା

- ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ ଓ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଗାନ୍ଧୀ ପାର୍କ, ରାୟଗଡା, ସମୟ: ସକାଳ ୮ଟା।
- ପୌର ଉପାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟିଂ, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ପୌରସଂସ୍ଥା ସଫେଇ କର୍ମଚାରୀ ଓ ଏନ୍‌ସିସି ପକ୍ଷରୁ ନୁଆବନ୍ଧ ପୋଖରୀ ସଫେଇ, ସ୍ଥାନ: ନବରଙ୍ଗପୁର, ସମୟ : ୮ଟା।
- ପୂଜାରୀଗୁଡ଼ା ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରିଗୁଡା ମିନି ଷ୍ଟାଡିୟମ୍, ସବୟ: ପୂର୍ବାହ୍ନ ୧୦ଟା।
- ପ୍ରବଚକ କେଶବ ଦାସ ଦ୍ୱୀତିକୃଷ୍ଣଙ୍କ ୩ ଦିନିଆ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ଗୁଲିପାଟଣା, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ପାଳନ, ସ୍ଥାନ: କୋରାପୁଟ ସହରେ ଗୋପବନ୍ଧୁ ପାର୍କ, ସମୟ: ସକାଳ ୯ ଟା ୩୦।
- ବାଲଡ଼ା ବକ୍ସାଇଟ ପାହାଡ ପାଇଁ ଗ୍ରାମସଭା, ସ୍ଥାନ: ନନ୍ଦପୁର ବ୍ଲକର ବାଲଡ଼ା ଓ ବନ୍ଧୁର, ସମୟ: ପୂର୍ବାହ୍ନ ୧୧ ଟା।

## ସମ୍ବଲପୁର

- ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ଫାତିମା ଶେଖ ୧୨୫ତମ ଓ କାଂଶୀରାମଙ୍କ ୧୯ତମ ପରିନିର୍ବାଣ ଦିବସ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଅନ୍ନଭୋଗ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ମୁଦିପଡା ପଞ୍ଚମୁଖି ହନୁମାନ ମନ୍ଦିର ନିକଟ, ସମୟ : ସନ୍ଧ୍ୟା ୭ଟା ।
- ମା' ଗଜଲକ୍ଷ୍ମୀ ପୂଜା ମହୋତ୍ସବରେ ପୂର୍ଣ୍ଣାହୁତି ଓ ବିସର୍ଜନ କାର୍ଯ୍ୟକ୍ରମ, ସ୍ଥାନ : ଗୋପାଳପାଲି, ସମୟ: ସନ୍ଧ୍ୟା ୭ଟା ।

## ବଲାଙ୍ଗୀର

- ଶାରଦୀୟ ବିରେଚନ ପକ୍ଷ ସ୍ଥାନ: ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ, ବଲାଙ୍ଗୀର ସମୟ: ସକାଳ ୯ଟା ।

## ରାଉରକେଲା

- ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ, ସ୍ଥାନ: ଦକ୍ଷିଣ ରାଉରକେଲା ସୋନାପର୍ବତ, ସମୟ: ପୂର୍ବାହ୍ନ ୯ଟା।
- ରାଜ୍ୟ କର୍ମଜୀବୀ ସାମ୍ବାଦିକ ସଂଘର ଆଲୋଚନାଚକ୍ର, ସ୍ଥାନ: ହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୦ଟା।
- ଗୋପବନ୍ଧୁ ପାଠାଗାରରେ ବାର୍ଷିକୋତ୍ସବ, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ଅଖିଳ ଭାରତୀୟ ସାହିତ୍ୟ ସଂସଦ ପକ୍ଷରୁ ବାଲ୍ମିକୀ ଜୟନ୍ତୀ ସମାରୋହ, ସ୍ଥାନ: ସେକ୍ଟର-୪, ରାଉରକେଲା ମହାବିଦ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟେଡିୟମ, ବରଗଡ଼, ସମୟ:ଅପରାହ୍ନ ୨ଟା।

## କଳାହାଣ୍ଡି

- କୃଷି, ଉଦ୍ୟାନ ଓ ମତ୍ସ୍ୟ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ, ସ୍ଥାନ: ଭବାନୀପାଟଣା ସହର ଗାନ୍ଧୀ ଛକ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବିଜୁ ଜନତା ଦଳର ବ୍ଲକସ୍ତରୀୟ ସାମାଜିକ ଗଣମାଧ୍ୟମ କର୍ମଶାଳା, ସ୍ଥାନ: ପୁରୁଣାକଟକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ମହାଲକ୍ଷ୍ମୀ ପୂଜା ଅବସରରେ ହାଇସ୍କୁଲସ୍ତରୀୟ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ରିଆମାଳ ଅସ୍ଥାୟୀ ପେଣ୍ଡାଲ, ସମୟ: ଅପରାହ୍ନ ୫ଟା।
- ମହାଲକ୍ଷ୍ମୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରିଆମାଳ ଅସ୍ଥାୟୀ ପେଣ୍ଡାଲ, ସମୟ: ରାତି ୮ଟା ୩୦।

## ସୁବର୍ଣ୍ଣପୁର

- ଗଜଲକ୍ଷ୍ମୀ ପୂଜାର ଚତୁର୍ଥ ଦିବସ, ସ୍ଥାନ: ଖଣ୍ଡହତା,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ହରଗୌରୀ ଯାତ୍ରା ଅବସରରେ ବଲାଙ୍ଗୀର କିଲର ବୟେଜ୍ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଷଣ, ସ୍ଥାନ: ସୁବର୍ଣ୍ଣପୁର ସହରସ୍ଥିତ ଢେରାପଡା ସାଂସ୍କୃତିକ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- କଂସ ଦରବାରର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ମା'ଗଜଲକ୍ଷ୍ମୀ ପୂଜା ଆଳତି ଓ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଜଡାମୁଣ୍ଡା ପଞ୍ଚାୟତ କୁମୁଟିମୁଣ୍ଡା ଗାଁ, ସମୟ: ସକାଳ ୮ଟା ୪୫।
- ୪୧ତମ ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଦର୍ଲିପଡ଼ା ପଞ୍ଚାୟତ ହାତିସରା ଗାଁ, ସମୟ: ସକାଳ ୯ଟା।
- ଗାଁ ସାଥୀଙ୍କ ପକ୍ଷରୁ ବିଭିନ୍ନ ଦାବି ନେଇ ଶୋଭାଯାତ୍ରା, ସ୍ଥାନ: ନୂଆପଡ଼ା ପୋଲିସ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଋଣ ପରିଶୋଧ, ବିବାଦୀୟ ଘଟଣା, ଦୂରଯାତ୍ରା କିମ୍ବା ଶତ୍ରୁତା କରୁଥିବା ବ୍ୟକ୍ତି ବିଷୟରେ ଚିନ୍ତା କରିବେ। ସାଧାରଣ କଥାରେ ଯୁକ୍ତିତର୍କରୁ ବନ୍ଧୁ ସମ୍ପର୍କ ଫିକା ପଡିଯିବ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ସମ୍ପୂର୍ଣ୍ଣ ଉନ୍ନତି ଦେଖାଦେବାରୁ ଆଶ୍ୱସ୍ତି ଅନୁଭବ କରିବେ। ବ୍ୟବସାୟ, ପ୍ରକାଶନ, ଅଧ୍ୟାପନା ଓ ସାମ୍ବାଦିକତାରୁ ଶୁଭଫଳ ମିଳିବ।

**ବୃଷ** ପରିବାରରେ ସାଧାରଣ କଥାରେ କ୍ଷୁବ୍ଧ ହୋଇ ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରୁ ଲାଭବାନ ହେଲେ ମଧ୍ୟ ସନ୍ତୋଷଜନକ ନ ହୋଇପାରେ। ଅବଶ୍ୟ ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଯାତ୍ରା ସଫଳ ହେବ। ଦୀର୍ଘଦିନରୁ ଲାଗି ରହିଥିବା ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ** ଆଜି ଯାହା ଚାହୁଁଛନ୍ତି ତାହା ପାଇବେ ଏବଂ ପ୍ରତ୍ୟେକ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ। ବନ୍ଧୁଙ୍କ ସାହାଯ୍ୟ, ସହଯୋଗ ପାଇବାରେ ଅସୁବିଧା ହେବନାହିଁ। ଅସ୍ଥିର ମନ ହେତୁ କଥାରେ ସଂଯମତା ହରାଇବେ ଓ ସମସ୍ୟାକୁ ଡାକି ଆଣିଲା ଭଳି କାମ କରିପାରନ୍ତି। କ୍ରୀଡ଼ା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇବେ।

**କର୍କଟ** କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ତାହାକୁ ସାମ୍ନା କରିବାର ସାହସ ଜୁଟିଯିବ। ଅନ୍ୟମନସ୍କତାରୁ କେତେକ ଭୁଲ୍ କରି ସମାଲୋଚିତ ହୋଇପାରନ୍ତି। ଅବଶ୍ୟ ବିତର୍କଜନିତ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବା ଦୁଶ୍ଚିନ୍ତାର କାରଣ ହୋଇପାରେ।

**ସିଂହ** ବ୍ୟୟସଙ୍କୋଚ ସକାଶେ ବିଭିନ୍ନ ଯୋଜନା ପ୍ରସ୍ତୁତ କଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ସମ୍ପର୍କୀୟଙ୍କ କାର୍ଯ୍ୟକଳାପ ଅସନ୍ତୋଷ ସୃଷ୍ଟି କରିପାରେ। ପାରିବାରିକ କ୍ଷେତ୍ରରେ କିଛି କହିବା ଅପେକ୍ଷା ବରଂ ନୀରବ ରହିପାରିଲେ ଭଲ ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ମାତ୍ର କାମର ଚାପ ବଢିଯିବାରୁ ଅସ୍ଥିରତା ଅନୁଭବ କରିବେ।

**କନ୍ୟା** ବନ୍ଧୁଙ୍କ ଜରିଆରେ ସମାଧାନ କରିବା ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ପାରିବେ ନାହିଁ। ପରିବାର ଭିତରେ କିଛିଟା ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ନିଜ ପରିସରରେ ପିଲାମାନଙ୍କ ସକାଶେ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିବ। ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ତୁଳା** ପରିବାରର ଖର୍ଚ୍ଚ ବୃଦ୍ଧିଜନିତ ଦୈନନ୍ଦିନ ଜୀବନରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଓ କୂଟନୀତି ପ୍ରୟୋଗ କରି କାମ ହାସଲରେ ସମର୍ଥ ହେବେ। ଅର୍ଥ କିମ୍ବା କୌଣସି ଜିନିଷପତ୍ର ପାଇବାରେ କଳହ ଲାଗିପାରେ। ବହୁତ କାମ ହାତକୁ ନେଇ ବ୍ୟଥିତ ହୋଇପାରନ୍ତି।

**ବିଛା** ଯେକୌଣସି କ୍ଷେତ୍ରରେ ପ୍ରବେଶ କରିବା ଅଥବା ପ୍ରତିଦ୍ୱନ୍ଦ୍ୱିତା କଲେ ସଫଳ ହେବେ। କର୍ମକ୍ଷେତ୍ରରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇ ପରୋକ୍ଷ ଶତ୍ରୁତା ସୃଷ୍ଟି କରିପାରନ୍ତି। ପରିଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ବିଚଳିତବୋଧ କରିପାରନ୍ତି। ଏଜେନ୍ସିପ୍, ସାହିତ୍ୟ, ସାମ୍ବାଦିକତା, ରାଜନୀତିରୁ ସୁଫଳ ପାଇବେ।

**ଧନୁ** ଅନ୍ୟମନସ୍କତା କିମ୍ବା ବିସ୍ମରଣଜନିତ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବେ। ସହକର୍ମୀ, ଭାଇ ଭଉଣୀ, ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ହାସଲ ଆଶାରେ ପୂର୍ଣ୍ଣଚ୍ଛେଦ ପଡ଼ିପାରେ। ସମୟାନ୍ତରରେ ସମସ୍ୟା ସମାଧାନରେ ରାସ୍ତା ଖୋଜିବାରେ ସମର୍ଥ ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ର ମନ୍ଦ ହେବନାହିଁ।

**ମକର** କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ସହଯୋଗମୂଳକ କାମରେ ସନ୍ତୁଷ୍ଟ ହୋଇପାରନ୍ତି। ପାରିବାରିକ ଜୀବନରେ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ଝଗଡ଼ା ଲାଗିପାରେ। ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବା ହେତୁ ବ୍ୟସ୍ତତା ପ୍ରକାଶ କରିବେ।

**କୁମ୍ଭ** ସାମାଜିକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଅଧିକାଂଶ ସମୟ ଅନ୍ୟମନସ୍କ ହେତୁ ପ୍ରତ୍ୟେକ କ୍ଷେତ୍ରରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ସକାଳୁ ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବ୍ୟସ୍ତତା ବଢିଯିବାର ସୂଚନା ରହିଛି। ସମ୍ପର୍କୀୟଙ୍କ ଈର୍ଷା ଓ ଅସୂୟା ଭାବ ଯୋଗୁ ସାମୟିକ ମନ ବିଚଳିତ ରହିବ।

**ମୀନ** ଦୀର୍ଘଦିନ ହେଲା ଯାହା ଆଶା କରୁଥିଲେ ତାହା ଆଜି ବିଳମ୍ବରେ ଅବଶ୍ୟ ମିଳିବ। ଆନୁଷ୍ଠାନିକ କାମରୁ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଦୂରେଇ ଯିବ। ତଥାପି ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ଅକ୍ଟୋବର ୯ ତାରିଖ, ବିଶ୍ୱ ଡାକ ଦିବସ, ରାଷ୍ଟ୍ରୀୟ ଡାକ ସପ୍ତାହ ଆରମ୍ଭ (ଅକ୍ଟୋବର ୯ରୁ ୧୫), ପଣ୍ଡିତ ଗୋପବନ୍ଧୁ ଦାସ ଜୟନ୍ତୀ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, କାର୍ତ୍ତିକ କୃଷ୍ଣ ତୃତୀୟା ଗୁରୁବାର। ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫.୪୩ ମି. ଗତେ ଘ.୦୭.୧୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ. ୦୧.୦୧ମି. ଗତେ ଘ.୦୨.୨୯ ମି. ମଧ୍ୟେ ରାହୁ କାଳ ।

## 'ଓଡ଼ିଶା ଛବି ମଳିନ ....

ବ୍ରହ୍ମପୁରର ଆଇନଜୀବୀ ତଥା ସାମାଜିକ କର୍ମୀ ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ଘଟଣାରେ ଦୁଃଖ ପ୍ରକାଶ କରିବା ସହ ହତ୍ୟାକାରୀମାନଙ୍କୁ ତୁରନ୍ତ ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେବା ସହିତ ଅପରାଧୀମାନେ ଯେପରି ଆଇନର ସମ୍ମୁଖୀନ ହେବେ ଓ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇବେ ସେଥିପ୍ରତି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅବିବେକି ରାଜାଠାରେ ବୁଦ୍ଧିର ଇଚ୍ଛା**
**ମାଟି ଘୋଡ଼ା ଚଢ଼ି ଯୋଜନ ଯିବା ବାଞ୍ଛା।**

କୌଣସି ଯୋଜନାକୁ ସଫଳ କରିବା ନିମନ୍ତେ ବୁଦ୍ଧିର ଆବଶ୍ୟକ ହେଉଥିବାବେଳେ ସେଥିଲାଗି ଦୃଢ଼ ଇଚ୍ଛାଶକ୍ତି ରଖିବା ଜରୁରୀ ହୋଇଥାଏ। ମାଟି ଘୋଡ଼ାରେ ଯେପରି ଦୂରତା ଅତିକ୍ରମ କରାଯାଇପାରି ନ ଥାଏ ଠିକ୍ ସେହିପରି ବୁଦ୍ଧି ନ ଥାଇ ବଡ଼ ବଡ଼ ଯୋଜନାର ପରିକଳ୍ପନା କରୁଥିବା ବ୍ୟକ୍ତି କର୍ମପଥରେ ଅସଫଳ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଅରଜି ମରିଲେ କିଏ କାନ୍ଦୁଛି,**
**ଗରଜ ପଡ଼ିଲେ ଗୋଡ଼ ଧରୁଛି ।**

ବେଳ ପଡ଼ିଲେ ପରିବାରରେ ହଇରାଣ ହରକତ ହେଲେ ଅର୍ଜନ କରୁଥିବା ଲୋକ ସବୁବେଳେ ବ୍ୟସ୍ତ ବିବ୍ରତ ହୁଏ। ସେହିପରି ସ୍ୱାର୍ଥପର ଲୋକେ ଅଭିଳାଷ ପୂରଣ ହେବା ଉଦ୍ଦେଶ୍ୟରେ ମାନସମ୍ମାନକୁ ଜଳାଞ୍ଜଳି ଦେଇ ପଦାସୀନ ବା ଧନୀ ବ୍ୟକ୍ତିର ଗୋଡ଼ ଧରିଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ନ ୪ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଭାରତ ସହ ଯୁଦ୍ଧ ...

ଉପରେ ୫୦% ଆମଦାନୀ ଶୁଳ୍କ ଓ ଜରିମାନା କଷିଥିବାବେଳେ ଭାରତର ଶତ୍ରୁରାଷ୍ଟ୍ର ସହ ଡିଲ୍ କରୁଛନ୍ତି। ଏଭଳି ସ୍ଥିତିରେ ପାକିସ୍ତାନୀ ସେନା ଓ ନେତାଙ୍କ ମନ୍ତବ୍ୟ ନୂଆଦିଲ୍ଲୀ ପାଇଁ ଚିନ୍ତାବୃଦ୍ଧିର କାରଣ ହୋଇପାରେ। ପ୍ରକାଶ ଯେ, ଭାରତୀୟ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଗତ ଶୁକ୍ରବାର ରାଜସ୍ଥାନରେ ଯବାନମାନଙ୍କୁ ସମ୍ବୋଧିତ କରିବା ସମୟରେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ଏଥିସହ ପାକିସ୍ତାନ ବିଶ୍ୱ ମାନଚିତ୍ରରେ ରହିବାକୁ ଚାହୁଁଥିଲେ ଆତଙ୍କବାଦକୁ ପ୍ରୋତ୍ସାହନ ଦେବା ବନ୍ଦକରି ସଂଯମ ରହିବା ଉଚିତ ବୋଲି ଚେତାବନୀ ଦେଇଥିଲେ। ଏହା ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟ ପାକିସ୍ତାନକୁ ଚେତାବନୀ ଦେଇ କହିଥିଲେ, ଭାରତ ଏପରି ଜବାବ ଦେବ ଯେ, ପଡ଼ୋଶୀ ଦେଶ ନିଜ ଇତିହାସ ଓ ଭୂଗୋଳକୁ ଭୁଲିଯିବ। ଏହାର ଜବାବରେ ରବିବାର ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଆସିଫ୍ କହିଥିଲେ, ଆଉ ଥରେ ସଂଘର୍ଷ ହେଲେ ଭାରତ ଏହାର ବିମାନଗୁଡ଼ିକର ଧ୍ୱଂସାବଶେଷ ତଳେ ପୋତି ହୋଇଯିବ। ଭାରତୀୟ ସାମରିକ ଓ ରାଜନୈତିକ ନେତାଙ୍କ ମନ୍ତବ୍ୟ ସେମାନଙ୍କ ମଳିନ ଛବିକୁ ସୁଧାରିବା ପାଇଁ ଏକ ବିଫଳ ଉଦ୍ୟମ। ଗତ ମେ'ରେ 'ଅପରେଶନ୍ ସିନ୍ଦୂର' ବେଳେ ପାକିସ୍ତାନ ଭାରତର ୬ଟି ଯୁଦ୍ଧବିମାନ ଖସାଇଥିବା ଦାବିକୁ ସେ ଦୋହରାଇଥିଲେ। ୦-୬ ସ୍କୋର ସହ ଏଭଳି ଏକ ନିର୍ଣ୍ଣାୟକ ପରାଜୟ ପରେ ପୁଣି ଉତ୍ତେଜନା ଲାଗି ରହିଲେ ଭାରତକୁ ଆହୁରି କଡ଼ା ଜବାବ ଦିଆଯିବ। ଆସିଫ୍ Xରେ ଆହୁରି ଉଲ୍ଲେଖ କରିଥିଲେ, ଇତିହାସର ସବୁଠୁ ବଡ଼ ପରାଜୟ ପରେ ଭାରତରେ ଜନମତ ସରକାର ବିରୋଧରେ ଯାଇଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ସହଯୋଗୀମାନେ ବିଶ୍ୱସନୀୟତା ହରାଇଦେଇଛନ୍ତି, ଯାହାକି ସେମାନଙ୍କ ମନ୍ତବ୍ୟରୁ ପ୍ରତିଫଳିତ ହେଉଛି। ସେହିପରି ପାକିସ୍ତାନୀ ସେନା ମଧ୍ୟ ଭାରତୀୟ ନେତାମାନଙ୍କ ମନ୍ତବ୍ୟକୁ ଦେଶକୁ ଏକ ବିପର୍ଯ୍ୟୟ ଆଡ଼କୁ ଟାଣିନେବା ଭଳି ବୋଲି ସମାଲୋଚନା କରିଥିଲା। ଏହା ପରେ ପାକିସ୍ତାନ ପୁନର୍ବାର ଭାରତ ସହ ଯୁଦ୍ଧ ହେବା କଥା କହିବା ପଛରେ କେଉଁ କାରଣ ରହିଛି ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଆମେରିକାଠାରୁ ମିଳୁଥିବା ବଳକୁ ଏଥିଲାଗି ଦାୟୀ କରାଯାଉଛି।

## ପାକିସ୍ତାନକୁ ...

ଶେହବାଜ ଶରିଫ୍ ୱାଶିଂଟନ୍ ଗସ୍ତ କରି ହ୍ୱାଇଟ୍‌ହାଉସ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଦୁର୍ଲଭ ଖଣିଜ ନମୁନା ଦେଖାଇଥିଲେ। ସେଠାରୁ ଫେରିବା ପରେ ଅକ୍ଟୋବର ୬ରେ ପାକିସ୍ତାନ ଆମେରିକାକୁ ଜାହାଜରେ ପ୍ରଥମ ପର୍ଯ୍ୟାୟରେ ରେଆର୍ ଆର୍ଥ

# ପ୍ରଥମ ପୃଷ୍ଠାରୁ...

ପଠାଇଥିଲା। ଏହା ପୂର୍ବରୁ ଜୁନ୍‌ରେ ମୁନିର ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପଙ୍କ ସହ ରାତ୍ରିଭୋଜନ କରିଥିଲେ। ସେଠାରୁ ଫେରିବା ପରେ ପାକିସ୍ତାନ ନୋବେଲ ଶାନ୍ତି ପୁରସ୍କାର ପାଇଁ ଟ୍ରମ୍ପଙ୍କ ନାମ ସୁପାରିସ କରିଥିଲା।

## ଶିଳ୍ପା ସେଟ୍ଟୀଙ୍କୁ ...

ତାଙ୍କ ଓକିଲ କୋର୍ଟଙ୍କୁ କହିବାରୁ ବିଚାରପତି ନିମନ୍ତ୍ରଣ କାର୍ଡ ଦେଖାଇବାକୁ କହିଥିଲେ। ଓକିଲ କହିଥିଲେ, କାର୍ଯ୍ୟକ୍ରମର ଆୟୋଜକ କେବଳ ଫୋନ୍‌ରେ କଥା ହୋଇଛନ୍ତି। ଗସ୍ତ ଅନୁମତି ମିଳିବା ପରେ ଆନୁଷ୍ଠାନିକ ନିମନ୍ତ୍ରଣ ପଠାଇବେ। ହାଇକୋର୍ଟ ତାଙ୍କ ନିବେଦନକୁ ଅଗ୍ରାହ୍ୟ କରିଦେବା ସହ ବିଦେଶ ଗସ୍ତ ଅନୁମତି ଚାହୁଁଥିଲେ, ଏହା ପୂର୍ବରୁ ଠକେଇ ବାବଦକୁ ୬୦ କୋଟି ଟଙ୍କା ପ୍ରଥମେ ଜମା କର ବୋଲି କହିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ୧୪ ତାରିଖକୁ ଧାର୍ଯ୍ୟ କରାଯାଇଛି। ଶିଳ୍ପା ଓ କୁନ୍ଦ୍ରା ପରିବାର ସହ ଛୁଟି କଟାଇବା ଲାଗି ଥାଇଲାଣ୍ଡର ଫୁକେଟ୍ ଯିବାକୁ ଆବେଦନ କରିଥିବାବେଳେ ଗତ ସପ୍ତାହରେ ବମ୍ବେ ହାଇକୋର୍ଟ ଅନୁମତି ଦେବାକୁ ମନା କରିଦେଇଥିଲେ।

ବ୍ୟବସାୟୀ ଦୀପକ କୋଠାରୀ ଗତ ଅଗଷ୍ଟ ୧୪ରେ ମୁମ୍ବାଇର ଜୁହୁ ଥାନାରେ ଶିଳ୍ପା ଓ କୁନ୍ଦ୍ରାଙ୍କ ବିରୋଧରେ ଠକେଇ ଓ ଜାଲିଆତି ଅଭିଯୋଗ ଆଣିଥିଲେ। କୁନ୍ଦ୍ରା ଦମ୍ପତି ସେମାନଙ୍କ କମ୍ପାନୀ ବେଷ୍ଟ ଡିଲ୍ ଟିଭି ପ୍ରା. ଲିଃରେ ୬୦ କୋଟି ଟଙ୍କା ନିବେଶ କରିବାକୁ କୋଠାରୀଙ୍କୁ ପ୍ରବର୍ତ୍ତାଇଥିଲେ। କୋଠାରୀ ପୁଞ୍ଜିନିବେଶ କରିବା ପରେ ଉକ୍ତ ଅର୍ଥକୁ କୁନ୍ଦ୍ରା ଦମ୍ପତି ସେମାନଙ୍କ ଫାଇଦା ପାଇଁ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟୟ କରିଥିଲେ। ଉକ୍ତ କମ୍ପାନୀ ଏବେ ବନ୍ଦ ରହିଛି। ଏହି ମାମଲାରେ କୁନ୍ଦ୍ରା ପୂର୍ବରୁ ଇଓଡବ୍ଲ୍ୟୁରେ ଜେରାର ସମ୍ମୁଖୀନ ହୋଇଥିଲେ।

## ୩ ଜଣଙ୍କୁ ରସାୟନ ...

ୟୁନିଭର୍ସିଟିର ପ୍ରଫେସର କିଟାଗାୱା ଏବଂ ଆମେରିକାର ୟୁନିଭର୍ସିଟି ଅଫ୍ କାଲିଫର୍ନିଆ, ବର୍କେଲେର ପ୍ରଫେସର ଓମାର ମେଟାଲ ଅର୍ଗାନିକ୍ ଫ୍ରେମ୍‌ୱାର୍କକୁ ନେଇ ବିଭିନ୍ନ ବୈପ୍ଳବିକ ଆବିଷ୍କାର କରିଥିଲେ। କିଟାଗାୱା ଏମ୍‌ଓଏଫ୍‌ରେ ଗ୍ୟାସ୍ ପ୍ରବାହ ଓ ନମନୀୟତାକୁ ପ୍ରଦର୍ଶିତ କରିଥିଲେ। ଓମାର ସ୍ଥିର ଏବଂ କଷ୍ଟମ ଏମ୍‌ଓଏଫ୍ ସୃଷ୍ଟି କରିଥିଲେ। ଏହି ଆବିଷ୍କାରଗୁଡ଼ିକ ପରଠାରୁ ରସାୟନବିତ୍‌ମାନେ ଅନେକ ହଜାର ଏମ୍‌ଓଏଫ୍ ସୃଷ୍ଟି କରିଛନ୍ତି। ମାନବ ଜାତି ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରମୁଖ ସମସ୍ୟାର ସମାଧାନ ଦିଗରେ ଏହି ଏମ୍‌ଓଏଫ୍‌ଗୁଡ଼ିକ ସହାୟକ ହେବ ବୋଲି ଲିଙ୍କେ କହିଛନ୍ତି। ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନ, ଜଳ ଅଭାବ, ପ୍ରଦୂଷଣର ମୁକାବିଲା ଦିଗରେ ଏମ୍‌ଓଏଫ୍‌ର ପ୍ରମୁଖ ଭୂମିକା ରହିବ।

ଆଗାମୀ ବର୍ଷଗୁଡ଼ିକରେ ଏହା ମଣିଷ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିପାରିବ ବୋଲି ସେ କହିଛନ୍ତି। ଆସନ୍ତା ଡିସେମ୍ବର ୧୦ରେ ଆଲ୍‌ଫ୍ରେଡ୍ ନୋବେଲଙ୍କ ମୃତ୍ୟୁ ବାର୍ଷିକୀ ଅବସରରେ ରିଚାର୍ଡ, କିଟାଗାୱା ଏବଂ ଓମାରଙ୍କୁ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ଏହି ୩ ବୈଜ୍ଞାନିକଙ୍କ ମଧ୍ୟରେ ୧୧ ମିଲିୟନ ସ୍ୱିଡିଶ୍ କ୍ରୋନ୍ (ପ୍ରାୟ ୧୦.୪ କୋଟି ଟଙ୍କା)ର ପୁରସ୍କାର ରାଶି ସମାନ ଭାବରେ ବଣ୍ଟନ କରାଯିବ।

ମେଟାଲ ଅର୍ଗାନିକ ଫ୍ରେମ୍‌ୱାର୍କ ଏକ ଯୁଗାନ୍ତକାରୀ ଆବିଷ୍କାର ହୋଇଥିବା ନେଇ ଭାରତର ପ୍ରସିଦ୍ଧ ନାଚୁରାଲ ସାଇନ୍ସ ପ୍ରଫେସର ଶୁଭବ୍ରତ ସେନ୍ କହିଛନ୍ତି। ସେ ମେଟାଲ ଅର୍ଗାନିକ ଫ୍ରେମ୍‌ୱାର୍କକୁ ବୁଝାଇ କହିଛନ୍ତି, ମେଟାଲଗୁଡ଼ିକୁ ସାଧାରଣତଃ ଅଜୈବିକ ଭାବେ ବିବେଚନା କରାଯାଉଥିବା ବେଳେ ଅର୍ଗାନିକ୍ ଫ୍ରେମ୍‌ୱାର୍କ ମୁଖ୍ୟତଃ ହେଉଛି ଏକ କମ୍ପାଉଣ୍ଡ୍ ଯେଉଁଥିରେ କାର୍ବନ ଏବଂ ହାଇଡ୍ରୋଜେନ୍ ରହିଥାଏ। ମଣିଷ ଅର୍ଗାନିକ୍ ବା ଜୈବିକ ହୋଇଥିବାବେଳେ ଆମ ସମସ୍ତଙ୍କ ଭିତରେ କିଛି ମେଟାଲ ରହିଛି। ଫ୍ରେମ୍‌ୱାର୍କର ନିର୍ମାଣରେ ମୁଖ୍ୟତଃ ମେଟାଲ ଏବଂ ଅର୍ଗାନିକ୍ କମ୍ପାଉଣ୍ଡ୍‌ର ବ୍ୟବହାର କରାଯାଇଥାଏ ଏବଂ ବିଭିନ୍ନ ପ୍ରକାରର ନେଟ୍‌ୱର୍କ ତିଆରି ହୋଇଥାଏ। ଏହି ଯୁଗାନ୍ତକାରୀ ଆବିଷ୍କାର ଭବିଷ୍ୟତରେ ମାନବ ଜାତିକୁ ବିଭିନ୍ନ ଉପାୟରେ ସାହାଯ୍ୟ କରିବ। ତେଣୁ ରସାୟନ ବିଜ୍ଞାନ କ୍ଷେତ୍ରରେ ଏହି ଆବିଷ୍କାର ନୋବେଲ ପୁରସ୍କାର ପାଇଁ ଯୋଗ୍ୟ ବୋଲି ଶୁଭବ୍ରତ କହିଛନ୍ତି।

## ରାସ୍ତାପାର୍ଶ୍ୱରୁ ହାତୀ...

ଧାନଚାଷକୁ ସୁରକ୍ଷା ଦେବା ପାଇଁ ଚାଷୀମାନେ ନିଜସ୍ୱ ଉଦ୍ୟମରେ ସୌରଚାଳିତ ତାରବାଡ଼ ଲଗାଇଛନ୍ତି। ମାତ୍ର ସୌରଚାଳିତ ତାରବାଡ଼ରେ ବିଦ୍ୟୁତ୍ ସଂଯୋଗ କରାଯାଇଥିବାରୁ ହାତୀର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଗତ ସେପ୍ଟେମ୍ବର ୧୨ ତାରିଖରେ ରିଆମାଳ ବନାଞ୍ଚଳ ପଳସମା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଚିରଗୁଣିକୁଦର ଖସଡ଼ା ଜଙ୍ଗଲରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଦନ୍ତାହାତୀର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ବନ ବିଭାଗ ସତର୍କ ନ ହେବା ଓ ହାତୀଙ୍କ ଗତିବିଧି ଉପରେ ଠିକ୍‌ଭାବେ ନଜର ନ ରଖିବାରୁ ପୁନର୍ବାର ଏଭଳି ଘଟଣା ଘଟିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେବେ ସୌରଚାଳିତ ତାରବାଡ଼ରେ କିଏ ବିଦ୍ୟୁତ୍ ସଂଯୋଗ କଲେ ସେନେଇ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରିରହିଛି। ଏ ସମ୍ପର୍କରେ ଡିଏଫ୍‌ଓ ରଶ୍ମି ଜୀ କହିଛନ୍ତି, ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ। ସୂଚନାଥାଉ କି, ଗତ ଏପ୍ରିଲରୁ ଇତିମଧ୍ୟରେ ବିଦ୍ୟୁତ୍ ଆଘାତରେ ରାଜ୍ୟରେ ୮ ହାତୀଙ୍କ ପ୍ରାଣଗଲାଣି।




# କଳା ତାଳିକାଭୁକ୍ତ ହେବ ବ୍ରିଜ୍ ଆଣ୍ଡ ରୁଫ୍

## କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୮।୧୦
(ରବିନାରାୟଣ ଜେନା)

ରାଜ୍ୟରେ ଆଦିବାସୀ ଛାତ୍ରୀଛାତ୍ରଙ୍କ କିଭଳି କଲ୍ୟାଣ ହେବ ସେନେଇ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ଏହି କ୍ରମରେ ମାଲକାନଗିରି ଜିଲାରେ ଦୀର୍ଘଦିନ ଧରି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କରୁ ନ ଥିବା ଏକ ବହୁଚର୍ଚ୍ଚିତ ନିର୍ମାଣକାରୀ ସଂସ୍ଥାକୁ ସରକାର ପ୍ରକ୍ରିୟାରୁ ବାଦ୍ ଦେବା ସହିତ କଳାତାଲିକାଭୁକ୍ତ କରିଛନ୍ତି । ଏହାସହିତ ସଂପୃକ୍ତ ସଂସ୍ଥା ସହ ହୋଇଥିବା ବୁଝାମଣାକୁ ବାତିଲ କରାଯାଇଛି ଏବଂ ତା' ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ନିର୍ଦ୍ଦେଶନାମା ଜାରି ହୋଇଛି ।

ଏ ସଂକ୍ରାନ୍ତରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଚଳିତମାସ ୬ରେ ଏକ ନିର୍ଦ୍ଦେଶନାମା ଜାରି ହୋଇଛି । ଉକ୍ତ ନିର୍ଦ୍ଦେଶନାମାରେ ବିଭାଗୀୟ ସଚିବ ଆର୍. ସନ୍ଥ ଗୋପାଲନ୍ ଦର୍ଶାଇଛନ୍ତି, ଭାରତ ସରକାରଙ୍କ ଅଧୀନ ବ୍ରିଜ୍ ଆଣ୍ଡ ରୁଫ୍ ସଂସ୍ଥା ମାଲକାନଗିରି ଜିଲାରେ ଆଇଆଇସି ପ୍ରକଳ୍ପ ନିର୍ମାଣ ଲାଗି ୨୦୨୦ରେ ୩୫.୬୯ କୋଟିରୁ ଅଧିକ ଟଙ୍କାର କାର୍ଯ୍ୟାଦେଶ ପାଇଥିଲା । ହେଲେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉକ୍ତ ସଂସ୍ଥା ସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ କରିପାରି ନ ଥିଲା । ମାତ୍ର ୩୮ରୁ ୪୦ ପ୍ରତିଶତ କାର୍ଯ୍ୟ କରିଥିଲା, ଯାହା ନିମ୍ନମାନର ବୋଲି ଯାଞ୍ଚବେଳେ ଜଣାପଡ଼ିଥିଲା । ଏହାକୁ ନେଇ ବିଭାଗ ପକ୍ଷରୁ ୨୦୨୩ ଜାନୁଆରୀ ୧୨ରୁ ୨୦୨୫ ମାର୍ଚ୍ଚ ୧୧ ମଧ୍ୟରେ ୯ଥର ସମୀକ୍ଷା କରାଯିବା ସହିତ ଉକ୍ତ ସଂସ୍ଥାକୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଥିଲା । ସମୀକ୍ଷା ବୈଠକରେ ସଂପୃକ୍ତ ସଂସ୍ଥା ନିମ୍ନମାନର କାର୍ଯ୍ୟ ଓ ମନ୍ଥର ନେଇ କୌଣସି ଠୋସ୍ ପ୍ରମାଣ ଦେଇପାରି ନ ଥିଲା । ଏପରିକି ଉକ୍ତ ପ୍ରକଳ୍ପ କାର୍ଯ୍ୟ ଦୀର୍ଘଦିନ ଧରି ବନ୍ଦ ହୋଇ ରହିଛି । ସରକାରଙ୍କ ନିୟମ ଅନୁଯାୟୀ, ଉକ୍ତ ସଂସ୍ଥା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମାସିକିଆ କିମ୍ବା ତ୍ରୈମାସିକ ରିପୋର୍ଟ ପ୍ରଦାନ କରି ନ ଥିବାବେଳେ ନିର୍ମାଣ ବେଳେ ଷ୍ଟାଣ୍ଡାର୍ଡ ପାଇପ୍(ପିଭିସି) ବ୍ୟବହାର ନ କରି ସ୍ଥାନୀୟ ପାଇପ୍ ଲଗାଇଥିଲା । ଏନେଇ ସମୀକ୍ଷା ବେଳେ ପ୍ରଶ୍ନ କରାଯାଇଥିଲେ ହେଁ ସଂସ୍ଥା କୌଣସି ଉତ୍ତର ଦେଇ ନ ଥିଲା । ନିର୍ମାଣ କାର୍ଯ୍ୟରେ ସଂପୃକ୍ତ ସଂସ୍ଥା ବିଭିନ୍ନ ପ୍ରକାର ବେନିୟମ ଉପାୟ ଅବଲମ୍ବନ କରିବା ସହିତ ନିମ୍ନମାନର କାର୍ଯ୍ୟ କରିଛି । ଇତିମଧ୍ୟରେ କାର୍ଯ୍ୟଅବଧି ଶେଷ ହୋଇଥିଲେ ହେଁ ମାତ୍ର ୪୦ପ୍ରତିଶତ ଭିତରେ କାର୍ଯ୍ୟ ହୋଇଛି । ଏହାକୁ ନେଇ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀକୁ ବିଭାଗ ପକ୍ଷରୁ ୨ମାସିଆ ନୋଟିସ(ଟର୍ମିନେଶନ) ଜାରି କରାଯାଇଥିଲା । ଏହା ସତ୍ତ୍ୱେ ସଂସ୍ଥା କୌଣସି ଉତ୍ତର ରଖି ନ ଥିଲା । ସଂସ୍ଥାର ଏତାଦୃଶ କାର୍ଯ୍ୟକଳାପକୁ ନେଇ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟରେ ରୋକ୍ ଲଗାଯାଇଛି । ଆଗାମୀ ଦିନରେ ଉକ୍ତ ସଂସ୍ଥା ଯେପରି ବିଭାଗର କୌଣସି କାର୍ଯ୍ୟ କରି ନ ପାରିବ ସେନେଇ ସଂସ୍ଥାକୁ କଳାତାଲିକାଭୁକ୍ତ କରାଯାଇଛି ବୋଲି ସଚିବ ଦର୍ଶାଇଛନ୍ତି ।

ଗୋପାଲନ୍ ନିର୍ଦ୍ଦେଶନାମାରେ ପୁଣି କହିଛନ୍ତି, ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଯେଉଁ ଅର୍ଥ ସରକାରଙ୍କଠାରୁ ନେଇଛି ତାହାକୁ(ପାର୍ଥକ୍ୟ) ବୁଝାମଣା ଅନୁଯାୟୀ ତୁରନ୍ତ ଫେରସ୍ତ କରୁ । ଏହାସହ ସଂପୃକ୍ତ ସଂସ୍ଥା ବିରୋଧରେ ବୁଝାମଣାପତ୍ର ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଦର୍ଶାଇଛନ୍ତି ।

ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ସଂପୃକ୍ତ ସଂସ୍ଥା ଏକ ପ୍ରକଳ୍ପ କାର୍ଯ୍ୟ ନେବା ଲାଗି ତତ୍କାଳୀନ ପ୍ରମୁଖ ସଚିବଙ୍କ ସହ ବେଆଇନ କାରବାର କରୁଥିବା ନେଇ ସିବିଆଇ ପକ୍ଷରୁ ମାମଲା ରୁଜୁ ହୋଇଥିଲା । ଉକ୍ତ ମାମଲାରେ ସଂସ୍ଥା କର୍ତ୍ତୃପକ୍ଷ ଜେଲ ଯାଇଥିବାବେଳେ ତତ୍କାଳୀନ ସଚିବଙ୍କ ବିରୋଧରେ ସିବିଆଇ ତଦନ୍ତ ଚଳାଇଛି ।

# ନାଗରିକ ଅଧିକାର ଉପରେ ସୂଚନା କମିଶନଙ୍କ ରୋକ୍

ଗତ ୧୩ ସେପ୍ଟେମ୍ବରରେ ରାଜ୍ୟ ସୂଚନା କମିଶନ କେତେଗୁଡ଼ିଏ ଅପିଲ ଓ ଅଭିଯୋଗର ଏକକାଳୀନ ଶୁଣାଣି କରି ଅପିଲକର୍ତ୍ତା ଚିତ୍ତରଞ୍ଜନ ସେଠୀ ସୂଚନା ଅଧିକାର ଆଇନର ଅପବ୍ୟବହାର କରିଥିବା ମିଥ୍ୟା ଓ ଅବାଞ୍ଛିତ ଆରୋପ ଲଗାଇ ଆଗାମୀ ଦିନରେ ତାଙ୍କର ସୂଚନା ପାଇଁ ଆବେଦନ ଉପରେ ନିଷେଧାଦେଶ ଜାରି କରିଛନ୍ତି । ସୂଚନା କମିଶନ ତାଙ୍କ ନିର୍ଦ୍ଦେଶରେ ଦର୍ଶାଇଛନ୍ତି ଯେ, ଅପିଲକର୍ତ୍ତା ସେଠୀ ସୂଚନା ଆଇନର ପର୍ଯ୍ୟାପ୍ତ ଅପବ୍ୟବହାର କରିଛନ୍ତି । ମନଇଚ୍ଛା ସୂଚନା ମାଗି ସରକାରୀ ସମ୍ବଳର ଅପଚୟ କରିଛନ୍ତି । ଏଭଳି ଅର୍ଡର କରି ନାଗରିକଙ୍କ ସୂଚନା ପାଇବାର ଅଧିକାରକୁ ସଙ୍କୁଚିତ କରିବା କେତେଦୂର ସମୀଚୀନ ଏବଂ କିପରି ଆଇନ ବିରୋଧୀ, ତାହା ତର୍ଜମାସାପେକ୍ଷ ।

ସୂଚନା ଅଧିକାର ଆଇନ ଅନୁଯାୟୀ ସୂଚନା ପାଇଁ ଆବେଦନ କରିବା ବା ଜନକର୍ତ୍ତୃପକ୍ଷ ତଥା ସରକାରୀ କାର୍ଯ୍ୟାଳୟରୁ ତଥ୍ୟ ହାସଲ କରିବା ନାଗରିକମାନଙ୍କର ମୌଳିକ ଅଧିକାର । ଅନ୍ୟପକ୍ଷରେ ନାଗରିକମାନଙ୍କୁ ତଥ୍ୟ ପାଇବାରୁ ବଞ୍ଚିତ କରାଇବା ବା ସେମାନଙ୍କ ଅଧିକାରକୁ ସଙ୍କୁଚିତ କରିବା, କେସ୍ ଶୁଣାଣି ସମୟରେ ସେମାନଙ୍କୁ ଗାଳିଗୁଲଜ କରିବା ଇତ୍ୟାଦି କାର୍ଯ୍ୟ କରିବାକୁ ସୂଚନା ଆଇନ ସୂଚନା କମିଶନଙ୍କୁ କ୍ଷମତା ଦେଇନାହିଁ । ସୂଚନା ଆଇନକୁ ବୁଝିବା, ତର୍ଜମା କରିବାରେ ଅସମର୍ଥ ସୂଚନା କମିଶନରମାନେ ସେମାନଙ୍କ ଅନଭିଜ୍ଞତା ଯୋଗୁ ଏପରି ଆଇନ ବିରୋଧୀ ଅର୍ଡରେ ପାସ୍ କରୁଥିବା ଦେଖିବାକୁ ମିଳୁଛି ।

ସୂଚନା କମିଶନ ତାଙ୍କ ନିର୍ଦ୍ଦେଶରେ ଦର୍ଶାଇଛନ୍ତି ଯେ, ଆବେଦନକାରୀ ମନଇଚ୍ଛା କୌଣସି କାରଣ ନ ଥାଇ ବହୁ ସଂଖ୍ୟାରେ ତଥ୍ୟ ପାଇଁ ଆବେଦନ କରିଛନ୍ତି, ଯାହାକି ସୂଚନା ଅଧିକାର ଆଇନର ଅପବ୍ୟବହାର । ବାସ୍ତବରେ ଉକ୍ତ କେସ୍‌ଗୁଡ଼ିକର ଶୁଣାଣି ସମୟରେ ଲେଖକଙ୍କ ଉପସ୍ଥିତିରେ ଚିତ୍ତରଞ୍ଜନ ସେଠୀ ସୂଚନା କମିଶନଙ୍କୁ ଅବଗତ କରାଇଥିଲେ ଯେ, ପୁରୀ ଜିଲାର ନିମାପଡ଼ା ବ୍ଲକ୍‌ରେ ୨୦୨୩ରେ ବିଭିନ୍ନ ସରକାରୀ ଯୋଜନାରେ ଚାଲିଥିବା ଦୁର୍ନୀତି, ହରିଲୁଟ୍ ସମ୍ପର୍କରେ ଭିନ୍ନ ଭିନ୍ନ ସରକାରୀ କାର୍ଯ୍ୟାଳୟକୁ ତଥ୍ୟ ମାଗିଥିଲେ । ତଥ୍ୟ ନ ମିଳିବାରୁ ସେ ପୁଣି ଆବେଦନ କରିଥିଲେ ଓ ପରବର୍ତ୍ତୀ ପର୍ଯ୍ୟାୟରେ ସୂଚନା କମିଶନରେ ଅପିଲ କରିଥିଲେ । ଦୀର୍ଘ ଦୁଇ ବର୍ଷ ପରେ ସୂଚନା କମିଶନ ଏହାର ଶୁଣାଣି ୪.୦୭.୨୦୨୫ରେ କରିଥିଲେ । ଶୁଣାଣି ସମୟରେ କମିଶନ ନିମାପଡ଼ା ବ୍ଲକ ଓ ମିତେଇପୁର ପଞ୍ଚାୟତର ପିଆଇଓ ଓ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କୁ ଅପିଲକାରୀଙ୍କୁ ସମସ୍ତ ଦସ୍ତାବିଜ ଇନ୍‌ସ୍ପେକଶନ କରିବାକୁ ସୁଯୋଗ ଦେବା ଏବଂ ଆବଶ୍ୟକ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । କମିଶନଙ୍କ ନିର୍ଦ୍ଦେଶ ମୁତାବକ ଚିତ୍ତରଞ୍ଜନ ସେଠୀ ନିମାପଡ଼ା ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରି ତଥ୍ୟ ହାସଲ କରିଥିଲେ । କିନ୍ତୁ ମିତେଇପୁର ପଞ୍ଚାୟତର ପିଆଇଓ ଯାଞ୍ଚ କରିବାକୁ ସୁଯୋଗ ଦେଇ ନ ଥିଲେ । ଏହା ପରେ ସୂଚନା କମିଶନ ଏହିସବୁ ଅପିଲ/ଅଭିଯୋଗ (ଦ୍ୱିତୀୟ ଅପିଲ-୩୫, ଅଭିଯୋଗ-୨୬)ର ଶୁଣାଣି କରି ନିର୍ଦ୍ଦେଶ ଦେବା କଥା ଓ ଆଇନ ଉଲ୍ଲଂଘନକାରୀ ପିଆଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଥିଲା । ଆଶ୍ଚର୍ଯ୍ୟର ବିଷୟ ସୂଚନା କମିଶନ ହଠାତ୍ ୧୩.୦୯.୨୦୨୫ରେ ଉକ୍ତ ମାମଲାର ପୂର୍ଣ୍ଣାଙ୍ଗ ନିଷ୍ପତ୍ତି କରି ଗଣମାଧ୍ୟମକୁ ପ୍ରଚାର ପାଇଁ ପଠେଇଦେଲେ । କମିଶନ ଦର୍ଶାଇଛନ୍ତି ଯେ, ଅପିଲକର୍ତ୍ତା ସୂଚନା ମାଗିବା ଦ୍ୱାରା ସରକାରୀ କାର୍ଯ୍ୟାଳୟର ସମୟ ଓ ସମ୍ବଳ ନଷ୍ଟ ହୋଇଛି, ଯଥା ପୋଷ୍ଟାଲ ଖର୍ଚ୍ଚ, କାଗଜ ଖର୍ଚ୍ଚ, ଅନ୍ୟାନ୍ୟ ପ୍ରଶାସନିକ ଖର୍ଚ୍ଚ ଇତ୍ୟାଦି ।

ବାସ୍ତବରେ ଅପିଲକର୍ତ୍ତା ସୂଚନା ପାଇଁ ଯେତେସବୁ ଦରଖାସ୍ତ କରିଛନ୍ତି, କୌଣସି ଦରଖାସ୍ତର ଉତ୍ତର ପିଆଇଓ ଦେଇନାହାନ୍ତି ବା ପ୍ରଥମ ଅପିଲ କର୍ତ୍ତୃପକ୍ଷ ଶୁଣାଣି କରିନାହାନ୍ତି । ତେଣୁ ସମ୍ବଳ ଅପଚୟର ପ୍ରଶ୍ନ ଉଠିଲା କେଉଁଠୁ । ଯଦି ପିଆଇଓ ତଥ୍ୟ ଦେଇଥାନ୍ତେ ବା ପ୍ରଥମ ଅପିଲ କର୍ତ୍ତୃପକ୍ଷ ଶୁଣାଣି କରି ତଥ୍ୟଦେବାକୁ ନିର୍ଦ୍ଦେଶ ଦେଇଥାନ୍ତେ ତେବେ ଅପିଲକର୍ତ୍ତା ସୂଚନା କମିଶନଙ୍କ ଦ୍ୱାରସ୍ଥ ହୋଇ ବର୍ଷ ବର୍ଷ ଧରି ନ୍ୟାୟ ପାଇଁ ଅପେକ୍ଷା କରି ନ ଥାନ୍ତେ । ସୂଚନା ଆଇନର ଏହି ଗୂଢ଼ ରହସ୍ୟ ବୁଝିବାକୁ ବୋଧହୁଏ ସୂଚନା କମିଶନ ଅକ୍ଷମ । ସୂଚନା କମିଶନ ତାଙ୍କ ଅର୍ଡରରେ ସୂଚନା ଆଇନର ଧାରା-୭(୯) କୁ ଅବଧାରଣା କରି ଦର୍ଶାଇଛନ୍ତି ଯେ, ସମ୍ବଳର ଅପଚୟ ବା ସମ୍ପୃକ୍ତ ରେକର୍ଡର ନିରାପତ୍ତା ଓ ରକ୍ଷଣାବେକ୍ଷଣ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଥିଲେ ତଥ୍ୟ ଦିଆଯାଇପାରିବ ନାହିଁ । କିନ୍ତୁ କମିଶନ ଶୁଣାଣି କରୁଥିବା ସମସ୍ତ ମାମଲାରେ ପିଆଇଓ ଏପରି କାରଣ ଦର୍ଶାଇ ନାହାନ୍ତି କି କେସ୍ ଖାରଜ କରିନାହାନ୍ତି ।

ତେଣୁ କମିଶନଙ୍କ ଏପରି ନିଷ୍ପତ୍ତି ବେଆଇନ ନୁହେଁ, ବରଂ ସମ୍ବିଧାନ ବିରୋଧୀ । ୯.୦୭.୨୦୨୫ରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଏକ ରିଟ୍ ପିଟିଶନର ଫଇସଲା କରି ଦର୍ଶାଇଛନ୍ତି ଯେ, ନାଗରିକମାନଙ୍କର ସୂଚନା ପାଇବାର ଅଧିକାର ଉପରେ ଅଙ୍କୁଶ ଲଗାଇବାର କ୍ଷମତା ସୂଚନା କମିଶନରଙ୍କର ନାହିଁ । ସୂଚନା ପାଇଁ ଆବେଦନ କରିବା ନାଗରିକମାନଙ୍କର ଏକ ମୌଳିକ ଅଧିକାର । ସେହିପରି ୧୮.୦୯.୨୦୨୫ରେ ତେଲଙ୍ଗାନା ହାଇକୋର୍ଟ ସୂଚନା କମିଶନ ଜାରି କରିଥିବା ଏକ ନୋଟିସ୍‌କୁ ଖାରଜ କରି ଠିକ୍ ଭାବେ ପୁନଃ ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଓଡ଼ିଶା ସୂଚନା କମିଶନରମାନେ ନାଗରିକଙ୍କ ସୂଚନା ପାଇବାର ଅଧିକାର ଉପରେ ଯେଭଳି ରୋକ୍ ଲଗାଉଛନ୍ତି, ଯଦି ଏହି ଧାରା ଅବ୍ୟାହତ ରହେ ; ତେବେ ସୂଚନା ଆଇନର ଲାଭ ଲୋକେ ପାଇପାରିବେ ନାହିଁ ।

-ପ୍ରଦୀପ ପ୍ରଧାନ
ସୂଚନା ଅଧିକାର କର୍ମୀ
ମୋ-୯୯୩୭୮୪୩୪୮୨

# ୮ ଦିନରେ ୭୭%, ୧୭ ଜିଲାରେ ଅତ୍ୟଧିକ ବର୍ଷିଛି

## ୧୦ବେଳକୁ ଘୂର୍ଣ୍ଣିବଳୟ ସୃଷ୍ଟି ସମ୍ଭାବନା

ଭୁବନେଶ୍ୱର,୮।୧୦(ଅନୁରାଧା ମହାରଣା)

ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ମଧ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଜାରି ରହିଛି । ମାସର ପ୍ରଥମ ୮ଦିନରେ ରାଜ୍ୟରେ ହାରାହାରି ୮୬.୩ ମିମି ବର୍ଷା ରେକର୍ଡ ହୋଇଛି, ଯାହାକି ସମ୍ପୂର୍ଣ୍ଣ ମାସର ସ୍ୱାଭାବିକ ବର୍ଷା ୧୧୨ ମିମିର ୭୭% । ଏହି ସମୟ ମଧ୍ୟରେ ୧୨ ଜିଲାରେ ସ୍ୱାଭାବିକଠାରୁ ଅଧିକ (୨୦%ରୁ ୫୯%), ୧୭ ଜିଲାରେ ଅତ୍ୟଧିକ (୬୦% କିମ୍ବା ଏହାଠାରୁ ଅଧିକ) ଏବଂ ଗଞ୍ଜାମରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି । ବୁଧବାର ରାଜ୍ୟର ବିଭିନ୍ନ ଅଞ୍ଚଳରେ ବଜ୍ରପାତ ସହିତ ବର୍ଷା ହୋଇଛି । ଚାନ୍ଦବାଲିରେ ୧୩.୨ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଭୁବନେଶ୍ୱରରେ ୪୦.୯ ମିମି, ନୂଆପଡ଼ାରେ ୧୬ ମିମି, ନୟାଗଡ଼ ଓ ଭଦ୍ରକରେ ୫ ମିମି ଲେଖାଏ ବର୍ଷା ହୋଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାକୁ ବଜ୍ରପାତ ସହିତ ବର୍ଷା ନେଇ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ।

ଅନ୍ୟପଟେ ଉତ୍ତର-ବଙ୍ଗୋପସାଗର ଅଞ୍ଚଳରେ ୧୦ ତାରିଖବେଳକୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସମ୍ଭାବନା ରହିଛି । ଏହା ପ୍ରଭାବରେ ଲଘୁଚାପ କ୍ଷେତ୍ର ସୃଷ୍ଟି ଆଶଙ୍କା ରହିଥିଲେ ମଧ ଏଯାଏ କିଛି ସ୍ପଷ୍ଟ ହୋଇନାହିଁ । ତେବେ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଉତ୍ତର ଉପକୂଳ ଓଡ଼ିଶା, ଆଭ୍ୟନ୍ତରୀଣ ଓଡ଼ିଶା, ତେଲଙ୍ଗାନା ଏବଂ ଦକ୍ଷିଣ ଛତିଶଗଡ଼ରେ ଏକ ନିମ୍ନଚାପରେଖା ସକ୍ରିୟ ରହିଛି । ଉତ୍ତର-ପୂର୍ବ ଝାଡ଼ଖଣ୍ଡ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ଅଛି । ଏହା ପ୍ରଭାବରେ ଆସନ୍ତା ୩ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷାର ସମ୍ଭାବନା ରହିଛି ।



ଅର୍ଥ ହେଲା ଏକ ସାମୂହିକ ସମ୍ପଦ। ଯେଉଁମାନଙ୍କର ରହିଛି ଏକ ସମନ୍ୱିତ, ସାଧାରଣ ଓ ବିଶ୍ୱଜନୀନ ଦୃଷ୍ଟି – ସେହିମାନଙ୍କ ଦ୍ୱାରା ଅର୍ଥ ବିନିଯୋଗ ହେବା ଉଚିତ। .. ଯଦି ତୁମେ ଅର୍ଥର ଯଥା ବିତରଣ ବା ପ୍ରସାରଣର ଯନ୍ତ୍ର ହୋଇପାରିବ ଏବଂ ଅର୍ଥର ସଦ୍‌ବ୍ୟବହାର କରିପାରିବ–ତେବେ ଅର୍ଥ ତୁମ ପାଖକୁ ଆସିବ। –ଶ୍ରୀମା



# ବ୍ରାହ୍ମୀଲିପିର ପ୍ରଭାବ



ଦେବଦତ୍ତ ପଟ୍ଟନାୟକ

ଜୈନ ପୁରାଣରେ ଏହି ଯୁଗର ପ୍ରଥମ ତୀର୍ଥଙ୍କର ଋଷଭଦେବ ତାଙ୍କ କନ୍ୟା ବ୍ରାହ୍ମୀଙ୍କୁ ଲେଖିବାର ଜ୍ଞାନ ପ୍ରଦାନ କରିଥିଲେ। ଏହାସହ ସେ ସଂଖ୍ୟାଜ୍ଞାନକୁ ତାଙ୍କ ଝିଅ ସୁନ୍ଦରୀଙ୍କୁ ଦେଇଥିଲେ। ସାହିତ୍ୟ ଓ ଗଣିତ ଏହି ଦୁଇ ଜୈନ ସନ୍ନ୍ୟାସିନୀଙ୍କଠାରୁ ସୃଷ୍ଟି ହୋଇଛି। ତୀର୍ଥଙ୍କରଙ୍କ ନୀତିଶିକ୍ଷାରୁ ସାମ୍ନାକୁ ଆସିଥିବା ବିଦ୍ୟା କିମ୍ବା ବିଷୟଗୁଡ଼ିକୁ ବିଭିନ୍ନ ଦେବୀ ଭାବେ ଜୈନମାନେ ଦେଖୁଥିଲେ। ତେବେ ବହୁ ପରେ କାବ୍ୟିକଧାରା ଭାବେ ଏହିସବୁ କାହାଣୀ ସମ୍ଭବତଃ ଲେଖାର ଉତ୍ପତ୍ତି ସମ୍ପର୍କରେ ବୁଝାଇଆସିଛି। ପଣ୍ଡିତମାନେ ବିଶ୍ୱାସ କରନ୍ତି ଯେ, ଲିପିଗୁଡ଼ିକୁ ପ୍ରସାରିତ କରିବାରେ ଜୈନଧର୍ମ ଏକ ପ୍ରମୁଖ ଭୂମିକା ନେଇଥିଲା। ତାମିଲନାଡୁରେ ଜୈନ ସନ୍ନ୍ୟାସୀମାନେ ଉପବାସ ରହି ଦେହତ୍ୟାଗ କରିଥିବା କିମ୍ବା ଶିଳା ଶଯ୍ୟା ଥିବା ଜୈନସ୍ଥଳରୁ ତାମିଲ ବ୍ରାହ୍ମୀଲିପି ମିଳିଛି। ଏହି ଲିପି ଖ୍ରୀଷ୍ଟପୂର୍ବ ୨୭୦ର ଏବଂ ଏହା ଖ୍ରୀଷ୍ଟପୂର୍ବ ୨୫୦ର ଅଶୋକଙ୍କ ସମୟର ଲିପିଠାରୁ ପୁରୁଣା ହୋଇପାରେ। ଏଣୁ ଏହା ସ୍ପଷ୍ଟ ଯେ, ୨୩୦୦ ବର୍ଷ ପୂର୍ବେ ବଣିକ, ସନ୍ନ୍ୟାସୀ ଏବଂ ରାଜାମାନେ ଲେଖାକୁ ଭାରତର ବିଭିନ୍ନ ଭାଗରେ ପହଞ୍ଚାଇପାରିଥିଲେ।

ସମ୍ରାଟ୍ ଅଶୋକଙ୍କ ସମୟରେ ବ୍ୟବହାର କରାଯାଉଥିବା ଲିପିକୁ କାହିଁକି ବ୍ରାହ୍ମୀ ଲିପି କୁହାଯାଏ? ଏହା ମୌର୍ଯ୍ୟ ଶାସନକାଳରେ ଜଣାଥିଲା କି ନାହିଁ ତାହା ଆମେ ଜାଣୁନାହୁଁ। କିନ୍ତୁ ପ୍ରାଚୀନ ବିଦ୍ୱାନ୍‌ମାନେ ଏହାକୁ 'ପିନ୍–ମ୍ୟାନ୍' ଲିପି ବୋଲି କହୁଥିଲେ। ପରେ ତାହାକୁ 'ଲାଟ' ଲିପି, 'ଭାରତୀୟ ପାଲି' ଏବଂ 'ମୌର୍ଯ୍ୟ' ଲିପି କୁହାଗଲା। ଅନେକ ଶତାବ୍ଦୀ ପରେ ସଂସ୍କୃତ କାବ୍ୟ ଲଳିତବିସ୍ତର ସୂତ୍ର(ଖ୍ରୀଷ୍ଟାବ୍ଦ ୩୦୦)ର ବୌଦ୍ଧ କାହାଣୀଗୁଡ଼ିକରୁ ଆମେ ଜାଣିବାକୁପାଉ ଯେ, ଯୁବରାଜ ସିଦ୍ଧାର୍ଥ ଗୌତମ ଅନେକ ଭାଷାରେ ଲେଖିବାର ଶୈଳୀ ଶିକ୍ଷା କରିଥିଲେ। ଏହିସବୁ କାହାଣୀରେ ଲିପିଗୁଡ଼ିକର ଏକ ତାଲିକା ରହିଛି। ଏଥିରେ ପ୍ରଥମ ଲିପି ହେଉଛି ବ୍ରାହ୍ମୀ।

ଏଣୁ ବିଦ୍ୱାନ୍‌ମାନେ ଅଶୋକଙ୍କ ସମୟରେ ବ୍ୟବହାର କରାଯାଉଥିବା ଲିପିକୁ ବ୍ରାହ୍ମୀଲିପି ଭାବେ ଘୋଷଣା କରିଥିଲେ। ଏହାର ବ୍ରହ୍ମ କିମ୍ବା ବ୍ରାହ୍ମଣଙ୍କ ସହିତ କୌଣସି ସମ୍ପର୍କ ନାହିଁ।

ଦକ୍ଷିଣ ଏସିଆରେ ଦେଖିବାକୁ ମିଳୁଥିବା ଅଧିକାଂଶ ଲିପି ବ୍ରାହ୍ମୀ ଲିପିରୁ ଉଦ୍‌ଭବ। ଏହା ବୌଦ୍ଧଧର୍ମ ସହ ବ୍ୟାପୀଥିଲା। ଏହା ଏକ ନିଆରା ଲିପି, ଯାହା ରୋମାନ୍ ବର୍ଣ୍ଣମାଳା ଏବଂ ଆରବୀ, ହିବ୍ରୁ ଲିପିଠାରୁ ଭିନ୍ନ। ରୋମାନ୍ ଲିପିରେ ବ୍ୟଞ୍ଜନବର୍ଣ୍ଣ ଓ ସ୍ୱରବର୍ଣ୍ଣକୁ ପୃଥକ୍ ଭାବେ ଗୋଟିଏ ପରେ ଅନ୍ୟଟିକୁ ବ୍ୟବହାର କରାଯାଏ। ଏହା ବାମରୁ ଡାହାଣକୁ



ଲେଖାଯାଇଥାଏ। ଆରବୀ କିମ୍ବା ହିବ୍ରୁ ଲିପି ଡାହାଣରୁ ବାମକୁ ଲେଖାଯାଇଥାଏ ଏବଂ ଏସବୁର କେବଳ ବ୍ୟଞ୍ଜନବର୍ଣ୍ଣ ଅଛି, ସ୍ୱରବର୍ଣ୍ଣ ନାହିଁ। ହେଲେ ବ୍ରାହ୍ମୀ ବାମରୁ ଡାହାଣକୁ ଏକ ସମ୍ପୂର୍ଣ୍ଣ ଭିନ୍ନ ବୃତ୍ତାକାର ଉପାୟରେ ଲେଖାଯାଏ। ଏଥିରେ ଅକ୍ଷରଗୁଡ଼ିକ ମଝିରେ ରହେ ଏବଂ ଏହାର ଚାରିପାଖରେ ମାତ୍ରାଗୁଡ଼ିକ ଉପର–ତଳ, ବାମ–ଡାହାଣରେ ରହିଥାଏ। ବ୍ୟଞ୍ଜନବର୍ଣ୍ଣ ଓ ସ୍ୱରବର୍ଣ୍ଣଗୁଡ଼ିକ ବୃତ୍ତର କେନ୍ଦ୍ରରେ ରହିଥାଏ।

ଏହିସବୁ ଲିପି ଭାରତୀୟ ସଂସ୍କୃତି ଏବଂ ବିଶ୍ୱରେ ଭାରତୀୟ ସଂସ୍କୃତିର ରହିଆସିଥିବା ପ୍ରଭାବକୁ ଦର୍ଶାଇଥାଏ। ଅଶୋକଙ୍କ ଶାସନକାଳରେ ଗାନ୍ଧାର ଅଞ୍ଚଳରେ ବ୍ୟଞ୍ଜନବର୍ଣ୍ଣ ଓ ସ୍ୱରବର୍ଣ୍ଣକୁ ଏକାଠି ଲେଖାଯାଉଥିବା ଏକ ପ୍ରକାର ଲିପି ଖରୋଷ୍ଠି ବ୍ୟବହାର କରାଯାଉଥିଲା। ଖରୋଷ୍ଠି ଡାହାଣରୁ ବାମକୁ ଲେଖାଯାଉଥିଲା (ପାରସ୍ୟର ଆରବୀ ଓ ହିବ୍ରୁ ଲିପିର ପ୍ରଭାବକୁ ଦର୍ଶାଏ) ବେଳେ ବ୍ରାହ୍ମୀ ବାମରୁ ଡାହାଣକୁ ଲେଖାଯାଉଥିଲା(ଯାହା ସ୍ୱତନ୍ତ୍ର ଭାବେ ସୃଷ୍ଟି ହୋଇଥିବା ସୂଚିତ କରେ)। ସମୟକ୍ରମେ ବ୍ରାହ୍ମୀ ଲିପିର ପ୍ରାଧାନ୍ୟ ବଢ଼ିବା ଯୋଗୁ ଖରୋଷ୍ଠି ଲୋକପ୍ରିୟତା ହରାଇଲା।

ଚାଇନାର ଲିପି ହେଉଛି ପ୍ରତୀକାତ୍ମକ। ଏହାର ଅନେକ ପ୍ରକାର ଚିହ୍ନକୁ ମନେରଖିବା ବହୁତ କଷ୍ଟ। ଚାଇନାର ବିଭିନ୍ନ ଉପଭାଷା ମଧ୍ୟ ସମାନ ପ୍ରକାର ଚାଇନିଜ୍ ମୂଳ ଭାଷାକୁ ଉଚ୍ଚାରଣ କଲେ ମଧ୍ୟ ଶବ୍ଦଗୁଡ଼ିକର ସମାନ ଅର୍ଥ ରହିଥାଏ। ଏହା ଦେଶକୁ ଏକୀକୃତ କରେ ଏବଂ ଏଥିପାଇଁ ଏହି ଲିପି ବା ଭାଷାକୁ ପ୍ରାଥମିକତା ଦିଆଯାଏ। ଏପରିକି ଚାଇନାକୁ ବୌଦ୍ଧଧର୍ମ ପ୍ରସାରିତ ହୋଇଥିବାବେଳେ ବୌଦ୍ଧମନ୍ତ୍ରଗୁଡ଼ିକ ଚାଇନା ଲିପିରେ ଲେଖାଯାଇଥିଲା। ଜାପାନୀମାନଙ୍କର ଉଭୟ ପ୍ରତୀକାତ୍ମକ ଲିପିରେ ୫୦,୦୦୦ ଚିହ୍ନ ରହିଥିବାବେଳେ କାନା ଅକ୍ଷରମାଳାରେ ପାଖାପାଖି ୫୦ ଚିହ୍ନ ବା ଅକ୍ଷର ଅଛି। ବୌଦ୍ଧ ଗ୍ରନ୍ଥଗୁଡ଼ିକରେ ବ୍ୟବହୃତ ବ୍ରାହ୍ମୀ ଲିପି ଦ୍ୱାରା ପ୍ରଭାବିତ ହେବା ଯୋଗୁ ୧୦୦୦ ବର୍ଷ ପୂର୍ବେ ଏହାର ଉତ୍ପତ୍ତି ଘଟିଥିଲା। ବାସ୍ତବରେ ଜାପାନୀମାନେ ବୌଦ୍ଧମନ୍ତ୍ରରେ ପୂର୍ବ ଭାରତର ସିଦ୍ଧ ଲିପିକୁ ବ୍ୟବହାର କରନ୍ତି। ଚାଇନାର ପ୍ରତୀକାତ୍ମକ ଲିପିକୁ ମଧ୍ୟ କୋରିଆର ଉଚ୍ଚଶ୍ରେଣୀର ଲୋକେ ବ୍ୟବହାର କରୁଥିଲେ, ଯାହାକୁ ଶିଖିବା ଥିଲା କଷ୍ଟକର। ଏଣୁ ୫୦୦ ବର୍ଷ ପୂର୍ବେ କୋରିଆର ରାଜା ସାଧାରଣ ଲୋକଙ୍କୁ ଶିକ୍ଷିତ କରିବା ସକାଶେ ଏକ ନୂଆ ଲିପି ସୃଷ୍ଟି କରିଥିଲେ। ବ୍ରାହ୍ମୀରୁ କ୍ରମ ବିକଶିତ ତାମିଲ ଲିପି ଦ୍ୱାରା ରାଜାଙ୍କ ପାରିଷଦବର୍ଗ ପ୍ରଭାବିତ ହୋଇଥିଲେ। ଏହାସହ ତାମିଲ ଓ କୋରିଆନ୍‌ମାନଙ୍କର ବାଣିଜ୍ୟ ସମ୍ପର୍କକୁ ସୂଚିତ କରୁଥିବା ଅନେକ ସାଧାରଣ ଶବ୍ଦ ରହିଛି। ପାଖାପାଖି ୧୩୦୦ ଶତାବ୍ଦୀରେ ତାମିଲ ବ୍ୟବସାୟୀମାନେ ଚାଇନାର କ୍ୱାନ୍‌ଝୌରେ କୈୟୁଆନ ମନ୍ଦିର ନିର୍ମାଣ କରିଥିଲେ।

ବ୍ରାହ୍ମୀ ଲିପି ଚାରିପାଖରେ ଆକାର ଓ ମାତ୍ରା ରହିଛି। କୋରିଆର ହଙ୍ଗୁଲ ଲିପି ଏହି ପ୍ରକାର ନିୟମକୁ ଏହାର ନିଜସ୍ୱ ତଥା ସ୍ୱତନ୍ତ୍ର ଶୈଳୀରେ ଅନୁସରଣ କରେ। ଯଦିଓ ଏହା ବ୍ରାହ୍ମୀର ବ୍ୟଞ୍ଜନ ଓ ସ୍ୱର ବର୍ଣ୍ଣ(ଅକ୍ଷର ଓ ମାତ୍ରା) ଲିପି ଦ୍ୱାରା ପ୍ରଭାବିତ, ତଥାପି ଏହାକୁ ପଢ଼ିବା ବହୁତ ସହଜ। ବ୍ରାହ୍ମୀ ଲିପି କୌଣସି ନିର୍ଦ୍ଦିଷ୍ଟ ଯୁକ୍ତିସଙ୍ଗତ ସିଦ୍ଧାନ୍ତ ନାହିଁ। କିନ୍ତୁ ହଙ୍ଗୁଲ ଲିପିର ଏକ ସ୍ପଷ୍ଟ ସିଦ୍ଧାନ୍ତ ରହିଛି ଏବଂ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣକୁ ଆମେ ଯେଉଁଭଳି ଉଚ୍ଚାରଣ କରୁଛେ, ଠିକ୍ ସେହିଭଳି ଏହାକୁ ଲେଖାଯାଏ। ହଙ୍ଗୁଲର ୧୪ଟି ବ୍ୟଞ୍ଜନବର୍ଣ୍ଣ ପାଇଁ ବିଭିନ୍ନ ଚିହ୍ନ ଏବଂ ୧୦ଟି ଅକ୍ଷର ଥିଲା। ଫଳରେ ଏହାକୁ ମନେରଖିବା ସହଜ। ମାତ୍ରାଗୁଡ଼ିକ ବ୍ୟଞ୍ଜନବର୍ଣ୍ଣର ଉଭୟ ଡାହାଣ କିମ୍ବା ନିମ୍ନରେ ରଖାଯାଇପାରୁଥିଲା। ଫଳରେ ଏହାକୁ ପଢ଼ିବା ବା ଶିଖିବା ସହଜ ହେଉଥିଲା। ଏହା ମଧ୍ୟ କୋରିଆନ୍‌ଙ୍କୁ ଶୀଘ୍ର ଶିକ୍ଷିତ କରାଇବାରେ ସକ୍ଷମ ହୋଇଥିଲା। ଭାରତରେ ଦୀର୍ଘ ସମୟ ଧରି ଲେଖାକୁ ବିରୋଧ କରାଯାଇଆସିଛି। ଖ୍ରୀଷ୍ଟପୂର୍ବ ୩୦୦ରୁ ଖ୍ରୀଷ୍ଟାବ୍ଦ ୧୦୦ ମଧ୍ୟରେ ପ୍ରାକୃତ ଭାଷାରେ ଲେଖାଯାଉଥିଲା। ଏହାର ୪୦୦ ବର୍ଷ ପରେ ସଂସ୍କୃତରେ ଲେଖା ଆରମ୍ଭ ହୋଇଥିଲା। ପରେ ରାଜ ଦରବାରରେ ସଂସ୍କୃତ ଭାଷାର ପ୍ରାଧାନ୍ୟ ବଢ଼ିଥିଲା। ଏପରିକି ଆଫଗାନିସ୍ତାନରୁ ଆରମ୍ଭ କରି ଭିଏତ୍‌ନାମ ପର୍ଯ୍ୟନ୍ତ, ଖ୍ରୀଷ୍ଟାବ୍ଦ ୩୦୦ରୁ ୧୩୦୦ ମଧ୍ୟରେ ରାଜକୀୟ ଘୋଷଣାପତ୍ରରେ ଏହାକୁ ବ୍ୟବହାର କରାଯାଉଥିଲା। କିନ୍ତୁ ଇସ୍‌ଲାମର ଉତ୍‌ଥାନ ପରେ ଏହା ଶେଷହେବାକୁ ଲାଗିଲା। ସ୍ଥାନୀୟ ଭାରତୀୟ ଭାଷାଗୁଡ଼ିକ ପାଇଁ ନୂଆ ଆରବୀୟ ଓ ପାରସ୍ୟ ଲିପି ସହ ଭାରତର ସ୍ଥାନୀୟ ଲିପିଗୁଡ଼ିକ ମଧ୍ୟ ସୃଷ୍ଟିହେଲା।

–devduttofficial@gmail.com

# ମାମୁଘର



ଅଲେଖ ଚନ୍ଦ୍ର ମିଶ୍ର

'ଘର' ଏହି ଶବ୍ଦଟି କେତେ ଆମୋଦଦାୟକ ତାହା ଅନୁଭବୀ ହିଁ ଜାଣେ, ଆଉ ସେଥିରେ ଯଦି କିଛି ଆତ୍ମୀୟତା ନିହିତ ଥାଏ ତେବେ ତା' ସହିତ କେତେ ଆପଣାପଣ ଯୋଡି ହୋଇଯାଏ ତାହା ପ୍ରାୟ ସଭିଙ୍କର ଅଙ୍ଗେନିଭା କଥା। ଏହିପରି ଆତ୍ମୀୟତା ଥିବା ଏକ ଘର ହେଉଛି ମାମୁଘର–ମା' ଓ ମୁଁ ଉଭୟଙ୍କ ଘର; କାରଣ ମାମୁଘର ନ ଥିଲେ ମା' ନ ଥାନ୍ତେ, ମା' ନ ଥିଲେ ମୁଁ ନ ଥାନ୍ତି। ପୃଥିବୀରେ ସବୁଠାରୁ ପ୍ରିୟ ନିଜଘର ଭଳି ମାମୁଘର ବି ପ୍ରିୟ। ଏହା ତ ନିଜଘରଠାରୁ ଦୂରରେ ଥିବା ଅନ୍ୟ ଏକ ନିଜଘର ଯାହାର ପରିଚୟ ପରିବାରର ପ୍ରତିଟି ସଦସ୍ୟଙ୍କ ପାଇଁ ସ୍ୱତନ୍ତ୍ର। ଭଣଜା ଓ ଭାଣିଜୀଙ୍କ ପାଇଁ ମାମୁଘର, ବୋଉର ବାପଘର, ବାପାଙ୍କ ଶ୍ୱଶୁରଘର, ଜେଜେ ଜେଜେମା'ଙ୍କ ପାଇଁ ସମୁଦି/ସମୁଦୁଣୀ ଘର, ସାହି ପଡ଼ିଶାଙ୍କ ପାଇଁ ବନ୍ଧୁଘର ଇତ୍ୟାଦି।

ବାପା ମା'ଙ୍କର ଦେହାନ୍ତ ହୋଇଗଲେ ପିଲାଟିଏ ଛେଉଣ୍ଡ ହୋଇଯାଏ; କିନ୍ତୁ ମାମୁଘର ଥିଲେ ସେ ଅନାଥ ହୁଏନା। ନିଜର ଅତି ଆପଣାର ବୋଲି ସେମାନେ ପିଲାଟିର ସମସ୍ତ ଦାୟିତ୍ୱ ସହ ଲାଳନ ପାଳନର ଭାର ବହନ କରନ୍ତି। ତେଣୁ କୁହାଯାଇଥାଏ ମା' ଠୁଁ ବଳି ମାଉସୀ, ଜେଜେ ଜେଜେମା' ଠୁଁ ବଳି ଅଜା ଆଈ। ଅଜା ଆଈଙ୍କର ଆଦର, ମାଉସୀଙ୍କର ସ୍ନେହ, ମାମୁଙ୍କର ଶ୍ରଦ୍ଧା ଭଣଜା ଭାଣିଜୀଙ୍କ ପାଇଁ ମାମୁଘରକୁ ଆକର୍ଷଣୀୟ କରିଥାଏ। ସେଥିପାଇଁ ମାମୁଘରକୁ ନେଇ ଅନେକ ଲୌକିକ ବଚନିକା ଆମ ସମାଜରେ କାଳ କାଳରୁ ଗଢ଼ିଆସିଛି, ଯାହାର କେତୋଟି ଉଦାହରଣ ହେଉଛି, ''ଖାଇଲେ ଭଗାରିକୁ ଦେଖେଇ ଖାଆ, ନ ଖାଇଲେ ମାମୁଘରକୁ ଯାଆ'', ''ଚକା ଚକା ଭଉଁରୀ, ମାମୁଘର ଚଉଁରି। ମାମୁ ମତେ ମାଇଲେ, ବୁଝେଇ ଶୁଝେଇ ପୁଣି ଦୁଧ ଭାତ ଖୋଇଲେ''। ''ଦିନେ ନାହିଁ କାଳେ ନାହିଁ, ଗହ୍ଣା ପୁନେଇଁ କି ମାଇଁ ଲୋ ମାଇଁ''। ''ଆ ଜହ୍ନମାମୁ ସରଗ ଶଶୀ, ମୋ କାହ୍ନୁ ହାତରେ ପଡ଼ରେ ଖସି''। ମାମୁଘର ସହିତ କେତେ ଭାବପ୍ରବଣତା ଜଡିତ ଆଗେ ଶୈଶବ ଅବସ୍ଥାରେ ଘଟୁଥିବା କେତୋଟି ଘଟଣାର ସ୍ମରଣ କରେଇ ଦିଆ ଯାଇପାରେ। ପିଲାବେଳେ ଟିକା ନେବା, କାନ ଫୋଡ଼େଇବା, ପାଦରେ ଫୁଟିଯାଇଥିବା କଣ୍ଟାକୁ କାଢ଼ିବା, ଘାଆକୁ ଧୋଇ ସଫା କରିବା ଇତ୍ୟାଦି କଷ୍ଟ କାମ ବେଳେ ମାମୁଘର ଆଡ଼କୁ ଚାହିଁବାକୁ ପିଲାମାନଙ୍କୁ କୁହାଯାଉଥିବା ଏକ ଜଣାଶୁଣା କଥା। କାରଣ ବିଶ୍ୱାସ ଥାଏ ଯେ ମାମୁଘର କଥା ଭାବିଲେ କଷ୍ଟ ଜଣାପଡ଼େନା। ମାମୁ ଶବ୍ଦଟି ଏତେ ଲୋକପ୍ରିୟ ଯେ ବେଳେ ବେଳେ ଲଘୁ ମନ୍ତବ୍ୟ ଛଳରେ ଜହ୍ନ, ବାଘ ଓ ପୋଲିସକୁ ମାମୁ ଆଖ୍ୟା ଦିଆଯାଇଥାଏ ଏବଂ ଜେଲ ଖାନାକୁ ମାମୁଘର କୁହାଯାଇଥାଏ।

ସମାଜରେ ପ୍ରଚଳିତ ଅନେକ ପର୍ବପର୍ବାଣି, ରୀତିନୀତି, ବିଧି ବିଧାନ ମାମୁଘର ଉପରେ ଆଧାରିତ ଯେପରି ବ୍ରତଘରର ମୁଖ୍ୟ ଦାୟିତ୍ୱ ମାମୁଘରର। ପ୍ରଥମାଷ୍ଟମୀରେ ମାମୁଘର ତରଫରୁ ଭଣଜା ଭାଣିଜୀଙ୍କୁ ପୋଡୁଆଁ କରାଯାଏ। ଏପରିକି ମାମୁଘରର ସ୍ମୃତି ସମ୍ବଳିତ ଏହି ପର୍ବ ସହିତ ଦେବତାଙ୍କୁ ମଧ୍ୟ ସାମିଲ କରାଯାଇଛି ଯେପରି ପ୍ରଭୁ ଜଗନ୍ନାଥଙ୍କର ମାମୁଘର ବୋଲି କୁହାଯାଉଥିବା ନିଆଳି ମାଧବ ଏବଂ ପ୍ରଭୁ ଲିଙ୍ଗରାଜଙ୍କର ମାମୁଘର ଭାବରେ ବିଶ୍ୱାସ କରାଯାଉଥିବା କପିଳେଶ୍ୱର ଯଥାବିଧି ମାମୁଘରର କର୍ମ ସମ୍ପାଦନ କରନ୍ତି। ଏହା ଛଡ଼ା ପ୍ରତି ବର୍ଷ ଶ୍ରାଦ୍ଧ, ତର୍ପଣ ଆଦି ଅନୁଷ୍ଠାନରେ ମାମୁଘରର ସ୍ମୃତିଚାରଣ କରାଯାଏ। ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦଠାରୁ ଅମାବାସ୍ୟା ଯାଏ ପାଳିତ ହେଉଥିବା ଅପରପକ୍ଷ ବିଶେଷ କରି ମହାଳୟା ଦିନ ମାତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ସାମ୍ବତ୍ସରିକ ଶ୍ରାଦ୍ଧ ଅର୍ପଣ କରାଯାଏ ଯାହା ଲୋକାଚାରରେ ମଉଳା ଶ୍ରାଦ୍ଧ ଭାବରେ ଜଣାଶୁଣା।

ମାମୁଘର ଓଡ଼ିଆ ସାହିତ୍ୟକୁ ପ୍ରଭାବିତ କରିଆସିଅଛି, ଯେପରି ବ୍ୟାସକବିଙ୍କ ଉପନ୍ୟାସ 'ମାମୁଁ', ଗଳ୍ପ 'ବିରେଇ ବିଶ୍ୱାଳ', କାନ୍ତକବିଙ୍କ ଉପନ୍ୟାସ 'କଣାମାମୁ ', ବିନୋଦ ନାୟକଙ୍କ 'ଗ୍ରାମପଥ'ରେ ''ପାଟ ପରେ ବଣ ପାରିହେଲେ ମାମୁଘର ଗାଆଁ ଦିଶେ'' ଇତ୍ୟାଦି। ମାମୁଘର ଭଳି ପବିତ୍ର ସମ୍ପର୍କକୁ ଯିଏ ଅବମାନନା କରେ ସେ ନିଜେ ଧ୍ୱଂସ ପାଇଯାଏ, ଯାହାର କାଳଜୟୀ ଦୃଷ୍ଟାନ୍ତ ହୋଇ ରହିଯାଇଛି କଂସ, ଦୁର୍ଯ୍ୟୋଧନ ଓ ଶକୁନି ଉପାଖ୍ୟାନ। ମାତ୍ର ପରିତାପର ବିଷୟ ଯେ ସମ୍ପ୍ରତି ଏଭଳି ଚିରାଚରିତ ସମ୍ପର୍କର ମାଧୁର୍ଯ୍ୟ ଓ ଭାବପ୍ରବଣତାରେ ଘୋର ଅବକ୍ଷୟ ଘଟି ଚାଲିଛି ଯାହାର ମୁଖ୍ୟ କାରଣ ହେଉଛି ସେଥିରେ ସ୍ୱାର୍ଥର ଅନୁପ୍ରବେଶ। ସ୍ୱାର୍ଥସର୍ବସ୍ୱ ଆଜିର ମଣିଷ ଅଣୁ ପରିବାର ଗଠନ ପାଇଁ ଉଦ୍‌ଗ୍ରୀବ ହୋଇ ସମସ୍ତ ସାମାଜିକ ଓ ପାରିବାରିକ ବନ୍ଧନରୁ କ୍ରମେ ଦୂରରୁ ଦୂରକୁ ଚାଲିଯାଉଛି।

ଶାସ୍ତ୍ରୀନଗର, ଭୁବନେଶ୍ୱର
ମୋ: ୯୪୩୮୬୭୩୮୯୮

## ଏଇ ଭାରତରେ

ବାଲ୍ୟବିବାହ ଏକ ସାମାଜିକ କଳଙ୍କ। ଏବେ ବି ଭାରତର ଅନେକ ଗାଁରେ ଏହା ରହିଛି, ଯାହା ସୂଚିତ କରୁଛି ଆଧୁନିକ ସମାଜ ଏହାର ପଞ୍ଝାରୁ ମୁକ୍ତ ନୁହେଁ। ସେହିଭଳି ଏକ ଗାଁ ରହିଛି ତ୍ରିପୁରାର ସେପାହିଜଲା ଜିଲାରେ। ଏହି ଜିଲାରେ ବାଲ୍ୟବିବାହର ପ୍ରାବଲ୍ୟତା ଅଧିକ। ଏହାକୁ ଦୂର କରିବା ପାଇଁ ସେହି ଜିଲାର ଜିଲାପାଳ ସିଦ୍ଧାର୍ଥ ଜୟସ୍ୱାଲଙ୍କ ଉଦ୍ୟମ ପ୍ରସଂଶନୀୟ। ସେପାହିଜଲାରେ ଝିଅମାନେ ୧୮ ବର୍ଷ ବୟସ ପୂର୍ବରୁ ବାହାହୋଇ କିଶୋରୀ ଅବସ୍ଥାରେ ମା' ହୋଇଯାଆନ୍ତି। ଏହା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଏଭଳି ସ୍ଥିତିରୁ ଝିଅମାନଙ୍କୁ ରକ୍ଷା କରିବା ପାଇଁ ଜୟସ୍ୱାଲ ଆନ୍ତରିକତାର ସହ ଚେଷ୍ଟା ଚଳାଇଛନ୍ତି। ସେ ଏବେ ସୁଦ୍ଧା ଜିଲାର ୧୦ଟି ଗାଁରୁ ୧୦୦ ଝିଅଙ୍କୁ ବାଲ୍ୟବିବାହ ଫାସରୁ ଉଦ୍ଧାର କରିସାରିଲେଣି। ସେ ଏଥିପାଇଁ ମିଶନ ସଙ୍କଳ୍ପ ଆରମ୍ଭ କରିଛନ୍ତି। ଭୋଟର ଯାଞ୍ଚ୍ ସମୟରେ ସେ ଏହି ଗାଁକୁ ଯାଇଥିବା ସମୟରେ ବାଲ୍ୟବଧୂଙ୍କୁ ଦେଖିଥିଲେ। ତାହା କିଭଳି ବନ୍ଦ କରାଯାଇପାରିବ ସେ ସମ୍ପର୍କରେ ଯୋଜନା ପ୍ରସ୍ତୁତ କରିଥିଲେ। ସ୍କୁଲ୍‌ରେ ମଧ୍ୟ ଛାତ୍ରୀମାନଙ୍କୁ ବାଲ୍ୟବିବାହର କୁପ୍ରଭାବ ସମ୍ପର୍କରେ ସଚେତନ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୯ ଅକ୍ଟୋବର ୧୯୭୬

- ଦେଶୀ ମଦ ପାନ କରି ପୀଡ଼ିତ ଅବସ୍ଥାରେ ଇନ୍ଦୋର ଯଶୋବନ୍ତ ରାଓ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ୧୨୮ ଜଣ ଲୋକଙ୍କ ମଧ୍ୟରୁ ୭୮ ଜଣଙ୍କ ମୃତ୍ୟୁ।
- ରାଜ୍ୟ ସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଭୂପେନ୍ଦ୍ର ସିଂହ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ଘୋଷିତ।

## sudoku / ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | | | | |
| | | 3 | 7 | 2 | | | | |
| | | 5 | | | | | | 2 |
| | | | | 4 | | | 9 | |
| | 4 | | 5 | | | 8 | 6 | |
| 1 | 5 | 2 | | | | | 7 | |
| 5 | | | 9 | | | | 3 | |
| | | 6 | | | | | 1 | |
| | 3 | | | 7 | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 8 | 3 | 1 | 9 | 5 | 7 | 6 |
| 5 | 7 | 3 | 4 | 2 | 6 | 8 | 9 | 1 |
| 9 | 6 | 1 | 8 | 7 | 5 | 3 | 4 | 2 |
| 3 | 1 | 5 | 6 | 9 | 8 | 4 | 2 | 7 |
| 4 | 8 | 6 | 2 | 3 | 7 | 9 | 1 | 5 |
| 7 | 2 | 9 | 1 | 5 | 4 | 6 | 3 | 8 |
| 8 | 9 | 2 | 7 | 6 | 3 | 1 | 5 | 4 |
| 6 | 3 | 7 | 5 | 4 | 1 | 2 | 8 | 9 |
| 1 | 5 | 4 | 9 | 8 | 2 | 7 | 6 | 3 |

ଗତକାଲିର ଉତ୍ତର

# ବିକାଶର ଦୋମୁହାଁ ସଡ଼କ



ସତ୍ୟବ୍ରତ ବାରିକ

ବିକାଶର ସଡ଼କ ଦୁଇ ଦିଗରେ ଯାଇଛି: ଗୋଟିକର ଲକ୍ଷ୍ୟସ୍ଥଳ ହେଉଛି ସ୍ୱଚ୍ଛଳ, ଧନୀ ଓ ପୁଞ୍ଜିପତିଙ୍କ ସୁଖ ସମ୍ପଦ ବୃଦ୍ଧି, ଅନ୍ୟଟି ଯାଇଛି ଗାଁ, ବସ୍ତି, ସାହି, ଗୋହିରୀ, ପାହାଡ଼ ଜଙ୍ଗଲ ଦେଇ ଅଶୀ ଶତକ ଭୋଟରଙ୍କୁ କିଛି ପ୍ରକାରେ ବଞ୍ଚାଇ ରଖିବା ଏବଂ ଲୋକତନ୍ତ୍ରକୁ ଆଖିଠାର ମାରିବା ପାଇଁ। ସେମାନଙ୍କୁ 'ଭୋଟର' କହିବା ଉଚିତ ହେବ, କାରଣ ନାଗରିକର ମର୍ଯ୍ୟାଦା ପାଇବା ସେମାନଙ୍କ ପକ୍ଷେ କାଠିକର ପାଠ। ଆମ ଶାସକମାନେ ଯେଉଁ ବାଟରେ ରାଜ୍ୟର ଏହି ବିଶାଳ ସଂଖ୍ୟାର 'ଭୋଟର' ଓ ସେମାନଙ୍କ ପରିବାରଗୁଡ଼ିକ 'ବିକାଶ' କରୁଛନ୍ତି ବୋଲି କହୁଛନ୍ତି, ପ୍ରଥମେ ସେହି ଧାରାଟିକୁ ନିରୀକ୍ଷଣ କରିବା। ପୂର୍ବରୁ 'କାଳିଆ' ନାମରେ କୃଷକଙ୍କୁ ଟଙ୍କା ବଣ୍ଟା ଯାଉଥିଲା, ଏବେ ସେମାନଙ୍କୁ 'ପି. ଏମ୍. କିଷାନ ନାମରେ ବଣ୍ଟାଯାଉଛି। ଓଡ଼ିଶା ଚାଷୀଙ୍କର ଦୁଇଟି ବଡ଼ ସମସ୍ୟା: ଜଳସେଚନ, ଜମି ମାଲିକାନା। ଏକ ସୂତ୍ରରୁ ପ୍ରକାଶ ଯେ ୩୬% ଚାଷୀ ଭୂମିହୀନ, ଯେଉଁମାନେ ଭାଗଚାଷରେ ନିୟୋଜିତ। ଗୋ–ସମ୍ପଦ, ଜୈବିକ ଖତ, ବିହନ ସଂରକ୍ଷଣ ଏସବୁ ଦିନେ ଚାଷୀ ହାତରେ ଥିଲା; ଆଧୁନିକ କୃଷି ନାମରେ ସେହି ସାଧୀନତା ସେମାନଙ୍କ ହାତରୁ ଚାଲିଗଲା। ଧାନର ବିକ୍ରି ମୂଲ୍ୟ କିଛି ବଢ଼ିଲା, ହେଲେ ଅନ୍ୟ ପଟେ ସାର ବଜାର ଉପରେ ସରକାର ନିୟନ୍ତ୍ରଣ ହରାଇବା ଅର୍ଥ ଚାଷୀଙ୍କୁ ବିପଦ ମୁହଁକୁ ଠେଲିଦେବା।

'ସୁଭଦ୍ରା' ନାମରେ ମହିଳାଙ୍କୁ କିସ୍ତିୱାରି ଟଙ୍କା ପଠାଯାଉଛି ଏବଂ ଏହାକୁ ମହିଳା ସଶକ୍ତୀକରଣର ଏକ 'ଐତିହାସିକ' ପଦକ୍ଷେପ କୁହାଯାଉଛି। ଗତ କିଛି ଦଶନ୍ଧି ଧରି 'ମିଶନ ଶକ୍ତି' ନାମରେ ମହିଳାଙ୍କ ଆର୍ଥିକ ଉନ୍ନତି ଚାଲିଆସିଛି। ତାହାକୁ ଏବର ସରକାର ଚଳାଇ ରଖିଛନ୍ତି 'ଲକ୍ଷପତି ଦିଦି' ନାମରେ। ଏହି ଯୋଜନା ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ବ୍ୟାଙ୍କ ସହ ଯୋଡ଼ି ହଜାର ହଜାର ଗୋଷ୍ଠୀଙ୍କୁ ଲଗାଇ, ସେମାନଙ୍କ ଶ୍ରମ ଓ କୌଶଳ ଶସ୍ତାରେ ଉପଯୋଗ କରି, ବ୍ୟାଙ୍କଗୁଡ଼ିକ ବ୍ୟବସାୟ କଲେ। ହଁ, ଲୋକେ କିଛି କିଛି ଧନ୍ଦା ପାଇଲେ, ରୋଜଗାର କଲେ, ପରିବାରର ଖର୍ଚ୍ଚ ତୁଲାଇଲେ, କିନ୍ତୁ ବଳକା ପଇସା ସଞ୍ଚି ସ୍ଥାୟୀ ସମ୍ବଳ କରିପାରିଛନ୍ତି କି? ରୋଜଗାରରୁ ଯଦି ବ୍ୟକ୍ତିର ସ୍ଥାୟୀ ସମ୍ପତ୍ତି ସୃଷ୍ଟି ନ ହୁଏ, ତେବେ ସ୍ଥାୟୀ ଆୟର ପନ୍ଥା ଆସିବ କେଉଁଠୁ? ଜଣେ ସଶକ୍ତ ହେବ କିପରି? ବିକାଶ'ର ଇଏ କି ନୂଆ ପାଠ?

ଇଂଲିଶ ଶବ୍ଦ 'ଡେଭଲପମେଣ୍ଟ' ଭାରତରେ ପ୍ରଥମେ ବ୍ୟବହାର ହୋଇଥିଲା ପ୍ରଥମ ପଞ୍ଚବାର୍ଷିକ ଯୋଜନା ଦସ୍ତାବେଜରେ। କୁହାଯାଏ ଯେ ୧୯୪୯ରେ ଆମେରିକୀୟ ରାଷ୍ଟ୍ରପତି ହ୍ୟାରି ଟ୍ରୁମ୍ୟାନ ନୂଆ କରି ସ୍ୱାଧୀନ ହୋଇଥିବା ଏସିଆ, ଆଫ୍ରିକା, ମଧ୍ୟ–ପ୍ରାଚ୍ୟର ଦେଶଗୁଡ଼ିକ ପ୍ରଥମେ 'ଅଣ୍ଡର–ଡେଭଲପ ବୋଲି ଉଲ୍ଲେଖ କରିଥିଲେ, ଏବଂ ପୁଞ୍ଜିବାଦୀ ଆଦର୍ଶ ଅନୁସରଣରେ ସେମାନଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟତା କରିବା ପାଇଁ ଧନୀ ଦେଶଗୁଡ଼ିକୁ ଆହ୍ୱାନ କରିଥିଲେ। ୨ୟ ବିଶ୍ୱଯୁଦ୍ଧ ପରେ ଏହି ଦେଶଗୁଡ଼ିକୁ ସୋଭିଏଟ୍ କମ୍ୟୁନିଜମ ପ୍ରଭାବରୁ ଦୂରରେ ରଖିବା ଏବଂ ଆମେରିକୀୟ ବିକାଶ ନୀତି ଗ୍ରହଣ କରାଇବା ଥିଲା ତାଙ୍କର ଉଦ୍ଦେଶ୍ୟ। ସେଥିରୁ ଡେଭଲପମେଣ୍ଟ ଓ ତା'ର ଅନୁବାଦରେ ବିକାଶ ଶବ୍ଦର ଉତ୍ପତ୍ତି। ଦେଶଗୁଡ଼ିକ ଆର୍ଥିକ ଅଭିବୃଦ୍ଧି ଲକ୍ଷ୍ୟରେ ବିକାଶ ତତ୍ତ୍ୱର ସମର୍ଥକ ଓ ପ୍ରସାରକ ଥିଲେ ଜାତିସଂଘ, ବିଶ୍ୱ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରା କୋଷ। ଏହାର ପ୍ରତିଫଳନ ଦେଖାଯାଇଥିଲା ଭାରତର ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ। ସ୍ୱାଧୀନତା ପରବର୍ତ୍ତୀ କେତୋଟି ପଞ୍ଚବାର୍ଷିକ ଯୋଜନାରେ ଲୋକଙ୍କ ଜୀବନଧାରଣର



ମାନ ଉନ୍ନତ କରିବା ତଥା ଜମିଦାର ଭଳି ମଧ୍ୟସ୍ଥଙ୍କୁ ହଟାଇ ଚାଷୀଙ୍କ ମଧ୍ୟରେ ସମାନୁପାତିକ ଜମି ବଣ୍ଟନ ପାଇଁ ଭୂସଂସ୍କାର ଆଇନ ପ୍ରଣୟନ ହୋଇଥିଲା। ଦାରିଦ୍ର୍ୟ ନିରାକରଣର ଅଂଶ ଭାବେ ଷାଠିଏରୁ ଅଶୀ ଦଶକ ମଧ୍ୟରେ ସଘନ କୃଷି ବିକାଶ, ସମନ୍ୱିତ ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମ, ଗ୍ରାମୀଣ ଜୀବିକା ଅଭିଯାନ, ଯୁବଗୋଷ୍ଠୀ ପାଇଁ କୌଶଳ ତାଲିମ, ଏହିପରି ଅନ୍ୟାନ୍ୟ ଅନେକ ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେତେବେଳେ ଗ୍ରାମାଞ୍ଚଳରେ ଲୋକଙ୍କ ସଂଗଠନ ତିଆରି କରିବା, ଗ୍ରାମପାଣ୍ଠି ଲାଗି ମହାଜନି ଶୋଷଣ ବନ୍ଦ କରିବା, ଦୁର୍ଗମ ଅଞ୍ଚଳରେ ଶିକ୍ଷାକେନ୍ଦ୍ର ଖୋଲିବା ଏବଂ ଲୋକଙ୍କୁ ସ୍ୱାବଲମ୍ବୀ କରିବା ଉପରେ ଜୋର୍ ଦେଇଥିଲେ। ବିକାଶ ଅର୍ଥ ଆମେ ଏପରି ବୁଝିଥିଲୁ ଯେ, ଜୀବନଧାରଣର ମାନ ପରିବର୍ତ୍ତନ, ଆର୍ଥିକ ଉନ୍ନତି, ଦରିଦ୍ରଙ୍କୁ ମୂଳଚାଲ କରିପାରିବାର ଶକ୍ତିଦେବା, ଅସହାୟ ଅବସ୍ଥାରୁ ମୁକ୍ତ କରି ସୁଖ ଓ ସ୍ୱାଧୀନତାର ଅଧିକାର ଦେବା। ମୋଟାମୋଟି, ଆର୍ଥିକ ଉନ୍ନତି ଥିଲା ଶକ୍ତି ଓ ସ୍ୱାଧୀନତା ଦିଗରେ ପ୍ରଥମ ପାହାଚ।

କିନ୍ତୁ କାଳକ୍ରମେ ଶାସକ ଗୋଷ୍ଠୀ ପୁଞ୍ଜିବାଦ ଦ୍ୱାରା ପ୍ରେରିତ ହୋଇ ନୀତି ବଦଳାଇ ଦେଲେ; ଭୂ–ବଣ୍ଟନ ଓ ଲୋକଙ୍କ ସ୍ୱାବଲମ୍ବନ ପରିବର୍ତ୍ତେ କର୍ମ ଯୋଗାଣ ଓ ମାଗଣା ସାମଗ୍ରୀ ବଣ୍ଟନ ଆଡ଼କୁ ମୁହାଁଇଲେ।

ବିଭିନ୍ନ ପ୍ରକଳ୍ପ ନାମରେ ବିନା ସମ୍ମତିରେ ଆଦିବାସୀଙ୍କ ଜମି କମ୍ପାନୀମାନଙ୍କୁ ଦିଆଯାଉଛି ଏବଂ ପ୍ରତ୍ୟେକ ଅଞ୍ଚଳରେ ଲୋକେ ପ୍ରତିବାଦ କରିଆସୁଛନ୍ତି। ଛୋଟ ଚାଷୀ ଓ ଶ୍ରମିକଙ୍କୁ ଜମି ପ୍ରଦାନ କରିବା ପରିବର୍ତ୍ତେ ସେମାନଙ୍କୁ ଜମିରୁ ଉଚ୍ଛେଦ କରିବା ହେଉଛି ବିକାଶର ନୂଆ ସଂଜ୍ଞା!

ଖାଲି ଓଡ଼ିଶା ନୁହେଁ, ସାରା ଭାରତରେ ବିକାଶ ନାମରେ ସରକାରଙ୍କର ଯେଉଁ ଲୋକ ବିରୋଧୀ ଓ ପରିବେଶ ଧ୍ୱଂସକାରୀ ନୀତି କାର୍ଯ୍ୟକାରୀ ହେଉଛି, ଆଗକୁ ତା'ର ପରିଣାମ ଭୟାବହ ମନେହୁଏ। ଛତିଶଗଡ଼ ହସଦେଓ ଅରଣ୍ୟରୁ ଏକ ଲକ୍ଷ ସତୁରି ହଜାର ହେକ୍ଟର ଘନଜଙ୍ଗଲରେ ପ୍ରାୟ ନବେ ହଜାର ଗଛ କଟା ସରିଲାଣି, କୋଇଲା ଖଣି ପ୍ରକଳ୍ପ ଉଦ୍ଦେଶ୍ୟରେ। ନିକୋବର ଦ୍ୱୀପପୁଞ୍ଜର ଶହେ ତିରିଶ ବର୍ଗ କିଲୋମିଟର ପରିମିତ ଆଦିବାସୀଙ୍କ ପାଇଁ ସଂରକ୍ଷିତ ପ୍ରାକୃତିକ ଅରଣ୍ୟ ହସ୍ତାନ୍ତର ହୋଇସାରିଛି ଏକ ବୃହଦାକାର ପ୍ରୋଜେକ୍ଟ୍ ନିର୍ମାଣ ଉଦ୍ଦେଶ୍ୟରେ, ଯେଉଁଥିରେ ଆଠ ଲକ୍ଷ ପଚାଶ ହଜାର ଗଛ କଟାଯିବ ବୋଲି ଜଣାପଡ଼ିଛି। ତାହା ଦ୍ୱାରା ପ୍ରଥମେ କ୍ଷତିଗ୍ରସ୍ତ ହେଉଛନ୍ତି ସେଠାକାର ଅଳ୍ପ ସଂଖ୍ୟକ ମୂଳ ଅଧିବାସୀ ଶୋମ୍ପେନ ଓ ନିକୋବରୀ ଆଦିମ ଜନଜାତି। ଉତ୍ତରାଖଣ୍ଡରେ ମଧ୍ୟ ପରିବେଶ କର୍ମୀମାନେ 'ଖାଲଗଙ୍ଗା' ସଂରକ୍ଷିତ ଜଙ୍ଗଲ କଟା ବିରୋଧରେ ପ୍ରତିବାଦ କରୁଛନ୍ତି। କର୍ଣ୍ଣାଟକର 'ନାଗରହୋଲେ' ବ୍ୟାଘ୍ର ସଂରକ୍ଷିତ ଜଙ୍ଗଲରୁ ଦୀର୍ଘ କାଳ ବିତାଡ଼ିତ ହୋଇ କୃତ୍ରିମ ଜୀବନ ଯାପନ କରୁଥିବା 'ଜେନୁ କୁରୁବା' ଜାତିର କେତେକ ପରିବାର ନିକଟରେ ପୁଣି ଥରେ ତାଙ୍କ ମୂଳ ଭିଟାମାଟିକୁ ଫେରିଛନ୍ତି ଏବଂ ପୋଲିସ ଆକ୍ରମଣର ଶିକାର ହେଉଥିବା ଖବର 'ସର୍ଭାଇଭାଲ ଇଣ୍ଟରନ୍ୟାଶନାଲ' ସୂତ୍ରରୁ ପ୍ରକାଶ। ପୁଣି ସେହି ପ୍ରଶ୍ନ ଉଠୁଛି– ଲୋକଙ୍କ ବିରୋଧ ସତ୍ତ୍ୱେ ଏ ବିକାଶଧାରା କାହିଁକି?

ବିକାଶର ବିଶାଳ ସଡ଼କ ତିଆରି ହେଉଥିବା ବେଳେ ଦୁର୍ଗମ ଗାଆଁଗୁଡ଼ିକରେ ଆମ୍ବୁଲାନ୍ସ ଯାଇ ପାରୁନାହିଁ, ଯେ ରୋଗୀଙ୍କୁ ଖଟିଆରେ ବୁହାହୋଇ ଡାକ୍ତରଖାନା ଆସିବା ପ୍ରତିଦିନର ଖବର। ବଡ଼ ବଡ଼ ସୋଲାର ପ୍ରୋଜେକ୍ଟ୍ ଯୋଜନାର ବିଜ୍ଞାପନ ବାହାରୁଛି, ଅଥଚ ନିକଟରେ ଖବର ଆସିଥିଲା ଯେ ଗଞ୍ଜାମର ସୋରଡା ବ୍ଲକର ଏକୋଇଶଟି ଗ୍ରାମର ଲୋକେ ଡିବିରି ଜାଳୁଛନ୍ତି। କେବଳ ମାଗଣା ବଣ୍ଟନର ହରିହାଟ ଲଗାଇ ବିକାଶ ବିକାଶ ଜପ କରିବା ଏକ ଐତିହାସିକ ଛଳନା ଛଡ଼ା ଅନ୍ୟ କିଛି ନୁହେଁ।

ବାରିପଦା, ମୟୂରଭଞ୍ଜ
ମୋ: ୯୯୩୮୦୦୯୧୮୧

## ପାଠକ ଶ୍ରେଷ୍ଠ ବିଚାରକ

### ମାଗଣା ବସ୍ ସେବାର ସୁଫଳ

ମହାଶୟ,

ମୁଖ୍ୟମନ୍ତ୍ରୀ ବସ୍‌ସେବା ଯୋଜନାରେ ଯୋଗ୍ୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ମାଗଣା ବସ୍‌ସେବା ବ୍ୟବସ୍ଥା କ୍ଷମତାସୀନ ସରକାରଙ୍କର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଏହା କେବଳ ଓଏସ୍‌ଆର୍‌ଟିସି(ସରକାରୀ) ବସ୍‌ଗୁଡ଼ିକରେ ଉପଲବ୍ଧ ହେବ ବୋଲି ତଥ୍ୟଗତ ସୂଚନାରୁ ଜାଣିବାକୁ ମିଳୁଛି। ପ୍ରାଇଭେଟ୍ ବସ୍ ଓ ଘରୋଇ ମାଲିକ ସଂଘ ଉପରେ ସରକାରଙ୍କର କୌଣସି ନିୟନ୍ତ୍ରଣ ନ ଥିବାରୁ ଏହି ଗାଡ଼ିରେ ଚଢ଼ି ଛାତ୍ରୀଛାତ୍ର ମାଗଣା ବସ୍‌ସେବା ଦାବି ରଖିବା ନିରର୍ଥକ ହୋଇପାରେ। ତେଲଖର୍ଚ୍ଚ ଉଠୁନାହିଁ ବୋଲି ଦର୍ଶାଇ ଘରୋଇ ବସ୍ ମାଲିକ ଓ କର୍ମଚାରୀ କୁମ୍ଭୀର କାନ୍ଦଣାରେ ମାତି ଥିବାରୁ ଗୋଚ୍ଛାଏ ଛାତ୍ରୀଛାତ୍ର ମାଗଣାରେ ବସ୍‌ଭର୍ତ୍ତି ହୋଇଗଲେ ସେମାନଙ୍କ ଭେଳା ମଧ୍ୟ ବୁଡ଼ିଯାଇପାରେ। ଏହି ପ୍ରେକ୍ଷାପଟ୍ଟରେ ସରକାର ଓ ପରିବହନ ବିଭାଗ ପ୍ରାଇଭେଟ୍ ବସ୍ ଲାଗି ଛାତ୍ରୀଛାତ୍ରଙ୍କ ନିମନ୍ତେ ତେଲଖର୍ଚ୍ଚ ଦେବା ନିମନ୍ତେ ଅପ୍ରସ୍ତୁତ କାହିଁକି?

–ଦୁର୍ଗାପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି

## ଚିରନ୍ତନୀ

ଯୌବନ ତବ ତୋଳି ଧରିଅଛି
ପୂଜାଫୁଲ ସମ ରୂପ
ପୀରତି–ବେଦୀରେ ଜାଳିଦିଅ ସେହି
ସୁବାସିତ ଦେହ–ଧୂପ ।
–(ରୂପର ସ୍ତବ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କାଜୁ କାରଖାନା ଶ୍ରମିକଙ୍କ ସୁରକ୍ଷା କର୍ମଶାଳା

ଭୁବନେଶ୍ୱର, ୮।୧୦(ସୁନିତ୍ ମିଶ୍ର)

କାରଖାନା ଏବଂ ବାଷ୍ପିତ୍ର ନିର୍ଦ୍ଦେଶାଳୟ ପକ୍ଷରୁ କାଜୁ କାରଖାନାଗୁଡ଼ିକରେ ଶ୍ରମିକଙ୍କ ସୁରକ୍ଷା ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟ ସମ୍ପର୍କିତ ରାଜ୍ୟସ୍ତରୀୟ ତାଲିମ କର୍ମଶାଳା ରାଜ୍ୟ ଶ୍ରମ ସଂସ୍ଥାନର ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଛି। ପୂର୍ବାହ୍ନ ସଭାରେ ମୁଖ୍ୟଅତିଥି ଭାବେ ଶ୍ରମ କମିଶନର ଇନ୍ଦ୍ରମଣି ତ୍ରିପାଠୀ କର୍ମଶାଳାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, କାଜୁ କାରଖାନାଗୁଡିକରେ ବୃତ୍ତିଗତ ସ୍ୱାସ୍ଥ୍ୟ ଆହ୍ୱାନପୂର୍ଣ୍ଣ ଥିବାରୁ ଉଭୟ ଶ୍ରମିକ ଏବଂ ପରିଚାଳନା କର୍ତ୍ତୃପକ୍ଷ ଏହି କ୍ଷେତ୍ରରେ ଦାୟିତ୍ୱବାନ ଓ ସଚେତନ ହେଲେ ସୁରକ୍ଷା ସହିତ ବୃତ୍ତିଗତ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ସମ୍ଭବ। ସମ୍ମାନିତ ଅତିଥି ଭାବେ ଉପ ନିର୍ଦ୍ଦେଶକ(ସୁରକ୍ଷା) ମଳୟ କୁମାର ପ୍ରଧାନ କହିଛନ୍ତି, କାରଖାନା ନିୟମାବଳୀ ୧୯୫୦ ଅନୁଯାୟୀ ସମସ୍ତ ସୁରକ୍ଷା ପଦକ୍ଷେପ ନିର୍ବାହ କରିବା ଉପରେ ଗୁରୁତ୍ୱ ଦେବା ଜରୁରୀ। ଅପରାହ୍ନରେ ଇନ୍ଦ୍ରମଣି ତ୍ରିପାଠୀ ମୋଟ ୬୦ ଜଣ ଅଂଶ ଗ୍ରହଣକାରୀ, କାଜୁ ପ୍ଲାଣ୍ଟ ମାଲିକ, ସୁପରଭାଇଜର ଏବଂ ଅପରେଟରମାନଙ୍କୁ ରାଜ୍ୟ ଶ୍ରମ ସଂସ୍ଥାନ ପକ୍ଷରୁ ପ୍ରମାଣପତ୍ର ବଣ୍ଟନ କରିଛନ୍ତି।

# ରାଜ୍ୟବ୍ୟାପୀ ଯୁବ, ଛାତ୍ର ନ୍ୟାୟ ଆନ୍ଦୋଳନ କରିବ ବିଜେଡି

ଭୁବନେଶ୍ୱର, ୮।୧୦(ସୁନିତ୍ ମିଶ୍ର)

ପୋଲିସ ଏସ୍ଆଇ ପରୀକ୍ଷାରେ ଜାଲିଆତି ଘଟଣାରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ରାଜ୍ୟବ୍ୟାପୀ ଯୁବ ଛାତ୍ର ନ୍ୟାୟ ଆନ୍ଦୋଳନ କରାଯିବ ବୋଲି ବୁଧବାର ଘୋଷଣା କରାଯାଇଛି। ଶଙ୍ଖ ଭବନଠାରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଛନ୍ତି, କ୍ୟାଶ୍ ଫର୍ ଜବ୍ ସ୍କାମ୍ ରାଜ୍ୟର ଯୁବ ଓ ଛାତ୍ର ସମାଜକୁ ବ୍ୟଥିତ କରିଛି। ତେଣୁ ଏହି ମହାଦୁର୍ନୀତିକୁ ପଦାକୁ ଆଣିବା ପାଇଁ ଆମେ ସିବିଆଇ ତଦନ୍ତ ଦାବି କରିଛୁ। କିନ୍ତୁ ରାଜ୍ୟ ସରକାର ଏଥିରେ ସମ୍ପୃକ୍ତ ବଡ଼ ମୁଣ୍ଡମାନଙ୍କୁ ଖସାଇଦେବା ପାଇଁ ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ପ୍ରଦାନ କରିଛନ୍ତି। ଓପିଆର୍‌ବି କେଉଁ ନିୟମରେ ଏହି ସଂସ୍ଥାଗୁଡିକୁ ପରୀକ୍ଷାକରିବା ପାଇଁ ନିଯୁକ୍ତି ଦେଇଥିଲା ସେ ପ୍ରଶ୍ନର ଉତ୍ତର ସରକାର ରଖୁନାହାନ୍ତି। ତେଣୁ ସିବିଆଇ ତଦନ୍ତ ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି।

# ମାଓବାଦୀ ନେତା ମାଣ୍ଡା ରୁବେନ୍‌ଙ୍କ ଆତ୍ମସମର୍ପଣ

ମାଲକାନଗିରି, ୮।୧୦ (ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଜିଲା ସୀମାନ୍ତ ତେଲଙ୍ଗାନା ୱାରାଙ୍ଗଲ ପୋଲିସ କମିଶନରଙ୍କ ଉପସ୍ଥିତିରେ ମାଓବାଦୀ ନେତା ମାଣ୍ଡା ରୁବେନ୍ ଓରଫ ମଙ୍ଗନ୍ନା ବୁଧବାର ଆତ୍ମସମର୍ପଣ କରିଛନ୍ତି। ମାଣ୍ଡା ଦକ୍ଷିଣ ବସ୍ତର ମାଓବାଦୀ ଡିଭିଜନ କମିଟିର ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। ସେ ଦୀର୍ଘ ୪୪ ବର୍ଷ ଧରି ମାଓବାଦୀ ସଙ୍ଗଠନରେ ସକ୍ରିୟ ନେତା ଭାବେ କାର୍ଯ୍ୟ କରି ଆସୁଥିଲେ। ଛତିଶଗଡ଼, ଆନ୍ଧ୍ର, ଓଡ଼ିଶା ଓ ତେଲଙ୍ଗାନାର ବହୁ ବଡ଼ ବଡ଼ ମାଓବାଦୀ ହିଂସାକାଣ୍ଡରେ ସେ ଜଡ଼ିତ ଥିଲେ।

# ସମଲେଶ୍ୱରୀ ପୀଠ ବିକାଶ କାର୍ଯ୍ୟ ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ

## ୮୨ ଏକରରେ ୨ ପର୍ଯ୍ୟାୟରେ ଖର୍ଚ୍ଚହେବ ୩୧୬ କୋଟି

ଭୁବନେଶ୍ୱର, ୮।୧୦(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନଠାରେ ସମ୍ବଲପୁର ମା' ସମଲେଶ୍ୱରୀ ପୀଠର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସମଲେଶ୍ୱରୀ ମନ୍ଦିର ବିକାଶ ୩୧୬ କୋଟି ଟଙ୍କା ବିନିଯୋଗରେ ୮୨ ଏକର ପରିମିତ ଅଞ୍ଚଳରେ ୨ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଛି। ପ୍ରଥମ ପର୍ଯ୍ୟାୟରେ ମନ୍ଦିର ଚତୁଃପାର୍ଶ୍ୱର କରିଡର ନିର୍ମାଣ, ଗୋପାଳଜୀଉ ମଠର ବିକାଶ, ଦୀପଘର, ପାର୍କିଂ ସୁବିଧା, ରିଭର ଫ୍ରଣ୍ଟ ଡେଭଲପମେଣ୍ଟ ସହ ଅନ୍ୟାନ୍ୟ ଯାତ୍ରୀ ଓ ଦର୍ଶନାର୍ଥୀ ସୁବିଧା ଉପଲବ୍ଧ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଭକ୍ତ ନିବାସ, ଲେକ୍ ଜୋନ୍, ଦୋକାନ ଗୃହ, ଫୁଡ୍ ପାର୍କ, ପାର୍କିଂ ଏବଂ ପ୍ରବେଶ ପଥ ବିକଶିତ କରାଯିବ।

ପ୍ରସିଦ୍ଧ ଶକ୍ତିପୀଠ ସମଲେଶ୍ୱରୀଙ୍କ ପୀଠରେ ବର୍ଷ ତମାମ ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କ ଭିଡ଼ ଲାଗି ରହିଥାଏ। ସମ୍ବଲପୁର ଜିଲା ମଧ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ପ୍ରସିଦ୍ଧି ରହିଛି। ସେଥିପାଇଁ ଦେଶ ବିଦେଶରୁ ପର୍ଯ୍ୟଟକମାନେ ଆସିଥାଆନ୍ତି। ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସମସ୍ତ କାର୍ଯ୍ୟକୁ ବିଶ୍ୱସ୍ତରୀୟ କରିବା ପାଇଁ ପରାମର୍ଶ ଦେଇଛନ୍ତି। ନିର୍ମାଣ ହେବାକୁ ଥିବା ଭକ୍ତ ନିବାସରେ ଅଧିକ ସଂଖ୍ୟକ ଭକ୍ତଙ୍କ ରହଣି ସୁବିଧା ପାଇଁ ଆବଶ୍ୟକସ୍ଥଳେ ବହୁତଳ ବିଶିଷ୍ଟ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ମନ୍ଦିର ବିକାଶ କାର୍ଯ୍ୟ ପାଇଁ ବିସ୍ଥାପିତ ହେଉଥିବା ବାସିନ୍ଦାଙ୍କ ଉପଯୁକ୍ତ ଥଇଥାନ ପ୍ରତି ଯତ୍ନବାନ୍ ହେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।



ଲୋକସେବା ଭବନରେ ବୁଧବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅଧିକାରୀମାନେ।

# ଆଜି ଭାଜପା କୋର୍ କମିଟି ବୈଠକ

## ନୂଆପଡ଼ା ଉପନିର୍ବାଚନ ନେଇ ହୋଇପାରେ ଆଲୋଚନା

ଭୁବନେଶ୍ୱର, ୮।୧୦(ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ପାଇଁ ଆସନ୍ତା ୨୦ ତାରିଖ ହେଉଛି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ। ନଭେମ୍ବର ୧୧ରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ସବୁ ଦଳ ପକ୍ଷରୁ ଉପନିର୍ବାଚନକୁ ନେଇ କସରତ ଆରମ୍ଭ ହୋଇଯାଇଛି। କଂଗ୍ରେସ ଘାସିରାମ ମାଝୀଙ୍କୁ ପ୍ରାର୍ଥୀ କରିସାରିଛି। ପ୍ରାର୍ଥୀ ଘୋଷଣାରେ କଂଗ୍ରେସଠାରୁ ପଛରେ ରହିଛନ୍ତି ଶାସକ ଭାଜପା ଏବଂ ବିଜେଡି। ହେଲେ ନୂଆପଡ଼ା ଉପନିର୍ବାଚନ ନେଇ ଭାଜପା ପକ୍ଷରୁ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ ବୋଲି ଜଣାପଡ଼ିଛି। ଗୁରୁବାର ସନ୍ଧ୍ୟାରେ ଭାଜପାର କୋର୍ କମିଟି ବୈଠକ ବସିବ। ଏଥିରେ ନୂଆପଡ଼ା ଉପନିର୍ବାଚନ ନେଇ କିଛି ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଦଳର ରାଷ୍ଟ୍ରୀୟ ସଙ୍ଗଠନ ମହାମନ୍ତ୍ରୀ ବି.ଏଲ୍. ସନ୍ତୋଷ ଏବଂ ରାଷ୍ଟ୍ରୀୟ ସଙ୍ଗଠକ ଭି. ସତୀଶ ଏହି ବୈଠକରେ ସାମିଲହେବେ। ଉଭୟ ନେତା ବୁଧବାର ସୁଦ୍ଧା ଓଡ଼ିଶା ଗସ୍ତରେ ଆସିସାରିଛନ୍ତି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ୨ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ପ୍ରଭାତୀ ପରିଡ଼ା, ୨ ପ୍ରଭାରୀ ବିଜୟପାଲ ସିଂ ତୋମାର, ଲତା ଉସେଣ୍ଡି ଏବଂ କୋର୍ କମିଟିର ଅନ୍ୟ ସଦସ୍ୟମାନେ ସାମିଲ ହେବେ। ଦଳ ପକ୍ଷରୁ କାହାକୁ ନୂଆପଡ଼ା ଉପନିର୍ବାଚନରେ ପ୍ରାର୍ଥୀ କରାଯିବ ସେନେଇ କୋର୍ କମିଟିରେ ଚୂଡ଼ାନ୍ତ ହେବା ପରେ ସେହି ରିପୋର୍ଟ କେନ୍ଦ୍ରକୁ ପଠାଯିବ ବୋଲି ଜଣାପଡ଼ିଛି। ଗଣମାଧ୍ୟମକୁ ତୋମାର କହିଛନ୍ତି, ନୂଆପଡ଼ା ଉପନିର୍ବାଚନରେ ଦଳର ପ୍ରାର୍ଥୀ ସମ୍ପର୍କରେ କୋର୍ କମିଟିରେ ଚର୍ଚ୍ଚା ହେବ। ଦଳ ନୂଆପଡ଼ାରେ ୨୦୨୪ରେ ୩ ନମ୍ବର ସ୍ଥାନରେ ଥିଲା, ଏଥର ୧ ନମ୍ବରକୁ ଆସିବ ବୋଲି ତୋମାର କହିଛନ୍ତି।

୨୦୨୪ ସାଧାରଣ ନିର୍ବାଚନରେ ନୂଆପଡ଼ା ଆସନରୁ ଦଳର ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡା ପ୍ରାର୍ଥୀ ହୋଇଥିଲେ। ତେଣୁ ଉପନିର୍ବାଚନରେ ଦଳ ଏହି ଆସନରୁ କାହାକୁ ପ୍ରାର୍ଥୀ କରିବ ତାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଭାଜପା ସରକାରକୁ ଆସିବା ପରେ ରାଜ୍ୟରେ ପ୍ରଥମ ଉପନିର୍ବାଚନ ମୁକାବିଲା କରିବାକୁ ଯାଉଛି। ଏହା ଶାସକ ଭାଜପା ପାଇଁ ମଧ ଏକ ସମ୍ମାନର ବିଷୟ। ତେଣୁ ଦଳ ଏଠାରେ କାହାକୁ ପ୍ରାର୍ଥୀ କରିବ ସେନେଇ ମାନସମନ୍ଥନ ଚଳାଇଛି। ଅନ୍ୟପଟେ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ରେ ବିଏଲ୍ ସନ୍ତୋଷଙ୍କ ଅଧ୍ୟକ୍ଷତାରେ ବସିବାକୁଥିବା ବୈଠକରେ ଏସ୍‌ସି, ଏସ୍‌ଟି ବିଧାୟକ ଏବଂ ସାଂସଦ, ମନ୍ତ୍ରୀଙ୍କ ସମେତ ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଯୋଗଦେବେ।

# ନୂଆପଡ଼ା ଉପନିର୍ବାଚନ: ୩ କମିଟି ଗଢ଼ିଲା ବିଜେଡି

■ ଷ୍ଟିୟରିଂ କମିଟିରେ ୬, ଜୋନାଲ କମିଟିରେ ୧୦ ନେତାଙ୍କୁ ଦାୟିତ୍ୱ

ଭୁବନେଶ୍ୱର, ୮।୧୦(ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ପାଇଁ ଶାସକ ଭାଜପା ଏବଂ ବିରୋଧୀ ବିଜେଡି ପକ୍ଷରୁ କାହାକୁ ପ୍ରାର୍ଥୀ କରାଯିବ ସେନେଇ କୌଣସି ପ୍ରକାର ଘୋଷଣା କରାଯାଇନାହିଁ। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ଏହି ଆସନରେ ବିଜେଡିରୁ ବିଧାୟକ ଥିଲେ। ତାଙ୍କ ଦେହାନ୍ତ ପରେ ବିଜେଡି ଏହି ଆସନରୁ ସ୍ୱର୍ଗତ ଢୋଲକିଆଙ୍କ ପରିବାରରୁ କାହାକୁ ପ୍ରାର୍ଥୀ କରିପାରେ। ଏହା ପୂର୍ବରୁ ବିଜେଡି ପକ୍ଷରୁ ନୂଆପଡ଼ା ପାଇଁ ୩ଟି କମିଟି ଘୋଷଣା କରାଯାଇଛି। ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ଏନେଇ ଚିଠି ଜାରି କରାଯାଇଛି। ଗଠନ କରାଯାଇଥିବା କମିଟିରେ ମୁଖ୍ୟତଃ ପଶ୍ଚିମ ଓଡ଼ିଶା ନେତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଉପକୂଳ ଅଞ୍ଚଳର କୌଣସି ନେତାଙ୍କୁ ଏଥିରେ ସେତେଟା ଗୁରୁତ୍ୱ ଦିଆଯାଇନାହିଁ। ଷ୍ଟିୟରିଂ କମିଟିରେ ୬ଜଣ ରହିଛନ୍ତି। ଏଥିରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ନିରଞ୍ଜନ ପୂଜାରୀ, ବିଜୁ ମହିଳା ଜନତା ଦଳ ସଭାପତି ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରୁକୁନି ସାହୁ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ଏବଂ ଆୟୁବ ଖାନ୍ ରହିଛନ୍ତି।

ସେହିପରି ୬ ଜିଲା ପରିଷଦ ଜୋନ୍ ଏବଂ ୪ ଏନ୍ଏସି ପାଇଁ ୧୦ ଜଣଙ୍କୁ ଦାୟିତ୍ୱରେ ରଖାଯାଇଛି। ସେଥିରେ ୪ଟି ଏନ୍ଏସି ଦାୟିତ୍ୱ ବିଧାୟକ କଳିକେଶ ନାରାୟଣ ସିଂଦେଓ, ବିଧାୟକ ସାରଦା ନାୟକ, ପୂର୍ବତନ ବିଧାୟକ ରୋହିତ ପୂଜାରୀ, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ଦିଆଯାଇଛି। ୬ଟି ଜିଲା ପରିଷଦ ଜୋନ୍ ଦାୟିତ୍ୱ ସୁଦାମ ମାରାଣ୍ଡି, ଦେବେଶ ଆଚାର୍ଯ୍ୟ, ସରୋଜ ମେହେର, ମନୋହର ରନ୍ଧାରୀ, ପ୍ରଦୀପ ମାଝୀ ଏବଂ ଯୋଗେଶ ସିଂଙ୍କୁ ଦିଆଯାଇଛି। ସେହିପରି ଏକ ସ୍ଥାନୀୟ କାର୍ଯ୍ୟାନୁଷ୍ଠାନ କମିଟି ଗଠନ କରାଯାଇଛି। ଏଥିରେ ୩ ଜଣଙ୍କୁ ସଦସ୍ୟ ରଖାଯାଇଛି। ଏହି କମିଟିରେ ବିଧାୟକ ଅଧିରାଜ ପାଣିଗ୍ରାହୀ, ଅବନୀ ଜୋଷୀ ଏବଂ ମନୋଜ ମିଶ୍ର ରହିଛନ୍ତି। ଏହି ବିଜ୍ଞପ୍ତି ତୁରନ୍ତ କାର୍ଯ୍ୟକାରୀ କରିବାକୁ ନବୀନ ନିର୍ଦ୍ଦେଶ ଦେଇଛନ୍ତି।

# ଝୁଲିପଡ଼ିଲେ ଯୁବତୀ, ନଦୀକୁ ଡେଇଁଲେ ପ୍ରେମିକ

ସୁନାବେଡ଼ା, ୮।୧୦ (କୃତ୍ତିବାସ ପ୍ରଧାନ)

କୌଣସି କାରଣରୁ ବେକରେ ଓଢ଼ଣି ଲଗାଇ ଝୁଲିପଡ଼ିଲେ ଯୁବତୀ। ଏହି ଖବର ପାଇ ତାଙ୍କ ପ୍ରେମିକ ନଦୀକୁ ଡେଇଁପଡ଼ିଲେ। ଉକ୍ତ ଯୁବକ ଜଣଙ୍କ ଏବେ ନିଖୋଜ ଅଛନ୍ତି। ବୁଧବାର ସନ୍ଧ୍ୟାରେ କୋରାପୁଟ ଜିଲା ସୁନାବେଡ଼ା ଥାନା ଅଞ୍ଚଳରେ ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି। ନଦୀକୁ ଡେଇଁ ନିଖୋଜଥିବା ଯୁବକ ଜଣଙ୍କ ହେଲେ ଡିପି କ୍ୟାମ୍ପ ଅଞ୍ଚଳର ଚିନ୍ତାମଣି ପ୍ରଧାନଙ୍କ ପୁଅ ବିଶାଳ (୨୨)।

ବିଶାଳ ବାଙ୍ଗାଲୁରୁର ଏକ କମ୍ପାନୀରେ କାମ କରନ୍ତି। ସେ କିଛିଦିନ ହେବ ଘରକୁ ଆସିଥିଲେ। ତାଙ୍କର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ବୁଧବାର ବିଶାଳଙ୍କ ପ୍ରେମିକା ଘରେ କେହି ନ ଥିବାବେଳେ ବେକରେ ଓଢ଼ଣି ଲଗାଇ ଝୁଲିପଡ଼ିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। କେସ୍ ନଂ. ୧୧/୨୦୨୫ରେ ଏକ ମାମଲା ରୁଜୁ କରାଯାଇଛି। ତେବେ ଯୁବତୀଙ୍କ ମୃତ୍ୟୁ ଖବର ପ୍ରଚାର ହେବାପରେ ବିଶାଳ ସନ୍ଧ୍ୟା ପ୍ରାୟ ୭ଟା ୩୦ରେ ମାଲିଗୁଡ଼ା ଗାଁ ନିକଟ ନଦୀକୁ ଡେଇଁ ପଡ଼ିଥିଲେ। ତେବେ ସେମିଳିଗୁଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜଖୋଜି କରିଥିଲେ ମଧ ବିଶାଳଙ୍କ କୌଣସି ପତ୍ତା ମିଳିନି।

# ବିଜେଡି ଘୋଷଣାକଲା ୧୧ ଜଣିଆ ପଦାଧିକାରୀ ଟିମ୍

■ ଜଣେ ଉପସଭାପତି, ୨ ବରିଷ୍ଠ ସାଧାରଣ ସମ୍ପାଦକ ରହିଲେ

■ ୫ ସାଧାରଣ ସମ୍ପାଦକ, ୩ ସମ୍ପାଦକଙ୍କୁ ନିଯୁକ୍ତକଲା ଦଳ

ଭୁବନେଶ୍ୱର, ୮।୧୦(ସୁନିତ୍ ମିଶ୍ର)

ବିଜେଡି ପକ୍ଷରୁ ରାଜ୍ୟ ପଦାଧିକାରୀ ଟିମ୍ ଘୋଷଣା କରାଯାଇଛି। ଏଥିରେ ଜଣେ ଉପସଭାପତି, ୨ଜଣ ବରିଷ୍ଠ ସାଧାରଣ ସମ୍ପାଦକ, ୫ ଜଣ ସାଧାରଣ ସମ୍ପାଦକ ଏବଂ ୩ ଜଣ ସମ୍ପାଦକଙ୍କୁ ମିଶାଇ ମୋଟ୍ ୧୧ ଜଣ ନେତାଙ୍କୁ ନିଯୁକ୍ତି ମିଳିଛି। ବରିଷ୍ଠ ନେତା ଚିରଞ୍ଜୀବୀ ବିଶ୍ୱାଳଙ୍କୁ ଉପସଭାପତି, ପୁଷ୍ପେନ୍ଦ୍ର ସିଂଦେଓ ଏବଂ ଗଣେଶ୍ୱର ବେହେରାଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ, ଲମ୍ବୋଦର ନିଆଲ, ଅଳକା ମହାନ୍ତି, ଇରାନୀ ରାଏ, ସୁଧୀର ଦାସ ଏବଂ ମନୋଜ ମିଶ୍ରଙ୍କୁ ସାଧାରଣ ସମ୍ପାଦକ, ରାଜେଶ ନିଗମ, ସନ୍ତୋଷ ପଟ୍ଟନାୟକ ଏବଂ ରାଜୁ ଘିବାଲାଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ଏହି ଟିମ୍ ବୁଧବାର ଦଳ ପକ୍ଷରୁ ପ୍ରକାଶ ପାଇଛି। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ଏନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

# ଖଣିଜ ଅଞ୍ଚଳର ୫ କି.ମି. ପର୍ଯ୍ୟନ୍ତ ବିକଶିତ କରିବାକୁ ଉନ୍ନୟନ ଆୟୁକ୍ତଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୮।୧୦(ରବିନାରାୟଣ ଜେନା)

ରାଜ୍ୟରେ ଖଣିଜ ଅଞ୍ଚଳର ୫ କିମି ପର୍ଯ୍ୟନ୍ତ ଯେପରି ବିକାଶ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେଇ ଖସଡ଼ା ପ୍ରସ୍ତୁତ କରିବାକୁ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବୁଧବାର ଲୋକସେବା ଭବନରେ ଉନ୍ନୟନ ଆୟୁକ୍ତ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲା ଖଣିଜ ପାଣ୍ଠି(ଡିଏମ୍ଏଫ୍)ର କାର୍ଯ୍ୟାନ୍ୱୟନ ମୂଲ୍ୟାଙ୍କନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନୁଗୋଳ, ଯାଜପୁର ଏବଂ ଝାରସୁଗୁଡ଼ା ଜିଲା ଖଣିଜ ପାଣ୍ଠିର କାର୍ଯ୍ୟକାରିତା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ରାଜ୍ୟରେ ସମୁଦାୟ ୩୨,୦୦୦ରୁ ଅଧିକ ପ୍ରକଳ୍ପକୁ ଡିଏମ୍ଏଫ୍‌ରୁ ମଞ୍ଜୁର କରାଯାଇଥିଲେ ହେଁ ତନ୍ମଧ୍ୟରୁ ୧୩,୨୪୫ଟି ପ୍ରକଳ୍ପ ଏବଂ ଗ୍ରାମର ନମୁନା ଅଧ୍ୟୟନ ଓ ମୂଲ୍ୟାଙ୍କନ ପାଇଁ ନିଆଯାଇଥିଲା। ସେଥିମଧ୍ୟରେ ମୁଖ୍ୟତଃ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ପାନୀୟଜଳ, ଭିତ୍ତିଭୂମି ବିକାଶ ଆଦି ରହିଥିଲା। ବୈଠକରେ ବିଭାଗର ସଚିବ ଏବଂ ଡିଏମ୍ଏଫ୍ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।

# ଆଖିକୁ ଭଲପାଅ

## ଆଜି ବିଶ୍ୱ ଦୃଷ୍ଟି ଦିବସ

ଅକ୍ଟୋବର ମାସର ଦ୍ୱିତୀୟ ଗୁରୁବାରରେ ପାଳିତ ହୋଇଆସୁଛି ବିଶ୍ୱ ଦୃଷ୍ଟି ଦିବସ। ଦୃଷ୍ଟି ଏବଂ ଚକ୍ଷୁ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ସମ୍ପର୍କିତ ଜନସଚେତନତା ଏହି ଦିବସର ଅସଲ ଉଦ୍ଦେଶ୍ୟ। ୨୦୦୦ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଅନ୍ତର୍ଜାତୀୟ ଅନ୍ଧତ୍ୱ ନିବାରଣ ଏଜେନ୍ସି (ଆଇଏପିବି) ପକ୍ଷରୁ ପ୍ରଥମ ଥର ଲାଗି ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଥିଲା। ସୂଚନାଯୋଗ୍ୟ ୧୯୮୮ରେ ଲାୟନ୍ସ କ୍ଲବସ ଇଣ୍ଟରନାଶନାଲ ଫାଉଣ୍ଡେଶନ 'ପ୍ରଥମେ ଦୃଷ୍ଟି' ନାମରେ ଅଭିଯାନ ଆରମ୍ଭ କରିଥିଲା। ତେବେ ୧୯୯୯ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଭିଜନ ୨୦୨୦ ପଦକ୍ଷେପ ଅଧୀନରେ ବିଶ୍ୱ ଦୃଷ୍ଟି ଦିବସକୁ ଆନୁଷ୍ଠାନିକ ଭାବରେ ପ୍ରତିଷ୍ଠା କରିବା ପାଇଁ ଅନ୍ତର୍ଜାତୀୟ ଅନ୍ଧତ୍ୱ ନିବାରଣ ଏଜେନ୍ସି ସହିତ ସହଭାଗିତା କରିଥିଲା। ତେବେ ଚଳିତ ବର୍ଷ ଉକ୍ତ ଦିବସ ଲାଗି ବିଷୟବସ୍ତୁ ରହିଛି 'ଆଖିକୁ ଭଲପାଅ'। ଏହି ବିଷୟବସ୍ତୁ ଲୋକଙ୍କୁ ସେମାନଙ୍କର ଦୃଷ୍ଟିକୁ ପ୍ରାଥମିକତା ଦେବାକୁ ଉତ୍ସାହିତ କରୁଥିବାବେଳେ ଚକ୍ଷୁ ସ୍ୱାସ୍ଥ୍ୟରେ ନିବେଶ କରିବାକୁ ସମର୍ଥନ କରେ।




HDFC BANK
We understand your world

# AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 15-October-2025 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75131967 | TULSI MANOJ KAR | 81000 | HDFC BANK LTD, GROUND FLOOR, OPP. BHARAT PETROL PUMP, AT- DHANUPALI, DIST. SAMBALPUR-768005 |
| 2 | 75860071 | PRIYADARSHINI MOHANTY | 659000 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 3 | 75061821 | BANDITA PATNAIK | 527387 | |
| 4 | 75955981 | PRADIPTA RAY | 176900 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 5 | 75185603 | MDQUMAR RAZA KHAN | 101400 | |
| 6 | 75501191 | RANAJIT RAUL | 38400 | |
| 7 | 74684989 | RADHASHYAM PATRA | 57700 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 8 | 75706569 | ANSUMAN MAITY | 46500 | |
| 9 | 74752638 | PRASANT KUMAR NAYK | 26920 | HDFC BANK LTD, BESIDE TAHASIL OFFICE, CHANDINI CHOWK, CUTTACK-753002 |
| 10 | 74814484 | NIRANJANA SWAIN | 45000 | HDFC BANK LTD, BHABA NAGAR SQUARE, BRAHMAPUR, GANJAM-760004 |
| 11 | 465336780 | SUSHREE SANGEETA DAS | 75000 | HDFC BANK LTD, BURLA I.G. MARKET, PLOT NO. 17, NEAR SHYAM SWEETS, BURLA, SAMBALPUR, ODISHA - 768017 |
| 12 | 75819943 | PRADIP GURIA | 27600 | |
| 13 | 75975879 | SIMAN KUMAR DIGAL | 112000 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 14 | 75937896 | SIMAN KUMAR DIGAL | 88400 | |
| 15 | 75424768 | SANGRAM KISHOR MOHANTY | 25800 | |
| 16 | 76025566 | RAJAUDDIN KHAN | 407800 | HDFC BANK LTD, DURGA BAZAR, JAGATSINGHAPUR, ORISSA-754103 |
| 17 | 75486450 | TUSHAR LENKA | 320400 | |
| 18 | 75231173 | MANORANJAN MOHARANA | 305700 | |
| 19 | 75423140 | SK AZHAR UDDIN | 281100 | |
| 20 | 75629450 | RAJKISHORE PARIDA | 178800 | |
| 21 | 75218668 | RAJKISHORE PARIDA | 177400 | |
| 22 | 75959187 | SURYAKANTA DAS | 156800 | |
| 23 | 75389211 | RAJKISHORE PARIDA | 129000 | |
| 24 | 75073691 | RASHMI REKHA SAHOO | 113500 | |
| 25 | 75448638 | RAJKISHORE PARIDA | 108800 | |
| 26 | 75797980 | RAKESH KUMAR DAS | 21000 | |
| 27 | 74355548 | SHANTANU BUDA | 51000 | HDFC BANK LTD, DURGA COMPLEX, JHARSUGUDA-768201 |
| 28 | 463028699 | BIPIN KUMAR SINGH | 153300 | HDFC BANK LTD, DWIBEDI BHAWAN, BISRA ROAD, ROURKELA-769001 |
| 29 | 74238479 | MOHAMMED PERWAIZ ANWAR | 43894 | |
| 30 | 4000474770 | UTTAM KUMAR TRIPATHY | 282000 | HDFC BANK LTD, F M CIRCLE, BALASORE-756001 |
| 31 | 73634513 | PIYUSH RANJAN NAYAK | 109874 | |
| 32 | 4000598399 | RAJESH KUMAR PANDA | 79800 | |
| 33 | 75237763 | KARIM KHAN | 23000 | |
| 34 | 73628634 | KARIM KHAN | 14500 | |
| 35 | 75111985 | LITU MUDULI | 29000 | HDFC BANK LTD, GAJANAN TOWERS, UPPER GROUND FLOOR, PLOT NO-60, BUDHA NAGAR, KALPANA SQUARE, BHUBANESWAR-751006 |
| 36 | 465496318 | RAJESH KUMAR BALIARSINGH | 299900 | HDFC BANK LTD, GRD FLOOR, MAIN ROAD, NEAR RELIANCE TRENDS, UMARKOTE, NABARANGAPUR, ODISHA - 764073 |
| 37 | 74832401 | PINKY DALAI | 1152000 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 38 | 75358011 | ANJANA PANDA | 31400 | HDFC BANK LTD, GROUND FLOOR, KINGSTON BUSINESS PARK SHOP NO-1, MANGULI CHOWK, CHOUDWAR, NELIA, TANGI, DIST:CUTTACK - 754025 |
| 39 | 75784183 | S SUKANTI REDDY | 392000 | HDFC BANK LTD, GROUND FLOOR, MAIN ROAD CHIKITI PENTHA, GANJAM-761010 |
| 40 | 74877651 | JYOTIRANJAN PRADHAN | 51000 | HDFC BANK LTD, GROUND FLOOR, RAJENDRA VIHAR APARTMENT, BLOCK- D, FOREST PARK, BHUBANESWAR-751020 |
| 41 | 75515537 | BHARATI BEHERA | 503200 | HDFC BANK LTD, GROUND FLOOR, RANIPADA SQUARE, POLASARA MAIN ROAD, GANJAM-761105 |
| 42 | 75208442 | KAMAKSHYA PRASAD SAHU | 470000 | |
| 43 | 76010056 | RAMCHANDRA JENA | 377000 | |
| 44 | 75474986 | PRASANTA KUMAR PRADHAN | 201000 | |
| 45 | 75391107 | MANJULA SAHU | 130000 | |
| 46 | 75396898 | MANJULA SAHU | 80500 | |
| 47 | 75514196 | SAMIR PALAI | 1583000 | HDFC BANK LTD, JAGAMARA, BHUBANESWAR, KHURDA-751030 |
| 48 | 76059896 | SARTHAKA KUMAR PATI | 337000 | |
| 49 | 76059788 | SARTHAKA KUMAR PATI | 333400 | |
| 50 | 76058667 | SARTHAKA KUMAR PATI | 311300 | |
| 51 | 75746252 | SUJIT KUMAR SWAIN | 220000 | |
| 52 | 74677143 | SUDHIR KUMAR NAYAK | 12000 | HDFC BANK LTD, JAGANNATH ROAD, NEAR HOTEL SURYA, DHENKANAL-759001 |
| 53 | 4000628673 | MAHAMMAD ANAWAR KHAN | 1468000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 54 | 75821698 | RANJITA KHOSHLA | 103000 | |
| 55 | 4000501432 | TUNA HARIJAN | 80400 | |
| 56 | 75564879 | RAJALAXMI SAHOO | 109500 | HDFC BANK LTD, KALINGA NAGAR, DUBURI, JAJPUR-755019 |
| 57 | 75544198 | NARAYAN SWAIN | 73300 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 58 | 75461399 | KAILASH SUANSIA | 18400 | |
| 59 | 75469378 | MAMATA BEHERA | 16000 | |
| 60 | 75735824 | BABITA BISHOYI | 670800 | |
| 61 | 75867154 | MOHAMMED RIZWAN | 152600 | HDFC BANK LTD, MAHIPAL, KENDRAPARA-754211 |
| 62 | 74047045 | KALANDI CHANDRA PARIDA | 19200 | |
| 63 | 76023477 | SUMANTA DASH | 196000 | HDFC BANK LTD, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 64 | 75282097 | P ANITA PATRA | 23400 | |
| 65 | 75821989 | SARBESWAR BHUNYA | 350000 | HDFC BANK LTD, MAIN ROAD, BHANJANAGAR, GANJAM-761126 |
| 66 | 75823429 | SARBESWAR BHUNYA | 349000 | |
| 67 | 75136810 | DIPTI RANJAN SETHI | 143000 | |
| 68 | 75154237 | ASHOK SETHI | 121000 | |
| 69 | 75293259 | S RENUKA | 436900 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 70 | 75624856 | S RENUKA | 338000 | |
| 71 | 75304647 | MAHESWAR MUDULI | 180581 | |
| 72 | 75564672 | KALUCHARANA BEHERA | 121000 | |
| 73 | 75457365 | ANSHUMAN SAMANTARAY | 36000 | HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030 |
| 74 | 75847632 | CHANDAN KUMAR MALLIK | 503000 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 75 | 4000507233 | DEBADAS BHAKTA | 124000 | |
| 76 | 74674253 | TAPAN RANA | 29900 | |
| 77 | 75818261 | SOUDAMINI DILA | 54000 | HDFC BANK LTD, MISSION ROAD, SUNDARGARH-770001 |
| 78 | 75761829 | SUSANTA KUMAR DASH | 987200 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 79 | 75419732 | PRABIN KUMAR KHOSLA | 191420 | |
| 80 | 75275127 | PRASHODINI NAIK | 189400 | |
| 81 | 75273675 | PRASHODINI NAIK | 118400 | |
| 82 | 75903275 | PRASANT KUMAR NAYAK | 76000 | |
| 83 | 74340649 | SRIKANTA KUMAR RANA | 71700 | |
| 84 | 74453520 | SRIKANTA KUMAR RANA | 66500 | |
| 85 | 75822409 | RANJAN KUMAR JANI | 58200 | |
| 86 | 75666014 | ABINASH MAHAPATRA | 451500 | HDFC BANK LTD, NEAR R.T.O OFFICE, NH-26, KORAPUT-764020 |
| 87 | 76016534 | SAMONATH GOUDA | 90000 | |
| 88 | 76005400 | SAMONATH GOUDA | 71000 | |
| 89 | 74757626 | PRABIN KUMAR KHOSLA | 38500 | |
| 90 | 75591862 | BIJAYA KUMAR DAS | 71000 | HDFC BANK LTD, OPPOSITE SESSIONS COURT, KHANDAPADA ROAD, NAYAGARH-752069 |
| 91 | 75079251 | SANTOSH BISOYI | 19600 | HDFC BANK LTD, OPPOSITE TOWN POLICE STATION, PURI-752001 |
| 92 | 73604325 | SARASWATI SAHU | 131824 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 93 | 75730640 | PRIYABRATA PALAI | 958000 | HDFC BANK LTD, PATRAPADA, BHUBANESWAR, KHURDA-751019 |
| 94 | 74835722 | AJAY KUMAR SWAIN | 536000 | |
| 95 | 76054836 | PRIYABRATA PALAI | 301500 | |
| 96 | 75899719 | SURYAKANTA PRADHAN | 226000 | |
| 97 | 75712411 | BHRAMAR GHADEI | 138000 | |
| 98 | 75723309 | JAMUNA REDDY | 100400 | |
| 99 | 75038852 | RAKESH KUMAR PATI | 85700 | |
| 100 | 75860929 | NARAYAN SAMAL | 71000 | |
| 101 | 75362552 | HATA KISHOR SAHU | 47200 | |
| 102 | 4000289905 | BADAL KUMAR ROUT | 192800 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 103 | 75450792 | TRILOCHANA PRADHAN | 46400 | |
| 104 | 75653304 | SUKANT KUMAR MAHAPATRA | 32000 | |
| 105 | 75879255 | SIBARAM PANDA | 640100 | HDFC BANK LTD, PLOT NO- 447, BHAGWAN TRADE CENTER, NEAR IFFCO SQUARE, ATHARBANKI, PARADEEP-754142 |
| 106 | 75554529 | AMARENDRA SETHY | 47900 | |
| 107 | 75193362 | GYANARANJAN PARIDA | 553600 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 108 | 75784869 | RASMITA MOHAPATRA | 231000 | |
| 109 | 75819537 | BIBHU RANJAN BEHERA | 137000 | |
| 110 | 4000511311 | UMESH CHANDRA PANDA | 62700 | |
| 111 | 75584785 | BIDYADHARA MOHARANA | 66000 | HDFC BANK LTD, PLOT NO-2187, S.N. COLONY ROAD, CHANDABALI, BHADRAK, ODISHA-756133 |
| 112 | 75402267 | BADI KANHEYA | 563000 | HDFC BANK LTD, PLOT NO-676/1249, JAYASREE CINEMA HALL ROAD, CHATRAPUR, GANJAM, ODISHA-761020 |
| 113 | 75103405 | FAKIR MOHAN BEHERA | 40000 | |
| 114 | 75793575 | BINAPANI NAIK | 33000 | HDFC BANK LTD, PLOT NO-758/3631/4648, GANDHI CHOWK, ATHMALLIK, ANGUL, ODISHA-759125 |
| 115 | 75882315 | AMARENDRA DALEI | 169400 | HDFC BANK LTD, PLOT NO-N5/537, IRC VILLAGE, NAYAPALLI, BHUBANESWAR-751015 |
| 116 | 75536525 | GANESH CHANDRA PRADHAN | 83000 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 117 | 75173964 | DEEPTI RANJAN DAS | 53500 | |
| 118 | 75286846 | DEEPTI RANJAN DAS | 50400 | |
| 119 | 75821093 | ANUTAP SAHU | 45600 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 120 | 74652160 | JITENDRA KUMAR JENA | 99900 | HDFC BANK LTD, SAHU NIWAS, JAGANNATHPUR, KASHIPUR ROAD, KEONJHAR-758001 |
| 121 | 75163406 | AJIT KUMAR SAHOO | 69100 | |
| 122 | 75607109 | SULTAN SAIFULLAH KHAN | 79500 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 123 | 75911905 | YOGESH JOSHI | 504600 | HDFC BANK LTD, SANTI NIKETAN BUILDING, JHOLASAHI, CUTTACK-753001 |
| 124 | 75492639 | TAHER KHAN | 76400 | |
| 125 | 75131480 | TAHER KHAN | 50000 | |
| 126 | 74831104 | K ASHISH | 500000 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 127 | 76001978 | JYOTI PARIDA | 400000 | |
| 128 | 76024953 | SANTOSH KUMAR HOTA | 373000 | |
| 129 | 75535787 | AMARA DHALA | 59600 | HDFC BANK LTD, SHANKAR CINEMA ROAD, ANGUL, ODISHA - 759122 |
| 130 | 75679384 | SABYASACHI JENA | 74800 | HDFC BANK LTD, UNIT 11, BUXI BAZAR, CANTONMENT, CUTTACK-753001 |
| 131 | 75779717 | PRADEEPTA DAS | 52000 | HDFC BANK LTD, VIP PLAZA, VIP ROAD, PURI-752001 |
| 132 | 75820900 | SUDHAKAR SAHOO | 36000 | |
| 133 | 75784058 | ALOK RANJAN BISWAL | 68457 | HDFC BANK LTD, WARD NO- 08, BADABAZAR, DEULASAHI, BARIPADA, MAYURBHANJ-757001 |
| 134 | 75558022 | AMIN MOHAMMAD | 181900 | HDFC BANK LTD, WARD NO 10, JONK, KHARIAR ROAD, NUAPADA-766104 |
| 135 | 75426583 | RANAJIT SUNA | 100000 | |
| 136 | 75982511 | KALYANI DASH | 1010000 | HDFC BANK LTD, BHABA NAGAR SQUARE, BRAHMAPUR, GANJAM-760004 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 09/10/2025,**
**Place : ODISHA**

**Sd/- Authorized Officer,**
**HDFC BANK LTD.**

# ପ୍ରବଳ ବର୍ଷାରେ ରାଜଧାନୀ ୨ ଘଣ୍ଟା ଅଚଳ







ଭୁବନେଶ୍ୱର,୮।୧୦(ଅନୁରାଧା ମହାରଣା)

ରାଜ୍ୟର ବିଭିନ୍ନ ଅଞ୍ଚଳ ସମେତ ରାଜଧାନୀ ଭୁବନେଶ୍ୱରରେ ବୁଧବାର ପ୍ରବଳ ବର୍ଷା ହୋଇଛି। ମଧ୍ୟାହ୍ନରେ ହଠାତ୍ ବର୍ଷା ଓ ପବନ ସହ ବଜ୍ରପାତ ହେବାରୁ ୨ ଘଣ୍ଟା ଧରି ରାଜଧାନୀ ଏକପ୍ରକାର ଅଚଳ ହୋଇପଡିଥିଲା। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନାନୁସାରେ, ସହରରେ ୪୦.୯ ମିମି ବର୍ଷା ହୋଇଥିଲା। ଫଳରେ କେତେକ ସ୍ଥାନରେ ସାମୟିକ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫାୟାରଷ୍ଟେଶନ ଓଭରବ୍ରିଜ ତଳେ, ଜୟଦେବ ବିହାର ଓଭରବ୍ରିଜ ଉପରେ, ଘାଟିକିଆ-ନାକାଗେଟ୍ ରାସ୍ତା, ନୟାପଲ୍ଲୀ ଇସ୍କନ ମନ୍ଦିର ସମ୍ମୁଖରେ ଆଣ୍ଠୁଏ ଉଚ୍ଚର ପାଣି ଚାଲିଥିଲା। ସମ୍ପୃକ୍ତ ସ୍ଥାନକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପ୍ରବଳ ବର୍ଷା ପ୍ରଭାବରେ ରାଜଭବନ ରାସ୍ତାରେ ଗଛ ଉପୁଡ଼ି ପଡ଼ିଥିବା ଦେଖିବାକୁ ମିଳିଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ଗଛ ହଟାଯାଇଥିଲା। ସେହିପରି ବମିଖାଲ, ଲକ୍ଷ୍ମୀସାଗର ଓ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ମଧ୍ୟ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଥିଲା। ଜଳବନ୍ଦୀ ସମସ୍ୟାର ମୁକାବିଲା ପାଇଁ ବିଏମ୍‌ସି ପକ୍ଷରୁ ନିୟୋଜିତ ରାପିଡ ଆକ୍ସନ ଟିମ୍ (ରାଟ) ସମ୍ପୃକ୍ତ ଅଞ୍ଚଳକୁ ଯାଇ ଜମି ରହିଥିବା ଜଳ ନିଷ୍କାସନ ବ୍ୟବସ୍ଥା କରିଥିଲେ। ବିଭିନ୍ନ ସ୍ଥାନରେ ଡ୍ରେନ ସଫା ଓ କେତେକ ସ୍ଥାନରୁ ପଙ୍କୋଦ୍ଧାର କରାଯାଇଥିବାବେଳେ ଅନ୍ୟ

## ରାସ୍ତାରେ ନଦୀର ଭ୍ରମ, ଭାଙ୍ଗିଲା ଗଛ

କେତେକ ସ୍ଥାନରେ ପାଣି ପମ୍ପ ଲଗାଇ ଜଳ ନିଷ୍କାସନ କରାଯାଇଥିଲା। ଏହି କାର୍ଯ୍ୟରେ ଅଗ୍ନିଶମ ବିଭାଗର ୫ଟି ପାଣି ପମ୍ପ ଲଗାଯାଇଥିଲା। ୪୩ ନମ୍ବର ୱାର୍ଡ ଅନ୍ତର୍ଗତ ପାନବରଜ ବସ୍ତିରେ ଗୋଟିଏ, ୩୮ ନମ୍ବର ୱାର୍ଡ ଅନ୍ତର୍ଗତ ଦମୟନ୍ତୀ ଆପାର୍ଟମେଣ୍ଟରେ ଗୋଟିଏ, ଡ୍ରେନ ନଂ.୫ ଓ ୬ ଉପରେ ଥିବା ସାଇଫନ ନିକଟରେ ଗୋଟିଏ ଲେଖାଏ, ୩୧ ନମ୍ବର ୱାର୍ଡ ଅନ୍ତର୍ଗତ କଟକ ରୋଡ ବମିଖାଲ ନିକଟରେ ଗୋଟିଏ ପାଣିପମ୍ପ ଲଗାଇ ତୁରନ୍ତ ଜଳ ନିଷ୍କାସନ କରାଯାଇଥିଲା। ଏହା ବ୍ୟତୀତ ରାଟ ଟିମ ବିଏମ୍‌ସି ଅଞ୍ଚଳର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳ ବୁଲି ଦେଖିବା ସହ ରସୁଲଗଡ ଓ ଜୟଦେବ ବିହାରଠାରେ ଦୁଇଟି ଟିମ୍ ଯେ କୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିଥିଲେ। ଜନ ସାଧାରଣ ଜଳବନ୍ଦୀ ସମସ୍ୟା ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

## ନାଲକୋ-ସିଟିସି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୮।୧୦(ଅନୁରାଧା ମହାରଣା)

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ) ଗ୍ରାମୀଣ ଯୁବବର୍ଗଙ୍କୁ ଦକ୍ଷତା ବିକାଶ ମାଧ୍ୟମରେ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଦାମନଯୋଡ଼ି ଓ ଅନୁଗୋଳସ୍ଥିତ କମ୍ପାନୀର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଯୁବକଙ୍କ ପାଇଁ ଏକ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ପାଇଁ ନାଲ୍‌କୋ ଫାଉଣ୍ଡେଶନ ଏବଂ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଅଧୀନ ସେଣ୍ଟ୍ରାଲ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିସି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପଦକ୍ଷେପ ଅଂଶ ସ୍ୱରୂପ ନାଲ୍‌କୋର ଦାମନଯୋଡିସ୍ଥିତ ମାଇନ୍ସ ଓ ରିଫାଇନାରି କମ୍ପ୍ଲେକ୍ସ ଏବଂ ଅନୁଗୋଳସ୍ଥିତ ସ୍ମେଲଟର ଓ ପାୱାର କମ୍ପ୍ଲେକ୍ସର ପାର୍ଶ୍ୱବର୍ତ୍ତୀ ଗ୍ରାମରୁ ମୋଟ ୪୦ ଜଣ ଯୁବତୀ ଯୁବକଙ୍କୁ ଭୁବନେଶ୍ୱରସ୍ଥିତ ସିଟିସିଠାରେ ଏକ ୫ ମାସିଆ ଆବାସିକ ତାଲିମ ପ୍ରଦାନ କରାଯିବ। ଭୁବନେଶ୍ୱରସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ, ନିର୍ଦ୍ଦେଶକ(ଉତ୍ପାଦନ) ପଙ୍କଜ କୁମାର, ନିର୍ଦ୍ଦେଶକ (ମାନବସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ଅର୍ଥ) ଅଭୟ କୁମାର ବେହୁରିଆ ପ୍ରମୁଖଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି, ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଯୁବପିଢ଼ିଙ୍କୁ ଶିଳ୍ପ-ଉପଯୋଗୀ ଦକ୍ଷତା ହାସଲ କରିବା ନିମନ୍ତେ ସାହାଯ୍ୟ କରିବା ସହିତ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି ପାଇଁ ବାଟ ଫିଟାଇବ। ଏହିଭଳି ସିଏସ୍‌ଆର୍ ପଦକ୍ଷେପ ସ୍ଥାନୀୟ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ସହ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବ।



ଲାବଣ୍ୟ ଥିଏଟର ପକ୍ଷରୁ ବୁଧବାର ଭଞ୍ଜକଳା ମଣ୍ଡପରେ ଆୟୋଜିତ ନାଟକ ଉତ୍ସବରେ ମଞ୍ଚସ୍ଥ ନାଟକ 'କୁହୁଡ଼ି'ର ଏକ ଦୃଶ୍ୟ।

## କିଟ୍‌କୁ ଫିକି ଉଚ୍ଚଶିକ୍ଷା ଉତ୍କର୍ଷ ପୁରସ୍କାର



ଭୁବନେଶ୍ୱର,୮।୧୦(ଅନୁରାଧା ମହାରଣା)

ଉତ୍ତମ ଷ୍ଟୁଡେଣ୍ଟ ସପୋର୍ଟ ସର୍ଭିସ୍ ତଥା ଆର୍ଥିକ ସ୍ଥିରତା ଏବଂ ଛାତ୍ର ପ୍ରବେଶାଧିକାର ଉତ୍କର୍ଷ ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟକୁ ପ୍ରତିଷ୍ଠିତ ଏଫ୍‌ଆଇସିସିଆଇ (ଫିକି) ଉଚ୍ଚ ଶିକ୍ଷା ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀଠାରେ ଫିକି ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ସଡ଼କ, ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କଠାରୁ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ପୁରସ୍କାର ବିଶ୍ୱବିଦ୍ୟାଳୟର ଛାତ୍ର ସମର୍ଥନ, ଆତ୍ମନିର୍ଭରଶୀଳ ଆର୍ଥିକ ମଡେଲ ପ୍ରତି ସେବା, ଉଚ୍ଚଶିକ୍ଷାରେ ଅନ୍ତର୍ଭୁକ୍ତି ଏବଂ ସୁଗମତା ପ୍ରତି ଏହାର ଗଭୀର ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇଥିବା କିଟ୍ ପକ୍ଷରୁ କୁହାଯାଇଛି। ପ୍ରଫେସର ସିଂହ କହିଲେ, କେନ୍ଦ୍ରମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିବା କିଟ୍ ପାଇଁ ଅତ୍ୟନ୍ତ ଗୌରବର ବିଷୟ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଭିତ୍ତିଭୂମି ଏବଂ କିଟ୍‌ର ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ସାମୂହିକ ଉତ୍ସର୍ଗୀକୃତ ପ୍ରୟାସର ସ୍ୱୀକୃତି ବୋଲି ସେ କହିଥିଲେ।

## ବିଏମ୍‌ସି ପକ୍ଷରୁ ଜବରଦଖଲରେ ଥିବା କବାଡ଼ି ଦୋକାନ ଉଚ୍ଛେଦ

ଭୁବନେଶ୍ୱର,୮।୧୦(ଅନୁରାଧା ମହାରଣା)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସଫେଇ ଅଭିଯାନ ଜାରି ରହିଥିବାବେଳେ ବିଭିନ୍ନ ସ୍ଥାନରେ ଅସ୍ଥାୟୀ ଦୋକାନ ଓ କବାଡି ସାମଗ୍ରୀ ସର୍ବସାଧାରଣଙ୍କ ଚଳାଚଳରେ ବାଧା ସୃଷ୍ଟି କରୁଥିବା ନେଇ ଅଭିଯୋଗ ହେଉଥିଲା। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ପରିବେଶ ପରିଷ୍କାର ସହ ଜବରଦଖଲ ମୁକ୍ତ କରିବା ପାଇଁ ବିଏମ୍‌ସି ପକ୍ଷରୁ ପ୍ରୟାସ ଜାରି ରହିଛି। ଏହିକ୍ରମରେ ବୁଧବାର ୟୁନିଟ-୩ ଅଞ୍ଚଳର କେତେକ ସ୍ଥାନରେ ଜବରଦଖଲରେ ରହିଥିବା କବାଡ଼ିଦୋକାନକୁ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ସମୟରେ ୨୧ ଟନ କବାଡ଼ି ସାମଗ୍ରୀ ଜବତ କରାଯାଇଛି। ନିୟମାନୁଯାୟୀ ଏହି ସାମଗ୍ରୀଗୁଡିକୁ ସ୍ୱୀକୃତିପ୍ରାପ୍ତ ରିସାଇକ୍ଲରଙ୍କୁ ବିକ୍ରୟ କରାଯିବ। ସୂଚନାଥାଉକି, କ୍ଷେତ୍ର ପରିଦର୍ଶନ ସମୟରେ ଜଳବନ୍ଦୀ, ଜବରଦଖଲ, ରାସ୍ତା ଓ ଡ୍ରେନ୍ ଅବରୋଧ ନେଇ ବିଭିନ୍ନ ୱାର୍ଡର ସ୍ଥାନୀୟ ଲୋକେ କରିଥିବା ଅଭିଯୋଗ ଆଧାରରେ ଉଚ୍ଛେଦ କରାଯାଉଛି।

## ଡିଜିଟାଲ ଟିକେଟିଂରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଆଗୁଆ

ଭୁବନେଶ୍ୱର,୮।୧୦(ଅନୁରାଧା ମହାରଣା)

ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ଡିଜିଟାଲ ଟିକେଟିଂରେ ରେକର୍ଡ ବୃଦ୍ଧି କରିଛି। ଇ-ଟିକେଟିଂ, ଅଟୋମେଟିକ୍ ଟିକେଟ ଭେଣ୍ଡିଂ ମେସିନ(ଏଟିଭିଏମ୍) ଓ ମୋବାଇଲ ଆଧାରିତ ୟୁଟିଏସ୍(ଅଣସଂରକ୍ଷିତ) ଟିକେଟିଂ ରେଳମଣ୍ଡଳରେ ଯାତ୍ରୀ ସେବାକୁ ତ୍ୱରାନ୍ୱିତ କରିଛି। ଯାତ୍ରୀ ଟିକେଟ କ୍ରୟ କ୍ଷେତ୍ରରେ ଡିଜିଟାଲ ଟିକେଟିଂ ପ୍ରତି ଯାତ୍ରୀମାନଙ୍କ ଆକର୍ଷଣ ଦିନକୁ ଦିନ ବଢ଼ୁଛି। ସମଗ୍ର ୟୁଟିଏସ୍ ଟିକେଟରେ ୭.୮% ବୃଦ୍ଧି ହୋଇଛି। ଏହି ବୃଦ୍ଧି ମଧ୍ୟରୁ ଏଟିଭିଏମ୍ ଦ୍ୱାରା ଟିକେଟ ବିକ୍ରୟ ପୂର୍ବବର୍ଷ ତୁଳନାରେ ୩୪.୮% ବଢ଼ିଛି ଏବଂ ମୋବାଇଲ ଟିକେଟିଂ ମାଧ୍ୟମରେ ୮୫% ବୃଦ୍ଧି ହୋଇଛି। ଯେକୌଣସି ସ୍ଥାନରୁ ମୋବାଇଲ ଟିକେଟ ବୁକିଂ କରିବାର ସୁବିଧା, ଡିଜିଟାଲ ପେମେଣ୍ଟ ମୋଡ୍‌ଗୁଡିକ (ୟୁପିଆଇ, କାର୍ଡ, ନେଟ୍ ବ୍ୟାଙ୍କିଙ୍ଗ୍) ସହ ଏକୀକୃତ ପ୍ରଣାଳୀ ଏବଂ ଠିକ୍ ସମୟରେ ଟିକେଟ ଉପଲବ୍ଧତା ଏହାର ବ୍ୟବହାରକୁ ଦ୍ରୁତଭାବେ ବୃଦ୍ଧି କରିଛି। ଇ-ଟିକେଟିଂ, ଏଟିଭିଏମ୍ ଏବଂ ୟୁଟିଏସ୍ ମୋବାଇଲ ଟିକେଟିଂ ପ୍ରଣାଳୀ ଯୋଗୁ ବୁକିଂ କାଉଣ୍ଟରଗୁଡ଼ିକରେ ଲମ୍ବା ଧାଡ଼ିକୁ ଦୂରକରିବାରେ ସଫଳତା ମିଳିଛି। ବିଶେଷକରି ଯାତ୍ରା ଭିଡ଼ ସମୟରେ ଯାତ୍ରୀମାନେ ବିଭିନ୍ନ ଡିଜିଟାଲ ପେମେଣ୍ଟ ବିକଳ୍ପ ବ୍ୟବହାର କରି ଯେକୌଣସି ସମୟରେ ଏବଂ ଯେକୌଣସି ସ୍ଥାନରୁ ଟିକେଟ ବୁକିଂ କରିପାରୁଛନ୍ତି। ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ତାହାର ଡିଜିଟାଲ ପ୍ରଣାଳୀକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଆପ୍‌ର ବ୍ୟବହାରକୁ ବିସ୍ତାର କରୁଛି। ଅଧିକ ଭିଡ଼ ଥିବା ଷ୍ଟେଶନଗୁଡ଼ିକରେ ଅଧିକ ଏଟିଭିଏମ୍ ସ୍ଥାପନ କରାଯାଉଛି। ନଗଦହୀନ ଟିକେଟିଂ ପ୍ରଚାର ପାଇଁ ସଚେତନତା ଅଭିଯାନ ଜାରି ଥିବାବେଳେ ବିଶ୍ୱସନୀୟତା ବଢ଼ାଇବା ପାଇଁ ନିୟମିତ ଅଡିଟ ଓ ସିଷ୍ଟମ ନିରୀକ୍ଷଣ ମଧ୍ୟ କରାଯାଉଥିବା ସୂଚନା ଦିଆଯାଇଛି।



## ଓଡ଼ିଶାର ୨ଛାତ୍ରଙ୍କୁ 'ମୋ ଭାରତ ଜାତୀୟ ସେବା ଯୋଜନା ପୁରସ୍କାର'

ଭୁବନେଶ୍ୱର,୮।୧୦(ସୁଚିସ୍ମିତା ସାହୁ)





ଓଡ଼ିଶାର ଦୁଇଜଣ ଛାତ୍ରଙ୍କୁ 'ମୋ ଭାରତ ଜାତୀୟ ସେବା ଯୋଜନା' ପୁରସ୍କାର ମିଳିଛି। ସେମାନେ ହେଲେ ବାଲେଶ୍ୱରର ନୀଳମଣି ମହାବିଦ୍ୟାଳୟ ଛାତ୍ର ଦେବେନ୍ଦ୍ର ଆଚାର୍ଯ୍ୟ ଓ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଡିଗ୍ରୀ ମହାବିଦ୍ୟାଳୟ ଛାତ୍ର ଅରୁଣ ଜ୍ୟୋତି ପାଣିଗ୍ରାହୀ। ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେବେନ୍ଦ୍ର ଓ ଅରୁଙ୍କ ସହ ଦେଶର ମୋଟ ୩୦ଜଣ ସ୍ୱେଚ୍ଛାସେବୀଙ୍କୁ 'ମୋ ଭାରତ ଜାତୀୟ ସେବା ଯୋଜନା' ପୁରସ୍କାର ପ୍ରଦାନ କରିଛନ୍ତି। ଜାତୀୟ ସେବା ଯୋଜନାର ବିଭିନ୍ନ ସମାଜ ସେବାମୂଳକ କାର୍ଯ୍ୟକ୍ରମ ନିଶା ନିବାରଣ, ପ୍ଲାଷ୍ଟିକ ପ୍ରତିହତ, ଚାରାରୋପଣ, ବୁଲା ପଶୁଙ୍କ ସୁରକ୍ଷା ଭଳି କାର୍ଯ୍ୟକ୍ରମ କରି ଏହି ପୁରସ୍କାର ପାଇଛନ୍ତି। ତେବେ ଉଭୟ ପୁରସ୍କାରର ଶ୍ରେୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ଓଡ଼ିଶା ଜାତୀୟ ସେବା ଯୋଜନା ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା, ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ଇଟିଆଇ ଅଧିକାରୀ ନିରଦ ବରଣ ଖୁଣ୍ଟିଆ, ଯୁବ ଅଧିକାରୀ ଅଜିତ ଖୁଣ୍ଟିଆ, ବାଲେଶ୍ୱର ଜିଲା କାର୍ଯ୍ୟକ୍ରମ ଅଧିକାରୀ ଗୌରାଙ୍ଗ ପଣ୍ଡା ଓ ଖୋର୍ଦ୍ଧା ଜିଲା କାର୍ଯ୍ୟକ୍ରମ ଅଧିକାରୀ ଜୟଶ୍ରୀ ବାଳା ମଲ୍ଲିକଙ୍କୁ ଦେଇଛନ୍ତି।

## ଆଲୁମିନିୟମ ଶିଳ୍ପର ସ୍ଥାୟିତ୍ୱନେଇ ବିଶେଷଜ୍ଞଙ୍କ ଗୁରୁତ୍ୱ



ଭୁବନେଶ୍ୱର,୮।୧୦(ଅନୁରାଧା ମହାରଣା)

### ଅନ୍ତର୍ଜାତୀୟ ବକ୍ସାଇଟ, ଆଲୁମିନା ଓ ଆଲୁମିନିୟମ ସମ୍ମିଳନୀ ଆରମ୍ଭ

ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପରିସରରେ ବୁଧବାରଠାରୁ ୧୩ତମ ଅନ୍ତର୍ଜାତୀୟ ବକ୍ସାଇଟ, ଆଲୁମିନା ଓ ଆଲୁମିନିୟମ ସମ୍ମିଳନୀ ଆରମ୍ଭ ହୋଇଛି। ଇଣ୍ଟରନ୍ୟାଶନାଲ ବକ୍ସାଇଟ, ଆଲୁମିନା ଓ ଆଲୁମିନିୟମ ସୋସାଇଟି (ଆଇବିଏଏସ୍), ଇନ୍‌ଷ୍ଟିଚ୍ୟୁଟ ଅଫ୍ ମିନେରାଲ୍ସ ଆଣ୍ଡ୍ ମେଟେରିଆଲ୍ସ ଟେକ୍ନୋଲୋଜି (ଆଇଏମ୍‌ଏମ୍‌ଟି) ଓ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଟାଲ୍ସ (ଆଇଆଇଏମ) ଭୁବନେଶ୍ୱର ଶାଖା ପକ୍ଷରୁ ଆୟୋଜିତ ଏହି ତିନିଦିନିଆ ସମ୍ମିଳନୀରେ ଦେଶ-ବିଦେଶର ପ୍ରାୟ ୧୦୦ଟି କମ୍ପାନୀର ପ୍ରାୟ ୩୦୦ ଜଣ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଅଧିବେଶନରେ ଆଲୁମିନା ଓ ଆଲୁମିନିୟମ ବିଶେଷଜ୍ଞ ତଥା ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ, ହିଣ୍ଡାଲ୍‌କୋ ପ୍ରେସିଡେଣ୍ଟ କୈଳାସ ପାଣ୍ଡେ, ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ, ଜେଏନ୍‌ଏଆର୍‌ଡିଡିସିର ନିର୍ଦ୍ଦେଶକ ଡ. ଅନୁପମ ଅଗ୍ନିହୋତ୍ରୀ, ଆଲୁମିନିୟମ ଷ୍ଟିୟାର୍ଡସିପ ଇନିସିଏଟିଭ୍ (ଏଏସ୍‌ଆଇ)ର ନିର୍ଦ୍ଦେଶକ ମାର୍କ ଆନ୍ନାଣ୍ଡେଲ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଏକ ଟେକ୍ନିକାଲ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। 'ଆସନ୍ତାକାଲି ପାଇଁ ଏକ ସବୁଜ ଓ ସ୍ମାର୍ଟ ଆଲୁମିନିୟମ ଇଣ୍ଡଷ୍ଟ୍ରି' ଉପରେ ଆଲୋଚନା କରାଯାଇ ଶିଳ୍ପର ସ୍ଥାୟିତ୍ୱ ଉପରେ ବିଶେଷଜ୍ଞମାନେ ଗୁରୁତ୍ୱ ଦେଇଥିଲେ। ବକ୍ସାଇଟ ଖଣିଜ, ଆଲୁମିନା ରିଫାଇନିଂ ଓ ଆଲୁମିନିୟମ ସ୍ମେଲଟିଂ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଟେକ୍ନିକାଲ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଆଲୁମିନିୟମ ଶିଳ୍ପର ନେତା ଓ ଗବେଷକଙ୍କ ଦ୍ୱାରା ୮୬ଟି ଟେକ୍ନିକାଲ ପେପରର ଅବଷ୍ଟ୍ରାକ୍ଟ ଉପସ୍ଥାପନ କରାଯାଇଥିଲା। ଆଲୁମିନିୟମ ଶିଳ୍ପରେ ସ୍ଥାୟିତ୍ୱ ପାଇଁ ଉଲ୍ଲେଖନୀୟ ଅବଦାନ ଲାଗି ଆଇବିଏଏସ୍‌କୁ ଇଏସ୍‌ଜି ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଇବିଏଏସ୍ ସେକ୍ରେଟାରୀ ଡ. ଅରୁଣ ନନ୍ଦୀ ଓ ସମ୍ମିଳନୀର ସଂଯୋଜକ ବିଭୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରକୃତ ଶିକ୍ଷା ଦାୟିତ୍ୱବାନ୍ ନାଗରିକ ତିଆରି କରେ

### ଓୟୁଟିଆରର ଚତୁର୍ଥ ପ୍ରତିଷ୍ଠା ଦିବସ

- ଡିଜିଟାଲ ଉତ୍ପାଦନ ଉତ୍କର୍ଷ କେନ୍ଦ୍ର ଉଦ୍‌ଘାଟିତ
- ରାଜ୍ୟରେ ପ୍ରତିଷ୍ଠା ହେବ ଉନ୍ନତ ପ୍ୟାକେଜିଂ ୟୁନିଟ୍

ଭୁବନେଶ୍ୱର,୮।୧୦(ଅନୁରାଧା ମହାରଣା)



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସହ ଅନ୍ୟ ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି। (ଫଟୋ- ବିକାଶ ନାୟକ)

ଶିକ୍ଷା କେବଳ ଜ୍ଞାନ ଆହରଣ ନୁହେଁ। ଏହା ବୁଦ୍ଧି, ସାଧୁତା ଏବଂ କଳ୍ପନାକୁ ବିକଶିତ କରିବା ପାଇଁ ଉଦ୍ଦିଷ୍ଟ। ପ୍ରକୃତ ଶିକ୍ଷା ଦାୟିତ୍ୱବାନ୍ ଓ କରୁଣାଶୀଳ ନାଗରିକଙ୍କୁ ତିଆରି କରେ। ଓଡ଼ିଶା ପ୍ରଯୁକ୍ତିବିଦ୍ୟା ଏବଂ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ର ଚତୁର୍ଥ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏହା କହିଛନ୍ତି। ସେ କହିଲେ, ଭାରତ କେବଳ 'ମେକ୍ ଇନ୍ ଇଣ୍ଡିଆ' ନୁହେଁ, ବରଂ 'ଡିଜାଇନ ଇନ୍ ଇଣ୍ଡିଆ ଆଣ୍ଡ ଇନୋଭେଟ୍ ଫର୍ ଦ ୱାର୍ଲ୍ଡ' ଦିଗରେ ଲକ୍ଷ୍ୟ ରଖିବା ଉଚିତ। ଛାତ୍ରୀଛାତ୍ର ଶିକ୍ଷାର ଉପଯୋଗ କରି ଭାରତର ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିବା ପାଇଁ ଅର୍ଥପୂର୍ଣ୍ଣ ନବସୃଜନ ଏବଂ ସ୍ଥାୟୀ ସମାଧାନ ସୃଷ୍ଟି କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ।

ରବିବାର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ଡିନ୍ (ଶିକ୍ଷାଗତ ବ୍ୟାପାର) ପ୍ରଫେସର ଅଚ୍ୟୁତାନନ୍ଦ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଏବଂ ଓୟୁଟିଆର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଓୟୁଟିଆରସ୍ଥିତ ଡିଜିଟାଲ ଉତ୍ପାଦନ ଉତ୍କର୍ଷ କେନ୍ଦ୍ରର ଉଦ୍‌ଘାଟନ କରିବା ସହିତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଇଞ୍ଜିନିୟରିଂ, ଯୋଜନା, ସ୍ଥାପତ୍ୟ, ପରିଚାଳନା ଏବଂ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ଓୟୁଟିଆରର ପଦକ୍ଷେପକୁ ପ୍ରଶଂସା କରିବା ସହିତ ଏହା ବିଶ୍ୱବିଦ୍ୟାଳୟର ସାମଗ୍ରିକ ଶିକ୍ଷା ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି ରାଜ୍ୟପାଳ କହିଥିଲେ। କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, କ୍ୱାଣ୍ଟମ କମ୍ପ୍ୟୁଟିଂ ଏବଂ ସେମିକଣ୍ଡକ୍ଟର ଟେକ୍ନୋଲୋଜି ଇତ୍ୟାଦି ନୂଆ ପାଠ୍ୟକ୍ରମ ପ୍ରଚଳନ ସହ ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ କରିବାରେ ବିଶ୍ୱବିଦ୍ୟାଳୟ ପ୍ରତିବଦ୍ଧ। ସେମିକଣ୍ଡକ୍ଟର ଉତ୍ପାଦନ ଏବଂ ଫ୍ୟାବଲେସ ନୀତି ଅଧୀନରେ ଓଡ଼ିଶାକୁ ଏକ ପ୍ରଯୁକ୍ତିବିଦ୍ୟା ଅଭିବୃଦ୍ଧି କେନ୍ଦ୍ର ଭାବରେ ବିକଶିତ କରିବା ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି। ସେମିକଣ୍ଡକ୍ଟର ଟେକ୍ନୋଲୋଜି ଏବଂ କୃତ୍ରିମ ବୁଦ୍ଧିମତ୍ତାର ଭବିଷ୍ୟତ ଛାତ୍ରୀଛାତ୍ରୀଙ୍କ ହାତରେ ରହିଛି ବୋଲି ରାଜ୍ୟପାଳ କହିଥିଲେ। ରେଜିଷ୍ଟ୍ରାର ଆଶିଷ କୁମାର ଜେନା ଧନ୍ୟବାଦ ଦେଇଥିଲେ।


ସାଗରକନ୍ୟା ପୂଜା କମିଟି, ଠେଙ୍ଗାହାଟ।


ଦିବ୍ୟଜ୍ୟୋତି ପୂଜା କମିଟି, ନୂଆ ବସ୍ ଷ୍ଟାଣ୍ଡ।


ମା’ ବାଟମଙ୍ଗଳା ଶ୍ରମିକ ସଂଘ।


ମଧୁସୂଦନ ନଗର ପୂଜା କମିଟି, ନବୀନବାଗ।


ନିରାକାରପୁର ଭୂଷଣ୍ଡପୁର ଦୋଳପଡ଼ିଆରେ ପୂଜା ପାଉଥିବା ମା’ ଗଜଲକ୍ଷ୍ମୀ।


ଭାଲିଆବାଡ଼ି ପୂଜାକମିଟି।


ସାଗର ଦୁଲଣୀ ଗଜଲକ୍ଷ୍ମୀ ପୂଜା କମିଟି, ବାସେଳି ସାହି।

# ଭାଇଚାରା, ସମନ୍ୱୟର ପର୍ବ ଗଜଲକ୍ଷ୍ମୀ ପୂଜା

ଖୋର୍ଦ୍ଧା,୮।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ମା’ ଗଜଲକ୍ଷ୍ମୀଙ୍କ ପୂଜାର ପ୍ରସିଦ୍ଧି ରହିଛି। ପ୍ରାୟ ୬୪ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏଠାରେ ଗଜଲକ୍ଷ୍ମୀ ପୂଜା ଆୟୋଜିତ ହେଉଥିବା ଜଣାଯାଏ। ସେହିପରି ଜିଲା ପ୍ରଶାସନ ଏବଂ ପୂଜା କମିଟିର ମିଳିତ ଉଦ୍ୟମ କ୍ରମେ ଦୀର୍ଘ ୨୦ ବର୍ଷ ହେଲା ଗଜଲକ୍ଷ୍ମୀ ଭସାଣି ଉତ୍ସବ ଆୟୋଜିତ ହୋଇଆସୁଛି। ଖୋର୍ଦ୍ଧାରେ ଏହା ଭାଇଚାରା ଓ ଗଣପର୍ବ ପାଲଟିଛି। ୩୨ ମଣ୍ଡପରେ ପୂଜା ପାଉଛନ୍ତି ଗଜଲକ୍ଷ୍ମୀ। ମାରୱାଡ଼ିପଟିର ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା କମିଟି। ଏହାର ସଦସ୍ୟ ଆଶିଷ ଅଗ୍ରୱାଲ କୁହନ୍ତି, ଖୋର୍ଦ୍ଧାରେ ପ୍ରଥମେ ୧୯୬୧ରେ ନବ କିଶୋର ରାମ୍, ଗଣପତ ରାମ୍ ଏବଂ ମହାବୀର ରାମ୍ ପ୍ରମୁଖ ମିଳିତ ଭାବେ ଏହି ପୂଜା ଆରମ୍ଭ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ବଜାର କମିଟି ଯୋଗଦେଇଛନ୍ତି। ଦୈନିକ ଭୋଗରେ ବିଭିନ୍ନ ମିଷ୍ଟାନ୍ନ ଅର୍ପଣ କରାଯାଏ। ପୁରୁଣା ବସଷ୍ଟାଣ୍ଡସ୍ଥିତ ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି। ୧୯୭୨ ମସିହା ଅକ୍ଟୋବର ୨୨ରେ ପୂଜା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ପୂଜା ୫୩ବର୍ଷରେ ପହଞ୍ଚିଛି। ଖୋର୍ଦ୍ଧା ସହରରେ ଫେରିବାଲା ବେପାରୀଙ୍କୁ ନେଇ ଏହି ପୂଜା ଆୟୋଜନ ହୋଇଥିଲା। ଶେଷ ଦିନର ମୁଖ୍ୟ ଆକର୍ଷଣ ହେଉଛି ମା’ଙ୍କ ବିସର୍ଜନ ସମୟରେ ଶତାଧିକ ମହିଳା ମା’ଙ୍କ ବନ୍ଦାପନା କରିଥାନ୍ତି। ଶେଷରେ ସିନ୍ଦୂର ଖେଳ ହୋଇଥାଏ।

ନବଜ୍ୟୋତି ପୂଜା କମିଟିରୁ ଅଲଗା ହୋଇ ୧୯୭୩ରେ ପୁରୁଣା ବସଷ୍ଟାଣ୍ଡସ୍ଥିତ ଏନ୍‌ଏସି ମାର୍କେଟ କମ୍ପ୍ଲେକ୍ସରେ ଏହି ପୂଜା କମିଟି ଆରମ୍ଭ ହୋଇଥିଲା। ପ୍ରତିଦିନ ମାଙ୍କ ନିକଟରେ ବିଭିନ୍ନ ପ୍ରକାର ମିଷ୍ଟାନ୍ନ, ଶଙ୍ଖୁଡି ଭୋଗ, ଶେଷ ଦିନରେ ଦହିପଖାଳ ଭୋଗ କରାଯାଏ। ଟ୍ରାଫିକ ଛକ ଗଜଲକ୍ଷ୍ମୀ ପୂଜା କମିଟି ୨୦ବର୍ଷ ଧରି ଚାଲିଆସୁଛି। ମା’ଙ୍କ ପୂଜାର୍ଚ୍ଚନା ରୀତିନୀତି ପ୍ରକାରେ ଅନୁଷ୍ଠିତ ହୋଇଥାଏ। ମା’ଙ୍କୁ ବିଭିନ୍ନ ପ୍ରକାର ମିଠେଇ, ଶୁଖିଲା, ଶଙ୍ଖୁଡ଼ି ଭୋଗ ହୋଇଥାଏ। ମୁକୁନ୍ଦପ୍ରସାଦ ବଜାର ଗଜଲକ୍ଷ୍ମୀ କମିଟି ଆନୁକୂଲ୍ୟରେ ଗତ ୪୦ବର୍ଷ ହେଲା ପୂଜା ଆୟୋଜିତ ହୋଇଆସୁଛି। ବର୍ତ୍ତମାନ ଯୁବକ ସଂଘ ଏହି ପୂଜା ଆୟୋଜନ କରୁଛନ୍ତି। ଗାନ୍ଧୀ ମାର୍କେଟ ଓ ଡାଲା ଅଟୋ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଗତ ୨୮ ବର୍ଷ ଧରି ପୂଜା କରାଯାଉଛି। ମା’ଙ୍କୁ ବାଲଭୋଗ, ସନ୍ଧ୍ୟା ଆଳତିରେ ଶୁଖିଲା ଭୋଗ କରାଯାଏ। ବିଭିନ୍ନ ମିଷ୍ଟାନ୍ନ, ଖିରି, କାକରା, ଦହି ପଖାଳ ପ୍ରଭୃତି ଭୋଗ ହୁଏ। ସେହିପରି ପୂର୍ବବଙ୍ଗଳାରେ ମା’ ବରୁଣେଇ ଟାଟା ଏସି ସଂଘ ଏବଂ ସୁନ୍ଦରିବର ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଗତ ୨୫ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପୂଜା ଆୟୋଜିତ ହୋଇଆସୁଛି।

କୋର୍ଟ ଛକରେ ପଦ୍ମାଳୟା ପୂଜା କମିଟି ପକ୍ଷରୁ ୨୦ବର୍ଷ ହେବ ପୂଜା ଆୟୋଜନ କରାଯାଉଛି। ଛେନାପୋଡ଼, ରସଗୋଲା, ଖେଚୁଡ଼ି, ଦହିପଖାଳ, ବିଭିନ୍ନ ଫଳ ମା’ଙ୍କୁ ଲାଗି କରାଯାଏ। ପ୍ରତିବର୍ଷ ପୂଜା କମିଟି ପକ୍ଷରୁ ବିଭିନ୍ନ ସଚେତନତା ବାର୍ତ୍ତା ଦିଆଯାଇଥାଏ। ହାବେଳି ପଡ଼ିଆ ଛକରେ ମହାବୀର ଟ୍ୟାକ୍ସି ଷ୍ଟାଣ୍ଡ ପୂଜା କମିଟି ପକ୍ଷରୁ ୨୨ବର୍ଷ ହେଲା ପୂଜା କରାଯାଉଛି। ମା’ଙ୍କ ପୂଜାର୍ଚ୍ଚନା ରୀତିନୀତି ପ୍ରକାରେ କରାଯାଏ। ନୂଆ ବସ୍‌ଷ୍ଟାଣ୍ଡ ରୋଡ୍‌ସ୍ଥିତ ସଦ୍‌ଭାବନା ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ୨୦ବର୍ଷ ଧରି ପୂଜା କରାଯାଉଛି। ଦୈନିକ ମା’ଙ୍କ ନିକଟରେ ବିଭିନ୍ନ ପ୍ରକାର ମିଷ୍ଟାନ୍ନ, ଖେଚୁଡ଼ି, ଖିରି, କାକରା, ସହ ଶେଷ ଦିନରେ ଚୁଡ଼ା କଦମ୍ବା ଭୋଗ କରାଯାଏ ବୋଲି ସମ୍ପାଦକ ଶୋଭନ ଘୋଷ କହିଛନ୍ତି। ନୂଆ ବସ୍‌ଷ୍ଟାଣ୍ଡ ପୌର ପରିଷଦ ମାର୍କେଟ କମ୍ପ୍ଲେକ୍ସସ୍ଥିତ ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଗତ ୨୦ବର୍ଷ ଧରି ପୂଜା ଆୟୋଜନ ହୋଇଆସୁଛି। ମା’ଙ୍କ ପୂଜାର୍ଚ୍ଚନାରେ ବିଭିନ୍ନ ପ୍ରକାର ମିଷ୍ଟାନ୍ନ, ଫଳ ଲାଗି କରାଯାଏ। ନୂଆ ବସ୍‌ଷ୍ଟାଣ୍ଡ ପରିସରରେ ଦିବ୍ୟଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଗତ ୨୦ବର୍ଷ ଧରି ପୂଜା ଆୟୋଜନ କରାଯାଉଛି। ମା’ଙ୍କ ନିକଟରେ ବିଭିନ୍ନ ପ୍ରକାର ମିଷ୍ଟାନ୍ନ, ଫଳମୂଳ ସହ ଗଜାମୁଗ, ଖିରି, କାକରା ପ୍ରଭୃତି ଭୋଗ କରାଯାଏ। ବାସେଳିସାହି ସାଗର ଦୁଲଣୀ ପୂଜା କମିଟି ପକ୍ଷରୁ ୨ବର୍ଷ ହେଲା ପୂଜା ହୋଇଆସୁଛି। ଏହି ପୂଜା କମିଟି ପକ୍ଷରୁ ମା’ଙ୍କ ମୁକୁଟ ରୁପାର କୀରିଟ ଏବଂ ପଛପଟ ମେଢ଼ ପିତ୍ତଳ ଛାଉଣି କରାଯାଇଛି। ସେହିପରି କାମନାବର ସାହି ପୂଜା କମିଟି ପକ୍ଷରୁ ମଧ ପୂଜା ଆଡ଼ମ୍ବରରେ ଚାଲିଛି। ସାତ ଦିନରେ ସାତ ପ୍ରକାର ଫଳ, ମିଷ୍ଟାନ୍ନ ଭୋଗ କରାଯାଏ। ପୁରୁଣା ମେଡିକାଲ ରୋଡ୍ ବଣିକ ସଂଘ ପକ୍ଷରୁ ଗତ ୩୭ବର୍ଷ ଧରି ପୂଜା ଆୟୋଜନ କରାଯାଉଛି। ମା’ଙ୍କ ପୂଜାର୍ଚ୍ଚନା ରୀତିନୀତି ପ୍ରକାରେ କରାଯାଏ। ଏଥିସହିତ ମା’ଙ୍କ ନିକଟରେ ବିଭିନ୍ନ ପ୍ରକାର ମିଷ୍ଟାନ୍ନ, ଫଳ ଲାଗି କରାଯାଏ। ପୁରୁଣା ମେଡିକାଲ ରୋଡ୍‌ରେ ଗୋପବନ୍ଧୁ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଦୀର୍ଘ ୩୧ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଆୟୋଜନ କରାଯାଇଆସୁଛି। ୭ ଦିନ ବ୍ୟାପୀ ମା’ଙ୍କ ନିକଟରେ ବିଭିନ୍ନ ପ୍ରକାର ମିଷ୍ଟାନ୍ନ, ଖେଚୁଡ଼ି, ଭୋଗ ଲାଗି କରାଯାଏ ବୋଲି ସଭାପତି ନିରଞ୍ଜନ ଦୋରା କହିଛନ୍ତି। ଠେଙ୍ଗାହାଟସ୍ଥିତ ସାଗର କନ୍ୟା ପୂଜା କମିଟି ପକ୍ଷରୁ ଦୀର୍ଘ ୨୨ବର୍ଷ ଧରି ପୂଜା ଆୟୋଜନ କରାଯାଉଛି। ଏଥିସହିତ ବିଭିନ୍ନ ସଚେତନତା ବାର୍ତ୍ତା ଦିଆଯାଇଥାଏ ବୋଲି ସଦସ୍ୟ ଲଳିତ ମହାପାତ୍ର କହିଛନ୍ତି। ସେହିପରି ନୟାଗଡ଼ ରୋଡ୍ ବାଣିଜ୍ୟ ସଂଘ ଏବଂ ଗଡ଼ଖୋର୍ଦ୍ଧା ପୂଜା କମିଟି ପକ୍ଷରୁ ଦୀର୍ଘ ବର୍ଷ ଧରି ପୂଜା ଆୟୋଜନ କରାଯାଉଛି। ପୂର୍ବରୁ ସମବାୟ ଛକରେ ଥିବା ପଞ୍ଚସଖା ଏବଂ ମହାଲକ୍ଷ୍ମୀ ପରିବା ବଜାର ଗଜଲକ୍ଷ୍ମୀ ପୂଜା ଆଡ଼ମ୍ବରରେ ଅନୁଷ୍ଠିତ ହେଉଥିବାବେଳେ ଚଳିତବର୍ଷ ଉଚ୍ଛେଦ ପରେ ଟିଏଲ୍‌ସି ରୋଡ୍‌ରେ ପରିବା ବଜାର ମଣ୍ଡି ଏବଂ ଭେଣ୍ଡିଂଜୋନ୍‌ରେ ଥଇଥାନ ହୋଇଥିବା ଜୟୀ ରାଜଗୁରୁ ପରିବା ମାର୍କେଟ ବ୍ୟବସାୟୀ ସଂଘ ମିଳିତ ଭାବେ ପୂଜା ଆୟୋଜନ କରିଛନ୍ତି। ସେହିପରି ମେଡିକାଲ ରୋଡ୍, ଭାଲିଆବାଡ଼ି, ଶ୍ରୀରାମନଗର ପୂଜା କମିଟି ପକ୍ଷରୁ ମା’ ଗଜଲକ୍ଷ୍ମୀଙ୍କ ପୂଜା ଚାଲିଛି। ସନ୍ଧ୍ୟା ଆଳତି, ମନ୍ତ୍ରଧ୍ୱନିରେ କମ୍ପୁଛି ପୂଜାମଣ୍ଡପ।

## ରୁପା ମୁକୁଟ, ପିତ୍ତଳ ଛାଉଣି ମେଢ଼

ଖୋର୍ଦ୍ଧା,୮।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହରରେ ଜାକଜମକରେ ଚାଲିଛି ଗଜଲକ୍ଷ୍ମୀ ପୂଜା। ଚଳିତବର୍ଷ ବାସେଳିସାହି ସାଗର ଦୁଲଣୀ ଗଜଲକ୍ଷ୍ମୀ ପୂଜା କମିଟିରେ ମେଢ଼ରେ କଟକ ତାରକସି ଦ୍ୱାରା ପ୍ରସ୍ତୁତ ରୁପାର କାରୁକାର୍ଯ୍ୟ ଶୋଭାଯାଉଛି। ସାଢ଼େ ୩ କେଜି ରୁପାର ମୁକୁଟ ଏବଂ ପଛପାର୍ଶ୍ୱ ମେଢ଼ରେ ଏକ କୁଇଣ୍ଟାଲ ୧୦ କେଜି ପିତ୍ତଳ ଛାଉଣି କରାଯାଇଛି। ମା’ ସୁନା କାନଫୁଲ ପରିଧାନ କରିଛନ୍ତି। ରୁପାର ମୁକୁଟକୁ ପିତ୍ତଳ ଛାଉଣି ମେଢ ଅତି ଆକର୍ଷଣୀୟ ଲାଗୁଛି। ରଙ୍ଗିନ ଆଲୋକମାଳାରେ ମଣ୍ଡପ ଝଟକୁଛି। ସନ୍ଧ୍ୟାରେ ମଣ୍ଡପ ନିକଟରେ ପ୍ରବଳ ଭିଡ଼ ଜମୁଛି। ମାଆଙ୍କ ପୂଜାର୍ଚ୍ଚନା ନୀତି ବିଧିବିଧାନ ଅନୁଯାୟୀ କରାଯାଉଛି। କମିଟି ସଦସ୍ୟ ପ୍ରତାପ ବେହେରା କହିଛନ୍ତି, ଦୈନିକ ୩ପ୍ରକାର ଭୋଗ ଅର୍ପଣ କରାଯାଉଛି। ସକାଳେ ବାଲଭୋଗ, ମଧ୍ୟାହ୍ନରେ ବିଭିନ୍ନ ପ୍ରକାର ମିଷ୍ଟାନ୍ନ, ଫଳ ଭୋଗ ଲାଗି କରାଯାଏ। ସନ୍ଧ୍ୟା ଆଳତି ପରେ ଶଙ୍ଖୁଡ଼ି ଭୋଗ କରାଯାଏ। ଏଥିସହିତ ୭ ଦିନରେ ୭ ପ୍ରକାର ମିଷ୍ଟାନ୍ନ ସହ ଖିରି, କାକରା, ଖେଚୁଡ଼ି, ଛେନାପୋଡ଼, ରସଗୋଲା, ଅରୁଆ ଡାଲମା, ମିଠା ଅନ୍ନ, ଦହିପଖାଳ ପ୍ରଭୃତି କରାଯାଇ ଭକ୍ତଙ୍କ ମଧ୍ୟରେ ବଣ୍ଟାଯାଇଥାଏ। ସେହିପରି ବିକାଶ ବେହେରା କହିଛନ୍ତି, ପୂଜା ଶୃଙ୍ଖଳିତ ଭାବେ ଚାଲିଥିବାବେଳେ ସିସିଟିଭି ସର୍ଭେଲାନ୍ସରେ ରହିଛି। ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ ଓ ଭିଡ଼ ନିୟନ୍ତ୍ରଣ ପାଇଁ କମିଟି ସଦସ୍ୟ ନିୟୋଜିତ ରହିଛନ୍ତି। ଭସାଣି ଉତ୍ସବ ଡିଜେ ମୁକ୍ତ କରାଯିବ। ପାରମ୍ପରିକ ବାଦ୍ୟବାଜଣାରେ ମାଆଙ୍କୁ ବିଦାୟ ଦିଆଯିବ। ଆଗକୁ ମାଆଙ୍କ ସମସ୍ତ ଅଳଙ୍କାର ରୁପା ଛାଉଣି କରାଯିବ। ଏହି ପୂଜା କମିଟିରେ ୪୦ରୁ ଅଧିକ ସଦସ୍ୟ ରହିଥିବାବେଳେ ଚଳିତ ବର୍ଷ ବଜେଟ ପ୍ରାୟ ୧୦ଲକ୍ଷ ଟଙ୍କା ରହିଛି। ପୂଜା ପରିଚାଳନାରେ ସୌରୀ ବେହେରା, ପ୍ରଦୀପ ଦାସ, ରାଜେନ୍ଦ୍ର ଦଳାଇ, ଗୋପିନାଥ ବେହେରାଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି।

## ଯାଁଳା କ୍ଷୁଦ୍ର ବ୍ୟବସାୟୀ ସଂଘ ପକ୍ଷରୁ ଲକ୍ଷ୍ମୀପୂଜା

ଯାଁଳା,୮।୧୦(ବୁଲା ବାରିକ)

ଚଳିତ ବର୍ଷ ମା’ ଲକ୍ଷ୍ମୀ କ୍ଷୁଦ୍ର ବ୍ୟବସାୟୀ ସଂଘ ଯାଁଳା, ମୁଣ୍ଡମୁହାଣ ପକ୍ଷରୁ ମା’ ଗଜଲକ୍ଷ୍ମୀଙ୍କ ପୂଜା ଧୁମଧାମ୍‌ରେ ପାଳିତ ହୋଇଛି। ଉତ୍ସବରେ ମା’ଙ୍କ ଅଧିବାସ, ଜଳଯାତ୍ରା, ହୋମଯଜ୍ଞ ସହ ପୂଜାର୍ଚ୍ଚନା କରାଯାଇଛି। ପୂଜା ମଣ୍ଡପ ସାଜସଜା ଓ ରଙ୍ଗବେରଙ୍ଗ ଆଲୋକମାଳା ଆଦି ଆକର୍ଷଣୀୟ ହୋଇଛି। ମା’ ଗଜଲକ୍ଷ୍ମୀଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଜମୁଥିବା ବେଳେ ସଂଘର ସମସ୍ତ କର୍ମକର୍ତ୍ତା ଓ ବଣିକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନଳବଣ ବୁଲି ବନ୍ୟପ୍ରାଣୀଙ୍କ ସମ୍ପର୍କରେ ଜାଣିଲେ ଛାତ୍ରୀଛାତ୍ର

ବାଲୁଗାଁ,୮।୧୦(ସଂଗ୍ରାମ ପାଇକରାୟ)

ବାଲୁଗାଁସ୍ଥିତ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ନିମିତ୍ତ ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକଙ୍କ ତତ୍ତ୍ୱାବଧାନରେ ଏକ ସାମର୍ଥ୍ୟ ନିର୍ମାଣ ଓ ପରିଭ୍ରମଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବାଲୁଗାଁ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ୪୦ ଜଣ ସ୍ୱେଚ୍ଛାସେବୀ ଓ ଚିଲିକାରାଣୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୨୦ଜଣ ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନେ ଚିଲିକା ଭ୍ରମଣ କରିବା ସହ ପକ୍ଷୀ ଅଭୟାରଣ୍ୟ ନଳବଣରେ କିଛି ସମୟ ବିତାଇ ବିଦେଶାଗତ ପକ୍ଷୀ, ଚିଲିକାର ଜୈବ ବିବିଧତା, ଚିଲିକାର ଆୟତନ, ବିସ୍ତୃତି ଓ ବନ୍ୟପ୍ରାଣୀଙ୍କ ସମ୍ପର୍କରେ ସମ୍ୟକ୍ ଜ୍ଞାନ ଲାଭ କରିଥିଲେ। ଏହାପରେ ବାଲୁଗାଁ ଚିଲିକା କୂଳସ୍ଥିତ ବନ୍ୟପ୍ରାଣୀ କାର୍ଯ୍ୟାଳୟ ପରିସରରେ ରେଞ୍ଜ ଅଫିସର ରଶ୍ମିତା ଜେନାଙ୍କ ଉପସ୍ଥିତିରେ ଏକ ଅନୁଭୂତି ସଭା ଅନୁଷ୍ଠିତ ହୋଇଥିଲା। ସ୍ୱେଚ୍ଛାସେବୀ ପ୍ରଜ୍ଞାସ୍ମିତା ସାହୁଙ୍କ ପ୍ରାରମ୍ଭିକ ସଙ୍ଗୀତ ପରେ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା, ଅଧ୍ୟାପିକା ରୀନା ରାଉତ, ଶିକ୍ଷକ ସୁରେନ୍ଦ୍ର ଗୌଡ଼ ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ଓ ଶୈକ୍ଷିକ ପ୍ରଭାବ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ସ୍ୱେଚ୍ଛାସେବୀ ବିଜୟଲକ୍ଷ୍ମୀ ପଣ୍ଡା ନିଜ ଅନୁଭୂତି ସମ୍ପର୍କରେ ଏକ ସ୍ୱରଚିତ କବିତା ପାଠ କରିବା ପରେ ଛାତ୍ରୀ ପ୍ରୋନିତା ବେହେରା ଏହି ପରିଭ୍ରମଣର ମୂଲ୍ୟବୋଧ ଉପସ୍ଥାପିତ କରିଥିଲେ। କାର୍ଯ୍ୟକ୍ରମରେ ସାମିଲ ଥିବା ଡ. ମୋନାଲିସା ମାନସିଂହ, ଅଧ୍ୟାପିକା ସ୍ୱାତି ସ୍ୱାଗତିକା ସାହୁ, ଅଧ୍ୟାପକ ବିମଳ କୁମାର ପଣ୍ଡା, ସୁଧାକର ନାୟକ, ବିଶ୍ୱଜିତ ଦାସ, ଉଷାରାଣୀ ମିଶ୍ର ପ୍ରମୁଖ ମତାମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଫରେଷ୍ଟର ନାରାୟଣ ଆଳତୀୟା, ଲିପିନା ପ୍ରଧାନ, ଜିତେନ୍ଦ୍ର ଜେନା, ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଆୟୋଜିତ ସାମର୍ଥ୍ୟ ନିର୍ମାଣ ଓ ପରିଭ୍ରମଣ କାର୍ଯ୍ୟକ୍ରମରେ ଅଧିକାରୀଙ୍କ ସହ ଛାତ୍ରୀଛାତ୍ର।

# ବିଭିନ୍ନ ଦାବିରେ ବ୍ଲକସ୍ତରୀୟ ଆଶାକର୍ମୀ ସମ୍ମିଳନୀ

ଟାଙ୍ଗୀ,୮।୧୦(ରଘୁନାଥ ସାହୁ)

ଓଡ଼ିଶା ଆଶାକର୍ମୀ ଆସୋସିଏଶନ ଆହ୍ୱାନକ୍ରମେ ଟାଙ୍ଗୀ ବ୍ଲକ୍‌ସ୍ତରୀୟ ଆଶାକର୍ମୀ ସମ୍ମିଳନୀ ଉଗ୍ରତାରାସ୍ଥିତ କଲ୍ୟାଣ ମଣ୍ଡପରେ ବିଷ୍ଣୁପ୍ରିୟା ଖଟେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସଂଗଠନର ଲାଲ ଝଣ୍ଡାକୁ ବ୍ଲକ୍ ଆବାହକ ବିଷ୍ଣୁପ୍ରିୟା ଖଟେଇ ଉତ୍ତୋଳନ କଲା ପରେ ସମସ୍ତ ସାଥୀ ଶହୀଦ ବେଦିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସମ୍ମିଳନୀକୁ ସିଟୁର ଜିଲା ନେତା ପ୍ରଭାତ ପାଣିଗ୍ରାହୀ ଉଦ୍‌ଘାଟନ କରି କେନ୍ଦ୍ର ସରକାରଙ୍କ ଶ୍ରମିକ, କୃଷକ, କର୍ମଚାରୀ ଓ ଆଶାକର୍ମୀଙ୍କ ସ୍ୱାର୍ଥ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ସରକାରଙ୍କ ଶ୍ରମିକ ବିରୋଧୀ ୪ଟି ଶ୍ରମକୋଡ୍‌କୁ ତୁରନ୍ତ ବାତିଲ କରିବାକୁ ସେ ଦାବି କରିଥିଲେ। ଆକାଶଛୁଆଁ ଦରଦାମ୍ ବୃଦ୍ଧି, ଶ୍ରମିକ ସ୍ୱାର୍ଥ ଓ ଜନବିରୋଧୀ ନୀତିକୁ ଲଗାମ ଦେବା ସହ ଆଶାକର୍ମୀମାନଙ୍କ ଅଧିକାର ପାଇଁ ଦୃଢ଼ ଆନ୍ଦୋଳନ ଗଢ଼ିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ଉପସଭାପତି ସୁରେଶ ସ୍ୱାଇଁ, ରାଜ୍ୟ ନେତ୍ରୀ ସଂଯୁକ୍ତା ସେଠୀ, ଶ୍ରମିକ ନେତା ଗିରିଶ ମହାରଣା, ଯୁବ ନେତା ସବ୍ୟସାଚୀ ସେନାପତି ପ୍ରମୁଖ ବକ୍ତବ୍ୟ ଦେଇ ଆଶାକର୍ମୀଙ୍କୁ ନିୟମିତ କର୍ମଚାରୀ ମାନ୍ୟତା, ୨୬ ହଜାର ଟଙ୍କା ମାସିକ ଦରମା, ୧୦ ହଜାର ଟଙ୍କା ମାସିକ ପେନ୍‌ସନ ଓ ସାମାଜିକ ସୁରକ୍ଷା ସରକାର ଯୋଗାଇଦେବାକୁ ଦାବି କରିଥିଲେ। ସମ୍ମିଳନୀରେ ଉପସ୍ଥାପିତ ସାଙ୍ଗଠନିକ ରିପୋର୍ଟ ଉପରେ ୬ଟି ସେକ୍ଟରରୁ ସାଥୀମାନେ ଆଲୋଚନା କରିଥିଲେ। ସମ୍ମିଳନୀରେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ବ୍ଲକ ସଭାପତି ଭାବେ ସୁଷମା ଦାସ, ସମ୍ପାଦିକା କଲ୍ୟାଣୀ ପ୍ରଧାନ, କୋଷାଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବାରିକ, ଉପସଭାପତି ଭାବେ ଗିରିଶ ମହାରଣା, ମୀନା ବେହେରା, ବିଷ୍ଣୁପ୍ରିୟା ଖଟେଇ ଓ ଦୀପାଳି ବଳିୟାରସିଂହ, ସହସମ୍ପାଦିକା ଭାବେ ରୀନା ସାହୁ, ସରୋଜିନୀ ଦାସ, ଜ୍ୟୋତ୍ସ୍ନାରାଣୀ ତରାସ ନିର୍ବାଚିତ ହୋଇଛନ୍ତି। ସଦସ୍ୟା ଭାବେ କାମିନୀ ବଡ଼ଜେନା, ରେଣୁବାଳା ବେହେରା, ଜ୍ୟୋତ୍ସ୍ନା ପ୍ରଧାନ, ଜାନକୀ ସ୍ୱାଇଁ, ରଞ୍ଜୁବାଳା ସାମନ୍ତରାୟ, ପ୍ରଭାତୀ ସ୍ୱାଇଁ, ବିନୋଦିନୀ ପରିଡ଼ା, ସଞ୍ଜୁକ୍ତା ଦାସ, ଅନୁପମା ଦାସ, ରୀତା ମହାପାତ୍ର, ଭାନୁମତି ବଳିୟାରସିଂହ, ସାବିତ୍ରୀ ରାଉତରାୟ, ମଞ୍ଜୁଲତା ପାଇକରାୟ, ସଞ୍ଜୁକ୍ତା ଦେଈ, କନକ ବେହେରା ନିର୍ବାଚିତ ହୋଇଥିଲେ। ଚିଲିକା ବ୍ଲକ ସଭାନେତ୍ରୀ ମୀନାରାଣୀ ବେହେରା, ରଶ୍ମି ଛୋଟରାୟ ଏବଂ ବିଷ୍ଣୁ ଖଟେଇ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।


ସମ୍ମିଳନୀରେ ଉପସ୍ଥିତ ଆଶାକର୍ମୀ।

**କୋଠଭୋଗ ଲାଗି ପିପିଲିରୁ ଶ୍ରୀମନ୍ଦିରକୁ ଗଲା ନଡ଼ିଆ**

ପିପିଲି, (ଦୁର୍ଗା ମାଧବ ମିଶ୍ର/ପ୍ରଭାତ କୁମାର ମହାପାତ୍ର): ପବିତ୍ର କାର୍ତ୍ତିକ ମାସରେ ଶ୍ରୀଜୀଉଙ୍କ କୋଠ ଭୋଗ ଲାଗି ବୁଧବାର ପିପିଲି ଅଞ୍ଚଳରୁ ଶ୍ରୀମନ୍ଦିରକୁ ନଡ଼ିଆ ପଠାଯାଇଛି। ଗୋବର୍ଦ୍ଧନପୁରର ଜଗନ୍ନାଥପ୍ରେମୀ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଗତିଶ୍ୱର ଦେବଙ୍କ ପୀଠରୁ କୋଠଭୋଗ ପାଇଁ ନଡ଼ିଆ ପଠାଯାଇଥାଏ। ଗତିଶ୍ୱର ପୀଠରୁ ଶ୍ରୀଜୀଉଙ୍କ ପାଇଁ ୯ ଶହରୁ ଊର୍ଦ୍ଧ୍ୱ ନଡ଼ିଆ ସ୍ୱତନ୍ତ୍ର ଗାଡ଼ି ଯୋଗେ ପଠାଯାଇଛି। ୨୦୧୫ରୁ ପ୍ରାୟ ୧୦ ବର୍ଷ ହେବ ଶ୍ରୀମନ୍ଦିର ପ୍ରଶାସନର ଅନୁମୋଦନ କ୍ରମେ କାର୍ତ୍ତିକ ମାସରେ ମହାପ୍ରଭୁଙ୍କ କୋଠଭୋଗ ପାଇଁ ପିପିଲିରୁ ଶ୍ରଦ୍ଧାଳୁମାନେ ନଡ଼ିଆ ପଠାଇଥାନ୍ତି। ଗତ ବର୍ଷ ୨୪୦୦ କଡ଼ା ନଡ଼ିଆ ଶ୍ରୀମନ୍ଦିରକୁ ପଠାଯାଇଥିଲା। ବିଶେଷକରି କୋଠଭୋଗ ଲାଗି ପଠାଯାଇଥିବା ନଡ଼ିଆକୁ ଶ୍ରୀମନ୍ଦିର ପଶ୍ଚିମଦ୍ୱାରଠାରେ ଭାରପ୍ରାପ୍ତ କୋଠଭୋଗ ସହକାରୀଙ୍କୁ ପ୍ରଦାନ କରାଯାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୧୦।୨୦୨୫

| | |
|---|---|
| ୬,୩୬,୧୬୪ ଟଙ୍କା | |
| ସୁନା | ୧୦୦ ମିଲିଗ୍ରାମ୍ |
| ରୁପା | ୨୧.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ଷୋଳଶାସନ ଅମୃତମଣୋହି ଭୋଗ ନେଇ ସୂଚନା

ପୁରୀ,୮।୧୦(ଅଜିତ୍ କୁମାର ମହାନ୍ତି)

ପ୍ରତିବର୍ଷ ପରି ଚଳିତବର୍ଷ ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କର ଷୋଳଶାସନ ଅମୃତମଣୋହି ଭୋଗ କରାଯିବ। କାର୍ତ୍ତିକ ଶୁକ୍ଳପକ୍ଷ ସପ୍ତମୀ ତିଥି ୨୯।୧୦।୨୦୨୫ ବୁଧବାର ମୁକ୍ତିମଣ୍ଡପ ପଣ୍ଡିତସଭା ଆନୁକୂଲ୍ୟରେ ଯଥାବିଧି କରାଯାଇ ଶ୍ରୀମନ୍ଦିରସ୍ଥିତ ନିର୍ମାଲ୍ୟ ଖଳାରେ ଜନସାଧାରଣଙ୍କ ମଧ୍ୟରେ ଶ୍ରୀମହାପ୍ରସାଦ ବିତରଣ କରାଯିବ। ଏହି ମହତ୍ କାର୍ଯ୍ୟ ନିମନ୍ତେ ଇଚ୍ଛୁକ ଥିବା ବ୍ୟକ୍ତିମାନେ ଯଥାଶକ୍ତି ଦାନ କରିବାକୁ ଏହି ଅନୁଷ୍ଠାନର ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର(ସାଧାରଣ ସମ୍ପାଦକ, ମୁକ୍ତିମଣ୍ଡପ ପଣ୍ଡିତସଭା) ସା/ପୋ-ବୀରରାମଚନ୍ଦ୍ରପୁର, ଭାୟା-ସାକ୍ଷୀଗୋପାଳ, ପୁରୀଙ୍କ ଠିକଣାରେ ମନିଅର୍ଡର କରିପାରିବେ ଅଥବା ମୁକ୍ତିମଣ୍ଡପ ପଣ୍ଡିତସଭାର ଆକାଉଣ୍ଟ ନଂ.୨୦୬୨୦୧୦୦୦୦୩୧୬୬, ଆଇଏଫ୍ଏସ୍‌ସି କୋଡ୍ ନଂ. ୟୁସିବିଏ୦୦୦୨୦୬୨ ନମ୍ବରରେ ପଠାଇପାରିବେ ବୋଲି ସମ୍ପାଦକ ମିଶ୍ର ସୂଚନା ପ୍ରଦାନ କରିଛନ୍ତି।

### ସରକାରଙ୍କ ନିକଟରେ ସମସ୍ୟା ରଖିଲେ ବରିଷ୍ଠ ନାଗରିକ

ପୁରୀ,୮।୧୦(ଅଜିତ୍ କୁମାର ମହାନ୍ତି)

ବିଶ୍ୱ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ଦଶାବତାର ମଠ ପରିସରରେ ନୀଳାଚଳ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ବୀରେନ୍ଦ୍ର ଭୂଷଣ ହୋତାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବୈଠକରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତ ବସ୍‌ରେ ବରିଷ୍ଠ ନାଗରିକମାନଙ୍କୁ ୫୦% ରିହାତି, ବରିଷ୍ଠ ନାଗରିକ ବା ୬୦ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଭତ୍ତା ୩୫୦୦ ଟଙ୍କା କରାଯିବା, ବରିଷ୍ଠ ନାଗରିକଙ୍କର ସାମାଜିକ ସୁରକ୍ଷା ଉପରେ ଗୁରୁତ୍ୱ ଦେବା, ପୁରୀ ସହର ବାସିନ୍ଦା ଓ ବରିଷ୍ଠଙ୍କ ପାଇଁ ଶ୍ରୀମନ୍ଦିରର ପଶ୍ଚିମଦ୍ୱାରା ଦେଇ ପ୍ରବେଶ ଅନୁମତି ଆଦି ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ସମ୍ପାଦକ ପ୍ରସନ୍ନ କୁମାର ଶତପଥୀ, ସହସମ୍ପାଦିକା ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, କାର୍ଯ୍ୟକାରୀ କମିଟି ସଭ୍ୟ ଲକ୍ଷ୍ମୀଧର ସାହୁ, ଚୈତନ୍ୟ ବିଶୋଇ, ଗୟାଧର ଦଳେଇ, ଶରତ କୁମାର ଡୋରା ଏବଂ ଜଗତଜାତି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସାହାଣମେଲା ଦର୍ଶନକୁ ଅଧିକ ଶୃଙ୍ଖଳିତ କରାଯିବ

- ଭିଡ଼ ନିୟନ୍ତ୍ରଣ ପାଇଁ ଖୋଲିବ କଣ୍ଟ୍ରୋଲ ରୁମ୍
- ଅଁଳାନବମୀ ପ୍ରଥମ ସମନ୍ୱୟ ବୈଠକ

ସାକ୍ଷୀଗୋପାଳ,୮।୧୦(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)




ବୈଠକରେ ଉପଜିଲାପାଳ ରାଜ କିଶୋର ଜେନାଙ୍କ ସମେତ ଅନ୍ୟ ସଦସ୍ୟମାନେ ।

ସାକ୍ଷୀଗୋପାଳ ମନ୍ଦିରରେ ବର୍ଷକୁ ଥରେ ଅଁଳାନବମୀ ତିଥିରେ ଶ୍ରୀରାଧା ପାଦ ଦର୍ଶନ ଚଳିତ ମାସ ୩୧ ଓ ବଡ଼ ଏକାଦଶୀ ନଭେମ୍ବର ୨ ତାରିଖରେ ଅନୁଷ୍ଠିତ ହେବ। ପୁରୀ ଜିଲାର ଅନ୍ୟତମ ଗଣପର୍ବ ଅଁଳା ନବମୀରେ ଶ୍ରୀରାଧା ଓଡ଼ିଆଣୀ ବେଶରେ ଏବଂ ସାକ୍ଷୀଗୋପାଳ ଠାକୁର ଆକର୍ଷଣୀୟ ନଟବର ବେଶରେ ସଜ୍ଜିତ ହେବେ। ଏହି ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାବେଶ ଲାଗିବ। ଯାତ୍ରା ସୁପରିଚାଳନା ନିମନ୍ତେ ପ୍ରଶାସନ ପକ୍ଷରୁ ସ୍ଥାନୀୟ ପଞ୍ଚସଖା ସ୍ମୃତି ଭବନରେ ବୁଧବାର ପ୍ରଥମ ସମନ୍ୱୟ ବୈଠକ ବସିଥିଲା। ପ୍ରସ୍ତୁତି ବୈଠକରେ ପୁରୀ ଉପଜିଲାପାଳ ରାଜ କିଶୋର ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ ସାହାଣମେଲା ଦର୍ଶନକୁ ଅଧିକ ଶୃଙ୍ଖଳିତ କରିବା ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ମନ୍ଦିର ସମ୍ମୁଖରୁ ରେଳ ଫାଟକ ପର୍ଯ୍ୟନ୍ତ ଲାଗୁଥିବା ଲମ୍ବା ଧାଡ଼ି କମାଇବା ସହ ଛାୟାପ୍ରଦ ଷ୍ଟିଲ୍ ବାରିକେଡ୍ ନିର୍ମାଣ, ତନ୍ମଧ୍ୟରେ ଜଳସିଞ୍ଚନ ଠାରୁ ବିଶ୍ରାମ ଓ ଭଜନ ଜଣାଣ ଶ୍ରବଣ ଜରିଆରେ ଭକ୍ତଙ୍କ କଷ୍ଟ ଲାଘବ କରାଯାଇପାରିବ ବୋଲି ବିଧାୟକ କହିଥିଲେ। ସେହିପରି ମନ୍ଦିର ଫୁଲ ସଜ୍ଜା ଓ ବଜାରରେ ସୁନ୍ଦର ଆଲୋକ ସଜ୍ଜା ବିଧାୟକ ନିଜେ କରିବା ନେଇ ଘୋଷଣା କରିଥିଲେ। ତହସିଲଦାର ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ ସ୍ୱାଗତ ଅଭିଭାଷଣ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରି ମନ୍ଦିର ମଧ୍ୟକୁ କ୍ୟାମେରା, ମୋବାଇଲ ପ୍ରବେଶ ନିଷେଧ ରହିଛି। ଯାତ୍ରା ସମୟରେ ଏହା କଡ଼ାକଡ଼ି କରାଯିବ ବୋଲି ସେ ବୈଠକରେ ସୂଚନା ଦେଇଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ଖୋଲିବା ପ୍ରସ୍ତାବ ଆଗତ କରାଯାଇଥିଲା।

ବୈଠକରେ ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ବିଡିଓ ଦେବାଶିଷ ନାୟକ, ଭାରପ୍ରାପ୍ତ ନିରୀକ୍ଷକ ବିଜୟ କେତନ ବେହେରା, ଦେବୋତ୍ତର ଉପଖଣ୍ଡ ନିରୀକ୍ଷକ ଅନନ୍ତ ଚରଣ ମୁର୍ମୁ, ଏମ୍‌ପିଙ୍କ ପ୍ରତିନିଧି ପର୍ଶୁରାମ ବିଶି, ସେବାୟତ ସଂଘ ସଭାପତି ବିଜୟ କୁମାର ମହାପାତ୍ର, ସମ୍ପାଦକ ପ୍ରତାପ କୁମାର ମହାପାତ୍ର ଓ ସହକାରୀ କାର୍ଯ୍ୟ ନିର୍ବାହୀ ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ଦେବନୀତି ନିର୍ଘଣ୍ଟ, ଶାନ୍ତିଶୃଙ୍ଖଳା ଓ ଯାନବାହନ ନିୟନ୍ତ୍ରଣ, ଅଗ୍ନିଶମ ସେବା, ବାରିକେଡ୍ ନିର୍ମାଣ, ରାସ୍ତାଘାଟ ମରାମତି, ଅବିରତ ବିଦ୍ୟୁତ୍ ଯୋଗାଣ ସହ ଆଲୋକୀକରଣ ବ୍ୟବସ୍ଥା, ସ୍ୱାସ୍ଥ୍ୟ ପରିମଳ ସହିତ ଜରୁରିକାଳୀନ ଆମ୍ବୁଲାନ୍ସ ବ୍ୟବସ୍ଥା, ଯାତ୍ରାରେ ପଚାଶଢ଼ା ଖାଦ୍ୟ ବିକ୍ରୟ ଉପରେ କଟକଣା ନିମନ୍ତେ ଖାଦ୍ୟ ସୁରକ୍ଷା ନିରୀକ୍ଷକ ନିଯୁକ୍ତି ବ୍ୟବସ୍ଥା, ପାନୀୟ ଜଳ, ମନ୍ଦିର, ବଜାର ଅଞ୍ଚଳ ସହିତ ପଞ୍ଚସଖା ପଡ଼ିଆ ସଫେଇ, ପଞ୍ଚସଖା ପଡ଼ିଆରେ ୩ଦିନ ବ୍ୟାପୀ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରୀରାଧା ଉତ୍ସବ, ସେବା ଶିବିର, ପଲିଶ୍ରୀ ମେଳା ପୂର୍ବପରି ଆୟୋଜନ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସେବାୟତ ସଂଘ କର୍ମକର୍ତ୍ତା ସଞ୍ଜୟ କୁମାର ନନ୍ଦ ଓ ଶ୍ୟାମସୁନ୍ଦର ମହାପାତ୍ରଙ୍କ ସହିତ ଆର୍‌ଏମ୍‌ସି ସମ୍ପାଦକ ପୁରୁଷୋତ୍ତମ ନାୟକ, ସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରୀତମ ବାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଅରୁଣ ମହାନ୍ତି, ପୂର୍ତ୍ତ ବିଭାଗ ଯନ୍ତ୍ରୀ, ଜଳ ସମ୍ପଦ ଯନ୍ତ୍ରୀ ସୁରେଶ କୁମାର ସାହୁ, ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ, ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀ, ଆମ୍ବା ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରଧାନ, ସ୍ଥାନୀୟ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଦେବଦତ୍ତ ସାମନ୍ତରାୟ, ସମିତି ସଭ୍ୟ ଦୀପକ ଶତପଥୀ, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର ଓ ବିଷ୍ଣୁପ୍ରିୟା ବରାଳ ପ୍ରମୁଖ ଯୋଗ ଦେଇଥିଲେ।

# ଭକ୍ତଙ୍କ ପାଇଁ ଖୋଲିଲା ଫିଡ୍‌ବ୍ୟାକ୍ ସେଣ୍ଟର

ପୁରୀ, ୮।୧୦(ଅଜିତ୍ କୁମାର ମହାନ୍ତି)

କାର୍ତ୍ତିକ ମାସରେ ପୁରୀ ପୋଲିସ ପକ୍ଷରୁ ଭକ୍ତଙ୍କ ଫିଡ୍‌ବ୍ୟାକ୍ ସେଣ୍ଟର ଖୋଲାଯାଇଛି। ତେବେ ଦ୍ୱିତୀୟ ଦିନ ସୁଦ୍ଧା ପୁରୀ ପୋଲିସ ତାଙ୍କର ସେବା ଓ ବ୍ୟବସ୍ଥାପନା ନେଇ ୯୪ ଭକ୍ତଙ୍କ ଠାରୁ ଫିଡ୍‌ବ୍ୟାକ୍ ଗ୍ରହଣ କରାଯାଇଛି। ସେମାନଙ୍କ ମଧ୍ୟରୁ ୭୦ ଜଣ ସ୍ୱତଃପ୍ରବୃତ୍ତ ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ପୁରୀ ପୋଲିସ ଦ୍ୱାରା ଦିଆଯାଉଥିବା ସୁଚିନ୍ତିତ ଏବଂ ସୁଶୃଙ୍ଖଳିତ ବ୍ୟବସ୍ଥା ପ୍ରତି ଗଭୀର ସନ୍ତୋଷବ୍ୟକ୍ତ କରିଛନ୍ତି। ସେହିପରି ୨୪ ଜଣ ଭକ୍ତ ନିଜର ମତାମତ ଦେଇଥିବା ସମୟରେ କିଛି ସାମାନ୍ୟ ପ୍ରସ୍ତାବ ରଖିଛନ୍ତି। ସେମାନଙ୍କ ମଧ୍ୟରୁ ୧୨ ଜଣ ଭକ୍ତ ମନ୍ଦିର ପରିସରର କିଛି ସ୍ଥାନରେ ପାଣି ରଖିବା ପାଇଁ ଅନୁରୋଧ କରିଥିବା ବେଳେ ଅନ୍ୟ ୧୨ ଜଣ କୋଡ୍ ସ୍କାନ୍ ମାଧ୍ୟମରେ ନିଜ ଫିଡ୍‌ବ୍ୟାକ୍ ଦେଇଛନ୍ତି। ପୁରୀ ପୋଲିସ ପକ୍ଷରୁ ଉତ୍ତରଦ୍ୱାର ନିକଟରେ ଫିଡ୍‌ବ୍ୟାକ୍ ସେଣ୍ଟର ସ୍ଥାପିତ ହୋଇଛି, ଯେଉଁଠାରେ କି ଭକ୍ତମାନେ ନିଜ ମତାମତ ଦେଉଛନ୍ତି।

# ସତ୍‌କର୍ମ ହିଁ ଜୀବନ, ଶାନ୍ତି, ମୁକ୍ତିର ମାର୍ଗ




ବୋଧିଚକ୍ରର ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ ।

ପୁରୀ,୮।୧୦(ଅଜିତ୍ କୁମାର ମହାନ୍ତି)

ବୋଧିଚକ୍ର ଆନୁକୂଲ୍ୟରେ 'ବୌଦ୍ଧ ଦର୍ଶନରେ କର୍ମମୟ ଜୀବନ ଓ ଶାନ୍ତି' ଶୀର୍ଷକ ଆଲୋଚନାଚକ୍ର ବୁଧବାର ସ୍ଥାନୀୟ ବୁଦ୍ଧମନ୍ଦିରରେ ସଭାପତି ଇଞ୍ଜିନିୟର ଗିରିଜା ଶଙ୍କର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପାଢ଼ୀ ମତବ୍ୟକ୍ତ କରି କହିଥିଲେ ଯେ, କର୍ମମୟ ଜୀବନରେ ଶୀଳଯୁକ୍ତ ସତ୍‌କର୍ମ ଓ ବିପାସନା ଧ୍ୟାନ ମାଧ୍ୟମରେ ମଣିଷ ଶାନ୍ତି ଓ ନିର୍ବାଣ ଲାଭ କରିପାରିବ। ପ୍ରାରମ୍ଭରେ ଉପାସକ ଉମେଶ ଚନ୍ଦ୍ର ଦାସ ବୁଦ୍ଧବନ୍ଦନା ଗାନ କରିଥିଲେ। ଉପସଭାପତି ଡ. ବଳରାମ ଦାଶ ସତ୍‌କର୍ମ ହିଁ ଜୀବନ, ଶାନ୍ତି ଓ ମୁକ୍ତିର ମାର୍ଗ, ସମର୍ପଣ ଦ୍ୱାରା ଈଶ୍ୱରପ୍ରାପ୍ତି ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ସାହୁ ଧର୍ମପଦର ଜରାବର୍ଗ ବ୍ୟାଖ୍ୟା କରିଥିଲେ। ଆଲୋଚନାଚକ୍ରରେ କୃଷ୍ଣଚନ୍ଦ୍ର ତ୍ରିପାଠୀ, ନକୁଳ ଚରଣ ସ୍ୱାଇଁ, ରଞ୍ଜିତା ମହାପାତ୍ର, ରାଜକିଶୋର ସାମଲ, ଏମ୍. ପଦ୍ମିନୀ ପାତ୍ର, କୋଟେସ ପାତ୍ର ପ୍ରମୁଖ ଉପସ୍ଥିତ ରହି ବୁଦ୍ଧ ଦର୍ଶନରେ ପ୍ରାସଙ୍ଗିକତା ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ଶେଷରେ ଅଶୋକ କୁମାର ଆଢ୍ୟ ଧନ୍ୟବାଦ ଦେଇଥିଲେ।

# ବ୍ୟାଟେରି ଫାଟି ଜଳିଗଲା ୩୦ ଇଭି ବାଇକ୍

କୋଣାର୍କ,୮।୧୦(ଜ୍ୟୋତିରାଜ ମହାନ୍ତି)




ଇଭି ଶୋ ରୁମ୍ ଜଳୁଥିବାର ଦୃଶ୍ୟ ।

କୋଣାର୍କ ବଜାରର ମାଧିପୁର ଛକଠାରେ ଥିବା ଜଗନ୍ନାଥ ଇଭି ନାମକ ଏକ ଶୋ' ରୁମ୍‌ରେ ଥିବା ଏକ ନୂଆ ବାଇକ୍‌ର ବ୍ୟାଟେରି ବିସ୍ଫୋରଣ ଯୋଗୁ ୨୫ଟି ନୂଆ ବ୍ୟାଟେରି ବାଇକ୍ ସହ ସର୍ଭିସିଂ ପାଇଁ ଆସିଥିବା ୫ଟି ଜଳି ପାଉଁଶ ହୋଇଯାଇଛି। ଏହାର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଶୋ' ରୁମ୍‌ରେ ଉପସ୍ଥିତ ଥିବା ମାଲିକ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ସାନଭାଇ ଶିବ ପ୍ରସାଦ ସ୍ୱାଇଁଙ୍କ କହିବା ଅନୁଯାୟୀ, ଅପରାହ୍ନରେ ୨ଜଣ ଗ୍ରାହକ ଓ ୩ ଜଣ କର୍ମଚାରୀ ଉପସ୍ଥିତ ଥିବାବେଳେ ହଠାତ୍ ଏକ ବାଇକ୍‌ର ବ୍ୟାଟେରି ବିସ୍ଫୋରଣ ଘଟି ଉକ୍ତ ବାଇକ୍‌ରେ ନିଆଁ ଲାଗିଯାଇଥିଲା। ଏହି ନିଆଁକୁ ନିୟନ୍ତ୍ରଣ ପାଇଁ ନିକଟରେ ଥିବା ପାଣି ବାଲ୍‌ଟି ସାହାଯ୍ୟରେ ସେ ଉଦ୍ୟମ କରିଥିଲେ। ହେଲେ ଚାହୁଁ ଚାହୁଁ ନିଆଁ ଅଣାୟତ୍ତ ହୋଇଥିଲା। ଶିବ ପ୍ରସାଦଙ୍କ ସମେତ ୫ଜଣ ଜୀବନ ବଞ୍ଚାଇବାକୁ ଏକ ପାଇଖାନାରେ ପଶି ଯାଇଥିଲେ। ହେଲେ ନିଆଁର ଭୟାବହତାକୁ ଦେଖି ସମସ୍ତେ ପ୍ରାଣ ବିକଳରେ ବାହାରକୁ ଦୌଡ଼ି ପଳାଇ ଆସିଥିଲେ। ଚାହୁଁ ଚାହୁଁ ଭୟଙ୍କର ନିଆଁରେ ସ୍ଥାନୀୟ ଅଞ୍ଚଳ ଧୂଆଁମୟ ହୋଇଥିଲା। ନିଆଁର ଆଁରେ ସବୁ କିଛି ପୋଡ଼ି ଭସ୍ମ ହୋଇଯାଇଥିଲା। ଖବରପାଇ ୩୦ ମିନିଟ୍ ବିଳମ୍ବରେ ଚମ୍ପାହାର ଅଗ୍ନିଶମ ସେବା କେନ୍ଦ୍ର ଅଧିକାରୀ ଓ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସମ୍ପୃକ୍ତ ଇଭି କମ୍ପାନୀର ଅଧିକାରୀ ଓ କୋଣାର୍କ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଶୋ' ରୁମ୍‌ର ମାଲିକ ସ୍ୱାଇଁ ଏହି ଘଟଣା ସମ୍ପର୍କରେ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଇଭି ଶୋ ରୁମ୍‌ରେ କୌଣସି ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ଜଣାପଡ଼ିଛି। ତେବେ ସାଧାରଣତଃ ରାସ୍ତାଘାଟରେ ଇଭି ଗାଡ଼ି ନିଆଁ ଲାଗୁଥିବା ଦେଖାଯାଏ, ହେଲେ ଶୋ'ରୁମ୍ ଭିତରେ ଇଭି ଗାଡ଼ିରେ ନିଆଁ ଲାଗିବା ଘଟଣା ରାଜ୍ୟରେ ପ୍ରଥମ। ଗ୍ରାହକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି କମ୍ପାନୀ ଦ୍ୱାରା ନିର୍ମିତ ଗାଡ଼ିଗୁଡ଼ିକର ସରକାରୀ ଯାଞ୍ଚ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଥିବା ବେଳେ ଏହି ଅଗ୍ନିକାଣ୍ଡ ପରେ ଇଭି ଗାଡ଼ି କିଣିବାକୁ ସ୍ୱପ୍ନ ଦେଖିଥିବା ଗ୍ରାହକ ନିରାଶ ହୋଇଛନ୍ତି।

# ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ, ଜଣେ ଗିରଫ

କାକଟପୁର/ଅସ୍ତରଙ୍ଗ,୮।୧୦ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦିକ୍ଷିତି/ମମତା ଜେନା)

ପୁରୀ ଜିଲା କାକଟପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅସଦାଚରଣ ହୋଇଥିବା ଅଭିଯୋଗ ହୋଇଛି। ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଛୋଟରାୟପୁର ଗ୍ରାମର ସନ୍ତୋଷ ନାୟକ ଓରଫ ହାପି (୩୫)। ଏନେଇ ପୋଲିସ ଏକ ମାମଲା (ନଂ. ୨୯୪/୨୫)ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ନାବାଳିକା ଜଣଙ୍କ ମଙ୍ଗଳବାର ସକାଳ ୮ରେ ସଉଦା ଆଣିବାକୁ ନିକଟସ୍ଥ ଦୋକାନକୁ ଯାଉଥିଲେ। ଏହି ସମୟରେ ଶୂନଶାନ ରାସ୍ତାର ସୁଯୋଗ ନେଇ ଅଭିଯୁକ୍ତ ସନ୍ତୋଷ ନାବାଳିକାଙ୍କ ମୁହଁରେ ଗାମୁଛା ଦେଇ ନିକଟ ପାଖୁଡ଼ି କିଆରିକୁ ଘୋଷାଡ଼ି ନେବାକୁ ଚେଷ୍ଟା କରିଥିଲେ। ନାବାଳିକା ଚିତ୍କାର କରିବାରୁ ଘଟଣାସ୍ଥଳରେ ଝିଅ ମା' ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସନ୍ତୋଷ ତାଙ୍କ ଗାଡି ଛାଡି ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ଝିଅର ମା' ମଙ୍ଗଳବାର କାକଟପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଗାଡି ଜବତ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତ ସନ୍ତୋଷଙ୍କୁ ଗିରଫ କରିଛି ବୋଲି ଥାନା ଅଧିକାରୀ ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ଏସ୍‌ଆଇଙ୍କୁ ମାଡ଼ ଘଟଣା, ୨ ଅଭିଯୁକ୍ତ ଗଲେ ଜେଲ

ଗୋପ,୮।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ଅତ୍ୟଧିକ ମଦ୍ୟପାନ କରି ଥାନା ଭିତରେ ଦୁଇ ଏସ୍‌ଆଇଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ୨ ଯୁବକଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇଛି। ସେମାନେ ହେଲେ ଗଣେଶ୍ୱରପୁର ନାୟକସାହି ଗ୍ରାମର ସୁଶାନ୍ତ କୁମାର ନାୟକ(୩୫) ଓ ପ୍ରଦୀପ୍ତ କୁମାର ବେହେରା। ଏନେଇ ପୋଲିସ ନଂ.୩୩୯/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀ କହିଛନ୍ତି।

ପ୍ରକାଶ ଯେ, ମଙ୍ଗଳବାର ରାତି ସାଢ଼େ ୧୦ଟାରେ ଗୋପ ଥାନା ଅନ୍ତର୍ଗତ ବାୟାକୁଦା ଗ୍ରାମ ନିକଟରେ ଭୋଜିଭାତ ସ୍ଥାନରେ ଗଣ୍ଡଗୋଳ ହୋଇଥିଲା। ଏପରି ଏକ ଗଣ୍ଡଗୋଳ ଖବରପାଇ ଗୋପ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ବୁଝାସୁଝା କରିଥିଲା। କିଛି ସମୟପରେ ସମ୍ପୃକ୍ତ ଦୁଇ ଯୁବକ ପ୍ରଦୀପ୍ତ ଓ ସୁଶାନ୍ତ ଥାନାରେ ପହଞ୍ଚି ୨ ଏସ୍ ଆଇ ଅଧିକାରୀଙ୍କ ସହ ପାଟିତୁଣ୍ଡ କରିବା ସହ ମାଡ ମାରିଥିଲେ ।

# ହବିଷିଆଳିଙ୍କ ସହ ଆଲୋଚନା କଲେ ଜିଲାପାଳ



ପୁରୀ, ୮।୧୦(ଅଜିତ୍ କୁମାର ମହାନ୍ତି)

କାର୍ତ୍ତିକ କୃଷ୍ଣ ପ୍ରତିପଦାରେ ଚଳିତବର୍ଷର ହବିଷିଆଳି ବ୍ରତ ଆରମ୍ଭ ହୋଇଛି। ଏହି ବ୍ରତ ଦୀର୍ଘ ଏକ ମାସ ଧରି ଚାଲିବାକୁ ଥିବା ଏହାକୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ପ୍ରଶାସନ ନିଷ୍ଠାପର ଭାବେ କାର୍ଯ୍ୟ କରୁଛି। ପୂର୍ବରୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତ ହବିଷିଆଳି କେନ୍ଦ୍ର ବୁଲି ସ୍ଥିତି ଅନୁଧ୍ୟାନ ସହ ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀଙ୍କୁ ସମସ୍ତ କାର୍ଯ୍ୟର ସୁପରିଚାଳନା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ପରିଡ଼ା ବୁଧବାର ପ୍ରତି ହବିଷିଆଳି କେନ୍ଦ୍ର ପରିଦର୍ଶନ କରିବା ସହ ସୁବିଧା ଅସୁବିଧା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ବିଶେଷକରି ପାନୀୟଜଳ, ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ମନ୍ଦିର ଦର୍ଶନ ପାଇଁ ଗାଡ଼ି ବ୍ୟବସ୍ଥା, ଶୃଙ୍ଖଳିତ ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ ବ୍ୟବସ୍ଥାକୁ ଅନୁଧ୍ୟାନ କରିଥିଲେ। ପରେ ହବିଷିଆଳି ମା'ମାନଙ୍କ ସହ ଜିଲାପାଳ ବାର୍ତ୍ତାଳାପ କରିଥିଲେ। ମା'ମାନଙ୍କୁ ସମ୍ପୃକ୍ତ କେନ୍ଦ୍ରଗୁଡ଼ିକରେ ରହଣିରେ ସୁବିଧା ଅସୁବିଧା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ ସମ୍ପର୍କରେ ପଚାରି ବୁଝିଥିଲେ। ହବିଷିଆଳି କେନ୍ଦ୍ରରେ ରହିବା, ବୃନ୍ଦାବତୀଙ୍କୁ ପୂଜା କରିବା, ମନ୍ଦିର ଦର୍ଶନ କରିବା, ମହାପ୍ରସାଦ ସେବନ କରିବା, ଭଜନ, କୀର୍ତ୍ତନ, ପ୍ରବଚନ ଶୁଣିବା ବ୍ୟବସ୍ଥା ଅତ୍ୟନ୍ତ ସୁନ୍ଦର ହୋଇଛି ବୋଲି ହବିଷିଆଳି ମା'ମାନେ ଜିଲାପାଳଙ୍କୁ କହିଥିଲେ।

# ଛକ, ବଜାର ରାସ୍ତାରୁ ହଟାଗଲା ଶତାଧିକ ହୋର୍ଡିଂ

**ଏନ୍‌ଏସି ପକ୍ଷରୁ ହୋର୍ଡିଂ, ଫ୍ଲେକ୍ସ ଉଚ୍ଛେଦ ଅଭିଯାନ**

ନିମାପଡ଼ା,୮।୧୦(ବିଚିତ୍ରାନନ୍ଦ ସାହୁ)

ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗର କଡ଼ା ନିର୍ଦ୍ଦେଶକ୍ରମେ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବୁଧବାର ମୁଖ୍ୟ ରାସ୍ତା କଡ଼ରୁ ହୋର୍ଡିଂ ଓ ଫ୍ଲେକ୍ସ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ଉଚ୍ଛେଦର ବୁଧବାର ପ୍ରଥମ ଦିବସରେ ଏନ୍‌ଏସିର ୬ନଂ. ୱାର୍ଡର ଅମଲାପଡ଼ା ରାସ୍ତା ଠାରୁ କଲେଜ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ରାସ୍ତା ଅବରୋଧ କରି ଲଗାଯାଇଥିବା ଶତାଧିକ ହୋର୍ଡିଂ ଓ ଫ୍ଲେକ୍ସ ହଟାଯାଇଥିବା ଏନ୍‌ଏସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ରାସ୍ତାକଡ଼ରେ ଥିବା ଦୋକାନଗୁଡିକ ସମ୍ମୁଖରେ ଲଗାଯାଇଥିବା ହୋର୍ଡିଂ ଓ ଫ୍ଲେକ୍ସ ଯୋଗୁ ରାସ୍ତା ସଙ୍କୁଚିତ ହୋଇପଡୁଛି। ଲୋକେ ଯିବାଆସିବା, ଯାନବାହାନ ଚଳାଚଳରେ ଘୋର ସମସ୍ୟା ସୃଷ୍ଟି ହେଉଥିବାରୁ ଏନ୍‌ଏସି ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ କହିଛନ୍ତି। ବୁଧବାର ଏହି ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ଆଗକୁ ଏହି ଉଚ୍ଛେଦ ଅଭିଯାନ ଜାରି ରହିବ ଓ ପ୍ରତ୍ୟେକ ୱାର୍ଡର ମୁଖ୍ୟ ରାସ୍ତା କଡ଼ରେ ଥିବା ଦୋକାନଗୁଡ଼ିକ ସମ୍ମୁଖରେ ଲାଗିଥିବା ହୋର୍ଡିଂ ଓ ଫ୍ଲେକ୍ସଗୁଡ଼ିକୁ ଉଚ୍ଛେଦ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଦାସ ସୂଚନା ଦେଇଛନ୍ତି। ସଶସ୍ତ୍ର ପୋଲିସ ବାହିନୀଙ୍କ ଉପସ୍ଥିତିରେ ଏନ୍‌ଏସି ପକ୍ଷରୁ ଏହି ଉଚ୍ଛେଦ ପ୍ରକ୍ରିୟା କରାଯାଇଛି।



ସଶସ୍ତ୍ର ପୋଲିସ ବାହିନୀଙ୍କ ଉପସ୍ଥିତିରେ ରାସ୍ତାକଡ଼ରୁ ହୋର୍ଡିଂ, ଫ୍ଲେକ୍ସ ଉଚ୍ଛେଦ କରାଯାଉଛି।

# ରୋଗଠୁ ବଳିଯାଉଛି ଧାଡ଼ି ଯନ୍ତ୍ରଣା

- ରୋଗ ଦେଖାଇବାକୁ ଓଳିଏ ଅପେକ୍ଷା
- ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ
- ଅନେକେ ନିରାଶରେ ଫେରୁଛନ୍ତି

ଅସ୍ତରଙ୍ଗ,୮।୧୦(ପ୍ରଦୀପ୍ତ କୁମାର ଦୀକ୍ଷିତ)




ଡାକ୍ତରଙ୍କ ପରାମର୍ଶ ପାଇଁ ଧାଡିରେ ଛିଡା ହୋଇଛନ୍ତି ।

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ୍‌ରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅନେକ ଡାକ୍ତର ପଦବୀ ଖାଲି ପଡ଼ିଥିବା ବେଳେ କୌଣସି ବିଶେଷଜ୍ଞ ଡାକ୍ତର ନାହାନ୍ତି। ରୋଗୀମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ରୋଗଠାରୁ ବଳିଯାଉଛି ଧାଡ଼ିରେ ଠିଆ ହେବା ଯନ୍ତ୍ରଣା। ଡାକ୍ତରଙ୍କୁ ସାକ୍ଷାତ୍ କରିବାକୁ ଘଣ୍ଟା ଘଣ୍ଟା ଧରି ଲମ୍ବାଧାଡ଼ିରେ ଠିଆହେବାକୁ ପଡୁଛି। ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଅସ୍ତରଙ୍ଗ ବ୍ଲକ୍ ଅଧୀନ ୧୫ଟି ପଞ୍ଚାୟତର ପାଖାପାଖି ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ଅନ୍ୟପଟେ ରତନପୁର ଓ ଖଣ୍ଡାସାହିରେ ଉପସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ରହିଛି। କିନ୍ତୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ବିଶେଷଜ୍ଞ ଡାକ୍ତର ନ ଥିବାବେଳେ କେବଳ ଏମ୍‌ବିବିଏସ୍ ଡାକ୍ତର ରୋଗୀ ଚିକିତ୍ସା କରୁଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ସକାଳ ୮ଟାରୁ ବହିର୍ବିଭାଗ ଖୋଲୁଥିବା ବେଳେ କେବଳ ଜଣେ ଡାକ୍ତର ରୋଗୀ ଚିକିତ୍ସା କରୁଛନ୍ତି। ଅନ୍ୟପଟେ ଆୟୁଷ ବିଭାଗ ଡାକ୍ତର ପୂର୍ବାହ୍ନ ୧୦ଟା ପରେ ପହଞ୍ଚୁଥିବା ବେଳେ ରୋଗୀ ଚିକିତ୍ସା ପାଇଁ ହଇରାଣ ହେଉଛନ୍ତି। ସ୍ୱଳ୍ପ ସଂଖ୍ୟକ ଡାକ୍ତର ଥିବାରୁ ସପ୍ତାହରେ ବାର ଅନୁସାରେ ସକାଳ ୮ଟାରୁ ଆସୁଛନ୍ତି। ଜଣେ ଲେଖାଏ ଡାକ୍ତର ଚିକିତ୍ସା କରୁଛନ୍ତି। ତେଣୁ ଲୋକେ ଧାଡ଼ିରେ ଠିଆ ହୋଇ ଯନ୍ତ୍ରଣା ଭୋଗୁଛନ୍ତି। ଅନ୍ୟପଟେ ଖଣ୍ଡାସାହି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ଡାକ୍ତର ନ ଥିବାରୁ ରୋଗୀ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଥିବା ନଇଗୁଆଁ ସରପଞ୍ଚ ମଞ୍ଜୁଲତା ଖୁଣ୍ଟିଆ କହିଛନ୍ତି।

ଅନ୍ୟପଟେ ବିଭିନ୍ନ ପଞ୍ଚାୟତକୁ ୩ଟି ମୁଖ୍ୟମନ୍ତ୍ରୀ ବସ୍ ଚାଲୁଥିବାରୁ ପ୍ରତିଦିନ ବିଭିନ୍ନ ଗ୍ରାମାଞ୍ଚଳରୁ ୨୦୦ରୁ ଊର୍ଦ୍ଧ୍ୱ ରୋଗୀ ଆସୁଥିବା ଜଣାପଡ଼ିଛି। ଅନେକ ରୋଗୀ ଧାଡ଼ି ଯନ୍ତ୍ରଣା କଷ୍ଟ ଅନୁଭବ କରି ନିରାଶରେ ଫେରି ଯାଉଛନ୍ତି। ଜଣେ ଡାକ୍ତର ସକାଳୁ ଦେଖୁଥିବାରୁ ୨ଘଣ୍ଟା ପରେ ପାଳି ପଡୁଛି, ଯାହାକି ଭଗବାନଙ୍କୁ ଭରସା କରି ଗ୍ରାମାଞ୍ଚଳରେ ଥିବା କ୍ୱାକ୍‌ମାନଙ୍କ ଆଶ୍ରୟ ନେଉଛନ୍ତି। ଡାକ୍ତର ପଦବୀ ପୂରଣ କରିବାକୁ ବିଭିନ୍ନ ମହଲରେ ଦାବି ହେବା ସହ ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପରେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ନିଦାବିଷ୍ଟ ପାଲଟିଛି। ପଦବୀ ଲୋଭରେ ରାଜନୀତି କରୁଥିବା ନେତାମାନେ ନିର୍ବାଚନ ସମୟରେ କେବଳ ପ୍ରତିଶ୍ରୁତି ଦେଇଥାନ୍ତି, କିନ୍ତୁ ନିର୍ବାଚନ ପରେ ସବୁ କିଛି ଭୁଲିଯାଇଥାନ୍ତି। ହେଲେ ବାସ୍ତବରେ କିଛି ବି ପରିବର୍ତ୍ତନ ହେଉନି। ଅନେକ ସମୟରେ ଡାକ୍ତର ବିଳମ୍ବରେ ଆସୁଥିବାର ନଜର ରହିଛି। ବାରମ୍ବାର ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ଅବଗତ ପରେ ବି କୌଣସି ଫଳ ହେଉନାହିଁ। ପୁରୀ ଜିଲାପାଳ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଜନସାଧାରଣଙ୍କ ସମସ୍ୟା ଦୂର କରିବାକୁ ଦାବ ହୋଇଛି।

**କବିରାଜ ଲିଙ୍ଗରାଜ ପୃଷ୍ଟିଙ୍କ ସ୍ମୃତି ଚାରଣ ସଭା**

ବ୍ରାହ୍ମଣଝରିଲୋ: କଟକ ସଦର ଥାନା କୁରାଙ୍ଗ ପ୍ରଧାନସ୍ଥିତ ରାୟପୁର ଗ୍ରାମର କବିରାଜ ଲିଙ୍ଗରାଜ ପୃଷ୍ଟିଙ୍କ ୧୦୩ ବର୍ଷ ବୟସରେ ଦେହାନ୍ତ ଘଟିଛି। ଏହି ଅବସରରେ ଆୟୋଜିତ ସ୍ମୃତି ଚାରଣ ସଭାରେ ବରିଷ୍ଠ ଖବରଦାତା ଲଳିତ କୁମାର ଦାଶ ସଭାପତିତ୍ୱରେ କରିଥିବା ବେଳେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ମୁଖ୍ୟ ଅତିଥି ଭାବେ, ବରିଷ୍ଠ ଶିକ୍ଷୟିତ୍ରୀ ଯୋତ୍ସ୍ନା ପ୍ରଧାନ, ଅଶୋକ କୁମାର ପୃଷ୍ଟି, ଅମ୍ବି କୁମାର୍ ପରିଜା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ସ୍ୱର୍ଗତ ପୃଷ୍ଟି ଅତ୍ୟନ୍ତ ସରଳ, ସଚ୍ଚୋଟ, ପରୋପକାରି ବ୍ୟକ୍ତି ଭାବେ ଥିଲେ ବୋଲି କହିଥିଲେ ତାଙ୍କର ଦୁଇ ପୁଅ ରଜନୀକାନ୍ତ ପୃଷ୍ଟି, ଉମାକାନ୍ତ ପୃଷ୍ଟି, ଝିଅ ପ୍ରତିମା ପୃଷ୍ଟି, ବୋହୂ ନିରୁପମା ପୃଷ୍ଟି ପ୍ରମୁଖ ଉପସ୍ଥିତ ରହିଥିଲେ।



## ସଂକ୍ଷେପରେ

### କୂଅରେ ପଡ଼ି ବୃଦ୍ଧ ମୃତ: ୨୦ ଘଣ୍ଟା ପରେ ମୃତଦେହ ଜବତ

ଖୁଣ୍ଟୁଣୀ,୮।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଳଭାଗ ଗ୍ରାମ ଦୁର୍ଗା ମନ୍ଦିର କୂଅ ଭିତରୁ ଖୁଣ୍ଟୁଣୀ ପୋଲିସ ବୁଧବାର ମୃତଦେହ ଜବତ କରିଛି। ମୃତକ ହେଲେ ଖୁଣ୍ଟୁଣୀ ଥାନା ଚମ୍ପିଆ ଗ୍ରାମ ଗୋଡିସାହିର ଚୈତନ୍ୟ ନାଏକ (୬୫)। ପୋଲିସ ସନ୍ଧ୍ୟାରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୮/୨୫) ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ଶେଷଦେ ରାଜ କହିଛନ୍ତି। ସୂଚନା ଯେ, ଚୈତ୍ୟନ୍ୟ ମଙ୍ଗଳବାର ସନ୍ଧ୍ୟାରେ ନିକଟରେ ଥିବା ଡାଳଭାଗ ଗ୍ରାମ ଦୁର୍ଗା ମନ୍ଦିର ନିକଟ ଜଳଖିଆ ଦୋକାନକୁ ଜଳଖିଆ ଆଣିବାକୁ ଯାଇଥିଲେ। ହେଲେ ସେ ନିକଟରେ ଥିବା କୂଅ ଉପର ବେଢାରେ ବସିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। କେହି ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ସକାଳୁ ମନ୍ଦିରକୁ ଆସିଥିବା ଲୋକେ କୂଅ ଭିତରେ ମୃତଦେହ ଭାସୁଥିବା ଦେଖି ସରପଞ୍ଚଙ୍କୁ ଜଣାଇଥିଲେ। ସରପଞ୍ଚ ତୁରନ୍ତ ଆଇଆଇସି ରଞ୍ଜନ ପ୍ରଧାନଙ୍କୁ ଜଣାଇବା ପରେ ଏଏସ୍ଆଇ ରାଜ ଆସି ଆଠଗଡରୁ ଦମକଳକୁ ଡକାଇ ମୃତଦେହ ବାହାର କରିଥିଲେ। ଚୈତନ୍ୟଙ୍କ ପରିବାର ଲୋକେ ଆସିବା ବିଳମ୍ବ ହେବାରୁ ସନ୍ଧ୍ୟାରେ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଏଏସ୍ଆଇ କହିଛନ୍ତି।

# ସୁରକ୍ଷା ବଳୟରେ ଦରଘାବଜାର

କଟକ,୮।୧୦(କାର୍ତ୍ତିକ ସାହୁ)

କଟକ ସହରରୁ କର୍ଫ୍ୟୁ ଉଠିବାର ୩୬ ଘଣ୍ଟା ବିତିବା ପରେ ବି ଦରଘାବଜାର ଅଞ୍ଚଳର ପୋଲିସ ସୁରକ୍ଷା ବଳୟରେ ରହିଛି। ମୁଖ୍ୟ ରାସ୍ତାରୁ ଏଯାଏ ବ୍ୟାରିକେଡ୍ ହଟିନାହିଁ। ପୋଲିସର ଅସ୍ଥାୟୀ କ୍ୟାମ୍ପ ପୂର୍ବ ଭଳି ଜାରି ରହିଛି। ବାଉଁଶ ବନ୍ଧା ତନଖି ଫାଟକ ନିକଟରେ ପୋଲିସ ଡ୍ୟୁଟି କରୁଛି। ବାଉଁଶ ବ୍ୟାରିକେଡ୍ ଯୋଗୁ ରାସ୍ତା ସଂକୀର୍ଣ୍ଣ ହୋଇଯାଇଥିବାରୁ ହେତୁ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ଟ୍ରାଫିକ ଜାମ୍ ଯୋଗୁ ଲୋକେ ଅସୁବିଧା ଭୋଗୁଛନ୍ତି। ମାତ୍ର ପୋଲିସ ପରିସ୍ଥିତିକୁ ଏବେ ବି ଗମ୍ଭୀରତାର ସହ ପରଖୁଛି। କୌଣସି ସମୟରେ କାଳେ ଅଘଟଣ ଘଟିବ ଅଥବା ଆଇନ ଶୃଙ୍ଖଳା ପରିସ୍ଥିତି ଦେଖାଦେବ ସେ ନେଇ ପୋଲିସ କର୍ମଚାରୀମାନେ ସଜାଗ ଅଛନ୍ତି। ଏଥିସହ ସ୍ଥାନୀୟ ଅଞ୍ଚଳରେ ସିସିଟିଭି କ୍ୟାମେରା ପୂର୍ବାପେକ୍ଷା ଅଧିକ ଲଗାଯାଉଛି। ପୋଲିସ କଣ୍ଟ୍ରୋଲ ରୁମ୍‌ରୁ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଗତିବିଧି ଉପରେ ନଜର ରଖାଯାଉଛି। ବିଶେଷ କରି କୌଣସି ଅସାମାଜିକ କାର୍ଯ୍ୟକଳାପ ଯେପରି ନ ଘଟେ ସେଥିପ୍ରତି ବରିଷ୍ଠ ପୋଲିସ ଅଧିକାରୀମାନେ ମଧ୍ୟ ଦୃଷ୍ଟି ରଖିଥିବା ଜଣାପଡ଼ିଛି।

ଅପରପକ୍ଷରେ, ଶୋଭାଯାତ୍ରା ସମୟରେ ରବିବାର ବିଶୃଙ୍ଖଳା ସୃଷ୍ଟି କରିବା ଅଭିଯୋଗରେ ମଙ୍ଗଳାବାଗ ଥାନା ପୋଲିସ ଏକ ମାମଲା ରୁଜୁ କରିଛି। ଏହି ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରିଛି। ସେମାନଙ୍କ ବିରୋଧରେ ବିଏନଏସର ଧାରା ୧୦୯(୧), ୧୨୧(୧), ୧୨୧(୨), ୧୩୨, ୧୯୦, ୧୯୧(୨), ୧୯୧(୩), ୧୯୨, ୧୯୫(୧), ୨୨୧, ୨୯୬ ଏବଂ ସର୍ବସାଧାରଣ ସମ୍ପତ୍ତି ନଷ୍ଟ ନିରୋଧ ଆଇନରେ ଏକ ମାମଲା (ନଂ. ୩୭୦) ରୁଜୁ କରିଛି। ମଙ୍ଗଳାବାଗ ଥାନା ପୋଲିସ ଗିରଫ କରିଥିବା ଅଭିଯୁକ୍ତମାନେ ମଧୁପାଟଣା ଥାନା ଅନ୍ତର୍ଗତ ସାର୍ଥୋଳ, ସିଆର୍ଆର୍ଆଇର ପୋତାପୋଖରୀ, ବିଦ୍ୟାଧରପୁର ଓ ନୟାବଜାର, ମଙ୍ଗଳାବାଗର ମାଛୁଆବଜାର ଅଞ୍ଚଳର ବାସିନ୍ଦା ବୋଲି ଜଣାଯାଇଛି। ଗିରଫ ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ମଙ୍ଗଳାବାଗ ଥାନା ପକ୍ଷରୁ ସୂଚନା ମିଳିଛି। ଏହାବାଦ୍ ଗଣ୍ଡଗୋଳ ଘଟଣାରେ ଆଉ କେଉଁମାନେ ସାମିଲ ଅଛନ୍ତି, ପୋଲିସ ସେମାନଙ୍କ ସଂକ୍ରାନ୍ତରେ ତଦନ୍ତ କରୁଛି। ଆଗାମୀ ଦିନରେ ଏହି ସଂଖ୍ୟା ଆହୁରି ଅଧିକ ହେବ ବୋଲି ଅନୁମାନ କରାଯାଉଛି। ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ମୁତୟନ ରହିଛନ୍ତି।




ଦରଘାବଜାରରେ ସିଲ୍ କରାଯାଇଥିବା ବ୍ୟାରିକେଡ୍‌କୁ ସମ୍ପୂର୍ଣ୍ଣ ଖୋଲାଯାଇ ନ ଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି।

**କର୍ଫ୍ୟୁ ହଟିବାର ୩୬ ଘଣ୍ଟା ପରେ**

- ୬ ଜଣଙ୍କୁ କୋର୍ଟ ଚାଲାଣ କଲା ମଙ୍ଗଳାବାଗ ପୋଲିସ

## ଟେଣ୍ଡର ପ୍ରକ୍ରିୟା ବନ୍ଦ ପାଇଁ ବ୍ଲକ୍ ପ୍ରଶାସନର ଅଭିନବ ଉପାୟ

କଟକ ସଦର,୮।୧୦ (ସୁଶାନ୍ତ କୁମାର ଜେନା)

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିୟମ ପ୍ରଣୟନ କରି ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟକୁ ଟେଣ୍ଡର ମାଧ୍ୟମରେ କରିବା ପାଇଁ ୨୦୧୮ରେ ନିର୍ଦ୍ଦେଶ ଦେଇଥିଲେ। ଅଦ୍ୟାବଧି ନୂଆ ସରକାର ମଧ୍ୟ ପୂର୍ବ ସରକାରଙ୍କ ନିୟମ ବଳବତ୍ତର ରଖିଛନ୍ତି। ମାତ୍ର କଟକ ସଦର ବ୍ଲକରେ ଏହି ନିୟମ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ବିଶେଷ କରି ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଆସୁଥିବା ୪୦ ଲକ୍ଷରୁ ୨ କୋଟି ଟଙ୍କାର ଅନୁଦାନ ଜାଣିଶୁଣି ଭାଗଭାଗ କରାଯାଇ ବିଭାଗୀୟ ତତ୍ତ୍ୱାବଧାନରେ କରାଯାଇଥିବା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡିଛି। ୫ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟ ରୂପାନ୍ତରକରଣରେ ଘର ମରାମତି ସହ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ ପାଇଁ ସରକାରଙ୍କ ଅନୁଦାନ ସିଧାସଳଖ ପ୍ରଧାନ ଶିକ୍ଷକ ଓ ଅଧକ୍ଷଙ୍କ ଆକାଉଣ୍ଟକୁ ଆସିଛି। ବୈଷୟିକ ଜ୍ଞାନ ବ୍ଲକ ଯନ୍ତ୍ରୀମାନେ ଦେଉଥିବାରୁ ବିଡିଓ ଚିଠି କରି ଏକକାଳୀନ ଟଙ୍କା ପ୍ରଧାନ ଶିକ୍ଷକ ଓ ମହାବିଦ୍ୟାଳୟ ଅଧକ୍ଷଙ୍କ ପାଖରୁ ନେଲେ ନାହିଁ। ଭାଗ ଭାଗ କରି ଥରକେ ୧୦ ଲକ୍ଷ ଟଙ୍କାରୁ କମ ଦେବା ପାଇଁ କୁହାଯାଇଥିଲା। ୨୦୨୨ରେ ତତ୍କାଳୀନ ବିଡିଓ ପତ୍ର ସଂଖ୍ୟା ୪୨୨୯/୩୦।୧୨।୨୦୨୨ରେ ଉକ୍ତ ବ୍ଲକର ୧୪ଟି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ୯ ଲକ୍ଷ ଟଙ୍କା ଦେବା ପାଇଁ କହିଥିଲେ। ଫଳରେ କାର୍ଯ୍ୟ ବିଭାଗୀୟ ତତ୍ତ୍ୱାବଧାନରେ କରାଯାଇପାରିବ। ସମ୍ପୃକ୍ତ ପ୍ରଧାନ ଶିକ୍ଷକମାନେ ୧୦ ଲକ୍ଷ ଟଙ୍କା ଦେଇଥିଲେ ବିଡିଓଙ୍କୁ ଟେଣ୍ଡର କରିବାକୁ ପଡ଼ିଥାନ୍ତା। ଅନ୍ୟପକ୍ଷରେ ବିଭାଗୀୟ ତତ୍ତ୍ୱାବଧାନରେ ହେଉଥିବା ସମସ୍ତ କାର୍ଯ୍ୟ ବାକିରେ କରାଯାଇ ପରେ ବିଲ ଦିଆଯାଏ ବୋଲି କଟକ ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ପଷ୍ଟ କରିଛନ୍ତି। ଟେଣ୍ଡର ପ୍ରକ୍ରିୟାରେ କାର୍ଯ୍ୟ ହେଲେ ବିଲରେ ଜିଲା ପରିଷଦ କାର୍ଯ୍ୟାଳୟରେ ଅବସ୍ଥାପିତ ନିର୍ବାହୀ ଯନ୍ତ୍ରୀ ସ୍ୱାକ୍ଷର କରିଥାନ୍ତେ। ସରକାରୀ ନିୟମକ ଉଲ୍ଲଂଘନ କରି ଟେଣ୍ଡର ବଦଳରେ ବିଭାଗୀୟ ତତ୍ତ୍ୱାବଧାନରେ ବଡ଼ ବଡ଼ କାର୍ଯ୍ୟ କାହିଁକି କରାଯାଉଛି ବୋଲି ପ୍ରଶ୍ନ କରାଯିବାରୁ ବିଡିଓ ପ୍ରତୀକ ସାହୁ କୌଣସି ମତାମତ ଦେଇନାହାନ୍ତି।

## ୪୩ ପୂଜା ମଣ୍ଡପ ବୁଲିଲେ ପୂର୍ବତନ ବିଧାୟକ

ମଙ୍ଗୁଳି-ଜଗତପୁର,୮।୧୦(ମାନସ ସାମଲ)

ଚୌଦ୍ୱାର କୁମାର ପୂର୍ଣ୍ଣମୀ ରୂପଯାତ୍ରା ଉପଲକ୍ଷେ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ଦେବଦେବୀଙ୍କୁ ଦର୍ଶନ କରିଛନ୍ତି ଚୌଦ୍ୱାର-କଟକ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ। ମହାଦେବ ବଜାର, ଓଟିଏମ ଦୁର୍ଗାବଜାର, ବିରାଟ ବଜାର, ମୁଣ୍ଡମାଳ, ଗାନ୍ଧୀଛକ, କପାଳେଶ୍ୱର, ନୂଆସାହି, କଳିଙ୍ଗବଜାର ସମେତ ୪୩ଟି ପୂଜା ମଣ୍ଡପ ବୁଲି ବିଶ୍ୱାଳ ଠାକୁରଙ୍କୁ ଦର୍ଶନ କରିଥିଲେ। ଦର୍ଶନ ସମୟରେ ଚୌଦ୍ୱାର ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଅର୍ଜୁନ ବେହେରାଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ଥିଲେ। ଅପରପକ୍ଷରେ ଚୌଦ୍ୱାର କଟକ ବରିଷ୍ଠ ଭାଜପା ନେତା ସନ୍ତୋଷ ମହାନ୍ତି, ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଇଂ ଜ୍ଞାନେନ୍ଦ୍ର ସ୍ୱାଇଁ, ପ୍ରଦୀପ ବେହେରା ମଧ୍ୟ ପୂଜା ମଣ୍ଡପ ବୁଲିଥିଲେ। ସେହିପରି ବିରାଟ ବଜାର ପୂଜା କମିଟି ସଭାପତି ପ୍ରଶାନ୍ତ ବରାଳ, ସମ୍ପାଦକ ଅଶୋକ ମାଝି ମଣ୍ଡପରେ ଠାକୁରଙ୍କୁ ଦର୍ଶନ କରିଥିଲେ।

# ‘ବିରାଟ ଚୌଦ୍ୱାର’ ପତ୍ରିକା ଉନ୍ମୋଚିତ



ଅତିଥିଙ୍କ ଦ୍ୱାରା ‘ବିରାଟ ଚୌଦ୍ୱାର’ ପତ୍ରିକା ଉନ୍ମୋଚନ କରାଯାଉଛି।

ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୮।୧୦
(ଆଶୁତୋଷ ଦାସ/ମାନସ ସାମଲ)

ଚୌଦ୍ୱାରରେ ଆରମ୍ଭ ହୋଇଥିବା ପ୍ରସିଦ୍ଧ ରୂପଯାତ୍ରା ପାଇଁ ସହର ଉତ୍ସବମୁଖର ହୋଇଉଠିଛି। ସହରର ସାହିବସ୍ତିର ମେଢ଼ ମଣ୍ଡପ ଓ ରାସ୍ତାଘାଟ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଛି। ୪୩ଟି ମେଢ ମଣ୍ଡପରେ ପୂଜା ସମାପ୍ତ ହେବା ପରେ ସନ୍ଧ୍ୟାରେ ଅନେକ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅବସରରେ ବୁଧବାର ସନ୍ଧ୍ୟାରେ ତିନିକୋଣିଆସ୍ଥିତ ରୂପଯାତ୍ରା ଯାତ୍ରା ପଡିଆରେ ସୂଚନା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଯାତ୍ରା କମିଟି ସଭାପତି ସୁବୋଧ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ସୂଚନା କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ଇମ୍ପାର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ ବସନ୍ତିଆ, ଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ, ସମ୍ପାଦକ ନାରାୟଣ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଯାତ୍ରାର ମୁଖପତ୍ର ‘ବିରାଟ ଚୌଦ୍ୱାର’ ପତ୍ରିକା ଉନ୍ମୋଚିତ ହୋଇଥିଲା। ଦେବଦେବୀ ଗୁରୁବାର ସକାଳରୁ ମଣ୍ଡପ ଛାଡ଼ି ସାହି ପରିକ୍ରମା କରିବା ସହିତ ସନ୍ଧ୍ୟାଠାରୁ ଶୋଭାଯାତ୍ରାରେ ଯାଇ ଯାତ୍ରା ପଡ଼ିଆରେ ମେଳଣ କରିବେ। ପରଦିନ ସକାଳରୁ ଯାତ୍ରା କମିଟି ନିକଟରୁ ଛନ୍ଦା ଓ ଟିକେଟ ନେଇ ଶୋଭାଯାତ୍ରା କରି ଭସାଣି ପାଇଁ ବାହାରିବେ।

**ରୂପଯାତ୍ରା ପାଇଁ ଚୌଦ୍ୱାର ଉତ୍ସବମୁଖର**

## ଧବଳେଶ୍ୱରଙ୍କ ପୀଠ ନିକଟରୁ ମୃତଦେହ ଜବତ

ଖୁଣ୍ଟୁଣୀ, ୮।୧୦(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଧବଳେଶ୍ୱରଙ୍କ ପୀଠ ନିକଟରୁ ଗୁରୁଡ଼ିଝାଟିଆ ପୋଲିସ ଏକ ମୃତଦେହ ଜବତ କରିଛି। ମୃତକ ହେଲେ ପଶ୍ଚିମବଙ୍ଗ ଘଟାଲ ଥାନା ଖରାର ଅଞ୍ଚଳର ଶ୍ୟାମାପଦ ପରମାଣିକ। ସେ ଦୀର୍ଘ ଦିନ ଧରି ଏଠାରେ ବୁଲୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ତାଙ୍କ ମୃତ୍ୟୁକୁ ନେଇ ପୋଲିସ ସନ୍ଦେହ ଘେରରେ ରହିଛି। ମଙ୍ଗଳବାର ରାତିରେ ସେ ଖାଇ ସାରି କୁଦରେ ଥିବା ଶଣ୍ଢାଶ୍ରମ ପାଖରେ ଏକ ଘର ବାହାରେ ଶୋଇଥିଲେ। ସକାଳୁ ସ୍ଥାନୀୟ ଲୋକମାନେ ମାରି ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଗୁରୁଡିଝାଟିଆ ପୋଲିସ ପହଞ୍ଚି ମୃତଦେହ ଜବତ କରି ତାଙ୍କ ପରିବାର ଲୋକଙ୍କୁ ଡକାଇଥିଲେ। କଟକରେ ଥିବା ତାଙ୍କ ଦାଦାପୁଅ ଭାଇ ତରଣୀ ପରମାଣିକ ଓ ପରିବାର ଲୋକ ଆସି ପହଞ୍ଚିବା ପରେ ଅପରାହ୍ନରେ ମୃତଦେହ ପୋଲିସ ଆଠଗଡ଼ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ (ନଂ.୨/୨୫) ରୁଜୁ ହୋଇଥିବା ଆଇଆଇସି ତପନ କୁମାର ପତି କହିଛନ୍ତି।

## ଆଠଗଡ଼ ଭାଜପାର ଗାଁକୁ ଚାଲ ଅଭିଯାନ




କୁମାରପୁରଠାରୁ ଆରମ୍ଭ ହୋଇଥିବା ଭାଜପାର ପଦଯାତ୍ରା।

ଖୁଣ୍ଟୁଣୀ,୮।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ଭାଜପା ପକ୍ଷରୁ ବ୍ଲକରେ ପ୍ରଥମ କରି ଗାଁକୁ ଚାଲ ଅଭିଯାନ କାର୍ଯ୍ୟକ୍ରମ କୁମାରପୁରଠାରୁ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମ ଆଠଗଡ଼ ଭାଜପା ନେତା ଅଭୟ କୁମାର ବାରିକ ଆନୁଷ୍ଠାନିକ ଭାବେ ଉଦଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ଦେଇଥିଲେ। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଜିଏସଟି କମାଇ ଦେଇଥିବାରୁ ଗରିବ ଲୋକଙ୍କୁ ସୁହାଇଲା ଭଳି ନିତ୍ୟ ବ୍ୟବହାର ଜିନିଷ କମ ଦାମରେ ପାଇପାରିବେ ବୋଲି ଅଭୟ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କାର୍ଯ୍ୟକର୍ତ୍ତା ପବିତ୍ର କୁମାର ଆଚାର୍ଯ୍ୟ, ୩ ନଂ. ଜୋନ ଭାଜପା ଖୁଣ୍ଟୁଣୀ ମଣ୍ଡଳ ସଭାପତି ଶୋଭମ ପ୍ରିୟଦର୍ଶୀ, ଉମେଶ ଚନ୍ଦ୍ର ସାମଲ, ପବିତ୍ର ମହାନ୍ତି, ଶିଶିର ଦଳେଇ, ସ୍ୱର୍ଣ୍ଣପ୍ରଭା ବିଶ୍ୱାଳ, କାହ୍ନୁ ଚରଣ ମହାନ୍ତି, ପ୍ରତାପ କୁମାର ଦାସ, ପ୍ରଦ୍ୟୁମ୍ନ ମନ୍ତ୍ରୀ, ଚିତ୍ତରଞ୍ଜନ ନାୟକ, ଶୁଶାନ୍ତ ବିଶ୍ୱାଳ, ବିକାଶ ଦାସ, ବିଜୟ ଦାସ, ହେମନ୍ତ କୁମାର ନାୟକ, ଲାଲା ସାହେବ ପ୍ରମୁଖ ଦେଢ଼ ହଜାରରୁ ଉର୍ଦ୍ଧ୍ୱ ଭାଜପା କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗଦେଇଥିଲେ। ପଦଯାତ୍ରା କୁମାରପୁରରୁ ବାହାରି ଓସ୍ତପୁର, ବଳିପୁର, କଂଟାଣିଆଠାରେ ଶେଷ ହୋଇଥିଲା।

**କୁମାରପୁରଠାରୁ ଆରମ୍ଭ ହେଲା ପ୍ରଥମ ପଦଯାତ୍ରା**

## ପ୍ଲଟ୍ ଆବଣ୍ଟନ ପଞ୍ଜୀକରଣ ୧୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି

କଟକ,୮।୧୦(କାର୍ତ୍ତିକ ସାହୁ)

ଐତିହାସିକ ବାଲିଯାତ୍ରା କଟକ ୨୦୨୫ରେ ଷ୍ଟଲ ଖୋଲିବା ନିମନ୍ତେ ପ୍ଲଟ ପଞ୍ଜୀକରଣ ଅବଧି ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସହରରେ କର୍ଫ୍ୟୁ ଏବଂ ଇଣ୍ଟରନେଟ ବନ୍ଦ ରହିଥିବାରୁ ପଞ୍ଜୀକରଣ ସମୟ ବୃଦ୍ଧି କରାଯାଇଛି। ସୂଚନାଯୋଗ୍ୟ ଯେ, ଅନଲାଇନ ଓ ଅଫଲାଇନ ଜରିଆରେ ପଞ୍ଜୀକରଣ କରାଯାଉଛି। ବାରବାଟୀ ପ୍ୟାଲେସଠାରେ ପ୍ରତିଦିନ ପୂର୍ବାହ୍ନ ୧୦ଟାଠାରୁ ଅପରାହ୍ନ ୫ଟା ୩୦ ମିନିଟ ମଧ୍ୟରେ ଫର୍ମ ଦାଖଲ ଓ ପଞ୍ଜୀକରଣ କାର୍ଯ୍ୟ ଚାଲୁ ରହିଛି। ଅନଲାଇନ ମାଧ୍ୟମରେ ପଞ୍ଜୀକରଣ ପାଇଁ ଇଚ୍ଛୁକ ବ୍ୟକ୍ତି www.baliya-tra.net ୱେବ୍‌ସାଇଟରେ ପଞ୍ଜୀକରଣ କରିପାରିବେ। ପଞ୍ଜୀକରଣ ପାଇଁ ଆଉ ଅଳ୍ପ ଦିନ ବାକି ଥିବାରୁ ଶେଷ ସମୟରେ ଭିଡ଼ ଏଡ଼ାଇବା ନିମନ୍ତେ ଯଥାଶୀଘ୍ର ପଞ୍ଜୀକରଣ କରାଇ ନେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ୪୨ ମୌଜାରେ ମୁଖ୍ୟ ଆକର୍ଷଣ ଗଜଲକ୍ଷ୍ମୀ ପୂଜା



ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ସଭାପତି ଏବଂ ଅନ୍ୟମାନେ ପୂଜା ମଣ୍ଡପ ପରିଦର୍ଶନ କରୁଛନ୍ତି।

କଟକ ସଦର,୮।୧୦(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା ମୁଖ୍ୟ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି। ବେଣ୍ଟକାର, କଣ୍ଟୁଣିଆ, ବହଳ ପଡ଼ା, ଭାରଗୋଳ, ବ୍ରହ୍ମପୁର, କଳପଡ଼ା ସମେତ ୧୮ଟି ଗଜଲକ୍ଷ୍ମୀ ମେଢ଼ କରାଯାଇଛି। ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ପ୍ରଫେସର୍ ମନୋଜ କୁମାର ନାୟକ ବୁଧବାର ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ କରିଥିଲେ। ପୂଜା କମିଟି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତବର୍ଷ ଏହି ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା ଧୁମଧାମରେ ପାଳିତ ହେଉଥିବାରୁ କଟକ ସହରରୁ ଲୋକେ ବୁଲିବା ପାଇଁ ଆସୁଥିବା ଲକ୍ଷ୍ୟ କରାଯାଉଛି।

# ଅବ୍ୟବସ୍ଥାରେ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ




ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟର ଫାଟକ।



ଷ୍ଟାଣ୍ଡ ନ ଥିବାରୁ ଛାତ୍ରୀଛାତ୍ରମାନେ ଗେଟ୍ ବାହାରେ ସାଇକେଲ ରଖିଛନ୍ତି।

ଫୁଲନଖରା/ ବ୍ରାହ୍ମଣଝରିଲୋ, ୮।୧୦(ସତ୍ୟରଞ୍ଜନ ଦାସ ମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗପ୍ରଧାନ ପଞ୍ଚାୟତରେ ୧୯୭୭ରୁ ସ୍ଥାପିତ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟରେ କଟକ ଓ ଖୋର୍ଦ୍ଧା ଜିଲାର ପାଖାପାଖି ୧୨ରୁ ୧୩ଟି ପଞ୍ଚାୟତ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବର୍ତ୍ତମାନ ପାଖାପାଖି ୨ ହଜାର ଛାତ୍ରୀଛାତ୍ର ଓ ୪୦ରୁ ୫୦ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କୁ ନେଇ ମହାବିଦ୍ୟାଳୟ ଚାଲୁଛି। ମହାବିଦ୍ୟାଳୟ ପରିସୀମା ବିସ୍ତୃତ ନିମନ୍ତେ ସ୍ଥାନ ଉର୍ଦ୍ଧ୍ୱଷ୍ଟ ଥିବାବେଳେ ସ୍ଥାନୀୟ କେତେଜଣ ଲୋକ ଜବରଦଖଲ କରିଛନ୍ତି। ଜବରଦଖଲ ଉଚ୍ଛେଦ ପାଇଁ ଅଧକ୍ଷା ସ୍ଥାନୀୟ ତହସିଲଦାରଙ୍କୁ ଅବଗତ କରାଇଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ସେହିପରି ଉନ୍ନତିମୂଳକ କାର୍ଯ୍ୟ ପାଇଁ ମିଳିଥିବା ଅର୍ଥରାଶି ବିନିଯୋଗ ନ ହୋଇ ଅନେକ କାମ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଛାତ୍ରୀଛାତ୍ରଙ୍କ ନିମନ୍ତେ ନିର୍ମିତ ଶୌଚାଳୟ ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଶେଷ ହୋଇପାରୁ ନାହିଁ। ବ୍ଲକ କନିଷ୍ଠ ଯନ୍ତ୍ରୀ କୁହନ୍ତି ଯେ ନୂତନ ସରକାର ଆସିବା ପରେ ନୂତନ ଲୋକ କାର୍ଯ୍ୟ ଠିକ ସମୟରେ ସମାପ୍ତ କରୁନାହାନ୍ତି, ତାଙ୍କୁ ଆମେ ବାରବାର ତାଗିଦ କରିଛୁ। ସେହିପରି କର୍ମଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଆଡମିନିଷ୍ଟ୍ରେଟିଭ ବ୍ଲକ ଏବେ ବିପଜ୍ଜନକ ଅବସ୍ଥାରେ ରହିଛି। କେଉଁଠି ଛାତ ଭାଙ୍ଗି ଗଲାଣି ତ, କେଉଁଠି ପ୍ଲାଷ୍ଟର ଖସିପଡ଼ିଲାଣି। ଛାତ୍ରୀଛାତ୍ରମାନଙ୍କ ପାଇଁ ଷ୍ଟାଣ୍ଡ ନ ଥିବାରୁ ସାଇକେଲଗୁଡ଼ିକ କ୍ୟାମ୍ପସ ବାହାରେ ରଖିବାକୁ ପଡୁଛି। ଆସନ୍ତା ୧ରୁ ୨ ବର୍ଷ ମଧ୍ୟରେ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଥିବାବେଳେ ଏଥି ପ୍ରତି ଦୃଷ୍ଟି ଦେବା ପାଇଁ ନିଆଳି ବିଧାୟକ, ଏମ୍‌ପି ଓ ଜିଲାପାଳଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

**ସମସ୍ୟା ଭୋଗୁଛନ୍ତି ଛାତ୍ରୀଛାତ୍ର**



ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ନିର୍ମାଣାଧୀନ ଅବସ୍ଥାରେ ପଡ଼ିରହିଥିବା ଶୌଚାଳୟ।

**ସେମାନେ ଯାହା କୁହନ୍ତି...**



“ ତହସିଲଦାରଙ୍କୁ ଜବରଦଖଲ ଉଚ୍ଛେଦ ନିମନ୍ତେ ପତ୍ର କରିଥିଲେ ମଧ୍ୟ ଆଶାନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଯେଉଁପାଇଁ ଶିକ୍ଷାନୁଷ୍ଠାନ ଭିତ୍ତିଭୂମି କାର୍ଯ୍ୟ ଅଗ୍ରସର ହୋଇପାରୁନାହିଁ।

**ଶକୁନ୍ତଳା ସାମଲ, ଅଧକ୍ଷା ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ**



“ ବିଧାୟକ ଓ ଉପରିସ୍ଥ ପ୍ରଶାସନିକ ଅଧିକାରୀଙ୍କ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ବହୁ ଜଲଦି ଶିକ୍ଷାନୁଷ୍ଠାନର ନୂଆ ରୁପରେଖରେ ସ୍ଥାପିତ ହେବ।

**ମନୋରଞ୍ଜନ ମହାନ୍ତି, ବିଭାଗୀୟ ଅଧକ୍ଷ, ପଦାର୍ଥ ବିଜ୍ଞାନ**



“ ଛାତ୍ରୀଛାତ୍ରଙ୍କ ନିମନ୍ତେ ଶୌଚାଳୟ ନ ଥିବାରୁ ଆମ୍ଭେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲୁ। ନିର୍ମାଣାଧୀନ ଶୌଚାଳୟ ୧ ବର୍ଷ ହେବ ଶେଷ ହୋଇପାରୁନାହିଁ।

**ବିଷ୍ଣୁପ୍ରିୟା ଓଝା, ପୁରାତନ ଛାତ୍ରୀ**



“ କଲେଜର ପ୍ରାୟ ୨୦୦୦ ଛାତ୍ରୀଛାତ୍ର ପଢୁଥିବାବେଳେ ଏଠାରେ ଖାଇବା ପାଇଁ କ୍ୟାଣ୍ଟିନ ନ ଥିବାରୁ ବିରତି ସମୟରେ ପ୍ରାୟ ୨୦୦ରୁ ୩୦୦ ମିଟର ଦୂରକୁ ପଡ଼ିଥାଏ।

**ସୁଜିତ ମହାରଣା, ଛାତ୍ର**



“ ମହାବିଦ୍ୟାଳୟରେ ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସାଇକେଲ ଯୋଗେ ଆସିଥାନ୍ତି। ସାଇକେଲ ଷ୍ଟାଣ୍ଡ ନ ଥିବାରୁ କ୍ୟାମ୍ପସ ବାହାରେ ରଖିଯିବାକୁ ପଡିଥାଏ, ଯେଉଁଥି ପାଇଁ ଚୋରି ହେବାର ଭୟ ସର୍ବଦା ଲାଗି ରହୁଛି।

**ସୌମ୍ୟରଞ୍ଜନ ମହାରଣା, ପୁରାତନ ଛାତ୍ର**

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଚନ୍ଦ୍ରା



@ ସୂର୍ଯ୍ୟାର୍ଥ



@ ଶିବପ୍ରସାଦ



@ ପାପୁନି



@ ପ୍ରକାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା

# ରାଜ୍ୟବ୍ୟାପୀ ଆଇନଜୀବୀଙ୍କ କଲମଛାଡ଼

- ନୀରବ ପ୍ରତିବାଦ ସହ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ
- ମୁଖ୍ୟମନ୍ତ୍ରୀ, ବିସିଆଇ ଅଧ୍ୟକ୍ଷଙ୍କୁ ଚିଠି ଲେଖିଲା ଓଏସ୍‌ବିସି




ହାଇକୋର୍ଟ ପରିସରରୁ ବାହାରିଥିବା ବାର୍ ଆସୋସିଏଶନର ନୀରବ ଶୋଭାଯାତ୍ରା।

କଟକ,୮।୧୦(କାର୍ତ୍ତିକ ସାହୁ)

ଓଡ଼ିଶା ରାଜ୍ୟ ବାର୍ କାଉନସିଲ ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ରାଜ୍ୟବ୍ୟାପୀ ବୁଧବାର ପ୍ରତିବାଦ କରାଯାଇଛି। ରାଜ୍ୟର ବିଭିନ୍ନ ବାର୍ ଆସୋସିଏଶନ ସହ ସଂଶ୍ଲିଷ୍ଟ ଆଇନଜୀବୀମାନେ କଲମ ଛାଡ଼ ଜରିଆରେ ପ୍ରତିବାଦ କରିଛନ୍ତି, ଯଦ୍ୱାରା କୋର୍ଟରେ ମାମଲା ପରିଚାଳନାରେ ବାଧାପ୍ରାପ୍ତ ହୋଇଛି। ରାଜ୍ୟ ସରକାର ଆଇନଜୀବୀମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ଆନ୍ଦୋଳନ ଜରିଆରେ ଚାପ ମଧ୍ୟ ପ୍ରୟୋଗ କରାଯାଇଛି। ଏଥିସହିତ ଏହି ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ତୁରନ୍ତ ଚିହ୍ନଟ କରି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସହ ମୃତ ଆଇନଜୀବୀ ପୀତବାସଙ୍କ ପରିବାରକୁ ୧କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ(ଓଏସ୍‌ବିସି)ର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ(ବିସିଆଇ) ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି।

ସୂଚନା ଅନୁସାରେ କଲମ ଛାଡ଼ରେ ରାଜ୍ୟର ସମସ୍ତ ବାର୍ ଆସୋସିଏଶନ ସାମିଲ ହୋଇଛନ୍ତି। ଆଇନଜୀବୀମାନେ ସ୍ୱତଃପ୍ରବୃତ୍ତ ସାମିଲ ହୋଇ ଏହି ହତ୍ୟାକାଣ୍ଡର ପ୍ରତିବାଦ କରିଛନ୍ତି। କାଉନସିଲର ଦାବିଗୁଡ଼ିକୁ ତୁରନ୍ତ ସରକାର ପୂରଣ କରିବାକୁ ସେମାନେ ଦାବି କରିଛନ୍ତି। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍ ସଭାପତି ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କଟକ କ୍ରିମିନାଲ ବାର୍ ଆସୋସିଏଶନ, କଟକ ବାର୍ ଆସୋସିଏଶନ, ବୋର୍ଡ ଅଫ ରେଭିନ୍ୟୁ ବାର୍ ଆସୋସିଏଶନ, ଏମଭି ଲୟର୍ସ ବାର ଆସୋସିଏଶନ, କଟକ ଟ୍ୟାକ୍ସ ବାର ଆସୋସିଏଶନ, ଡିଆରଟି ବାର୍ ଆସୋସିଏଶନ, କ୍ୟାଟ୍ ବାର ଆସୋସିଏଶନ, କଞ୍ଜ୍ୟୁମର କୋର୍ଟ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତାମାନେ ଯୋଗଦେଇ ହତ୍ୟା ଘଟଣାକୁ ନିନ୍ଦା କରିଥିଲେ। ଏହାପରେ ହାଇକୋର୍ଟ ପରିସରରୁ ଏକ ନୀରବ ଶୋଭାଯାତ୍ରା ବାହାରି କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା, ଆଇନଜୀବୀ ସୁରକ୍ଷା ଆଇନ ତୁରନ୍ତ କାର୍ଯ୍ୟକ୍ଷମ ସହିତ ଅନ୍ୟ ଦାବିଗୁଡ଼ିକୁ ତୁରନ୍ତ ପୂରଣ କରିବାକୁ ବାର୍ ଆସୋସିଏଶନ ପକ୍ଷରୁ ଦାବି କରାଯାଇଛି। ବାର୍ ଆସୋସିଏଶନ ଉପସଭାପତି ଆଇନଜୀବୀ ସିଦ୍ଧାର୍ଥ ଦାସ, ସମ୍ପାଦକ ଆଇନଜୀବୀ ଅଭିଜିତ୍ ପଟ୍ଟନାୟକ, କଟକ କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ସମେତ ବିଭିନ୍ନ ବାର୍‌ର କର୍ମକର୍ତ୍ତା, ସଦସ୍ୟ ଓ ଆଇନଜୀବୀମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ, ଆଇନଜୀବୀ ପଣ୍ଡାଙ୍କୁ ବ୍ରହ୍ମପୁରସ୍ଥିତ ତାଙ୍କ ବାସଭବନରେ ଦୁର୍ବୃତ୍ତମାନେ ଗୁଳିକରି ସୋମବାର ସନ୍ଧ୍ୟାରେ ହତ୍ୟା କରିଥିଲେ। ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଜରୁରୀ ବୈଠକ ଡକାଯାଇ ଏଭଳି ଘଟଣାକୁ ତୀବ୍ର ନିନ୍ଦା କରାଯାଇଥିଲା। ଏଥିସହ ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ, ମୃତ ଆଇନଜୀବୀଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ, ତଦନ୍ତ ପାଇଁ ଉଚ୍ଚସ୍ତରୀୟ ବିଚାର ବିଭାଗୀୟ କମିଶନ ଗଠନ, ଆଇନଜୀବୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆଇନଜୀବୀ ସୁରକ୍ଷା ଆକ୍ଟ ତୁରନ୍ତ ଲାଗୁ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ପରିଷଦ ପକ୍ଷରୁ ଏ ବାବଦରେ ରାଜ୍ୟ ସରକାରଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀଙ୍କୁ ଅବଗତ କରାଯାଇଥିଲା। ଏଥିସହ ବୁଧବାର କଲମଛାଡ଼ରେ ରାଜ୍ୟର ସମସ୍ତ ବାର୍ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ପରିଷଦ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ନେତୃତ୍ୱରେ ପରିଷଦର କର୍ମକର୍ତ୍ତାମାନେ ମୃତ ଆଇନଜୀବୀଙ୍କ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇବା ସହ ପାରିତ ହୋଇଥିବା ପ୍ରସ୍ତାବଗୁଡ଼ିକୁ ସରକାର କାର୍ଯ୍ୟକାରୀ କରିବା ପାଇଁ ଦୃଢ଼ ଦାବି ଜଣାଇଛନ୍ତି।

# ରବୀନ୍ଦ୍ରନାଥ ଟାଗୋରଙ୍କ 'ପାଥେର ପୁରୀ' ଘର ସଂଗ୍ରହାଳୟ ହେବ

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ବୈଠକରେ ୬ ନିଷ୍ପତ୍ତି

- କଟକ ବାଲିଯାତ୍ରାରେ 'ଥିମ୍ ପାଭିଲିଅନ୍' ନିର୍ମାଣ ହେବ
- କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜାକୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ

ଭୁବନେଶ୍ୱର, ୮।୧୦(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ ବୁଧବାର ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପୁରୀସ୍ଥିତ ରବୀନ୍ଦ୍ରନାଥ ଟାଗୋରଙ୍କ ବାସଗୃହ 'ପାଥେର ପୁରୀ'ର ପୁନରୁଦ୍ଧାର କରାଯାଇ ଏହାକୁ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସଂଗ୍ରହାଳୟରେ ପରିଣତ କରାଯିବ। ସେହିପରି ନଭେମ୍ବର ୫ରୁ ଆରମ୍ଭ ହେଉଥିବା କଟକ ବାଲିଯାତ୍ରାରେ ଓଡ଼ିଆ ସାହିତ୍ୟର ଯୋଗଜନ୍ମା ଲେଖକ ଓ ସେମାନଙ୍କ କୃତିକୁ ନେଇ ଏକ ବିଷୟବସ୍ତୁ ମଣ୍ଡପ 'ଥିମ୍ ପାଭିଲିଅନ୍' ନିର୍ମାଣ କରାଯିବ। ସେହିଭଳି ଇଣ୍ଡୋନେସିଆକୁ ସହଭାଗୀ ଦେଶ ହିସାବରେ ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ' ଅଧୀନରେ ଦେଶର ଏକ ପ୍ରମୁଖ ରାଜ୍ୟକୁ ମଧ୍ୟ ସହଭାଗୀ ରାଜ୍ୟ ହିସାବରେ ଆମନ୍ତ୍ରିତ କରାଯିବ। ଦକ୍ଷିଣ ଏସିଆର କେତେକ ରାଷ୍ଟ୍ରକୁ ସେମାନଙ୍କ ସାଂସ୍କୃତିକ ଦଳ ପଠାଇବାକୁ ମଧ୍ୟ ଅନୁରୋଧ କରାଯିବ।

ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜାକୁ ସହାୟତା ପ୍ରଦାନ ପରେ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା ପାଇଁ ସଂସ୍କୃତି ବିଭାଗ ତରଫରୁ ଆର୍ଥିକ ସହାୟତା ରାଶି ଯୋଗାଇଦିଆଯିବ। ସଂସ୍କୃତି ବିଭାଗ ଅଧୀନ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ବିଭୂତି କାନୁନ୍‌ଗୋ ଓ ଖଲ୍ଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଖାଲିଥିବା ସମସ୍ତ ପଦବୀ ଶୀଘ୍ର ପୂରଣ କରାଯିବ। କେନ୍ଦ୍ରାପଡ଼ା ଜିଲାର କାଳିଦାସ ମନ୍ଦିରର ପୁନରୁଦ୍ଧାର ଦାୟିତ୍ୱ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ନେବ। ଏଥିସହ ଭୁବନେଶ୍ୱର ସୈନିକ ସ୍କୁଲ ନିକଟରେ ହେବାକୁଥିବା ଓଡ଼ିଆ ଅସ୍ମିତା ଭବନର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସେତୁ ଓ ନିର୍ମାଣ ନିଗମକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ଦିଆଯାଇଛି।


**PARADIP PORT AUTHORITY**
**MARINE DEPARTMENT**
No. MD/ACCTS/WK/R-06/2025/1268 Date: 29/09/2025

Name of the Work : Supply of 01 no. 25 Knots Speed Patrol-cum-Chase Boat along with Manning Crew on hire for a period of 05 (five) years. Estimated cost put to tender : Total Estimated cost including Hire Charges & Fuel: Rs.7,49,26,258/- excluding GST. Estimated cost put to Tender towards Hire Charges only Rs.5,05,69,244/- excluding GST. Last date & time of submission of tender through on-line bidding is **17:30 Hours on 23/10/2025.** Date & time for opening of Technical Bid is **15:30 hours on dt.24/10/2025.** For further details, please log on to the Website:

Sd/- Deputy Conservator, Paradip Port Authority
PPA/PR/47/2025-2026 dtd.07.10.2025



Government of Odisha No.O-906
**Office of the Superintending Engineer**
**Rural Works Division, Dhenkanal**
E-Mail : eerwdivisiondhenkanal@yahoo.co.in
**e-Procurement Notice No.05/Building Works/2025-26**

| | | | |
|---|---|---|---|
| 1. | Name of the Work | : | Building Works |
| 2. | Total No. of Works | : | 05 (Three) Nos |
| 3. | Estimated Cost | : | Rs. 61.17 to 69.29 lakh (approx) |
| 4. | Class Contractor | : | "B" Class |
| 5. | Period of Completion | : | 08 (Eight) Months |
| 6. | EMD Required | : | As mentioned in the Annexure at Column-04 |
| 7. | Online for bidding | : | 10.10.2025 at 11.30 A.M. to 24.10.2025 up to 5.00 P.M. |
| 8. | Last Date & Time of seeking tender clarification | : | 23.10.2025 upto 4.00 P.M. |
| 9. | Date & Time of opening of tender (Technical & Financial Bid) | : | 27.10.2025 Technical Bid at 11.00 A.M. & Financial Bid to be announced |

Further details can be seen from the website http://tendersorissa.gov.in
Sd./- Superintending Engineer
OIPR-25101/11/0024/2526 R.W. Division, Dhenkanal



**झारखण्ड सरकार**
**पुलिस अधीक्षक का कार्यालय, गुमला**
**(गुमशुदा की तलाश)**



सर्व साधारण को सुचित किया जाता है कि पीड़िता मुक्ता टोप्पो, उम्र–14 वर्ष, पे0– स्व0 इंजीनियुस टोप्पो ग्राम–पुण्डी, थाना–जारी, जिला–गुमला (झारखण्ड) जो माह अप्रैल 2014 दिल्ली से लापता है, जिसे अंतिम बार रोहतक (हरियाणा) में देखा गया था। इस संबंध में अहतु थाना कांड सं0–14/21 दिनांक–28.08.21 दर्ज कर खोजबीन किया जा रहा हैं। **जिसका रंग सावला, भारीर सामान्य, बाल काला, भाषा सादरी एवं हिन्दी बोलती है। पीड़िता का आधार नं0 xxxx-10148-9996** है । इनकी खोजबीन हेतु जनता का सहयोग अपेक्षित है। उपरोक्त सूचना को सार्वजनिक किया जाना आवश्यक है।

अतः सभी जन साधारण से अनुरोध है कि उपरोक्त पीड़िता मुक्ता टोप्पो, उम्र–14 वर्श के बारे में कोई पहचान/जानकारी मिलने पर पुलिस अधीक्षक का कार्यालय गुमला या निम्नांकित मो0 नं0 पर संपर्क कर इसकी सूचना दे सकते इस लापता लड़की के संबंध में अगर किसी भी प्रकार की कोई जानकारी/ पहचान होने पर नीचे लिखे अंकित मो0 नं0 पर सम्पर्क कर सूचित कर सकते है।

1. पुलिस अधीक्षक गुमला – 9431706376
2. पुलिस उपाधीक्षक (मु0) गुमला। – 9471182113
3. अनुमण्डल पुलिस पदाधिकारी गुमला – 9431706202
4. थाना प्रभारी, अहतु – 8986604606

पुलिस अधीक्षक, गुमला
PR 363588 Police Wireless Headquarter(25-26)#D



**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, लातेहार**

ई–प्रोक्योरमेंट सूचना
ई–निविदा प्रसंग सं० :– **RCD/LATEHAR / 910 / 2025-26**
दिनांक :– **07-10-2025**

| | | |
|---|---|---|
| 1. | कार्य का नाम | लातेहार, जुबली चौक (NH-75) - हेरहंज भाया नवादा (SH-10) पथ के चैनेज 0.00 कि0मी0 से 2.50 कि0मी0 में IRQP कार्य (कुल लम्बाई–2.500 कि0मी0) । |
| 2. | प्राक्कलित राशि (रूपये में) | रू. 1,69,70,298.00 (एक करोड़ उनहत्तर लाख सत्तर हजार दो सौ अनठानबे रुपये) मात्र |
| 3. | कार्य समाप्ति की अवधि | 02 (दो) माह |
| 4. | वेबसाईट पर निविदा प्रकाशित होने की तिथि एवं समय | 12.10.2025 को 10:30 बजे पूर्वाह्न से |
| 5. | निविदा प्राप्ति की अंतिम तिथि एवं समय | 25.10.2025 के 12:00 बजे दिन तक |
| 6. | निविदा खोलने की तिथि एवं समय | 29.10.2025 के 12:00 बजे दिन तक |
| 7. | निविदा आमंत्रित करने वाले पदाधिकारी का नाम एवं पता | कार्यपालक अभियंता , पथ निर्माण विभाग, पथ प्रमण्डल, लातेहार। |
| 8. | प्रोक्योरमेंट पदाधिकारी का सम्पर्क नं० | 06565–245081 |
| 9. | ई–प्रोक्योरमेट सेल का हेल्प लाईन नं० | 0651–2403007 |

➢ निविदा की अन्य शर्ते वेबसाइट **http://jharkhandtenders.gov.in** पर।
➢ पथ निर्माण विभाग, झारखण्ड में निबंधित निविदाकारों को यूकैन से संबंधित प्रमाण पत्र की छाया प्रति संलग्न करना अनिवार्य है।
➢ कार्य की प्राक्कलित राशि घटने–बढ़ने की स्थिति में, उसी के अनुरूप अग्रधन की राशि एवं परिमाण विपत्र का मूल्य लिया जायेगा।

*E-mail ID : eercdlatehar-jhr@nic.in*
*Tel. No. – 06565-248418*
कार्यपालक अभियंता,
PR 363550 (Road)25-26*D पथ निर्माण विभाग, पथ प्रमण्डल, लातेहार



**JHARKHAND URJA SANCHARAN NIGAM LIMITED**
**(CIN No.:U40108JH2013SGC001704)**
Regd. Office:2nd Floor, JUSNL (SLDC) Building Kusai Colony, Doranda, Ranchi -834002
(E-mail:cetjusnl@gmail.com)

**1st TIME EXTENSION NOTICE**

Important date against **NIT No. 390/PR/JUSNL/2025-26** for Design, Engineering, Supply of Materials/ Equipments, Erection, Testing and Commissioning of 132/33 KV, 2 x 80 MVA Grid sub-station including construction of Control Room Building & approach road as well as other civil works at Sindri (Hurl) on turnkey basis is hereby extended in following manner:-

| | |
|---|---|
| End date and time of upload of BID | 22.10.2025 up to 04:00 PM |
| BID Opening date for technical & commercial part | 23.10.2025 at 04.00 PM |

This extension notice is also available on the website www.jharkhandtenders.gov.in

स्वहित एवं राष्ट्रहित में ऊर्जा बचावें। कृपया अपनी शिकयतों को 18003456570(कॉल सेन्टर) पर दर्ज करायें।

Sd/-
General Manager C&M (NWBP)

PR No. 361530
PR 363607 Jharkhand Urja Sancharan Nigam Ltd(25-26)D



Government Of Odisha No.O-857
**Office of the Superintending Engineer**
**Rural Works Division-I, Nabarangpur**
e-mail - eerwngp@rediffmail.com
Letter No. : 5271 Date : 24.09.2025

**e-Procurement Notice**

Name of the work : Road Works, Total No. of works : 38 (Thirty Eight) No's., Approx. Estimated Cost : Rs. 5.08 lakhs to Rs.13.56 lakhs, Class of Contractor : "C" & "D" Class Contractor, Period of completion : 2 (Two) Calendar Months

| Procurement Officer | Bid Identification No. | No. of works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | 4 | | 5 | |
| Rural Works Division-I, Nabarangpur | EERWNGP - Online-07/2025-26 | 38 (Thirty Eight) No's | 10.10.2025 at 10.00 A.M. | 18.10.2025 up to 03.00 P.M. | 20.10.2025 at 11.00 A.M. | |

For details can be seen from the Government website www.tendersorissa.gov.in.
Sd./- Executive Engineer
OIPR-25092/11/0022/2526 Rural Works Division-I, Nabarangpur



Government Of Odisha No.O-894
**Office of the Executive Engineer**
**Rural Works Division-II, Nabarangpur, Umerkote**
e-mail - eerwukt@gmail.com & eerwukt@ymail.com
Letter No. : 3462 Date : 25.09.2025

**e-Procurement Notice**

1. Name of the work : Road Works, 2. Total No. of works : 10 (Ten) Nos., 3. Approx. Estimated Cost : Varies from 51.84 Lakhs to 97.46 Lakhs, 4. Class of Contractor : "B" Class of Contractor, 5. Period of completion : As per TCN

| Procurement officer | Bid Identification No. | Availability of tender online for bidding | | Last Date & Time of Seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-II, Nabarangpur, Umerkote | Online Tender/10/ RWD-UKT/2025-26 | 13.10.2025 at 11.00 A.M. | 24.10.2025 up to 5.00 P.M. | 23.10.2025 at 01.00 P.M. | 27.10.2025 at 11.00 A.M. | To be intimated separately |

Further details can be seen from the Government website www.tendersodisha.gov.in.
Sd./- Executive Engineer
OIPR-25103/11/0025/2526 Rural Works Division-II, Nabarangpur, Umerkote



**कार्यालय अधीक्षण अभियंता, लोक निर्माण विभाग, बिलासपुर मंडल, बिलासपुर**
**ई-प्रोक्यारमेंट निविदा सूचना**
**Portal: http://eproc.cgstate.gov.in**

छत्तीसगढ़ शासन, लोक निर्माण विभाग, बिलासपुर मण्डल, बिलासपुर में निम्नलिखित कार्य नवीन ई-पंजीयन में पंजीकृत ठेकेदार हेतु दिनांक 28.10.2025 तक निविदा आमंत्रित की जाती है:-

| क्र. | नि.आ.सू. क्र./दिनांक | कार्य का नाम | लागत (लाख में) |
|---|---|---|---|
| 1 | 325 | धनगांव संबलपुर मार्ग कि.मी. 1/2 से 1/10 कुल 1.00 कि.मी. एवं दावो से हरियरपुर (बैहरसरी) पहुंच मार्ग कि.मी. 1/2 से 1/10 कुल 1.00 कि.मी. का विशेष गरम्मत कार्य। प्रथम आमंत्रण। मुंगेली संभाग। | 99.00 |
| 2 | 326 | सिल्ली से बैहाकापा मार्ग कि.मी. 1/2 से 1/10 कुल 1.00 कि.मी. एवं नवागांव घुठेरा बैहाकापा छाता मार्ग के कि.मी. 1/2 से 1/10 कुल 1.00 कि.मी. का विशेष मरम्मत कार्य। प्रथम आमंत्रण। मुंगेली संभाग। | 99.00 |
| 3 | 327 | मुंगेली नवापारा मार्ग के कि.मी. 1/8(100), 1/10 कुल 300 मी. एवं रामाकांपा हेड़सपुर मार्ग के कि.मी. 2/8 से 3/10 (300) कुल 300 मी. का विशेष मरम्मत कार्य। प्रथम आमंत्रण। मुंगेली संभाग। | 39.79 |
| 4 | 328 | कपुआ पहुंच मार्ग के कि.मी. 1/6 (100), 1/8 से 1/10 कुल 400 मी. एवं परसदा से केवईयां मार्ग के कि.मी. 1/2 से 1/4 एवं 2/6 (100) कुल 500 मी. का विशेष मरम्मत कार्य। प्रथम आमंत्रण। मुंगेली संभाग। | 99.88 |
| 5 | 329 | अचानकमार-केंवची मार्ग लंबाई 42.00 कि.मी. (राज्यमार्ग क्रमांक 08) में फेसवॉल, सीमेंट कांक्रीट मार्ग, प्रोटेक्शन वॉल, पेण्ड्रा अमरपुर आमाडांड बस्तीबगरा-आमगांव मार्ग (मुख्य जिला मार्ग 78) के कि.मी 30/8 में भारी बारिश के कारण क्षतिगस्त मार्ग, अचानकमार-केंवची मार्ग लंबाई 42.00 कि.मी. (राज्यमार्ग क्रमांक 08) में फेसवॉल, पुलिया का कॉलम का विशेष मरम्मत अंतर्ग मरम्मत कार्य। प्रथम आमंत्रण। पेण्ड्रा संभाग। | 65.01 |
| 6 | 330 | बसंतपुर-भाड़ी मार्ग (मुख्य जिला मार्ग 79) का विशेष मरम्मत अंतर्गत् मरम्मत कार्य। पेण्ड्रा पसान (राज्यमार्ग क्रमांक 04) में कि.मी. 290/2, 290/4, 290/8, 290/10 एवं 286/4, 291/4 मे पुलिया का बिशेष मरम्मत अंतर्गत मरम्मत कार्य। पेण्ड्रा पसान (राज्यमार्ग क्रमांक 04) में कि.मी. 278/10, 281/6, 289/8 में पुलिया गे रेलिंग, पीपरखुटी आमागोहन खोगसरा मार्ग (मुख्य जिला मार्ग 86) लंबाई 18.80 कि.मी. (राज्यमार्ग क्रमांक 08) में फेसवॉल, एवं रिटेंनिग बॉल का विशेष मरम्मत अंतर्गत मरम्मत कार्य। प्रथम आमंत्रण। पेण्ड्रा संभाग। | 88.49 |
| 7 | 331 | कोटगी-पसान-कटघोरा मार्ग (रा.मा. 04), 29484 (2 मी. स्पॅान रलेव कलवर्ट), 300/10 (100 डाया एव.पी.सी.), 301/2 (50मी. रिटेनिंग वाल), 306/2 to 329 /10, 332/8, 332/10, 333/2, 333/2, 335, 339/10 (पुल पुलिया मरम्मत), 353/2 (एप्रोच मरम्मत), चोटिया-चिरगिरी मार्ग (रा.मा.क. 15) कि.मी. 11/6 पुल पुलिया मरम्मत, कटधोरा बायपास मार्ग कि.मी. 2/10, 3/4 सी.सी. मार्ग निर्माण, राहा से रवा गार्ग कि.मी. 8/8 बनवार नाला पुलिया में एप्रोच रोड निर्माण एवं कोरवी जल्के मार्ग कि.मी. 5/4 पुल पुलिया मरम्मत। प्रथम आमंत्रण। कोरवा संभाग। | 108.60 |
| 8 | 332 | हरनगुंडी पहुंच मार्ग (सी.सी. मार्ग निर्माण), पाली दिपका मार्ग कि.मी. 2/4 में निर्गित पुलिया का विशेष मरम्मत, कि.मी. 11/4, 12/2 में शोल्डर एम्वेंकमेंट का विशेष मरम्मत, कटपोरा कोरबा मार्ग कि.मी. 2/4 में शोल्डर एम्वेंकमेंट का विशेष मरम्मत एवं कटघोरा से जुराली मार्ग अहिरन नदी पहुंच मार्ग का विशेष मराम्मत। प्रथम आमंत्रण। कोरवा संभाग। | 123.50 |
| 9 | 333 | चांपा कोरवा मार्ग (एन.एच. 149बी) कि.मी. 1/8-10 सी.सी. मार्ग निर्माण एवं सीपत बलौदा कोरवा मार्ग कि.मी. 42/4 सी.सी. मार्ग निर्माण। प्रथम आमंत्रण। कोरवा संभाग। | 160.00 |
| 10 | 334 | कोथारी सोहागपुर उमरेली मार्ग 4/2 में सी.सी. मार्ग एवं नाली निर्माण एवं 4/6 मे सड़क उन्नयन कार्य, गड़बारानी लबेद मार्ग 1/8, 2/4, 2/8, 2/10, 3/6 जी.एस.बी., डब्लयू एम.एम. बी.टी. एवं आर.सी.सी. नाली निर्माण। प्रथम आमंत्रण। कोरवा संभाग। | 110.00 |
| 11 | 335 | कुदमुरा बरपाली शयांग मार्ग कि.मी. 15/6, रिटेनिंग बाल, शोल्डर इम्प्रूवमेंट कार्य, लेगरू नकिया विमलता शयांग मार्ग कि.मी. 12/10, 18/10 रिटेनिंग वाल, सी.सी. शोल्डर, मड़वारानी पटियापाली लबेद मार्ग कि.मी. 7/8, 8/4, 8/6 (100) = 500 मीटर बस्ती भाग में सी.सी. रोड निर्माण, कि.मी. 10/4, 13/2 क्षतिग्रस्त पुलिया का मरम्मत एवं जोगीपाली नोनदरहा मार्ग कि.मी. 5/2, 5/4 सी.सी. रोड निर्माण। प्रथम आमंत्रण। कोरबा संभाग। | 99.84 |
| 12 | 336 | जगमहंत से महंत मार्ग के कि.मी. 1/2 से 1/8(50) = 0.650 मी., कि.मी. 1/8 (150) से 2/4 (150) = 0.700 मी., कि.मी. 2/4(50) से 3/2(50) = 0.700 मी., कि.मी. 3/2(150) से 3/8(150) = 0.700 मी., कि.मी. 3/8(50) से 4/4 = 0.650 मी. में विशेष मरम्मत कार्य। प्रथम आमंत्रण। चांपा संभाग। | 97.74 |

निविदा में भाग लेने की प्रक्रिया एवं निविदा के संबंध में विस्तृत जानकारी विभाग के उपरोक्त वेबसाईट में देखें जा सकते है।

स्वा./- अधीक्षण अभियंता
लो.नि.वि. बिलासपुर मण्डल, बिलासपुर
G-252603977/3

## ଜେଲରେ ଥିବା ୧୧୯ ଜଣଙ୍କ ଜାମିନ ଖାରଜ

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ): ବହୁଚର୍ଚ୍ଚିତ ଏସ୍ଆଇ ପରୀକ୍ଷା ଜାଲିଆତି ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ୧୧୪ ପରୀକ୍ଷାର୍ଥୀ ଓ ୫ ଦଲାଲଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି। ଏହି ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ପାଇଁ ଓକିଲମାନେ ପୂର୍ବରୁ ବ୍ରହ୍ମପୁର ଜେଏମ୍ଏଫ୍‌ସି (ଗ୍ରାମୀଣ) କୋର୍ଟରେ ଆବେଦନ କରିଥିଲେ। ବୁଧବାର ସେହି ଆବେଦନଗୁଡ଼ିକର ଶୁଣାଣି ହୋଇଥିଲା। ସରକାରୀ ଓକିଲ ଜାମିନ ଆବେଦନର ଦୃଢ଼ ବିରୋଧ କରିଥିଲେ। ଅଭିଯୁକ୍ତମାନେ ଜାମିନରେ ବାହାରିଲେ ତଦନ୍ତ ବାଧାପ୍ରାପ୍ତ ହେବା ଦୃଷ୍ଟିରୁ ୧୧୯ ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରି ଦେଇଥିଲେ ବୋଲି ପିପି ବିଶ୍ୱଜିତ ବରାଳ କହିଛନ୍ତି।

# ଅପରାଧୀଙ୍କୁ ଧରିବାକୁ ୬ ଟିମ୍

**ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା**

ବ୍ରହ୍ମପୁର, ୮।୧୦(ସୁବାସ ଚନ୍ଦ୍ର ପାଢ଼ୀ)



କୁମାରପୂର୍ଣ୍ଣିମା ରାତି ପ୍ରାୟ ୧୦ଟାରେ ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ତାଙ୍କ ଘର ନିକଟରେ ଦୁଇଜଣ ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଥିଲେ। ବିଭିନ୍ନ ସଙ୍ଗଠନ ପକ୍ଷରୁ ଅପରାଧୀମାନଙ୍କୁ ତୁରନ୍ତ ଧରିବାକୁ ଦୃଢ଼ ଦାବି ହେଉଥିବାବେଳେ ମୁଖ୍ୟମନ୍ତ୍ରୀ ଅପରାଧୀଙ୍କୁ ଗିରଫ କରିବାକୁ ଦ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାର ତଦନ୍ତ ପାଇଁ ବୁଧବାର ବ୍ରହ୍ମପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ୬ଟି ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ରେ ୨ ଡିଏସ୍‌ପି, ୨ ଏସ୍‌ଡିପିଓ ୩ ଜଣ ଇନ୍ସପେକ୍ଟର ଓ ୩ ଜଣ ସବ୍‌ଇନ୍ସପେକ୍ଟର ରହିଛନ୍ତି। ବ୍ରହ୍ମପୁର ଏସ୍‌ଡିପିଓଙ୍କ ନେତୃତ୍ୱରେ ଏମାନେ ଘଟଣାର ତଦନ୍ତ କରିବେ। ଅନ୍ୟପକ୍ଷରେ ଅପରାଧୀମାନେ ଯେଉଁ ବାଇକ୍‌ରେ ଆସିଥିଲେ ସେହି ବାଇକ୍‌ର ନମ୍ବର ନକଲି ବୋଲି ଏସ୍‌ପି ଡା. ସର୍ବଣା ବିବେକ ଏମ୍. ଗଣମାଧ୍ୟମକୁ କହିଛନ୍ତି। ସେ କହିଛନ୍ତି, ପ୍ରାଥମିକ ତଦନ୍ତରୁ ଅପରାଧୀମାନଙ୍କ ସମ୍ପର୍କରେ ସୁରାକ୍ ମିଳିଛି। ସେମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ। ତେବେ ଗଠିତ ୬ ଟିମ୍ ଭିତରୁ ଗୋଟିଏ ଟିମ୍ ଘଟଣା ଦିନ ସନ୍ଧ୍ୟାଠାରୁ ରାତି ପର୍ଯ୍ୟନ୍ତ ପୀତବାସ କେଉଁ ରାସ୍ତାରେ ଯାଉଥିଲେ ତାହାର ତଥ୍ୟ ସଂଗ୍ରହକରି ଯାଞ୍ଚ କରୁଛି। ଆଉ ଏକ ଟିମ୍ ସାଇଣ୍ଟିଫିକ୍ ରିପୋର୍ଟ ଓ ଅଞ୍ଚଳବାସୀଙ୍କୁ ପଚରାଉଚରା କରି ବୟାନ ରେକର୍ଡ କରୁଛି। ଅପରାଧୀଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ଅନ୍ୟ ଏକ ଟିମ୍ ଆଇନଜୀବୀଙ୍କ ମୋବାଇଲକୁ କାହାର ଫୋନ୍ ଆସିଥିଲା, ସେହି ଅଞ୍ଚଳର ମୋବାଇଲଗୁଡ଼ିକର କଲ ରେକର୍ଡ ଯାଞ୍ଚ କରୁଛି। ଆଉ ଏକ ଟିମ୍ ତାଙ୍କ ସହ କାହାର ଶତ୍ରୁତା ଥିଲା ତାହାକୁ ନେଇ ଯାଞ୍ଚ କରୁଛି। ୬୦ରୁ ୭୦ଟି ଜାଗାର ସିସିଟିଭି ଫୁଟେଜ୍ ସଂଗ୍ରହ କରାଯାଇଛି। ସେ ଚାମ୍ବରରୁ ବାହାରିବା ପରେ ଏକ ହୋଟେଲକୁ ଯାଇ କିଛି ସାମଗ୍ରୀ କିଣିଥିବାର ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି। ରାଜନୈତିକ ଶତ୍ରୁତାରୁ ଏହି ଘଟଣା ଘଟିଛି କି ତାକୁ ନେଇ ମଧ୍ୟ ତଦନ୍ତ ଜାରି ରହିଛି। ଏଥିସହିତ ତାଙ୍କର କେଉଁଠି ବ୍ୟବସାୟିକ କିମ୍ବା ବ୍ୟକ୍ତିଗତ ଶତ୍ରୁତା, ତାଙ୍କ ଆଇନଜୀବୀ ପେସାକୁ ନେଇ କୌଣସି ଅପରାଧୀ ଏଭଳି କରିଛନ୍ତି କି ଏଭଳି ସମସ୍ତ ଦିଗକୁ ଛାନ୍‌ଭିନ୍ କରାଯାଇ ତଦନ୍ତ କରାଯାଉଛି। ଅପରାଧୀ ଖସିପାରିବେ ନାହିଁ। ସେମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୀତବାସଙ୍କ ସତ୍ୟନାରାୟଣ ମନ୍ଦିର ନିକଟରେ ଥିବା ଚାମ୍ବର ନିକଟକୁ ଏସ୍‌ପି ଯାଇ ଅନୁଧ୍ୟାନ କରି ପାଖ ପଡ଼ୋଶୀ ଓ ସମ୍ପୃକ୍ତ ଅଞ୍ଚଳର ବ୍ୟବସାୟୀମାନଙ୍କୁ ପଚରାଉଚରା କରିଛନ୍ତି। ଏସ୍‌ପିଙ୍କ ସହ ବୈଦ୍ୟନାଥପୁର ଥାନା ଅଧିକାରୀ ସୁଚିତ୍ରା ପରିଡା ଥିଲେ।

# ଭାଇରାଲ ହେଉଛି ମାଷ୍ଟରମାଇଣ୍ଡ ଜ୍ୟୋତ୍ସ୍ନାଙ୍କ ଫଟୋ

**ଟ୍ୟାକ୍ସି ଡ୍ରାଇଭର ବିଦ୍ୟାଧର ସାହୁ ମୃତ୍ୟୁ ଘଟଣା**

**ଲୁକ୍ ଆଉଟ ସର୍କୁଲାର ଜାରି କରିବ ପୋଲିସ**

ଭୁବନେଶ୍ୱର,୮।୧୦ (ସତ୍ୟଜିତ ରାଉତ)



ଟ୍ୟାକ୍ସି ଡ୍ରାଇଭର ଖୋର୍ଦ୍ଧା ବାଣପୁର ଥାନା ଅରାଙ୍ଗ ଗ୍ରାମର ବିଦ୍ୟାଧର ସାହୁ (୩୨)ଙ୍କ ମୃତ୍ୟୁକୁ ୨୦ଦିନ ବିତିଥିବାବେଳେ ଏହି ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଜ୍ୟୋତ୍ସ୍ନା ଖୁଣ୍ଟିଆଙ୍କୁ ଧରିବାରେ କମିଶନରେଟ ପୋଲିସ ବିଫଳ ହୋଇଛି। ବଡ଼ଗଡ଼ ଥାନା ପୋଲିସ ତାଙ୍କୁ ଖୋଜୁଥିବାବେଳେ ଜ୍ୟୋତ୍ସ୍ନାଙ୍କ ଠିକଣା ପାଇବାକୁ ଛାନଭିନ୍ ଚଳାଇଛି। ଏଭଳି ସ୍ଥିତିରେ ବୁଧବାର ଜ୍ୟୋତ୍ସ୍ନାଙ୍କ ଏକ ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଜ୍ୟୋତ୍ସ୍ନା ଫେରାର ଥିବାବେଳେ ପୋଲିସ ତାଙ୍କ ଆର୍ଥିକ କାରବାର ଦିଗକୁ ନେଇ ତଦନ୍ତ ଚଳାଇଛି। ପୋଲିସ ପକ୍ଷରୁ ତାଙ୍କର କିଛି ବ୍ୟାଙ୍କ ଆକାଉଣ୍ଟକୁ ମଧ୍ୟ ଫ୍ରିଜ୍ କରାଯାଇଛି। ଅଭିଯୁକ୍ତା ଜ୍ୟୋତ୍ସ୍ନାଙ୍କ ବିରୋଧରେ କମିଶନରେଟ୍ ପୋଲିସ ଖୁବଶୀଘ୍ର ଲୁକ୍ ଆଉଟ ସର୍କୁଲାର ଜାରି କରିବ ବୋଲି ସୂଚନା ମିଳିଛି। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଥିବାବେଳେ ସେମାନେ ଏବେ ଜେଲରେ ଅଛନ୍ତି।

ସୂଚନାଯୋଗ୍ୟ, ବିଦ୍ୟାଧର ଓଲା/ଉବର ଡ୍ରାଇଭର ଥିବାବେଳେ ଜ୍ୟୋତ୍ସ୍ନାଙ୍କ ବରମୁଣ୍ଡାସ୍ଥିତ କନ୍‌ସଲ୍‌ଟାନ୍ସି ସଂସ୍ଥା ପାଇଁ କାମ କରୁଥିଲେ। ସମୟକ୍ରମେ ଚାକିରି ଠକେଇ ରାକେଟ୍‌ରେ ଫସି ଯାଇଥିଲେ ବିଦ୍ୟାଧର। ଜ୍ୟୋତ୍ସ୍ନାଙ୍କ ନିର୍ଦ୍ଦେଶ ଅନୁଯାୟୀ, ବହୁ ଚାକିରୀ ଆଶାୟୀଙ୍କଠାରୁ ସେ ଟଙ୍କା ଓ ସାର୍ଟିଫିକେଟ୍ ଆଦି ନେଇଥିଲେ। ତେବେ ଠକେଇର ଶିକାର ଲୋକେ ଜ୍ୟୋତ୍ସ୍ନାଙ୍କୁ ନ ପାଇ ବିଦ୍ୟାଧରଙ୍କୁ ଗତ ସେପ୍ଟେମ୍ବର ୧୫ରେ ଭୁବନେଶ୍ୱରରୁ ଅପହରଣ କରିନେଇ ଯାଜପୁରରୋଡ ନେଇଯାଇଥିଲେ। ସେଠାରୁ ବିଦ୍ୟାଧରଙ୍କ ସ୍ତ୍ରୀଙ୍କୁ ଫୋନ କରି ଟଙ୍କା ଦାବି କରିଥିଲେ। ହେଲେ ଅପହର୍ତ୍ତାଙ୍କ ନଜର ବନ୍ଦିରେ ଥିବାବେଳେ ବିଦ୍ୟାଧର ଆତ୍ମହତ୍ୟା କରିଥିଲେ। ପରେ ଅଭିଯୁକ୍ତମାନେ ବିଦ୍ୟାଧରଙ୍କ ମୃତଦେହକୁ ଭୁବନେଶ୍ୱର ଆଣି ସେପ୍ଟେମ୍ବର ୧୯ ବିଳମ୍ବିତ ରାତିରେ ବାରଙ୍ଗ-ପିତାପଲ୍ଲୀ ରୋଡରେ ଫିଙ୍ଗି ଦେଇଥିଲେ।

# ଟାଙ୍ଗିଆରେ ହାଣି ବାପାଙ୍କୁ ହତ୍ୟା

- ଅଭିଯୁକ୍ତ ପୁଅ ଅଟକ
- ମାଟିତଳୁ ମୃତଦେହ ବାହାର କରାଗଲା
- ଟାଙ୍ଗିଆ, କୋଦାଳ ଜବତ

ଦେବଗଡ଼,୮।୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ଅଧୀନ ଔତଳ ଗ୍ରାମରେ ବୁଧବାର ସକାଳେ ବଳଭଦ୍ର ବେହେରା (୬୨)ଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ପୁଅ ହୃଦାନନ୍ଦ ବେହେରାଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ଅଭିଯୋଗ ଅନୁଯାୟୀ, ହୃଦାନନ୍ଦ ଘରେ ଥିବା ଏକ ମେଣ୍ଢାକୁ ବିକ୍ରି କରିବା ପାଇଁ ଜିଦ୍ ଧରିଥିଲେ। ବଳଭଦ୍ର ଏଥିରେ ରାଜି ହୋଇ ନ ଥିଲେ। ଏଥିରେ ହୃଦାନନ୍ଦ ଉତ୍‌କ୍ଷିପ୍ତ ହୋଇ ଏକ ଟାଙ୍ଗିଆରେ ବାପାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବଳଭଦ୍ରଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ହୃଦାନନ୍ଦ ମୃତଦେହ ନେଇ ନିକଟସ୍ଥ ଜମିରେ ଗାତ ଖୋଳି ପୋତିଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ କରିଛି। ଏଥିସହ ଗାତରୁ ମୃତଦେହ ବାହାର କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ପାଲଲହଡ଼ା ଡାକ୍ତରଖାନା ପଠାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଏବଂ କୋଦାଳ ପୋଲିସ ଜବତ କରିଛି। ଏନେଇ ମୃତକଙ୍କ ପୁତୁରା ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା (ନଂ.୩୭୪/୨୫) ରୁଜୁ କରିଛି।

# ଶିକ୍ଷକଙ୍କୁ ମାଡ଼ମାରି ଭିଡିଓ ଭାଇରାଲ

**ପରକୀୟା ପ୍ରୀତି ମହଙ୍ଗା ପଡ଼ିଲା**

ସୁନ୍ଦରଗଡ଼,୮।୧୦
(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ଼ ଜିଲା କିଞ୍ଜିରିକେଲା ଥାନା ଅଞ୍ଚଳରେ ଏକ ସ୍କୁଲର ପ୍ରଧାନଶିକ୍ଷକଙ୍କ ପରକୀୟା ପ୍ରୀତି ମହଙ୍ଗା ପଡିଛି। ସ୍ଥାନୀୟ ଲୋକେ ସମ୍ପୃକ୍ତ ଶିକ୍ଷକଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି, ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଅପରପକ୍ଷେ ମାଡ଼ ଖାଇଥିବା ଶିକ୍ଷକଙ୍କ ସମ୍ପର୍କୀୟ ମଙ୍ଗଳବାର ରାତିରେ ଏ ନେଇ କିଞ୍ଜିରକେଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ. ୨୮୩/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, କିଞ୍ଜିରକେଲା ଥାନା ଅନ୍ତର୍ଗତ କଛାରଜୋର ଗ୍ରାମର ଜଣେ ମହିଳାଙ୍କ ସହ ସମ୍ପୃକ୍ତ ଶିକ୍ଷକଙ୍କ ପରକୀୟାପ୍ରୀତି ଥିଲା। ଗତ ୬ ତାରିଖ ରାତିରେ ଶିକ୍ଷକ ଜଣଙ୍କ ଉକ୍ତ ମହିଳାଙ୍କ ଘରକୁ ଯାଇଥିଲେ। ଗ୍ରାମବାସୀ ଏହା ଜାଣି ମହିଳାଙ୍କ ଘରେ ପଶି ଶିକ୍ଷକଙ୍କୁ ନିସ୍ତୁକ ମାଡ ମାରି ଭିଡିଓ ଭାଇରାଲ କରିଥିଲେ।

# ପୋଲିସକୁ ଆକ୍ରମଣ, ୩ ଅଭିଯୁକ୍ତ

**ଭଡ଼ାଟିଆ- ଘର ମାଲିକ ଗଣ୍ଡଗୋଳ**

ଭୁବନେଶ୍ୱର,୮।୧୦(ସତ୍ୟଜିତ ରାଉତ)



ଘର ଖାଲି କରିବାକୁ ନେଇ ଭଡ଼ାଟିଆ ଓ ମାଲିକଙ୍କ ମଧ୍ୟରେ ଗଣ୍ଡଗୋଳ ହେଲା। ଖବରପାଇ ଘଟଣାସ୍ଥଳକୁ ଯାଇଥିବା ପୋଲିସ ଟିମ୍ ଆକ୍ରମଣର ଶିକାର ହୋଇଥିଲା। କଳିଙ୍ଗନଗର କେ-୪ ଅଞ୍ଚଳରେ ଘଟିଥିବା ଏହି ଘଟଣାକୁ ନେଇ ତମାଣ୍ଡୋ ପୋଲିସ ବୁଧବାର ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଭଞ୍ଜନଗରର ପ୍ରିୟରଞ୍ଜନ ପାତ୍ର(୨୫), ନୟାଗଡ଼ ଖଣ୍ଡପଡ଼ାର ସୁମିତ କୁମାର ସାହୁ(୨୨) ଓ କେନ୍ଦୁଝର ଚମ୍ପୁଆର ଭାରତ ଭୂଷଣ ସାହୁ ଓରଫ ରାହୁଲ (୨୧)।

ପୋଲିସ ସୂଚନା ଅନୁଯାୟୀ, ଗଞ୍ଜାମର ବିନୋଦ କୁମାର ପାତ୍ର ତାଙ୍କ ପୁଅ ପ୍ରିୟରଞ୍ଜନ, ସ୍ତ୍ରୀ ମଞ୍ଜୁଲତା, ଦୁଇ ଝିଅ ପ୍ରଜ୍ଞାପାରମିତା ଏବଂ ବର୍ଷା ବିଦୁସ୍ମିତା ୨ ମାସ ହେବ କେ-୪ସ୍ଥିତ ଅରବିନ୍ଦ ମଲ୍ଲିକଙ୍କ ଘରେ ଭଡ଼ାରେ ରହୁଥିଲେ। ଅଧିକ ଲୋକଙ୍କ ରହଣି ଏବଂ ଘରଭଡ଼ା ନ ଦେବା ଯୋଗୁ ଘର ମାଲିକ ୫ଦିନ ପୂର୍ବେ ଘର ଖାଲି କରିବାକୁ ଭଡ଼ାଟିଆଙ୍କୁ କହିଥିଲେ। ହେଲେ ଭଡ଼ାଟିଆ ପରିବାର ଝଗଡା କରିବା ସହ ଘର ଖାଲିକରିବେ ନାହିଁ ବୋଲି କହିଥିଲେ। ମଙ୍ଗଳବାର ରାତିରେ ବିନୋଦ ପରିବାର ସଦସ୍ୟ ଓ ଅନ୍ୟ ସହଯୋଗୀମାନେ ଘର ମାଲିକ ଓ ତାଙ୍କ ସ୍ତ୍ରୀ ଭାଗ୍ୟବତୀଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ଅରବିନ୍ଦ ସାହାଯ୍ୟ ପାଇଁ ଚିତ୍କାର କରିବାରୁ ସ୍ଥାନୀୟ ଅଞ୍ଚଳର ଆଶିଷ କୁମାର ସାହ ଏବଂ ତାଙ୍କ ବାପା ହରେକୃଷ୍ଣ ଘଟଣାରେ ହସ୍ତକ୍ଷେପ କରିବାରୁ ସେମାନେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଖବର ପାଇ ପିସିଆର ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚିବାରୁ ଅଭିଯୁକ୍ତମାନେ ପୁଣି ଥରେ ଅରବିନ୍ଦଙ୍କୁ ଆକ୍ରମଣ କରିଥିଲେ। ଏଥିସହ ପୋଲିସ କର୍ମଚାରୀମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏନେଇ ଆଶିଷଙ୍କ ଏତଲାକ୍ରମେ ତମାଣ୍ଡୋ ଥାନା ମାମଲା (ନଂ.୨୯୮/୨୦୨୫) ରୁଜୁ କରି ତଦନ୍ତ କରୁଛି।

# ଜିଲା ଜଜ୍ କୋର୍ଟକୁ ମାମଲା ସ୍ଥାନାନ୍ତର

**ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**

ବାଲେଶ୍ୱର, ୮।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲା ଜିଲା ଜଜ୍ କୋର୍ଟକୁ ସ୍ଥାନାନ୍ତର ହୋଇଛି। ଏହି ମାମଲାରେ ଗିରଫ ହୋଇ ଜେଲରେ ଥିବା ୪ ଅଭିଯୁକ୍ତ ବୁଧବାର ଏସ୍‌ଡିଜେଏମ୍ କୋର୍ଟରେ ହାଜର ହୋଇଛନ୍ତି। ମୁଖ୍ୟ ଅଭିଯୁକ୍ତ ଏଚ୍ଓଡି ସମୀର ସାହୁ, ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷ, ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ରନେତା ଶୁଭ୍ରସମ୍ବିତ ନାୟକ ଉକ୍ତ କୋର୍ଟରେ ହାଜର ହୋଇଥିଲେ। ମାମଲାର ଦ୍ୱରିତ୍ ବିଚାର ନିମନ୍ତେ ତଳକୋର୍ଟରୁ ଜିଲା ଜଜ୍ କୋର୍ଟକୁ ସ୍ଥାନାନ୍ତର କରାଯାଇଥିବା ଏସ୍‌ଡିଜେଏମ୍ ଜଜ୍ କିଶୋର କୁମାର ନାଥ ସୂଚନା ଦେଇଥିଲେ।

## Business

# ମାଲ୍ ପରିବହନରେ ପୂର୍ବତଟ ରେଳପଥର ୧୧.୩୩% ଅଭିବୃଦ୍ଧି

ଭୁବନେଶ୍ୱର,୮।୧୦ (ଅନୁରାଧା ମହାରଣା)



ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମାର୍ଦ୍ଧରେ ମାଲ ପରିବହନ ଏବଂ ଯାତ୍ରୀ ପରିବହନରେ ଉଲ୍ଲେଖନୀୟ ଅଭିବୃଦ୍ଧ ହାସଲ କରିଛି। ୨୦୨୫ ଏପ୍ରିଲ-ସେପ୍ଟେମ୍ବର ମଧ୍ୟରେ ପୂର୍ବତଟ ରେଳପଥ ଗତ ବର୍ଷ ସମାନ ଅବଧିରେ ୧୨୩.୬ ନିୟୁତ ଟନ୍ ତୁଳନାରେ ୧୩୭.୬ ନିୟୁତ ଟନ ମାଲ ପରିବହନ କରିଛି, ଯାହାକି ୧୧.୩୩% ର ଅଭିବୃଦ୍ଧିକୁ ଦର୍ଶାଉଛି। ମାଲ ପରିବହନ ରାଜସ୍ୱ ବୃଦ୍ଧିରେ ଯଥେଷ୍ଟ ଅବଦାନ ରଖିଛି। ପୂର୍ବତଟ ରେଳପଥ ସାମଗ୍ରୀ ପରିବହନରୁ ୧୪,୧୬୨.୫୮ କୋଟି ଆୟ କରିଛି, ଯାହା ଗତ ବର୍ଷର ସମାନ ଅବଧିରେ ୧୨,୮୦୮.୩୦ କୋଟି ଥିଲା। ଏହା ୧୦.୫୭% ବୃଦ୍ଧିକୁ ଦର୍ଶାଉଛି। ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ଜୋନ୍‌ର ମୋଟ ରାଜସ୍ୱ ଆୟ ୧୫,୫୭୧.୦୮ କୋଟିରେ ପହଞ୍ଚିଛି । ଏହା ଗତ ବର୍ଷ ସମାନ ଅବଧିରେ ୧୪,୨୨୭.୧୮ କୋଟି ଥିବାବେଳେ ୯.୪୫% ବୃଦ୍ଧିକୁ ପ୍ରତିଫଳିତ କରୁଛି। ସେହିପରି ଯାତ୍ରୀ ପରିବହନ କ୍ଷେତ୍ରରେ ପୂର୍ବତଟ ରେଳପଥ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ୪୮.୨୧ ନିୟୁତ ଯାତ୍ରୀ ପରିବହନ କରିଛି। ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ୪୫.୫୬ ନିୟୁତ ଯାତ୍ରୀ ପରିବହନ କରିଥିଲା। ଏହା ୫.୮୧% ବୃଦ୍ଧିକୁ ସୂଚିତ କରୁଛି। ମାଲ ପରିବହନ ଏବଂ ଯାତ୍ରୀ କ୍ଷେତ୍ରରେ ଏହି ନିରନ୍ତର ଅଭିବୃଦ୍ଧି ଦକ୍ଷ ଯୋଜନା, ବର୍ଦ୍ଧିତ ପରିଚାଳନା ସହ କୋଇଲା, ଲୁହାପଥର, ସିମେଣ୍ଟ ଏବଂ ସାର ଭଳି ପ୍ରମୁଖ ଶିଳ୍ପରେ ମାଲ ପରିବହନ ଗ୍ରାହକଙ୍କ ସହ ସକ୍ରିୟ ସମନ୍ୱୟର ପରିଣାମ। ପୂର୍ବତଟ ରେଳ ପଥ ଭାରତର ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା ନେଟ୍‌ୱର୍କକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ଏହା ଦେଶର ଅର୍ଥନୈତିକ ଅଭିବୃଦ୍ଧି ଏବଂ ଗତିଶୀଳତାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି।

# ଇଣ୍ଡିଆ ମୋବାଇଲ କଂଗ୍ରେସରେ ସିଏମ୍‌ପିଡିଆଇର ଅଂଶ ଗ୍ରହଣ

ଭୁବନେଶ୍ୱର,୮।୧୦



ସିଏମ୍‌ପିଡିଆଇ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁଥିବା ଇଣ୍ଡିଆ ମୋବାଇଲ କଂଗ୍ରେସ (ଆଇଏମ୍‌ସି) ୨୦୨୫ରେ ଭାଗନେଇଛି। ଏହି ଅବସରରେ ସିଏମ୍‌ପିଡିଆଇ ୫ଜି ନବୀକରଣ ମାଧ୍ୟମରେ ପରବର୍ତ୍ତୀ ପିଢ଼ିର ଖଣି କାର୍ଯ୍ୟରେ ନିଜର ପ୍ରଗତିକୁ ପ୍ରଦର୍ଶନ କରିବ। ଏହି ପ୍ରଦର୍ଶନୀ ମାଧ୍ୟମରେ ଖଣି କ୍ଷେତ୍ରରେ ବିଶ୍ୱସନୀୟ ନେଟ୍‌ୱର୍କ, ସୁରକ୍ଷିତ ଖାଦାନ ଏବଂ ଡିଜିଟାଲ ଉତ୍କର୍ଷ ସମ୍ଭବ ହେବ। ସିଏମ୍‌ପିଡିଆଇର ଅଧ୍ୟକ୍ଷ-ସହ-ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର, ନିର୍ଦ୍ଦେଶକ (ଟେକ୍ନିକାଲ/ପି ଆଣ୍ଡ ଡି/ଆର୍‌ଡି ଆଣ୍ଡ ଟି) ଅଜୟ କୁମାର ଏବଂ ସଂସ୍ଥାନର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ପ୍ରଦର୍ଶନୀର ଉଦ୍‌ଘାଟନ କରିଛନ୍ତି। ଅକ୍ଟୋବର ୮ରୁ ଅକ୍ଟୋବର ୧୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ୪ ଦିନିଆ ପ୍ରଦର୍ଶନୀ ଭାରତର ଡିଜିଟାଲ ଖଣି ଭବିଷ୍ୟତକୁ ଆଗେଇନେବା ପାଇଁ ସିଏମ୍‌ପିଡିଆଇର ଟେକ୍ନିକାଲ ନେତୃତ୍ୱ ଏବଂ ପ୍ରତିବଦ୍ଧତାକୁ ପ୍ରଦର୍ଶନ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରୁଥିବା ଜନସମ୍ପର୍କ ଅଧିକାରୀ ତରୁଣ ପାଲିୱାଲ ସୂଚନା ଦେଇଛନ୍ତି।

# ଏଚ୍‌ପି ୱାର୍ଲ୍ଡ ସମ୍ବଲପୁର ଶୋ'ରୁମ୍ ଉଦ୍‌ଘାଟିତ



ଭୁବନେଶ୍ୱର,୮।୧୦

ଏଚ୍‌ପି ୱାର୍ଲ୍ଡ ସମ୍ବଲପୁର ଶୋ'ରୁମ୍ ବୁଧବାର ବୁଢ଼ାରଜା ମୁଖ୍ୟ ରାସ୍ତାର ପଧାନପଡ଼ା ଛକଠାରେ ଉଦ୍‌ଘାଟିତ ହୋଇଯାଇଛି । ସମ୍ବଲପୁର ମହାମାୟା କମ୍ପ୍ୟୁଟରସ ପକ୍ଷରୁ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସାଭେକ୍ସ ଟେକ୍‌ନୋଲୋଜି ପ୍ରାଇଭେଟ୍ ଲିମି ଟେଡ୍‌ର ଓଡ଼ିଶା, ଝାଡ଼ଖଣ୍ଡ ଏବଂ ବିହାର ସେଲ୍ସ ଓ ଅପରେଶନ ଜେନେରାଲ ମ୍ୟାନେଜର ସୁଜିତ ଦାସ, ସିନିୟର ଏଏସ୍‌ଏମ୍ ସୌମ୍ୟ ସାହୁ, ଏମ୍‌ଏସ୍‌ଏମ୍ ରିତ ବିଶ୍ୱାଳ, ଆଞ୍ଚଳିକ ମ୍ୟାନେଜର ସନ୍ତୋଷ ମଣ୍ଡଳ, ବାନାସର ଆଚାର୍ଯ୍ୟ ସିଦ୍ଧାନ୍ତ ତିୱାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହାମାୟା କମ୍ପ୍ୟୁଟରସ ତଥା ଏଚ୍‌ପି ୱାର୍ଲ୍ଡ ସମ୍ବଲପୁର ସ୍ୱତ୍ୱାଧିକାରୀ ଶ୍ୟାମ ପାଣ୍ଡେ ଏବଂ ପ୍ରତୀକ ପାଣ୍ଡେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମ୍ପ୍ରତି ଐତିହାସିକ ସମ୍ବଲପୁର ପ୍ରତ୍ୟେକ କ୍ଷେତ୍ରରେ ବୃଦ୍ଧି ପାଉଛି। ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଚ୍‌ପି ୱାର୍ଲ୍ଡ ସମ୍ବଲପୁର ଶୋ'ରୁମ୍‌ର ପରିକଳ୍ପନା କରାଯାଇଛି । ଏହି ଶୋ'ରୁମ୍‌ରେ ଏଚ୍‌ପି କମ୍ପାନୀର ସମସ୍ତ ସାମଗ୍ରୀ ଉପଲବ୍ଧ ରହିଛି। ତେଣୁ ଗ୍ରାହକମାନେ ସୁବିଧା ଓ ସୁଲଭ ମୂଲ୍ୟରେ ଏଚ୍‌ପି କମ୍ପାନୀର ସାମଗ୍ରୀ କିଣିପାରିବେ ବୋଲି ସ୍ୱତ୍ୱାଧିକାରୀ ପାଣ୍ଡେ କହିଛନ୍ତି ।

# ବଜାରକୁ ଆସିବ ନିସାନ୍‌ର ଟେକ୍‌ଟନ୍

ଭୁବନେଶ୍ୱର,୮।୧୦




ନିସାନ୍ ମୋଟର ଇଣ୍ଡିଆ ପକ୍ଷରୁ ଏହାର ଗ୍ଲୋବାଲ ଏସ୍‌ୟୁଭି ଶୃଙ୍ଖଳା: ଅଲ୍-ନିସାନ୍ ଟେକ୍‌ଟନ୍‌ର ନୂତନ ସଂସ୍କରଣ ପାଇଁ ଏକ ଆକର୍ଷଣୀୟ ପ୍ରିଭ୍ୟୁ ପ୍ରଦାନ କରାଯାଇଛି। 'ଟେକ୍‌ଟନ୍' ନାମ ଗ୍ରୀକ୍ ଭାଷାରୁ ଅଣାଯାଇଛି, ଯାହାର ଅର୍ଥ ହେଉଛି 'ଶିଳ୍ପକାର (କ୍ରାଫ୍ଟସ୍‌ମ୍ୟାନ୍)। ଏହି ନାମ ଏକ ଶକ୍ତିଶାଳୀ, ପ୍ରିମିୟମ ସି-ଏସ୍‌ୟୁଭିକୁ ଦର୍ଶାଉଛି ଯେଉଁଥିରେ ଇଞ୍ଜିନିୟରିଂ ଉତ୍କର୍ଷ, କାର୍ଯ୍ୟଦକ୍ଷତା ଓ ଏକ ସ୍ୱତନ୍ତ୍ର ଡିଜାଇନ ପରିଚୟ ଧାରଣ କରିଛି। ୨୦୨୬ରେ ଏହାର ସମ୍ପୂର୍ଣ୍ଣ ଉନ୍ମୋଚନ ଓ ବିକ୍ରି ଆରମ୍ଭ ହେବା ପୂର୍ବରୁ ଟେକ୍‌ଟନ୍‌କୁ ସି-ଏସ୍‌ୟୁଭି ସେଗ୍‌ମେଣ୍ଟ ପାଇଁ ଡିଜାଇନ କରାଯାଇଛି। ଏହା ନିସାନର 'ୱାନ କାର୍, ୱାନ ୱାର୍ଲ୍ଡ' ରଣନୀତି ଅଧିନରେ ୨ୟ ଉତ୍ପାଦ ହେବ, ଯାହାକୁ ଭାରତ ମଧ୍ୟରେ ବିକ୍ରି ଏବଂ ଭବିଷ୍ୟତରେ ଅନ୍ତର୍ଜାତୀୟ ବଜାରକୁ ରପ୍ତାନି ପାଇଁ ଚେନ୍ନାଇ ପ୍ଲାଣ୍ଟରେ ରେନଲ୍ଟ ସହ ସହଭାଗିତାରେ ନିର୍ମାଣ କରାଯାଇଛି। ଏହି ଅବସରରେ ନିସାନ୍ ମୋଟର କର୍ପୋରେଶନ ଲିମିଟେଡ୍‌ର କର୍ପୋରେଟ ଏକ୍‌ଜିକ୍ୟୁଟିଭ, ଆଲ୍‌ଫୋନ୍ସୋ ଆଲ୍‌ବାଇସା କହିଛନ୍ତି, ପିସାନ ପାଟ୍ରୋଲରୁ ନୂଆ ନିସାନ ଟେକ୍‌ଟନ ଅନୁକରଣ କରାଯାଇଛି। ଆଧୁନିକ ଭାରତୀୟ ଉପଭୋକ୍ତାମାନେ ଚାହୁଁଥିବା ସମସ୍ତ ଫିଚର ଓ ସୁବିଧା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଭାରତରେ ନିସାନ୍ ମୋଟରର ପରିଚାଳନା ନିର୍ଦ୍ଦେଶକ, ସୌରଭ ବସ୍ତ କହିଛନ୍ତି, ଅଲ୍-ନ୍ୟୁ ନିସାନ୍ ଟେକ୍‌ଟନ୍ ନିସାନ୍‌ର ବୋଲ୍ଡ ଲୁକ୍ ଓ ପ୍ରିମିୟମ ଇଣ୍ଟେରିୟର ସହ ଆମେ ନିଶ୍ଚିତଯେ, ଏହା ଏକ ସେଗ୍‌ମେଣ୍ଟରେ ଏସ୍‌ୟୁଭି ଚାହୁଁଥିବା ଗ୍ରାହକଙ୍କୁ ଆକର୍ଷିତ କରିବ। ପ୍ରିମିୟମ ଡିଜାଇନ ଏବଂ ଆଧୁନିକ ଟେକ୍ନୋଲୋଜି ଫିଚର ସହ ନିର୍ମିତ ଏହି ଗାଡ଼ିର ଆଗ ଭାଗରେ ଏକ ଶକ୍ତିଶାଳୀ ସ୍କଲ୍‌ପ୍ଟେଡ ବନେଟ ଓ ସ୍ୱତନ୍ତ୍ର ସି-ସେପ୍‌ଡ ହେଡ୍‌ଲ୍ୟାମ୍ପ ସିଗ୍ନେଚର ପାଟ୍ରୋଲର ଝଲକ ଦେଖିବାକୁ ମିଳିବ। ଏହାର ସାଇଡ୍ ପ୍ରୋଫାଇଲରେ ଏକ ଇମ୍ପୋଜିଂ, ମସ୍କୁଲାର ଷ୍ଟାନ୍ସ ରହିଛି । ଟେକ୍‌ଟନ୍‌ର ଫ୍ରଣ୍ଟଡୋର୍‌ରେ ଏକ 'ଡବଲ-ସି' ସେପ୍‌ଡ ଆସେଣ୍ଟ। ପଛ ଭାଗରେ ଏକ ଲାଲ ଇଲୁମିନେଟେଡ୍ ଲାଇଟ ଏବଂ ସି-ସେପ୍‌ଡ ଡାଇନାମିକ ଟେଲ୍-ଲ୍ୟାମ୍ପ ରହିଛି। ଟେକ୍‌ଟନ୍ ନେମ୍‌ପ୍ଲେଟକୁ ଟୋଲ୍‌ଗେଟ୍ ତଳେ ପ୍ରଦର୍ଶିତ କରାଯାଇଛି।

# କଟକରେ ଶ୍ରୀ ଜୁଏଲର୍ସ ଉଦ୍‌ଘାଟିତ

ଭୁବନେଶ୍ୱର,୮।୧୦

କଟକର ନିମଚୌରୀରେ ଶ୍ରୀ ଜୁଏଲର୍ସକୁ ବିଜୟା ଦଶମୀ ଅବସରରେ ଏକ ମହାସମାରୋହରେ ଉଦ୍‌ଘାଟନ କରାଯାଇଥିଲା। ଶ୍ରୀ ଜୁଏଲର୍ସର ମାଲିକ ବିକାଶ ସାହାଙ୍କ ପିତା ମୁନ୍ନା ସାହା ନାମରେ ଜଣାଶୁଣା ମୁନେଶ୍ୱର ପ୍ରସାଦଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ଗ୍ରାହକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଫର ଘୋଷଣାକରି ମାଲିକ ବିକାଶ ସାହା କହିଛନ୍ତି, ରୁପା ଅଳଙ୍କାର ଉପରେ ୧୦୦% ମାଗଣା ମେକିଂ ଚାର୍ଜ ଏବଂ ସୁନା ଅଳଙ୍କାର ଉପରେ ୫୦% ରିହାତି ପ୍ରଦାନ କରାଯିବ। ଏହି ସ୍ୱତନ୍ତ୍ର ଅଫର ସୀମିତ ସମୟ ପାଇଁ ବୈଧ ରହିବ। ଶ୍ରୀ ଜୁଏଲର୍ସର ମାଲିକ ବିକାଶ ସାହା ସମସ୍ତ କଟକ ବାସିନ୍ଦାଙ୍କୁ ଦୋକାନ ପରିଦର୍ଶନ କରିବାକୁ, ସେମାନଙ୍କର ଆଶୀର୍ବାଦ ପ୍ରଦାନ କରିବାକୁ ଏବଂ ବିଶେଷ ଅଫରର ଲାଭ ଉଠାଇବାକୁ ଅନୁରୋଧ କରିଥିଲେ। ଉଦ୍‌ଘାଟନରେ ପରିବାରର ସମସ୍ତ ସଦସ୍ୟଙ୍କ ସହ ସହରର ଅନେକ ସାମାଜିକ କର୍ମୀ ଏବଂ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ। ସମାରୋହ ଶେଷରେ କଟକ ମହାନଗର ଛଟ୍ ପୂଜା କମିଟିର ସଭାପତି ଶୈଳେଶ କୁମାର ବର୍ମା ଧନ୍ୟବାଦ ଦେଇଥିଲେ।



ଶ୍ରୀ ଜୁଏଲର୍ସର ମାଲିକ ବିକାଶ ସାହାଙ୍କ ପିତା ମୁନେଶ୍ୱର ପ୍ରସାଦ ଉଦ୍‌ଘାଟନ କରୁଛନ୍ତି।

**୨ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ**

ନିମାପଡ଼ା,(ବିବେକାନନ୍ଦ ସାହୁ)- ନିମାପଡ଼ା ଥାନା ଅନ୍ତର୍ଗତ ଉଦ୍ଧାରା ଗ୍ରାମରେ ଦୁଇ ଯୁବତୀଙ୍କୁ ଦୁର୍ବ୍ୟବହାର, ଅସଦାଚରଣ ପ୍ରଦର୍ଶନ କରିବା ସହ ଅତି କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରି ଚଣାଓଟରା କରିବା ସମ୍ପର୍କରେ ଯୁବତୀଙ୍କ ମା' ସ୍ୱପ୍ନାରାଣୀ ବେହେରା ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏ ସମ୍ପର୍କରେ ଉଦ୍ଧାରା ଗ୍ରାମର ଦୁଇଜଣ ଯୁବକଙ୍କ ବିରୋଧରେ କେସ୍ ନଂ. ୩୧୩/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ଦୁଇଜଣ ଯୁବତୀ ଗାଁରେ ସାଙ୍ଗମାନଙ୍କ ସହ କୁମାର ପୂର୍ଣ୍ଣମୀ ଖେଳ ଖେଳୁଥିବା ବେଳେ ଗ୍ରାମର ୨ ଯୁବକ ଯୁବତୀଙ୍କ ପାଖରେ ପହଞ୍ଚି ଦୁର୍ବ୍ୟବହାର କରିଥିବା ଅଭିଯୋଗକାରିଣୀ ମହିଳା ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ପୋଲିସ ଅସଦାଚରଣ କରିଥିବା ଯୁବକଙ୍କୁ ଗିରଫ କରିବାକୁ ଉଦ୍ୟମ ଚଳାଇଥିବା ଥାନା ସୂତ୍ରରୁ ଜଣାପଡ଼ିଛି।

# ଶିବିରରୁ ନିଖୋଜ ହବିଷିଆଳିଙ୍କୁ ପାଇଲା ପ୍ରଶାସନ

ପୁରୀ,୮।୧୦(ଅଜିତ୍ କୁମାର ମହାନ୍ତି)

ହବିଷିଆଳି ଶିବିରରୁ ନିଖୋଜ ଥିବା ହବିଷିଆଳିଙ୍କୁ ପ୍ରଶାସନ ଉଦ୍ଧାର କରିଛି। ମଙ୍ଗଳବାର ସନ୍ଧ୍ୟା ପରଠାରୁ ହବିଷିଆଳି ଜଣଙ୍କ ଶିବିରକୁ ଫେରି ନ ଥିଲେ। ହବିଷିଆଳି ଜଣଙ୍କ ହେଉଛନ୍ତି ବାଣପୁର ଅଞ୍ଚଳର ରମା ସେଠୀ। ରମା ସେଠୀ ବୁଧବତୀ ନିବାସ ୪୧୦ ନଂ. ରୁମରେ ରହୁଥିଲେ। ବୁଧବାର ମେଡିକାଲରୁ ପ୍ରଶାସନ ଉଦ୍ଧାର କରିଛି। ସୂଚନାଯୋଗ୍ୟ, ମିଳିଥିବା ସୂଚନା ଅନୁସାରେ ରମା ମଙ୍ଗଳବାର ସନ୍ଧ୍ୟାରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରୀମନ୍ଦିରକୁ ଯାଇଥିଲେ। ମହାପ୍ରଭୁଙ୍କ ଦର୍ଶନ କରିବା ପରେ ରମା ଶିବିରକୁ ଫେରିବା ସମୟରେ ଭୁଲବଶତଃ ଅନ୍ୟ ଏକ ବସ୍‌ରେ ବସି ପଡ଼ିଥିଲେ। ବସ୍ ସନ୍ଧ୍ୟାରେ ସମଙ୍ଗ ପାର୍କିଂରେ ପହଞ୍ଚିଥିଲା। ସେଠାରେ ରମା ଓହ୍ଲାଇବା ପରେ ରାସ୍ତା ଜାଣିପାରି ନ ଥିଲେ। ଫଳରେ ସେଠି ରାତ୍ରିଯାପନ କରି ସକାଳେ ଶିବିର ଆଡ଼େ ଆସିଥିଲେ। ମାତ୍ର ଦୁର୍ବଳତା କାରଣରୁ ମଙ୍ଗଳାଘାଟ ବଜାର ନିକଟରେ ପଡ଼ି ଯାଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ପରେ ଖବରପାଇ ପ୍ରଶାସନ ମେଡିକାଲ ଯାଇ ରମାଙ୍କୁ ଉଦ୍ଧାର କରି ଶିବିରକୁ ଆଣିଛି। ତେବେ ରମା ସୁସ୍ଥ ଥିବା ଜଣାପଡ଼ିଛି।

# ଲଗ୍ନଙ୍କୁ ଶ୍ରୀକ୍ଷେତ୍ର କୁମାର, ଅରୋଶିଖାଙ୍କୁ ଶ୍ରୀକ୍ଷେତ୍ର କୁମାରୀ ସମ୍ମାନ

**୫୮ତମ କୁମାର ଉତ୍ସବ ଉଦ୍‌ଘାଟିତ**

ପୁରୀ,୮।୧୦(ଅଜିତ୍ କୁମାର ମହାନ୍ତି)




ଉଦ୍‌ଘାଟନୀ ଉତ୍ସବରେ ଶ୍ରୀକ୍ଷେତ୍ର କୁମାର ଓ ଶ୍ରୀକ୍ଷେତ୍ର କୁମାରୀ ସମ୍ମାନ ପ୍ରଦାନ କରାଯାଉଛି।

ପୁରୀର ଅନ୍ୟତମ ପୁରାତନ ସାଂସ୍କୃତିକ ଅନୁଷ୍ଠାନ କୁମାର ଉତ୍ସବ ସମିତି ପକ୍ଷରୁ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚ ଠାରେ ୫୮ତମ କୁମାର ଉତ୍ସବ ବୁଧବାର ସନ୍ଧ୍ୟାରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ଉଦ୍‌ଘାଟିତ ହୋଇଛି। ଅନୁଷ୍ଠାନର ସଭାପତି ବିଶିଷ୍ଟ ଅଧିବକ୍ତା ବିଭୁ ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟକ ଭାବେ ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ଯୋଗ ଦେଇଥିଲେ। ବିଶେଷ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ, ସୁପ୍ରିମକୋର୍ଟ ଅଧିବକ୍ତା ବିରଜା ମହାପାତ୍ର ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ରାଜେଶ ମିଶ୍ର, ଚକ୍ରଧର ମହାପାତ୍ର, ଉପଦେଷ୍ଟା ମନୋଜ ରଥ, ବିଦ୍ୟୁଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ଉପସଭାପତି ଅମରେନ୍ଦ୍ର ପାଇକରାୟ, ସ୍ମରଣିକା ସମ୍ପାଦକ ଶ୍ରୀକାନ୍ତ ମହାନ୍ତି, ପ୍ରତିଯୋଗିତା ଅଧ୍ୟକ୍ଷ ସୁକାନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ଉନ୍ମୋଚନ ହେବା ସହ ସେଣ୍ଟ ଜାଭିଏର୍ସର ଲଗ୍ନ ଲୋକିତ ତ୍ରିପାଠୀ ଏବଂ ଡିଏଭି ପବ୍ଲିକ୍ ସ୍କୁଲର ଅରୋଶିଖା ରଥଙ୍କୁ ଯଥାକ୍ରମେ ଶ୍ରୀକ୍ଷେତ୍ର କୁମାର ଓ ଶ୍ରୀକ୍ଷେତ୍ର କୁମାରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ରଚନା ଦାସଙ୍କୁ ଶ୍ରୀକ୍ଷେତ୍ର ଗୃହିଣୀ ସମ୍ମାନିତ କରାଯାଇଥିବା ବେଳେ ଓଡ଼ିଶା ସଭିଲ୍ ସର୍ଭିସରେ ଉତ୍ତୀର୍ଣ୍ଣ ହୋଇଥିବା ପୁରୀର ଗୌରବ ସ୍ୱାତୀ ସ୍ନିଗ୍ଧା ସୁଆର ଏବଂ ସୌମ୍ୟରଞ୍ଜନ ପଣ୍ଡାଙ୍କୁ କୁମାର ଉତ୍ସବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା।

ସେହିପରି ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ପୁରୀ ବିଡ଼ି ଲାଇବ୍ରେରୀ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ସଭାକାର୍ଯ୍ୟ ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ବରଦ ମହାବୀର ମେଡ଼ନୃତ୍ୟ ଗ୍ରୁପ୍ ପକ୍ଷରୁ ମେଡ଼ନୃତ୍ୟ, ରୁପା ଆଣ୍ଡ ଗ୍ରୁପ୍ ପକ୍ଷରୁ କୁମାର ପୁନେଇ ଜହ୍ନ, ଅନ୍ୟାନ୍ୟ କଳା ମନ୍ଦିର ପକ୍ଷରୁ ମାହାରୀ ନୃତ୍ୟ, ୟୁନିକ୍ ଷ୍ଟାଇଲ ମାଲକାମ୍ବ ପକ୍ଷରୁ ମାଲଖମ୍ବ, ବଲାଙ୍ଗୀର ଲୋହିସିଂହା ସଙ୍ଗୀତ ସାଧନା ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ଲୋକନୃତ୍ୟ ଏବଂ ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଓଡ଼ିଶୀ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। କବିଚିର ଅଧ୍ୟକ୍ଷ ଭରତ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲା ବେଳେ ଅଧ୍ୟକ୍ଷ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଂଯୋଜନା କରିଥିଲେ। ଅନୁଷ୍ଠାନର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।




ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ବାଲୁକା କଳା ମାଧ୍ୟମରେ ରତନ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

# ବିମୋହିତ କଳା ନାଟକ ରାମଲୀଳାରେ ଇନ୍ଦ୍ରଜିତବଧ

**ଲିଟିଲଷ୍ଟାର ଗ୍ରୁପର ସାଂସ୍କୃତିକ ଧମାକା ଫୁଲ ବଉଳବେଣୀ**

ନିମାପଡ଼ା,୮।୧୦(ବିବେକାନନ୍ଦ ସାହୁ)

ନିମାପଡ଼ାର ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପର ୧୪ତମ କୁମାର ଉତ୍ସବ ଓ ସାଂସ୍କୃତିକ ସମାରୋହ ଫୁଲ ବଉଳ ବେଣୀ ବୁଧବାର ଏକ ବର୍ଣ୍ଣାଢ଼୍ୟ ସନ୍ଧ୍ୟାରେ ସ୍ଥାନୀୟ ଦେବୀ ମଣ୍ଡପ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଅତିଥି ଭାବେ ପୂର୍ବତନ ପୋଲିସ ଆଇଜି ବଟକୃଷ୍ଣ ତ୍ରିପାଠୀ, ବିଶିଷ୍ଟ ଅଭିନେତା ଓ ଡାକ୍ତର ଚିତ୍ତରଞ୍ଜନ ମିଶ୍ର, ଶିକ୍ଷାବିତ୍ ପ୍ରଣବ ସ୍ୱାଇଁ, ଶିଶୁ ପତ୍ରିକା ବାନରସେନାର ସମ୍ପାଦକ ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟେଇ, ବରିଷ୍ଠ ଶିକ୍ଷାବିତ୍ ରବୀନ୍ଦ୍ର ନାଥ ପାଢ଼ୀ, ଅଧ୍ୟାପକ ସୁବ୍ରତ ମହାନ୍ତି, ନିର୍ମଳ ମିଶ୍ର, ବସନ୍ତ ସ୍ୱାଇଁ ଓ ସାମାଜିକ କର୍ମୀ ଅଜୟ ମିଶ୍ର ପ୍ରମୁଖ ଯୋଗଦେଇ ଲିଟିଲ୍ ଷ୍ଟାର ଗ୍ରୁପର ବାରମାସରେ ତେର ପର୍ବ ସଦୃଶ ବିଭିନ୍ନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିବାବେଳେ ଗ୍ରୁପର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

ସମାରୋହରେ ଲିଟିଲ ଷ୍ଟାର ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣା ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିବାବେଳେ ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ ଧମାକା ଓ ସମାରୋହରେ ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିବାବେଳେ ନୟାଗଡ଼ର ଶ୍ରୀ ଶ୍ରୀ ରଘୁନାଥ ଜୀଉ ବାଳିକା ରାମନାଟ୍ୟ ସଂସଦର ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ ରାମଲୀଳାରେ ଇନ୍ଦ୍ରଜିତବଧ ଦର୍ଶକଙ୍କୁ ବେଶ ବିମୋହିତ କରିଥିଲା। ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।




କଳାକାରମାନେ ନାଟକ ରାମଲୀଳା ପରିବେଷଣ କରୁଛନ୍ତି।

# ଶିକ୍ଷକଙ୍କ ବଦଳିକୁ ନେଇ ଗ୍ରାମବାସୀଙ୍କ ବିରୋଧ

ପିପିଲି, ୮।୧୦(ପ୍ରଭାତ କୁମାର ମହାପାତ୍ର/ଦୁର୍ଗା ମାଧବ ମିଶ୍ର)

- ବିଇଓ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ
- ବଦଳି ଆଦେଶ ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ଚେତାବନୀ

ପିପିଲି ବ୍ଲକ ଆବଲପୁର ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ସୁଦର୍ଶନ ବରାଳଙ୍କ ଅନ୍ୟତ୍ର ବଦଳି ନେଇ ଗ୍ରାମବାସୀ ବିରୋଧ କରିଛନ୍ତି। ଏ ନେଇ ବୁଧବାର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଆଗାମୀ ୭ଦିନ ମଧ୍ୟରେ ସହକାରୀ ଶିକ୍ଷକ ସୁଦର୍ଶନଙ୍କ ବଦଳି ଆଦେଶ ପ୍ରତ୍ୟାହାର ନ ହେଲେ ବିଦ୍ୟାଳୟରେ ତାଲା ପକାଇ ରାଜରାସ୍ତାରେ ପ୍ରତିବାଦ କରିବାକୁ ଚେତାବନୀ ଦେଇଛନ୍ତି। ଏଥିସହ ବଦଳି ଆଦେଶ ପ୍ରତ୍ୟାହାର ନିମନ୍ତେ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ବିଇଓ ପୀତବାସ ସେଠୀଙ୍କୁ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ବିଦ୍ୟାଳୟ ସହକାରୀ ଶିକ୍ଷକ ସୁଦର୍ଶନଙ୍କ ବଦଳି ଆଦେଶ ପାଇବା ପରେ ଗ୍ରାମବାସୀ, ବିଦ୍ୟାଳୟ କମିଟି ଓ ଜନ ପ୍ରତିନିଧିମାନେ ବିଇଓ କାର୍ଯ୍ୟାଳୟକୁ ଯାଇ ଶିକ୍ଷା ଅଧିକାରୀଙ୍କୁ ଘେରିବା ସହ ଏହି ବଦଳିକୁ ବିରୋଧ କରିଥିଲେ। ଏଥିସହ ସୁଦର୍ଶନଙ୍କ ବଦଳି ପଛରେ ରାଜନୈତିକ ଅଭିସନ୍ଧି ତଥା ବିଧାୟକଙ୍କ ହାତ ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବଦଳି କ୍ଷମତା ବିଧାୟକ ଓ ଏମ୍‌ପିଙ୍କର ରହିଛି ବୋଲି ପିପିଲି ଶିକ୍ଷା ଅଧିକାରୀ ସେଠୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ ବ୍ଲକରେ ୧୫୪ ଜଣ ଶିକ୍ଷକଙ୍କ ବଦଳି କରାଯାଇଛି। ତେବେ ୫ଜଣ ଶିକ୍ଷକଙ୍କୁ ବିଧାୟକଙ୍କ ସୁପାରିସରେ ବଦଳି କରାଯାଇଥିବା ବିଇଓ ସ୍ପଷ୍ଟ କରିଛନ୍ତି। ଏପରିକି ବିଧାୟକ ଓ ଏମ୍‌ପିଙ୍କର ୧୫ ଜଣ ଲେଖାଏ ଶିକ୍ଷକ ବଦଳି କରିବାର କ୍ଷମତା ରହିଛି। ବିଧାୟକ ନିଜ କୋଟାରୁ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିପାରିବେ ବୋଲି ବିଇଓ କହିଛନ୍ତି। ସରକାରୀ ନିୟମ ଅନୁସାରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ଆସିଲେ ସେମାନଙ୍କୁ ଅନ୍ୟତ୍ର ବଦଳି କରାଯିବାର ନିୟମ ରହିଛି। ମାତ୍ର ବିଧାୟକଙ୍କ ସୁପାରିସରେ ବଦଳି ହୋଇଥିବା ସହକାରୀ ଶିକ୍ଷକ ସୁଦର୍ଶନଙ୍କ ବିରୋଧରେ କୌଣସି ଅଭିଯୋଗ ନ ଥିବା ବିଇଓ କହିଛନ୍ତି।

# ଫାଇନାନ୍ସ କର୍ମଚାରୀଙ୍କ ଆକ୍ରମଣରେ ମାମୁ-ଭଣଜା ଗୁରୁତର

ବ୍ରହ୍ମଗିରି, ୮।୧୦(ସ୍ୱାଧୀନ ଚମ୍ପତିରାୟ)

**କିସ୍ତି ଟଙ୍କା ପାଇଁ ମରଣାନ୍ତକ ଆକ୍ରମଣ**

ଫାଇନାନ୍ସ କିସ୍ତି ଟଙ୍କା ଆଦାୟ କରିବାକୁ ଯାଇ ବୁଧବାର ଜଣେ ଏଜେଣ୍ଟ ଗୁଣ୍ଡାରାଜ କରି ମରଣାନ୍ତକ ଆକ୍ରମଣ କରିଛନ୍ତି।

ସୂଚନାଯୋଗ୍ୟ, ବ୍ରହ୍ମଗିରି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗୋଲରା ଅଞ୍ଚଳର ଅଜୀବ ଜେନା ତାଙ୍କ ଭଣଜାଙ୍କ ସହିତ ଏକ ସ୍କୁଟିରେ ପୁଅକୁ ଡାକ୍ତରଖାନା ନେଇ ଯିବାବେଳେ ହାତିଆ ଛକ ନିକଟରେ ଫାଇନାନ୍ସ କର୍ମଚାରୀ ତାଙ୍କୁ ଅଟକାଇଥିଲେ। ଗାଡ଼ି କିସ୍ତି ଖିଲାପ ଥିବା କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଲୋକମାନେ ଆସିଯିବାରୁ ସେଠାରୁ ଅଜୀବ ଡାକ୍ତରଖାନା ପଳାଇଥିଲେ। କିନ୍ତୁ ଫାଇନାନ୍ସ କର୍ମଚାରୀ ତାଙ୍କ ପିଛା ଛାଡ଼ି ନ ଥିଲେ। କେରାଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗେଟ୍ ନିକଟରେ ପହଞ୍ଚି ପୁଣି ପାଟିତୁଣ୍ଡ କରିଥିଲେ। ପରେ ଫାଇନାନ୍ସ କର୍ମଚାରୀ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଆକ୍ରମଣରେ ମାମୁଁ ଅଜୀବ ଜେନାଙ୍କ ଜଙ୍ଘ ଓ ମୁଣ୍ଡ ଏବଂ ଭଣଜା ପୂର୍ଣ୍ଣ ଜେନାଙ୍କ ପେଟରେ ଗଭୀର ଆଘାତ ଲାଗି ଗୁରୁତର ହୋଇଥିଲେ। ପ୍ରଥମେ କେରାଣ୍ଡିଆ ଡାକ୍ତରଖାନା ଚିକିତ୍ସା ହେବା ପରେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍କୁଟି ଏବଂ ଫାଇନାନ୍ସ କର୍ମଚାରୀଙ୍କ ବାଇକ୍ ଜବତ କରିବା ସହ ଅଧିକ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ଫାଇନାନ୍ସ କର୍ମଚାରୀ ଚମ୍ପଟ ମାରିଛନ୍ତି।


**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
No.A-694 **e-Procurement Notice**
Bid Identification No.ACEM/MDB-36/2025-26
1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : ACEM/MDB-36/2025-26
5. Estimated Cost : Rs.17,50,395/-
6. Period of Completion : 02 (Two) Calendar Months
7. Date & Time of availability of bid documents in the Portal : From Dt.10.10.2025 (10.00 AM) to dt.22.10.2025 (5.30 PM)
8. Last date/time for receipt of bid in the Portal : dt.22.10.2025 (upto 5.30 PM)
9. Date and Place of Opening of Bid : Dt.23.10.2025 (12.00 Noon onwards in the O/o the Undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-Procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Addl. Chief Engineer
OIPR-32405/11/0091/2526 Mechanical Circle, Bhubaneswar



**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
No.A-699 **e-Procurement Notice**
Bid Identification No.ACEM/MDB-41/2025-26
1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : ACEM/MDB-41/2025-26
5. Estimated Cost : Rs.15,18,909/-
6. Period of Completion : 02 (Two) Calendar Months
7. Date & Time of availability of bid documents in the Portal : From Dt.10.10.2025 (10.00 AM) to dt.22.10.2025 (5.30 PM)
8. Last date/time for receipt of bid in the Portal : dt.22.10.2025 (upto 5.30 PM)
9. Date and Place of Opening of Bid : Dt.23.10.2025 (12.00 Noon onwards in the O/o the Undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-Procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Addl. Chief Engineer
OIPR-32405/11/0096/2526 Mechanical Circle, Bhubaneswar



Government of Odisha No.MM-219
**"e" Procurement Notice**
**OFFICE OF THE DIVISIONAL FOREST OFFICER PURI WILDLIFE DIVISION, PURI**
Bid Identification No.01 of 2025-26

| | | |
|---|---|---|
| 1 | Nature of the Work | Construction of New Forester Quarter |
| 2 | No. of Works:- | 2 Nos. |
| 3 | Estimate Cost:- | As mentioned in Column No.3 |
| 4 | Period of Completion | 03 (Three Calendar Months/Each) |
| 5 | Date & Time of availability of the bid documents in the portal | 11.00 Hours of 08.10.2025 to 17.00 Hours of 22.10.2025 |
| 6 | Last date/time of receipt of the bid in portal | 22.10.2025 upto 17.00 Hours |
| 7 | Date of Opening | 11.00 Hours of 23.10.2025 |
| 8 | Name and Address of the Office | Office of the Divisional Forest Officer, Puri (WL) Division, Puri |

Further details can be seen from the e-Procurement Portal "https://tendersorissa.gov.in.
Sd./- Divisional Forest Officer
OIPR-08140/11/0017/2526 Puri (WL) Division, Puri



**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
No.A-698 **e-Procurement Notice**
Bid Identification No.ACEM/MDB-40/2025-26
1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : ACEM/MDB-40/2025-26
5. Estimated Cost : Rs.15,11,646/-
6. Period of Completion : 02 (Two) Calendar Months
7. Date & Time of availability of bid documents in the Portal : From Dt.10.10.2025 (10.00 AM) to dt.22.10.2025 (5.30 PM)
8. Last date/time for receipt of bid in the Portal : dt.22.10.2025 (upto 5.30 PM)
9. Date and Place of Opening of Bid : Dt.23.10.2025 (12.00 Noon onwards in the O/o the Undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-Procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Addl. Chief Engineer
OIPR-32405/11/0095/2526 Mechanical Circle, Bhubaneswar



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍‌ଡିଂ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: 19039/ଭୁ.ଉ.କ., ଭୁବନେଶ୍ୱର ତା: 25.09.2025ରିଖ
BRP-1170/88
**ସୂଚନା**

No. CAD-1944: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରଗଡ଼ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ବରଗଡ଼, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ ନଂ. – RP-50କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୭୪୨୨/ଏ.ଏଲ୍, ତା୧୯।୦୭।୨୦୦୬ରିଖ ଅନୁଯାୟୀ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ପ୍ରକାଶ ପାଣିଙ୍କ ନାମରୁ (୧) ଶ୍ରୀ ଦିଲିପ କୁମାର ମିଶ୍ର, ପିତା: ମଧୁସୂଦନ ମିଶ୍ର ଓ (୨) ଶ୍ରୀମତୀ ମୀନା ମିଶ୍ର, ସ୍ୱାମୀ: ଶ୍ରୀ ଦିଲିପ କୁମାର ମିଶ୍ର, ଗ୍ରାମ: ଗମାଣ୍ଡିଆ, ପୋଷ୍ଟ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଜିଲ୍ଲା: କଟକ, ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା।

ଆବଣ୍ଟନଗ୍ରାହୀଙ୍କ ମଧ୍ୟରୁ ଦିଲିପ କୁମାର ମିଶ୍ର ଗତ ତା୦୯।୦୬।୨୦୨୧ରିଖରେ ମୃତ୍ୟୁବରଣ କରିଅଛନ୍ତି। (Death Certificate Registration No. 10258/2021 dated 11.06.2021. Legal heir Certificate Misc. Case No. E-LHC/2021/104194 Dated: 22.09.2022 ଅନୁଯାୟୀ ଦିଲିପ କୁମାର ମିଶ୍ରଙ୍କର ଉତ୍ତରାଧିକାରୀ (୧) ମୀନା ମିଶ୍ର (ସ୍ତ୍ରୀ), (୨) ବରୁଣ ମିଶ୍ର (ପୁତ୍ର) ଓ (୩) ମିଲନ ମିଶ୍ର (ପୁତ୍ର) ଅଟନ୍ତି।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ଲଟର ମାଲିକାନା ସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ସ୍ୱତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।
ସ୍ୱା./– ଆବଣ୍ଟନ ଅଧିକାରୀ–୧
OIPR-13033/11/0384/2526 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ



**ITDA, JHARSUGUDA**
**TENDER CALL NOTICE**
**No.724, Dt.04.10.2025**
No.CAD-1951:The Project Administrator, ITDA, Jharsuguda invites percentage rate basis Tender for 07 Nos. (Seven) of projects. The sale of bid documents starts from Dt.09.10.2025 to Dt.23.10.2025 during the office hour and receipt of the bid documents starts from Dt.09.10.2025 to Dt.24.10.2025 upto 5.00 P.M. on all working days in the office of the Project Administrator, ITDA, Jharsuguda. The bid will be opened on Dt.28.10.2025 at 11.00 A.M. Intending Valid Contractors may visit district website of Jharsuguda www.jharsuguda.odisha.gov.in for detail information.
Sd./- Project Administrator
OIPR-19444/11/0002/2526 ITDA, Jharsuguda



**ZILLA SWASTHYA SAMITI, KORAPUT**
(NTEP CELL)
**NATIONAL HEALTH MISSION**
E-mail: dtoorkrp@rntcp.org Phone:06852-252714
No.3282/NTEP/NHM/KPT Date:06.10.25
**TENDER CALL NOTICE**
No.E-427: Sealed tenders are invited from eligible agencies for selection of the most suitable agency to supply Nutritional Kit for TB Patients of Koraput District. Details regarding the items, terms & conditions and formats for submission of tender may be downloaded from the website: https://koraput.odisha.gov.in. The tenders should reach the office of the undersigned by 28.10.2025 till 04.00 P.M. The tender will be opened at 11.00 AM on 29.10.2025. The undersigned reserves the right to reject any or all the tenders without assigning any reason thereof.
Sd./- CDM & PHO -cum-
OIPR-10077/11/0025/2526 District Mission Director, Koraput



**BOARD OF REVENUE : ODISHA: CUTTACK**
(ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ)
(E-mail :exam. bor@gmail.com / exam2.bor@gmail.com)
File No.V-02/2025-422/Exam. Dated 08.10.2025
**NOTIFICATION**
No.F-71:On-line applications are hereby invited from the prospective officers through the Proforma application to be made available in the Board's website (https://boardodisha.nic.in/) w.e.f. **9th October, 2025 in respect of the 2nd Half Yearly Departmental Examination of Officers, 2025** conducted by the Board of Revenue for all Departments of Govt. of Odisha to be held in **the Last week of December, 2025.**

The candidates are required to furnish application through Online only. No off-line applications will be entertained. **The link for submission of application online shall be made available from 09.10.2025 (Thursday) to 04.11.2025 (Tuesday).** The candidates are requested to visit the Board's website and before proceeding for filling the online application form, they are required to go through the guidelines and instructions available in Board's website (Annexure-I).

The officers under training at the Gopabandhu Academy of Administration, Bhubaneswar / Madhusudan Das Regional Academy of Financial Management (MDRAFM), Bhubaneswar / any other institution should submit their application in the above manner through their Academy / Institute.

The detailed programme of the examination schedule (both Written & Viva-Voce) will be notified later on.

**DOCUMENTS TO BE UPLOADED:**
- Candidates must upload recent coloured passport size photo and scanned signature as per the instruction mentioned in Annexure-I.
- The forwarding letter duly signed or approved by the head of office must be uploaded. Otherwise, the application without forwarding letter will be rejected by the software & the candidate will not be able to appear in the Departmental Examination. (If the head of office is an examinee, his / her application should duly be approved by the next Higher Authority).
- The officers, who want to be exempted from passing of ODIA in the Departmental Examination, should upload their HSC/ equivalent certificate. (Note: ODIA in M.E. Standard will not be considered for exemption). **Offline Application for Odia Exemption or through E-mail shall not be entertained.**
- No need to upload HSC/ Equivalent certificate, if a candidate has already been exempted by this office.

For any queries and technical assistance, you may contact the Examination Branch, Board of Revenue, Odisha, Tel. No. 0671-2508006.
**By orders of Member, Board of Revenue, Odisha, Cuttack**
Sd./- Secretary, Board of Revenue,
OIPR-24002/11/0017/2526 Odisha, Cuttack



ଓଡ଼ିଶା ସରକାର No.RR-22
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ଭୁବନେଶ୍ୱର

**ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଏବଂ ସନ୍ଥକବି ଭୀମଭୋଇ ପାଠାଗାର, ଭୁବନେଶ୍ୱର ପାଇଁ ପୁସ୍ତକ କ୍ରୟ ନିମନ୍ତେ ବିଜ୍ଞାପନ**

୨୦୨୫–୨୬ ଆର୍ଥିକ ବର୍ଷ ପାଇଁ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଏବଂ ସନ୍ଥକବି ଭୀମଭୋଇ ପାଠାଗାର, ଭୁବନେଶ୍ୱର ନିମନ୍ତେ ଆଗ୍ରହୀ ପୁସ୍ତକ ଲେଖକ/ପ୍ରକାଶକ/ବିତରକମାନଙ୍କ ଠାରୁ ୨୦୨୫–୨୬ ମସିହାରେ ପ୍ରକାଶିତ ତଥା ପୂର୍ବ ପ୍ରକାଶିତ ବିରଳ ଓ ଦୁର୍ମୂଲ୍ୟ ପୁସ୍ତକ ଏବଂ ପାଠକ/ପାଠିକାମାନଙ୍କ ପାଇଁ ଉଦ୍ଦିଷ୍ଟ ବୃତ୍ତି ବିକାଶ ନମୁନା ପୁସ୍ତକର ଏକ ଖଣ୍ଡ ସହିତ ନିମ୍ନଲିଖିତ ଫର୍ମରେ ଦରଖାସ୍ତ ବିଜ୍ଞାପନ ପ୍ରକାଶିତ ହେବାର ଦୁଇ ମାସ ଭିତରେ (ସରକାରୀ ଛୁଟି ଦିବସ ବ୍ୟତୀତ) ଦିବା ୧୧ ଘଟିକାଠାରୁ ଅପରାହ୍ଣ ୪ ଘଟିକା ମଧ୍ୟରେ ଆହ୍ୱାନ କରାଯାଉଅଛି । ନମୁନା ପୁସ୍ତକ ସହିତ ପୂରଣ ହୋଇଥିବା ଫର୍ମ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ବୈଷୟିକ ସେବା ବିଭାଗରେ ଦାଖଲ ହେବ । ଆଗ୍ରହୀ ପୁସ୍ତକ ଲେଖକ/ପ୍ରକାଶକ/ବିତରକ ପ୍ରାଧିକୃତ ସ୍ଥାନୀୟ ପୁସ୍ତକ ବିକ୍ରେତାଙ୍କ ମାଧ୍ୟମରେ ପୁସ୍ତକ ଦାଖଲ କରିବେ ଯଦ୍ଦ୍ୱାରା ଚୟନ ହୋଇଥିବା ପୁସ୍ତକର ବିଲ୍ ସେମାନେ ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ଚୟନ ହୋଇ ନଥିବା ପୁସ୍ତକଗୁଡ଼ିକୁ ନିଜ ଖର୍ଚ୍ଚରେ ଫେରସ୍ତ ନେବେ । ହିତାଧିକାରୀଙ୍କ ନିର୍ଭୁଲ୍ ବ୍ୟାଙ୍କ୍ ବିବରଣୀ ଜାଣିବା ପାଇଁ ତାଙ୍କ ବ୍ୟାଙ୍କ୍ ଖାତାର ପ୍ରଥମ ପୃଷ୍ଠା କିମ୍ବା ବ୍ୟାଙ୍କ୍ ଚେକ୍‌ର ଏକ ଫଟୋ ନକଲ ଦେବାକୁ ହେବ । ଧାର୍ଯ୍ୟ ତାରିଖ ପରେ ଦାଖଲ ହୋଇଥିବା ପୁସ୍ତକ କିମ୍ବା ନିମ୍ନୋକ୍ତ ଫର୍ମର କୌଣସି ସୂଚନା ଅପୂରଣୀୟ ଥିଲେ କିମ୍ବା ଉପରୋକ୍ତ କାଗଜାତ୍ ଦାଖଲ ହୋଇନଥିଲେ, ଦାଖଲ ହୋଇଥିବା ପୁସ୍ତକ ବିଚାରକୁ ନିଆଯିବ ନାହିଁ । ପ୍ରତ୍ୟେକ ବର୍ଷ ସାଧାରଣ ପୁସ୍ତକ କ୍ରୟ ପାଇଁ ୧୫% ରିହାତି ଓ ବୃତ୍ତିଗତ ପୁସ୍ତକ କ୍ରୟ ପାଇଁ ୨୦% ରିହାତି ପ୍ରକାଶକମାନେ ଦେଇଥାନ୍ତି । ଚଳିତ ବର୍ଷ ଏହି ରିହାତିଠାରୁ ଅଧିକ ରିହାତି ଦେବାକୁ ଆଗ୍ରହୀ ପୁସ୍ତକ ଲେଖକ/ପ୍ରକାଶକ/ବିତରକଙ୍କୁ ଅଗ୍ରାଧିକାର ଦିଆଯିବ । ପୁସ୍ତକ ଚୟନ ସମ୍ବନ୍ଧୀୟ ସମସ୍ତ ନିଷ୍ପତ୍ତି ନେବାକୁ ଚୟନ କମିଟି ହକଦାର ଏବଂ ଏହି କମିଟି ଦ୍ୱାରା ଚୟନ ହୋଇଥିବା ପୁସ୍ତକ କ୍ରୟ ନିମନ୍ତେ ଚୂଡାନ୍ତ ଅଟେ । ପ୍ରକାଶକ/ବିତରକମାନଙ୍କୁ ଅନୁରୋଧ କରାଯାଉଛି କି, ସେମାନେ ତାଙ୍କର ପୁସ୍ତକ ତାଲିକା EXCEL SHEET ରେ ପ୍ରସ୍ତୁତ କରି ତାହାର Soft Copy ଦାଖଲ କରିବେ ।

**ଦରଖାସ୍ତର ନମୁନା ଫର୍ମ**

| କ୍ର. ନଂ. | ପୁସ୍ତକର ନାମ | ଲେଖକ | ପ୍ରକାଶକ | ସଂସ୍କରଣ | ଗ୍ରନ୍ଥ ଖଣ୍ଡ | ପ୍ରକାଶନ ବର୍ଷ | ମୂଲ୍ୟ | ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ବିବରଣୀ, ବ୍ୟାଙ୍କ ଶାଖା, ଆକାଉଣ୍ଟ ନଂ. ଓ ଆଇ.ଏଫ୍.ଏସ୍.କୋଡ | ମୋବାଇଲ ନଂ. |
|---|---|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) | (୯) | (୧୦) |

ତାରିଖ:
ପୁସ୍ତକ ଦାଖଲକାରୀଙ୍କ ସ୍ୱାକ୍ଷର
ସ୍ୱା./–ନିର୍ଦ୍ଦେଶକ
ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର
OIPR-03016/11/0006/2526 ୟୁନିଟ୍–୪, ଭୁବନେଶ୍ୱର–୭୫୧୦୦୧

# ମ୍ୟୁଜିକ୍ ସର୍କଲରେ ‘ସୋଲ୍‌ଫୁଲ ଗଜଲ୍’

ଭୁବନେଶ୍ୱର, ୮।୧୦(ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ପ୍ରତିଷ୍ଠାତା ସର୍ଦ୍ଦାର ସନ୍ତକ ସିଂଙ୍କ ସ୍ମୃତିରେ ବୁଧବାର ରବୀନ୍ଦ୍ର ମଣ୍ଡପରେ ‘ସୋଲ୍‌ଫୁଲ ଗଜଲ୍’ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କଳାମନ୍ଦିରର ରାଜୀନ୍ଦର ସିଂ, ଯଶଜିତ୍ କୌର ଏବଂ ଉତ୍କଳ ହସ୍ପିଟାଲର ଡିନ୍ ତଥା ନିର୍ଦ୍ଦେଶକ ଡ. ପି.କେ. ଦାଶ ଉଦ୍‌ଘାଟନ କରିଥିଲେ। ଗଜଲ୍ ଗାୟକ ଧୃତିମୟ ବେହେରା ଓ ଗାୟିକା ଶୁଭଲକ୍ଷ୍ମୀ ଓଝା ଗଜଲ୍ ପରିବେଷଣ କରିଥିଲେ। ଧୃତିମୟ ଓ ଶୁଭଲକ୍ଷ୍ମୀ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ ଶାସ୍ତ୍ରୀୟ ସଙ୍ଗୀତରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ଓଡିଶା ସମେତ ଦିଲ୍ଲୀ, କୋଲକାତା ଏବଂ ହାଇଦ୍ରାବାଦରେ ସଂଗୀତ ପରିବେଷଣ କରିବାର ୧୫ ବର୍ଷରୁ ଉର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ସେମାନଙ୍କୁ ତବଲାରେ ଜଗନ୍ନାଥ ଦାଶ, ବଂଶୀରେ ଅଭିରାମ ନନ୍ଦ, ସିନ୍ଥେସିସରରେ ବବ୍‌ଲୁ ଚନ୍ଦ୍ରକାନ୍ତ, ପର୍‌କସନ୍‌ରେ ପ୍ରିୟରଞ୍ଜନ ମହାନ୍ତି ଓ ଗିଟାରରେ ଆଶିଷ ଦାସ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସଙ୍ଗୀତା ଗୋସାଇଁ ପରିଚାଳନା କରିଥିଲେ।

# କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଜଣାଇଲେ ଆଇନଜୀବୀ



ଖୋର୍ଦ୍ଧା ଜିଲା ଦୌରାଜଜ୍ କୋର୍ଟ ସମ୍ମୁଖରେ ଆଇନଜୀବୀମାନେ ଦାବି ରଖିବା ସହ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

## ପୀତବାସ ପଣ୍ଡାଙ୍କ ହତ୍ୟା ପ୍ରତିବାଦରେ କଲମଛାଡ଼ ଆନ୍ଦୋଳନ

ପୁରୁଣା ଭୁବନେଶ୍ୱର,୮।୧୦(ସୁବାସ ଚନ୍ଦ୍ର ପ୍ରଧାନ)

ଭାଜପା ନେତା ତଥା ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ ସଦସ୍ୟ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣା ପ୍ରତିବାଦରେ ବୁଧବାର ଭୁବନେଶ୍ୱର ବାର୍ ଆସୋସିଏଶନର ଆଇନଜୀବୀମାନେ କଲମ ଛାଡ଼ ଆନ୍ଦୋଳନ କରିଥିଲେ। ପୂର୍ବାହ୍ନ ୧୦ଟାରେ ଆଇନଜିବିମାନେ ଖୋର୍ଦ୍ଧା ଜିଲା ଦୌରାଜଜ୍‌ଙ୍କୁ କଲମ ଛାଡ଼ ଆନ୍ଦୋଳନ ସମ୍ପର୍କରେ ଏକ ଅନୁରୋଧ ପତ୍ର ପ୍ରଦାନ କରିଥିଲେ। ଏପରିକି ଏହି କଲମ ଛାଡ଼ ଆନ୍ଦୋଳନ ସମୟରେ କୌଣସି ବାଦି, ପ୍ରତିବାଦୀ ଏବଂ ଅଭିଯୁକ୍ତ ଅଦାଲତରେ ଯଦି ହାଜର ହୋଇ ନ ପାରନ୍ତି, ତେବେ ସେମାନଙ୍କ ବିରୋଧରେ କୌଣସି ବିରୋଧାତ୍ମକ ଆଦେଶ ପାରିତ ନ କରିବା ନେଇ ଅନୁରୋଧ କରାଯାଇଥିଲା। ସଭାପତି ଅଶୋକ କୁମାର ପାତ୍ରଙ୍କ ନେତୃତ୍ୱରେ ଭୁବନେଶ୍ୱର ବାର ଆସୋସିଏସନର ସଦସ୍ୟମାନେ ମୁଖ୍ୟ ଫାଟକଠାରୁ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଥିଲେ। ଏଥିରେ ପୀତବାସ ପଣ୍ଡା ଅମର ରହେ, ୨୪ ଘଣ୍ଟା ମଧ୍ୟରେ ଦୋଷୀଙ୍କୁ ଗିରଫ କରାଯାଉ, ମୃତ ପୀତବାସ ପଣ୍ଡାଙ୍କ ପରିବାରକୁ ୨ କୋଟି ଟଙ୍କା କ୍ଷତି ପୂରଣ ଦିଆଯାଉ ଏବଂ ଆଇନଜୀବୀମାନଙ୍କ ସୁରକ୍ଷା ନେଇ ଆଡ୍‌ଭୋକେଟ୍‌ସ ପ୍ରୋଟେକ୍ସନ ଆକ୍ଟ ଭଳି ସ୍ୱତନ୍ତ୍ର ଆକ୍ଟ ଲାଗୁ କରାଯିବା ନେଇ ଦାବି କରାଯାଇଥିଲା। ପରେ ମଧ୍ୟାହ୍ନ ୧୨ ଟାରୁ ଅପରାହ୍ନ ୫ଟା ମଧ୍ୟରେ ଆଇନଜୀବୀମାନେ ନିରବତା ପୂର୍ବକ କଲମ ଛାଡ ଆନ୍ଦୋଳନରେ ବସିଥିଲେ। ଅପରାହ୍ନ ୫ଟା୩୦ରେ ସ୍ୱର୍ଗତଃ ପୀତବାସ ପଣ୍ଡାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ କ୍ୟାଣ୍ଡେଲ ଜଳାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବାର୍ ଆସୋସିଏସନର ଉପସଭାପତି କବିନ୍ଦ୍ର କୁମାର ବାରିକ, ସମ୍ପାଦକ ସତ୍ୟରଞ୍ଜନ ସେନାପତି, ଯୁଗ୍ମ ସମ୍ପାଦକ ରଶ୍ମି ରଞ୍ଜନ ମହାନ୍ତି, ସହକାରୀ ସମ୍ପାଦକ ରଶ୍ମି ଭୂଷଣ ମୁଖି, କୋଷାଧ୍ୟକ୍ଷ ଦୀପ୍ତି ପ୍ରସାଦ ନନ୍ଦ, ଆଇନଜୀବୀ ଅକ୍ଷୟ କୁମାର ଦାସ, ଆଶୁତୋଷ ସାସ୍‌ମଲ, ଅଭିନବ ଚଣ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଗଣମାଧ୍ୟମ ସୂଚନା ଦେବା ସହ ପ୍ରେରଣା ଦିଏ’



ସମ୍ମିଳନୀରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଉଦ୍‌ବୋଧନ ଦେଉଛନ୍ତି।

## ‘ପୁନଶ୍ଚ ପୃଥିବୀ’ ସମ୍ମିଳନୀର ଉଦଯାପନୀ ସମାରୋହ

ଭୁବନେଶ୍ୱର,୮।୧୦(ସୁଚିସ୍ମିତା ସାହୁ)

ବର୍ତ୍ତମାନ ଆମେ ସମୟର ଏକ ନିର୍ଦ୍ଧାରିତ ମୁହୂର୍ତ୍ତରେ ଛିଡା ହୋଇଛେ। ଜଳବାୟୁ ପରିବର୍ତ୍ତନ ଏକ ଜୀବନ୍ତ ବାସ୍ତବତା ହୋଇଛି। ତାପମାତ୍ରା ବୃଦ୍ଧି ପାଇବା, ଅନିୟମିତତା ବର୍ଷା ଓ ପରିବେଶଗତ ଅସନ୍ତୁଳନ ଆମର ବଞ୍ଚିବା ଶୈଳୀ ଏବଂ ଉତ୍ପାଦନକୁ ପୁନଃଆକାର ଦେଉଛି। ଏଭଳି ପରିସ୍ଥିତିରେ ବିକାଶକୁ ଅଭିବୃଦ୍ଧି ଭାବେ ଗ୍ରହଣ ନ କରି ବରଂ ସନ୍ତୁଳନ, ସମାନତା ଏବଂ ନବୀକରଣ ଦିଗରେ ଏକ ସହଭାଗୀଯାତ୍ରା ଭାବେ ପୁନଃ କଳ୍ପନା କରିବାର ଏକ ସୁଯୋଗ ରହିଛି। ଭବିଷ୍ୟତ ପିଢ଼ି ପାଇଁ ‘ପୁନଶ୍ଚ ପୃଥିବୀ’ ଏକ ଜନ ଆନ୍ଦୋଳନରେ ପରିଣତ ହେଉ। ଆର୍ଥିକ ଅଭିବୃଦ୍ଧି ଏବଂ ପରିବେଶଗତ ପରିଚାଳନା ଏକ ସଙ୍ଗରେ ଯିବା ଉଚିତ। ଗଣମାଧ୍ୟମ କେବଳ ପରିବେଶଗତ ଅବକ୍ଷୟ ସହିତ ଜଡିତ ସୂଚନା ଦେବା ପାଇଁ ନୁହେଁ ବରଂ କାର୍ଯ୍ୟକୁ ପ୍ରେରଣା ଦେବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସମ୍ବାଦ ଗ୍ରୁପ ଆନୁକୂଲ୍ୟରେ ଆୟୋଜିତ ‘ପୁନଶ୍ଚ ପୃଥିବୀ’ ସମ୍ମିଳନୀର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଯୋଗଦେଇ କହିଛନ୍ତି।

ଏହି ସମାରୋହରେ ରାଜ୍ୟପାଳ ଆହୁରି କହିଛନ୍ତି, ସମ୍ବାଦ ଗ୍ରୁପ ଏ କ୍ଷେତ୍ରରେ ଯୁବପିଢିକୁ ଏକ ସବୁଜ ଆସନ୍ତା କାଲି ପାଇଁ ଚିନ୍ତା କରିବା, କାର୍ଯ୍ୟକରିବା ଏବଂ ନବସୃଜନ ନିମନ୍ତେ ପ୍ରେରଣାଦାୟକ ସାଜିଛି। ‘ପୁନଶ୍ଚ ପୃଥିବୀ’ ପ୍ରୟାସ କେବଳ ଏକ ପରିବେଶଗତ କାର୍ଯ୍ୟକ୍ରମ ନୁହେଁ ବରଂ ସାମୂହିକ ପରିବର୍ତ୍ତନ ପାଇଁ ଏକ ଆହ୍ୱାନ। ବିଶ୍ୱ ଜଳବାୟୁ ପରିବର୍ତ୍ତନର ସମ୍ମୁଖୀନ ହେଉଥିବା ବେଳେ ଓଡ଼ିଶା ସବୁଜ ନବସୃଜନର ନେତୃତ୍ୱ ନେଇପାରିବ।

ସରକାର ନବସୃଜନଶୀଳ ଶକ୍ତି, ବିପର୍ଯ୍ୟୟ ପରିଚାଳନା, ଉପକୂଳ ସୁରକ୍ଷା ଏବଂ ସ୍ଥାୟୀ ଜୀବିକା ମାଧ୍ୟମରେ ଜଳବାୟୁ ସ୍ଥିରତା ଦିଗରେ ପ୍ରୋତ୍ସାହିତ କରୁଛନ୍ତି । ବ୍ୟକ୍ତି, ଉଦ୍ୟୋଗୀ ଓ ଗୋଷ୍ଠୀ ସକ୍ରିୟଭାବେ ଅଂଶ ଗ୍ରହଣ କଲେ ଜଳବାୟୁ ସ୍ଥିରତା ଅଭିଯାନ ସଫଳ ହୋଇପାରିବ। ଏହି ପରିପ୍ରେକ୍ଷୀରେ ଯୁବପିଢି କେବଳ ପୃଥିବୀର ଉତ୍ତରାଧିକାରୀ ନୁହେଁ, ବରଂ ରକ୍ଷକ ସାଜି ପ୍ରକୃତି ଓ ପରିବେଶର ସୁରକ୍ଷା ଦିଗରେ ଆଗେଇ ଆସିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ଇଷ୍ଟର୍ଡ଼ ମିଡ଼ିଆ ଲିଃର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ‘ପୁନଶ୍ଚ ପୃଥିବୀ’ ଅଭିଯାନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଏହି ସମାରୋହରେ ଦଶ ଜଣ ବ୍ୟକ୍ତିଙ୍କୁ ପରିବେଶ ସମ୍ମାନ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଡ. ନମ୍ରିତା ଚହଲ୍‌ଙ୍କ ‘ୱିସ୍ପର୍ସ ଅଫ ଦି ସୋଲ୍’ ଉନ୍ମୋଚିତ



ପୁସ୍ତକ ଉନ୍ମୋଚନ ଉତ୍ସବରେ ଲେଖିକା ଡ. ନମ୍ରିତା ଚହଲ୍ ଓ ଅନ୍ୟ ଅତିଥି।

ଭୁବନେଶ୍ୱର, ୮।୧୦ (ସୌମ୍ୟରଞ୍ଜନ ରାଉତ)

ଡ. ନମ୍ରିତା ଚହଲ୍‌ଙ୍କ ପ୍ରଥମ ପୁସ୍ତକ ‘ୱିସ୍ପର୍ସ ଅଫ୍ ଦି ସୋଲ୍’ ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ବୁଧବାର ଉନ୍ମୋଚିତ ହୋଇଯାଇଛି। ଅକ୍ଟୋବର ୧୦ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପରିପ୍ରେକ୍ଷୀରେ ଭାବପ୍ରବଣ ଓ ମାନସିକ ସୁସ୍ଥତା ବିଷୟରେ ଲିଖିତ ଏହି ପୁସ୍ତକ ବେଶ୍ ଗୁରୁତ୍ୱ ବହନ କରୁଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଡ. ଗୌରହରି ଦାସ ଯୋଗଦେଇ କହିଲେ, ଏହି ପୁସ୍ତକ ଜୀବନର କଷ୍ଟକର ମୁହୂର୍ତ୍ତରେ ଭରସା କରିବା ପାଇଁ ଜଣେ ବନ୍ଧୁ, ଏକ ଦର୍ପଣ ଏବଂ ଜ୍ଞାନର ଭାଷା ଭାବରେ କାର୍ଯ୍ୟ କରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଲେଖିକା ରତ୍ନମାଳା ସ୍ୱାଇଁ କହିଲେ, ସଫ୍ଟ ସ୍କିଲ ହେଉଛି ଏପରି ଦକ୍ଷତା, ଯାହା ଆମକୁ ଅସୁବିଧାର ସମୟକୁ ମୁକାବିଲା କରିବା ପାଇଁ ସକ୍ଷମ କରିଥାଏ। ତେଣୁ ଏହି ପୁସ୍ତକ ସଫ୍ଟ ସ୍କିଲ ବୃଦ୍ଧି କରିବାରେ ମାର୍ଗଦର୍ଶିକା ହେବ ବୋଲି ସେ କହିଥିଲେ। ଲେଖିକା ପଞ୍ଚମୀ ମାନୁ ଭକିଲ ଏହି ପ୍ରକଳ୍ପର ମୁଖ୍ୟ ପରାମର୍ଶଦାତା ଥିଲେ।

# ପ୍ରାଚୀନ ଜଳାଶୟ ନଳକୁଣ୍ଡର ପୁନରୁଦ୍ଧାର ଦାବି

ପୁରୁଣା ଭୁବନେଶ୍ୱର,୮।୧୦(ସୁବାସ ଚନ୍ଦ୍ର ପ୍ରଧାନ)



ବଡ଼େଇବାଙ୍କସ୍ଥିତ ଜମ୍ଭେଶର ମନ୍ଦିର ସମ୍ମୁଖରେ ଥିବା ଏକାମ୍ର କ୍ଷେତ୍ରର ଅନ୍ୟତମ ପ୍ରାଚୀନ ଜଳାଶୟ ‘ନଳକୁଣ୍ଡ’ରେ ଏବେ ଘରୋଇ ନାଳ ନର୍ଦ୍ଦମା ଜଳ ପ୍ରବେଶ କରି ସମ୍ପୂର୍ଣ୍ଣ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଦେବୋତ୍ତର ବିଭାଗ ଅଧୀନରେ ଥିବା ଏହି କୁଣ୍ଡର ଚତୁଃପାର୍ଶ୍ୱରେ ଏବେ ଘର ନିର୍ମାଣ ଫଳରେ ଏହା ଦୃଷ୍ଟି ଆଢୁଆଳରେ ରହିଯାଉଛି। ଏପରି କି ଜବରଦଖଲ ହେବା ଦ୍ୱାରା ଏହା ଧୀରେ ଧୀରେ ସଙ୍କୁଚିତ ହୋଇଗଲାଣି। ଫଳରେ ଐତିହ୍ୟପୂର୍ଣ୍ଣ ଏହି ପୁଷ୍କରିଣୀ ଏବେ ନିଜର ସତ୍ତା ହରାଇବାକୁ ବସିଲାଣି। ନଳକୁଣ୍ଡ ନିକଟରୁ ଜବରଦଖଲ ହଟାଇବା ସହ ଏହାର ପୁନରୁଦ୍ଧାର ଦାବିରେ ଅଞ୍ଚଳବାସୀ ବୁଧବାର ବିଏମ୍‌ସିର ଆଞ୍ଚଳିକ ଉପ ଆୟୁକ୍ତଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପତ୍ର ପ୍ରଦାନ ସମୟରେ ଭୀଷ୍ମ ନାରାୟଣ ନାୟକଙ୍କ ସମେତ ସୁଲତା ସାହାଣୀ, ଗଣେଷ ଚନ୍ଦ୍ର ପାଲ, ମନୋରଞ୍ଜନ ବଟୁ, ଭୁପେଶ ନାୟକ, ଚନ୍ଦ୍ରଶେଖର ପାଲ,ବିକର୍ତ୍ତନ ପାଢୀ, ସସ୍ମିତା ସାହୁ, ସୁନିଲ ମହାପାତ୍ର, ସୁବ୍ରତ ସେନାପତି, ରାଜେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୧୧୫ ଲିଟର ଦେଶୀ ମଦ ଜବତ, ୨ ଗିରଫ

ବାରଙ୍ଗ,୮।୧୦(ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅଧୀନ ଗୋଡ଼ିବାରୀ ନିକଟ ବାରାଖୋଲ ଗ୍ରାମରେ ପୋଲିସ ଚଢ଼ାଉ କରି ବୁଧବାର ୧୧୫ ଲିଟର ଦେଶୀ ରନ୍ଧା ମଦ, ମଦ ରନ୍ଧା ହାଣ୍ଡି ଓ ଜାର୍‌କିନ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଯୁବକ ଦ୍ୱୟ ହେଲେ ଉକ୍ତ ଗ୍ରାମର ରମେଶ ଗାଇପାଇ (୩୩) ଓ ରାଧାଇ ଗାଇପାଇ (୪୫)। ଏନେଇ ପୋଲିସ ୨ଟି ମାମଲା (ନଂ.୪୩୧/୨୫ ଓ ୪୩୨/୨୫) ରୁଜୁ କରିଛି।

## ଆୟୁର୍ବେଦ ଓ ବୈଦ୍ୟଶାଳା

# ଆୟୁର୍ବେଦରେ ପ୍ରତ୍ୟେକ ରୋଗର ନିଦାନ ରହିଛି

ଭୁବନେଶ୍ୱର, ୮।୧୦(ସୌମ୍ୟରଞ୍ଜନ ରାଉତ)

ଆଜିର ବ୍ୟସ୍ତବହୁଳ ଜୀବନଶୈଳୀ ଓ ଅନିୟମିତ ତଥା ବେପରୁଆ ଜୀବନଧାରା ସକାଶେ ମଣିଷ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛି। ଏଥିରୁ ମୁକ୍ତି ପାଇଁ ଡାକ୍ତରଙ୍କ ପାଖକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବାକୁ ପଡୁଛି। ଡାକ୍ତର ଔଷଧ ବଦଳେଇ ଚାଲିଛନ୍ତି ହେଲେ ରୋଗ ଭଲ ହେଉନାହିଁ। ମାତ୍ର ଆମ ପୂର୍ବପୁରୁଷମାନେ ଆପଣାଉଥିବା ପାରମ୍ପରିକ ଆୟୁର୍ବେଦ ଯୋଗ ଏବଂ ଚେରମୂଳି ଔଷଧରେ କର୍କଟ, ମଧୁମେହ ଆଦି ରୋଗର ଚିକିତ୍ସା ହୋଇପାରିବ ବୋଲି ବୁଧବାର ବୁଦ୍ଧମନ୍ଦିରଠାରେ ଆୟୋଜିତ ଆୟୁର୍ବେଦ ଓ ବୈଦ୍ୟଶାଳାରେ ଯୋଗଦେଇ ଅତିଥିମାନେ ମତପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇ ପ୍ରକୃତିବନ୍ଧୁ ତଥା ବୈଦ୍ୟ ଗଣେଶ ମହାକୁଡ଼ କହିଛନ୍ତି, ଆୟୁର୍ବେଦରେ ରହୁଛି ସବୁ ରୋଗର ନିଦାନ। କର୍କଟ, ମଧୁମେହ, ବାତରୋଗ ବା ପେଟରୋଗ ସବୁର ଚିକିତ୍ସା ଆୟୁର୍ବେଦରେ ରହିଛି। ଏଥିସହ ସେ ଔଷଧର ସେବନ ପ୍ରଣାଳୀ ବତାଇବା ସହ ନିଜେ ପ୍ରସ୍ତୁତକରି ଆଣିଥିବା ଔଷଧର ଉପକାରିତା ସମ୍ପର୍କରେ ସେ ସୂଚନା ଦେଇଥିଲେ। ପରେ ବୈଦ୍ୟଙ୍କ ଚିକିତ୍ସାରେ ସୁସ୍ଥ ହୋଇଥିବା ୨ଜଣ ମହିଳା ସେମାନଙ୍କ ଆୟୁର୍ବେଦ ଚିକିତ୍ସାର ଅନୁଭୂତି ବଖାଣିଥିଲେ। ସ୍ଥାପନାର ଅଧକ୍ଷା ନିବେଦିତା ନାୟକ ବଲିୟାରସିଂଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଲ୍ୟୁଟ୍‌ନାଣ୍ଟ କଲୋନେଲ ନାରାୟଣ ମହାନ୍ତି, ପୂର୍ବତନ ଏମ୍‌ପି ପ୍ରଭାସ ସିଂ, ସୁଶୀଲ କୁମାର ରାଉତରାୟ, ମୋହନ କୁମାର ନନ୍ଦ, ଯୋଗଗୁରୁ ସୁହାସ ହୋତା ପ୍ରମୁଖ ଯୋଗଦେଇ ଆୟୁର୍ବେଦର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ସରୋଜ ଭୂୟାଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
No.A-694 **e-Procurement Notice**
Bid Identification No.ACEM/MDB-36/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : ACEM/MDB-36/2025-26
5. Estimated Cost : Rs.17,50,395/-
6. Period of Completion : 02 (Two) Calendar Months
7. Date & Time of availability of bid documents in the Portal : From Dt.10.10.2025 (10.00 AM) to dt.22.10.2025 (5.30 PM)
8. Last date/time for receipt of bid in the Portal : dt.22.10.2025 (upto 5.30 PM)
9. Date and Place of Opening of Bid : Dt.23.10.2025 (12.00 Noon onwards in the O/o the Undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-Procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Addl. Chief Engineer
Mechanical Circle, Bhubaneswar
OIPR-32405/11/0091/2526

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
No.A-699 **e-Procurement Notice**
Bid Identification No.ACEM/MDB-41/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : ACEM/MDB-41/2025-26
5. Estimated Cost : Rs.15,18,909/-
6. Period of Completion : 02 (Two) Calendar Months
7. Date & Time of availability of bid documents in the Portal : From Dt.10.10.2025 (10.00 AM) to dt.22.10.2025 (5.30 PM)
8. Last date/time for receipt of bid in the Portal : dt.22.10.2025 (upto 5.30 PM)
9. Date and Place of Opening of Bid : Dt.23.10.2025 (12.00 Noon onwards in the O/o the Undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-Procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Addl. Chief Engineer
Mechanical Circle, Bhubaneswar
OIPR-32405/11/0096/2526

Government of Odisha No.MM-219
**“e” Procurement Notice**
**OFFICE OF THE DIVISIONAL FOREST OFFICER PURI WILDLIFE DIVISION, PURI**
Bid Identification No.01 of 2025-26

| | | |
|---|---|---|
| 1 | Nature of the Work | Construction of New Forester Quarter |
| 2 | No. of Works:- | 2 Nos. |
| 3 | Estimate Cost:- | As mentioned in Column No.3 |
| 4 | Period of Completion | 03 (Three Calendar Months/Each) |
| 5 | Date & Time of availability of the bid documents in the portal | 11.00 Hours of 08.10.2025 to 17.00 Hours of 22.10.2025 |
| 6 | Last date/time of receipt of the bid in portal | 22.10.2025 upto 17.00 Hours |
| 7 | Date of Opening | 11.00 Hours of 23.10.2025 |
| 8 | Name and Address of the Office | Office of the Divisional Forest Officer, Puri (WL) Division, Puri |

Further details can be seen from the e-Procurement Portal “https://tendersorissa.gov.in.
Sd./- Divisional Forest Officer
Puri (WL) Division, Puri
OIPR-08140/11/0017/2526

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
No.A-698 **e-Procurement Notice**
Bid Identification No.ACEM/MDB-40/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : ACEM/MDB-40/2025-26
5. Estimated Cost : Rs.15,11,646/-
6. Period of Completion : 02 (Two) Calendar Months
7. Date & Time of availability of bid documents in the Portal : From Dt.10.10.2025 (10.00 AM) to dt.22.10.2025 (5.30 PM)
8. Last date/time for receipt of bid in the Portal : dt.22.10.2025 (upto 5.30 PM)
9. Date and Place of Opening of Bid : Dt.23.10.2025 (12.00 Noon onwards in the O/o the Undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-Procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Addl. Chief Engineer
Mechanical Circle, Bhubaneswar
OIPR-32405/11/0095/2526

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: 19039/ଭୁ.ଉ.କ., ଭୁବନେଶ୍ୱର ତା: 25.09.2025ରିଖ
BRP-1170/88
**ସୂଚନା**

No. CAD-1944: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରଗଡ଼ ପ୍ଲଟେଡ୍ ଡେଭଲପ୍‌ମେଣ୍ଟ ସ୍କିମ୍, ବରଗଡ଼, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ ନଂ. – RP-50କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୭୪୨୨/ଏ.ଏଲ୍, ତା୧୯।୦୭।୨୦୦୬ରିଖ ଅନୁଯାୟୀ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ପ୍ରକାଶ ପାଣିଙ୍କ ନାମରୁ (୧) ଶ୍ରୀ ଦିଲିପ କୁମାର ମିଶ୍ର, ପିତା: ମଧୁସୂଦନ ମିଶ୍ର ଓ (୨) ଶ୍ରୀମତୀ ମୀନା ମିଶ୍ର, ସ୍ୱାମୀ: ଶ୍ରୀ ଦିଲିପ କୁମାର ମିଶ୍ର, ଗ୍ରାମ: ଗମାଣ୍ଡିଆ, ପୋଷ୍ଟ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଜିଲ୍ଲା: କଟକ, ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା।

ଆବଣ୍ଟନଗ୍ରାହୀଙ୍କ ମଧ୍ୟରୁ ଦିଲିପ କୁମାର ମିଶ୍ର ଗତ ତା୦୯।୦୬।୨୦୨୧ରିଖରେ ମୃତ୍ୟୁବରଣ କରିଅଛନ୍ତି। (Death Certificate Registration No. 10258/2021 dated 11.06.2021. Legal heir Certificate Misc. Case No. E-LHC/2021/104194 Dated: 22.09.2022 ଅନୁଯାୟୀ ଦିଲିପ କୁମାର ମିଶ୍ରଙ୍କର ଉତ୍ତରାଧିକାରୀ (୧) ମୀନା ମିଶ୍ର (ସ୍ତ୍ରୀ), (୨) ବରୁଣ ମିଶ୍ର (ପୁତ୍ର) ଓ (୩) ମିଲନ ମିଶ୍ର (ପୁତ୍ର) ଅଟନ୍ତି।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଏଣୁ ଉକ୍ତ ପ୍ଲଟର ମାଲିକାନା ସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ସ୍ୱତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।
ସ୍ୱା./– ଆବଣ୍ଟନ ଅଧିକାରୀ–୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0384/2526

**ITDA, JHARSUGUDA**
**TENDER CALL NOTICE**
No.724, Dt.04.10.2025
No.CAD-1951:The Project Administrator, ITDA, Jharsuguda invites percentage rate basis Tender for 07 Nos. (Seven) of projects. The sale of bid documents starts from Dt.09.10.2025 to Dt.23.10.2025 during the office hour and receipt of the bid documents starts from Dt.09.10.2025 to Dt.24.10.2025 upto 5.00 P.M. on all working days in the office of the Project Administrator, ITDA, Jharsuguda. The bid will be opened on Dt.28.10.2025 at 11.00 A.M. Intending Valid Contractors may visit district website of Jharsuguda www.jharsuguda.odisha.gov.in for detail information.
Sd./- Project Administrator
ITDA, Jharsuguda
OIPR-19444/11/0002/2526

**ZILLA SWASTHYA SAMITI, KORAPUT**
(NTEP CELL)
NATIONAL HEALTH MISSION
E-mail: dtoorkrp@rntcp.org Phone:06852-252714
No.3282/NTEP/NHM/KPT Date:06.10.25
**TENDER CALL NOTICE**
No.E-427: Sealed tenders are invited from eligible agencies for selection of the most suitable agency to supply Nutritional Kit for TB Patients of Koraput District. Details regarding the items, terms & conditions and formats for submission of tender may be downloaded from the website: https://koraput.odisha.gov.in. The tenders should reach the office of the undersigned by 28.10.2025 till 04.00 P.M. The tender will be opened at 11.00 AM on 29.10.2025. The undersigned reserves the right to reject any or all the tenders without assigning any reason thereof.
Sd./- CDM & PHO -cum-
District Mission Director, Koraput
OIPR-10077/11/0025/2526

**BOARD OF REVENUE : ODISHA: CUTTACK**
(ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ)
(E-mail :exam. bor@gmail.com / exam2.bor@gmail.com)
File No.V-02/2025-422/Exam. Dated 08.10.2025
**NOTIFICATION**
No.F-71:On-line applications are hereby invited from the prospective officers through the Proforma application to be made available in the Board's website (https://boardodisha.nic.in/) w.e.f. 9th October, 2025 in respect of the 2nd Half Yearly Departmental Examination of Officers, 2025 conducted by the Board of Revenue for all Departments of Govt. of Odisha to be held in **the Last week of December, 2025.**

The candidates are required to furnish application through Online only. No off-line applications will be entertained. **The link for submission of application online shall be made available from 09.10.2025 (Thursday) to 04.11.2025 (Tuesday).** The candidates are requested to visit the Board's website and before proceeding for filling the online application form, they are required to go through the guidelines and instructions available in Board's website (Annexure-I).

The officers under training at the Gopabandhu Academy of Administration, Bhubaneswar / Madhusudan Das Regional Academy of Financial Management (MDRAFM), Bhubaneswar / any other institution should submit their application in the above manner through their Academy / Institute.

The detailed programme of the examination schedule (both Written & Viva-Voce) will be notified later on.

**DOCUMENTS TO BE UPLOADED:**
- Candidates must upload recent coloured passport size photo and scanned signature as per the instruction mentioned in Annexure-I.
- The forwarding letter duly signed or approved by the head of office must be uploaded. Otherwise, the application without forwarding letter will be rejected by the software & the candidate will not be able to appear in the Departmental Examination. (If the head of office is an examinee, his / her application should duly be approved by the next Higher Authority).
- The officers, who want to be exempted from passing of ODIA in the Departmental Examination, should upload their HSC/ equivalent certificate. (Note: ODIA in M.E. Standard will not be considered for exemption). **Offline Application for Odia Exemption or through E-mail shall not be entertained.**
- No need to upload HSC/ Equivalent certificate, if a candidate has already been exempted by this office.

For any queries and technical assistance, you may contact the Examination Branch, Board of Revenue, Odisha, Tel. No. 0671-2508006.
By orders of Member, Board of Revenue, Odisha, Cuttack
Sd./- Secretary, Board of Revenue,
Odisha, Cuttack
OIPR-24002/11/0017/2526

No.RR-22
ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ଭୁବନେଶ୍ୱର
**ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଏବଂ ସନ୍ଥକବି ଭୀମଭୋଇ ପାଠାଗାର, ଭୁବନେଶ୍ୱର ପାଇଁ ପୁସ୍ତକ କ୍ରୟ ନିମନ୍ତେ ବିଜ୍ଞାପନ**

୨୦୨୫–୨୬ ଆର୍ଥିକ ବର୍ଷ ପାଇଁ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଏବଂ ସନ୍ଥକବି ଭୀମଭୋଇ ପାଠାଗାର, ଭୁବନେଶ୍ୱର ନିମନ୍ତେ ଆଗ୍ରହୀ ପୁସ୍ତକ ଲେଖକ/ପ୍ରକାଶକ/ବିତରକମାନଙ୍କ ଠାରୁ ୨୦୨୫–୨୬ ମସିହାରେ ପ୍ରକାଶିତ ତଥା ପୂର୍ବ ପ୍ରକାଶିତ ବିରଳ ଓ ଦୁର୍ମୂଲ୍ୟ ପୁସ୍ତକ ଏବଂ ପାଠକ/ପାଠିକାମାନଙ୍କ ପାଇଁ ଉଦ୍ଦିଷ୍ଟ ବୃତ୍ତି ବିକାଶ ନମୁନା ପୁସ୍ତକର ଏକ ଖଣ୍ଡ ସହିତ ନିମ୍ନଲିଖିତ ଫର୍ମରେ ଦରଖାସ୍ତ ବିଜ୍ଞାପନ ପ୍ରକାଶିତ ହେବାର ଦୁଇ ମାସ ଭିତରେ (ସରକାରୀ ଛୁଟି ଦିବସ ବ୍ୟତୀତ) ଦିବା ୧୧ ଘଟିକାଠାରୁ ଅପରାହ୍ନ ୪ ଘଟିକା ମଧ୍ୟରେ ଆହ୍ୱାନ କରାଯାଉଅଛି । ନମୁନା ପୁସ୍ତକ ସହିତ ପୂରଣ ହୋଇଥିବା ଫର୍ମ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ବୈଷୟିକ ସେବା ବିଭାଗରେ ଦାଖଲ ହେବ । ଆଗ୍ରହୀ ପୁସ୍ତକ ଲେଖକ/ପ୍ରକାଶକ/ବିତରକ ପ୍ରାଧିକୃତ ସ୍ଥାନୀୟ ପୁସ୍ତକ ବିକ୍ରେତାଙ୍କ ମାଧ୍ୟମରେ ପୁସ୍ତକ ଦାଖଲ କରିବେ ଯଦ୍ଦ୍ୱାରା ଚୟନ ହୋଇଥିବା ପୁସ୍ତକର ବିଲ୍ ସେମାନେ ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ଚୟନ ହୋଇ ନଥିବା ପୁସ୍ତକଗୁଡିକୁ ନିଜ ଖର୍ଚ୍ଚରେ ଫେରସ୍ତ ନେବେ । ହିତାଧିକାରୀଙ୍କ ନିର୍ଭୁଲ୍ ବ୍ୟାଙ୍କ୍ ବିବରଣୀ ଜାଣିବା ପାଇଁ ତାଙ୍କ ବ୍ୟାଙ୍କ୍ ଖାତାର ପ୍ରଥମ ପୃଷ୍ଠା କିମ୍ବା ବ୍ୟାଙ୍କ୍ ଚେକ୍‌ର ଏକ ଫଟୋ ନକଲ ଦେବାକୁ ହେବ । ଧାର୍ଯ୍ୟ ତାରିଖ ପରେ ଦାଖଲ ହୋଇଥିବା ପୁସ୍ତକ କିମ୍ବା ନିମ୍ନୋକ୍ତ ଫର୍ମର କୌଣସି ସୂଚନା ଅପୂରଣୀୟ ଥିଲେ କିମ୍ବା ଉପରୋକ୍ତ କାଗଜାତ୍ ଦାଖଲ ହୋଇନଥିଲେ, ଦାଖଲ ହୋଇଥିବା ପୁସ୍ତକ ବିଚାରକୁ ନିଆଯିବ ନାହିଁ । ପ୍ରତ୍ୟେକ ବର୍ଷ ସାଧାରଣ ପୁସ୍ତକ କ୍ରୟ ପାଇଁ ୧୫% ରିହାତି ଓ ବୃତ୍ତିଗତ ପୁସ୍ତକ କ୍ରୟ ପାଇଁ ୨୦% ରିହାତି ପ୍ରକାଶକମାନେ ଦେଇଥାନ୍ତି । ଚଳିତ ବର୍ଷ ଏହି ରିହାତିଠାରୁ ଅଧିକ ରିହାତି ଦେବାକୁ ଆଗ୍ରହୀ ପୁସ୍ତକ ଲେଖକ/ପ୍ରକାଶକ/ବିତରକଙ୍କୁ ଅଗ୍ରାଧିକାର ଦିଆଯିବ । ପୁସ୍ତକ ଚୟନ ସମ୍ବନ୍ଧୀୟ ସମସ୍ତ ନିଷ୍ପତ୍ତି ନେବାକୁ ଚୟନ କମିଟି ହକଦାର ଏବଂ ଏହି କମିଟି ଦ୍ୱାରା ଚୟନ ହୋଇଥିବା ପୁସ୍ତକ କ୍ରୟ ନିମନ୍ତେ ଚୂଡାନ୍ତ ଅଟେ । ପ୍ରକାଶକ/ବିତରକମାନଙ୍କୁ ଅନୁରୋଧ କରାଯାଉଛି କି, ସେମାନେ ତାଙ୍କର ପୁସ୍ତକ ତାଲିକା EXCEL SHEET ରେ ପ୍ରସ୍ତୁତ କରି ତାହାର Soft Copy ଦାଖଲ କରିବେ ।

**ଦରଖାସ୍ତର ନମୁନା ଫର୍ମ**

| କ୍ର. ନଂ. | ପୁସ୍ତକର ନାମ | ଲେଖକ | ପ୍ରକାଶକ | ସଂସ୍କରଣ | ଗ୍ରନ୍ଥ ଖଣ୍ଡ | ପ୍ରକାଶନ ବର୍ଷ | ମୂଲ୍ୟ | ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ବିବରଣୀ, ବ୍ୟାଙ୍କ ଶାଖା, ଆକାଉଣ୍ଟ ନଂ. ଓ ଆଇ.ଏଫ୍.ଏସ୍.କୋଡ | ମୋବାଇଲ ନଂ. |
|---|---|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) | (୯) | (୧୦) |

ତାରିଖ:
ପୁସ୍ତକ ଦାଖଲକାରୀଙ୍କ ସ୍ୱାକ୍ଷର
ସ୍ୱା./–ନିର୍ଦ୍ଦେଶକ
ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର
ୟୁନିଟ୍–୪, ଭୁବନେଶ୍ୱର–୭୫୧୦୦୧
OIPR-03016/11/0006/2526

## ଘରୁ ମୋବାଇଲ, ଟଙ୍କା ଚୋରି

ତିଗିରିଆ,(ଜାଫର ଖାଁ): ତିଗିରିଆ ଥାନା ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତର ଦେବରାଜ ବେହେରାଙ୍କ ଘରୁ ଗତ ୨ ତାରିଖ ରାତିରେ କେହି ଦୁର୍ବୃତ୍ତ ପଶି ମୋବାଇଲ, ଟଙ୍କା, ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି କରିଥିବା ନେଇ ଲିଖିତ ଅଭିଯୋଗ ହୋଇଛି। ଦେବରାଜଙ୍କ ଅଭିଯୋଗ ଅନୁଯାୟୀ, ୨ ତାରିଖରେ ସେ ତାଙ୍କର ପରିବାର ସହ ନିଜର ଅର୍ଦ୍ଧନିର୍ମିତ ଘରେ ଶୋଇଥିଲେ। ରାତି ପ୍ରାୟ ୩ଟାରେ ଦେବରାଜଙ୍କ ଝିଅ ଉଠି ଦେଖିବାରୁ ତାଙ୍କ ଘରୁ କେହି ଦୁର୍ବୃତ୍ତ ୨ଟି ମୋବାଇଲ, ୧୦ ହଜାରରୁ ଅଧିକ ଟଙ୍କା ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି କରିନେଇଛି। ଦେବରାଜଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଚଳାଇଛି।

# ଜଙ୍ଗଲ, ଜୀବଜନ୍ତୁ ବଞ୍ଚିଲେ ଆମ ସଭ୍ୟତା ବଞ୍ଚିବ

## ଡମପଡ଼ା ବନଖଣ୍ଡ ପକ୍ଷରୁ ୭୧ତମ ବନ୍ୟପ୍ରାଣୀ ସପ୍ତାହ

ବାଙ୍କୀ,୮।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର):



ବନ୍ୟପ୍ରାଣୀ ସପ୍ତାହ ଲାଗି ଲୋକଙ୍କୁ ସଚେତନ କରିବାକୁ ବାହାରିଥିବା ରାଲି।

ଡମପଡ଼ା ବନଖଣ୍ଡ ବନ୍ୟପ୍ରାଣୀ ବନାଞ୍ଚଳ ଫାଟକ ନିକଟରେ ୭୧ତମ ବନ୍ୟପ୍ରାଣୀ ସପ୍ତାହ ବୁଧବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଚନ୍ଦକା-ଡମପଡ଼ା ଡିଏଫ୍‌ଓ ବିନୋଦ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତି ତତ୍ତ୍ୱାଧାରକ ସାଜିବା ଆବଶ୍ୟକ। ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଏବଂ ମାନବ ସମାଜ ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ହେଉଛି ଏହି ସପ୍ତାହର ଉଦ୍ଦେଶ୍ୟ। ଉଭୟ ମାନବସମାଜ ଓ ବନ୍ୟପ୍ରାଣୀ ଭଗବାନଙ୍କ ଅନବଦ୍ୟ ସୃଷ୍ଟି। ସମାଜ ତଥା ଦେଶର ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ବନ୍ୟପ୍ରାଣୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ମାନବସମାଜର ଅଭିବୃଦ୍ଧି ଓ ସମୃଦ୍ଧି ଜୈବ ବିବିଧତା ଉପରେ ନିର୍ଭରଶୀଳ। ବର୍ତ୍ତମାନ ପରିପ୍ରେକ୍ଷୀରେ ବନ୍ୟପ୍ରାଣୀମାନଙ୍କ ସଂରକ୍ଷଣ, ସୁରକ୍ଷା ଏବଂ ଅଭିବୃଦ୍ଧି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ଜୈବ ବିବିଧତା ଦୃଷ୍ଟିରୁ ଡମପଡ଼ା-ଚନ୍ଦକା ଅଭୟାରଣ୍ୟ ସମୃଦ୍ଧ ପ୍ରାଚୁର୍ଯ୍ୟରେ ଭରପୂର। ଏହାର ସୁରକ୍ଷା ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷା ଆମର ବ୍ରତ ହେବା ଆବଶ୍ୟକ। ଜଙ୍ଗଲ ଓ ଜୀବଜନ୍ତୁ ବଞ୍ଚିଲେ ଆମ ସଭ୍ୟତା ବଞ୍ଚିବ।

ମୁଖ୍ୟ ଅତିଥି ଭାବେ ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରା ଯୋଗଦେଇ ବନ୍ୟପ୍ରାଣୀ ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ, ଡମପଡ଼ା-ଚନ୍ଦକା ଅଭୟାରଣ୍ୟ ହାତୀମାନଙ୍କ ରହଣିସ୍ଥଳ। ଏହିଠାରେ ସେମାନେ ନିଜକୁ ସୁରକ୍ଷିତ ମନେକରି ଚଳାଚଳ କରିଥାନ୍ତି। ହାତୀମାନଙ୍କ ସହ ମୟୂର, ହରିଣ, କୁଟୁରା, ଶାଳିଆପତନୀ, ଭାଲୁ ପ୍ରଭୃତି ବହୁ ଜୀବଜନ୍ତୁ ମଧ ଏହି ଅଭୟାରଣ୍ୟରେ ବସବାସ କରିଥାନ୍ତି। ଅନେକ ସମୟରେ ବନ୍ୟଜନ୍ତୁ ଜଙ୍ଗଲ ପାର ହୋଇ ରାସ୍ତାକୁ ଆସୁଛନ୍ତି। ସେମାନଙ୍କୁ ଆମେ ଆହତ କି ହତ୍ୟା ନ କରି ଏ ସମ୍ପର୍କରେ ବନ ବିଭାଗକୁ ସୂଚନା ଦେବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ, ଡମପଡ଼ା ସରପଞ୍ଚ କୁସୁମ ମଞ୍ଜରୀ ଧଳ ଯୋଗଦେଇ ବନ୍ୟପ୍ରାଣୀ ସପ୍ତାହର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବନ୍ୟପ୍ରାଣୀ ସଂରକ୍ଷଣରେ ସହଯୋଗ ପାଇଁ ଭଗୀପୁର ସରପଞ୍ଚ ସନ୍ତୋଷ ସୁତାର ଓ ବାଆଁରା ସରପଞ୍ଚ ରଶ୍ମିତା ସାହୁଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଶେଷରେ ଡମପଡ଼ା ମହାବିଦ୍ୟାଳୟର ଛାତ୍ରୀଛାତ୍ର, ବନ ବିଭାଗ କର୍ମଚାରୀଙ୍କ ସହ ସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ବନ୍ୟପ୍ରାଣୀ ସଂରକ୍ଷଣ ଉଦ୍ଦେଶ୍ୟରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏହାକୁ ଡମପଡ଼ା ରେଞ୍ଜ ଅଫିସର ନିରଞ୍ଜନ ମହାପାତ୍ର ପରିଚାଳନା କରିଥିଲେ। ଡମପଡ଼ା ଫରେଷ୍ଟର ବନୋଜ ଭୋଳ, ତାଳବସ୍ତ ଫରେଷ୍ଟର ବିଳାସ ପଲେଇ, ଭଗୀପୁର ଫରେଷ୍ଟର ଅନାମ ହେମ୍ବ୍ରମ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଓଡ଼ିଶାର ୨ଛାତ୍ରଙ୍କୁ 'ମୋ ଭାରତ ଜାତୀୟ ସେବା ଯୋଜନା ପୁରସ୍କାର'

ଭୁବନେଶ୍ୱର,୮।୧୦(ସୁଚିସ୍ମିତା ସାହୁ):

ଓଡ଼ିଶାର ଦୁଇଜଣ ଛାତ୍ରଙ୍କୁ 'ମୋ ଭାରତ ଜାତୀୟ ସେବା ଯୋଜନା' ପୁରସ୍କାର ମିଳିଛି। ସେମାନେ ହେଲେ ବାଲେଶ୍ୱରର ନୀଳମଣି ମହାବିଦ୍ୟାଳୟ ଛାତ୍ର ଦେବେନ୍ଦ୍ର ଆଚାର୍ଯ୍ୟ ଓ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଡିଗ୍ରୀ ମହାବିଦ୍ୟାଳୟ ଛାତ୍ର ଅରୁଣ ଜ୍ୟୋତି ପାଣିଗ୍ରାହୀ। ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେବେନ୍ଦ୍ର ଓ ଅରୁଙ୍କ ସହ ଦେଶର ମୋଟ ୩୦ଜଣ ସ୍ୱେଚ୍ଛାସେବୀଙ୍କୁ 'ମୋ ଭାରତ ଜାତୀୟ ସେବା ଯୋଜନା' ପୁରସ୍କାର ପ୍ରଦାନ କରିଛନ୍ତି। ଜାତୀୟ ସେବା ଯୋଜନାର ବିଭିନ୍ନ ସମାଜ ସେବାମୂଳକ କାର୍ଯ୍ୟକ୍ରମ ନିଶା ନିବାରଣ, ପ୍ଲାଷ୍ଟିକ ପ୍ରତିହତ, ଚାରାରୋପଣ, ବୁଲା ପଶୁଙ୍କ ସୁରକ୍ଷା ଭଳି କାର୍ଯ୍ୟକ୍ରମ କରି ଏହି ପୁରସ୍କାର ପାଇଛନ୍ତି। ତେବେ ଉଭୟ ପୁରସ୍କାରର ଶ୍ରେୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ଓଡ଼ିଶା ଜାତୀୟ ସେବା ଯୋଜନା ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା, ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ଇଟିଆଇ ଅଧିକାରୀ ନିରଦ ବରଣ ଖୁଣ୍ଟିଆ, ଯୁବ ଅଧିକାରୀ ଅଜିତ ଖୁମ୍ବା, ବାଲେଶ୍ୱର ଜିଲା କାର୍ଯ୍ୟକ୍ରମ ଅଧିକାରୀ ଗୌରାଙ୍ଗ ପଣ୍ଡା ଓ ଖୋର୍ଦ୍ଧା ଜିଲା କାର୍ଯ୍ୟକ୍ରମ ଅଧିକାରୀ ଜୟଶ୍ରୀ ବାଳା ମଲ୍ଲିକଙ୍କୁ ଦେଇଛନ୍ତି।

## ପ୍ରାତଃଭ୍ରମଣ ବେଳେ ଦୁର୍ଘଟଣା: ଶିକ୍ଷକଙ୍କ ମୃତ୍ୟୁ

ସାଲେପୁର,୮।୧୦(ଅରବିନ୍ଦ ଭୂୟାଁ)



ପ୍ରଦୀପ୍ତ କୁମାର ମହାରଣା।

ରାସ୍ତାରେ ଜଣେ ଶିକ୍ଷକ ମଙ୍ଗଳବାର ପ୍ରାତଃଭ୍ରମଣରେ ଯାଉଥିବାବେଳେ ପଛପଟୁ ଆସୁଥିବା ଏକ ଟ୍ରକ୍ ଚକ ବାହାରି ଆସି ଧକ୍କା ଦେବାରୁ ଚେତାଶୂନ୍ୟ ହୋଇ ପଡ଼ି ଯାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ କଟକର ଏକ ଘରୋଇ ହସ୍ପିଟାଲରେ ବିଳମ୍ବିତ ରାତ୍ରରେ ତାଙ୍କର ହୋଇଛି। ସେ ହେଲେ ସାଲେପୁର ଥାନା ଦାରିଆପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ୍ତ କୁମାର ମହାରଣା।

ମଙ୍ଗଳବାର ଭୋରୁ ନଇଗୁଆଁ ରାସ୍ତାରେ ରହୁଥିବା ସାଲେପୁର ଥାନା ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତ ଦାରିଆପୁର ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ପ୍ରଦୀପ୍ତ ପ୍ରାତଃଭ୍ରମଣରେ ଯାଉଥିଲେ। ଏହି ସମୟରେ ଶିଶୁଆ ବଜାର ମଧ ରାସ୍ତାରେ ପଛପଟୁ ଆସୁଥିବା ଏକ ଟ୍ରକ୍‌ର ଚକା ବାହାରି ଆସି ଶିକ୍ଷକଙ୍କୁ ଧକ୍କା ଦେଇଥିଲା। ସେ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇ ପଡିଯାଇଥିଲେ। ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀ ସହାୟତାରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଅବସ୍ଥା ଗୁରୁତର ହେବାରୁ ସେଠାରେ ଡାକ୍ତର ତାଙ୍କୁ କଟକ ବଡ ମେଡିକାଲକୁ ପଠାଇଥିଲେ। ପରିବାର ଲୋକ ତାଙ୍କୁ ନେଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଏକାଧାରରେ ଜଣେ ଭଲ ଶିକ୍ଷକ, ବଂଶୀବାଦକ, ଲେଖକ ଥିଲେ। ତାଙ୍କ ମୃତ୍ୟୁରେ ସାଲେପୁର ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁରେ ସାଲେପୁର ମଣ୍ଡଳ ଶିକ୍ଷା ଅଧିକାରୀ ଲକ୍ଷେହିରା ଲାବଣ୍ୟବତୀ ବେହେରା, ପୂର୍ବତନ ବିଇଓ ଜଗବନ୍ଧୁ ଶତପଥୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, କଟକ ଜିଲା ଖବରଦାତା ସଂଘର ସାଧାରଣ ସମ୍ପାଦକ ଶିଶିର କୁମାର ଦାଶ, ଅଜୟ ସ୍ୱାଇଁ, ରାଇସୁଙ୍ଗୁଡ଼ା କ୍ଲଷ୍ଟର ସିଆର୍‌ସିସି ଭୁବନାନନ୍ଦ ଖୁଣ୍ଟିଆ, ସାଲେପୁର ସିଆର୍‌ସିସି ଦେବବ୍ରତ ଦାଶ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ମୃତ ଶିକ୍ଷକ ମହାରଣାଙ୍କ ଅନ୍ତିମ ସଂସ୍କାର ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଛି। ତାଙ୍କ ମୃତ୍ୟୁରେ ବୃଦ୍ଧ ମାତାପିତା, ସ୍ତ୍ରୀ ଏବଂ ଦୁଇ ପୁତ୍ର ଦୁଃଖରେ ଭାଙ୍ଗି ପଡିଛନ୍ତି। ଏ ସମ୍ପର୍କରେ ଆଇଆଇସି ଅନୀତା ସାହୁଙ୍କୁ ପଚାରିବାରେ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ସେ କହିଛନ୍ତି।

# ବନ୍ଦ ରହିଛି ଏକ୍ସ-ରେ କକ୍ଷ

## ଏସ୍‌ସିବି ଟ୍ରମା କାଜୁଆଲଟିରେ ଅବ୍ୟବସ୍ଥା

କଟକ,୮।୧୦(ଶିଳ୍ପା ପ୍ରିୟଦର୍ଶିନୀ)




ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ର ଟ୍ରମା କାଜୁଆଲଟିରେ ଅବ୍ୟବସ୍ଥା ଦେଖାଦେଇଛି। କାଜୁଆଲଟିର ଡ୍ରେସିଂ ରୁମ୍‌ରେ ଥିବା ଡ୍ରେସିଂ ଟେବୁଲ ଭାଙ୍ଗି ଯାଇଛି। ଏହାସହ ଅସ୍ତ୍ରୋପଚାର ପାଇଁ ଥିବା ସ୍ଲଟ୍ ଲାଇଟର ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ସେହିପରି କାଜୁଆଲଟି ପରିସରରେ ଏକ୍ସ-ରେ କକ୍ଷ ବହୁ ଦିନ ହେବ ବନ୍ଦ ରହିଛି। ଫଳରେ ଗୁରୁତର ରୋଗୀ ଏକ୍ସ-ରେ ପାଇଁ ମେଡିକାଲର ଅନ୍ୟାନ୍ୟ ବିଭାଗକୁ ଯାଇ ଏକ୍ସ-ରେ କରାଉଛନ୍ତି। ସେହିପରି ଡ୍ରେସିଂ ରୁମ୍‌ରେ ଡ୍ରେସିଂ ଟେବୁଲ ଅବସ୍ଥା ଠିକ୍ ନ ଥିବାରୁ କାଜୁଆଲଟିରେ ଚିକିତ୍ସା ପାଇଁ ରୋଗୀ ଘଣ୍ଟା ଘଣ୍ଟା ଅପେକ୍ଷାରେ ଧାଡି ବାନ୍ଧି ଛିଡା ହୋଇରହୁଛନ୍ତି। ମିଳିଥିବା ସୂଚନା ମୁତାବକ, ଏସ୍‌ସିବି ମେଡିକାଲର ଟ୍ରମା କାଜୁଆଲଟିକୁ ଗୁରୁତର ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ଏଠାରେ ଡ୍ରେସିଂ ରୁମ୍, ଅସ୍ତ୍ରୋପଚାର, ଏକ୍ସ-ରେ, ଆଇସିୟୁ ଓ ସାଧାରଣ ବେଡ୍‌ର ସୁବିଧା ରହିଛି। ହେଲେ ଡ୍ରେସିଂ ରୁମ୍‌ର ବ୍ୟବସ୍ଥା ଥିଲେ ମଧ୍ୟ ଏଠାରେ ଡ୍ରେସିଂ ପାଇଁ ୨ଟି ଟେବୁଲ ବ୍ୟବସ୍ଥା କରାଯାଇଥିଲା, କିନ୍ତୁ ଏବେ ମାତ୍ର ଗୋଟିଏ ଭଙ୍ଗା ଟେବୁଲରେ ଗୁରୁତର ରୋଗୀଙ୍କ ଡ୍ରେସିଂ କରାଯାଉଛି। ସେହିପରି ଅସ୍ତ୍ରୋପଚାର ପାଇଁ ଥିବା ସ୍ଲଟ୍ ଲାଇଟଟି ଭାଙ୍ଗି ଯାଇଥିବାବେଳେ ଅନେକ ସମୟ ଠିକ୍ ଭାବେ ଚାଲୁ ନାହିଁ। କାଜୁଆଲଟିର ଏଭଳି ସ୍ଥିତି ହେବାରୁ ଗୁରୁତର ରୋଗୀ ଚିକିତ୍ସା ପାଇଁ ଅନେକ ସମୟ ଅପେକ୍ଷା କରି ରହୁଛନ୍ତି। ସେହିପରି କାଜୁଆଲଟିରେ ଗୋଟିଏ ଏକ୍ସ-ରେ କକ୍ଷ ରହିଥିବାବେଳେ ବହୁଦିନ ହେବ ବନ୍ଦ ରହିଥିବାରୁ ଗୁରୁତର ରୋଗୀ ଅନ୍ୟତ୍ର ଯାଇ ଏକ୍ସ-ରେ କରାଉଛନ୍ତି। ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଓଡ଼ିଶୀନୃତ୍ୟର ପ୍ରଚାର ପ୍ରସାର ବାଙ୍କୀ ମାଟିରୁ ହୋଇଥିଲା

ବାଙ୍କୀ, ୮।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର)




ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ବାଙ୍କୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ବୁଧବାରରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଯୋଗଦେଇ ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର ଏହି ବାଙ୍କୀମାଟିରୁ ଆରମ୍ଭ ହୋଇଥିଲା। ବାଙ୍କୀ ଅଞ୍ଚଳର ଗୌରବମୟ ଐତିହ୍ୟକୁ ଲୋକମାନସରେ ଉଦ୍‌ଭାଷିତ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବକ୍ତବ୍ୟରେ ଶ୍ୟାମାମଣି କହିଥିଲେ। ମୁଖ୍ୟବକ୍ତା ଭାବେ ଧର୍ମପଦ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର ଯୋଗଦେଇ ଓଡ଼ିଆ ସଂସ୍କୃତି ମହାନ୍ ଓ ଓଡ଼ିଆ ସଂସ୍କୃତିର ମୂଳକେନ୍ଦ୍ର ହେଲା ପ୍ରଭୁ ଶ୍ରୀଜଗନ୍ନାଥ ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ବାଙ୍କୀର ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ ଯୋଗଦେଇ ବାଙ୍କୀ ହେଉଛି ମା'ଚର୍ଚ୍ଚିକାଙ୍କ ମାଟି ବୋଲି କହିଥିଲେ। ଏହି ମାଟିରେ ବହୁ ସାହିତ୍ୟିକ, କବି, କଳାକାର, ରାଜନୈତିକ, ସାମାଜିକ କର୍ମୀ ଜନ୍ମ ନେଇ ବାଙ୍କୀମାଟିକୁ ସାରା ରାଜ୍ୟ ତଥା ଦେଶରେ ସ୍ୱର୍ଣ୍ଣାକ୍ଷରରେ ଲେଖିଛନ୍ତି। ବାଙ୍କୀ ମହୋତ୍ସବ ଆଉ ମହୋତ୍ସବ ହୋଇ ରହିନାହିଁ। ବାଙ୍କୀମାଟିର ଜୀବଧାରା ଏହି ମହୋତ୍ସବ ଦ୍ୱାରା ସୁଯୋଗ୍ୟ ସନ୍ତାନଙ୍କ ସମ୍ପର୍କରେ ଲୋକ ଜାଣିପାରିବାର ସୁଯୋଗ ସୃଷ୍ଟି କରିବାରେ ସମର୍ଥ ହୋଇପାରିଛି। ବାଙ୍କୀକୁ ପ୍ରଦୂଷଣମୁକ୍ତ କରିବାକୁ ମଧ

### ବାଙ୍କୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ପଣ କରିବା ବୋଲି ଡ. ପଟ୍ଟନାୟକ କହିଥିଲେ। ସମ୍ମାନିତ ଅତିଥି ଭାବେ ମହୋତ୍ସବ କମିଟିର କୋଷାଧ୍ୟକ୍ଷ ସମରେନ୍ଦ୍ର ମହାପାତ୍ର, ଉପସଭାପତି ଅନନ୍ତ ଚରଣ ଦାସ, ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ଉପସଭାପତି ଭାଗୀରଥି ପାଣି ପ୍ରମୁଖ ଯୋଗଦାନ କରିଥିଲେ। ମହୋତ୍ସବ କମିଟି ସଭାପତି ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ଅନ୍ୟତମ ଉପସଭାପତି ସନ୍ତୋଷ କୁମାର ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଟି ସମ୍ପାଦକ ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଭାଗୀରଥି ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ବାଙ୍କୀ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦର କଳାକାରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ବାଙ୍କୀ ମହୋତ୍ସବ ପ୍ରତିଷ୍ଠାତା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଦ୍ୱିତୀୟ ଦିନ ସନ୍ଧ୍ୟାର ସମସ୍ତ କାର୍ଯ୍ୟକ୍ରମ ଓ ମହୋତ୍ସବ କିପରି ସୁଚାରୁରୂପେ ପରିଚାଳନା ହେବ ଏବଂ ଶାନ୍ତି ଶୃଙ୍ଖଳାକୁ ମଞ୍ଚ ତଳେ ବସି ତନଖି କରୁଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
No.A-694 **e-Procurement Notice**
Bid Identification No.ACEM/MDB-36/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : ACEM/MDB-36/2025-26
5. Estimated Cost : Rs.17,50,395/-
6. Period of Completion : 02 (Two) Calendar Months
7. Date & Time of availability of bid documents in the Portal : From Dt.10.10.2025 (10.00 AM) to dt.22.10.2025 (5.30 PM)
8. Last date/time for receipt of bid in the Portal : dt.22.10.2025 (upto 5.30 PM)
9. Date and Place of Opening of Bid : Dt.23.10.2025 (12.00 Noon onwards in the O/o the Undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-Procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Addl. Chief Engineer
Mechanical Circle, Bhubaneswar
OIPR-32405/11/0091/2526

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
No.A-699 **e-Procurement Notice**
Bid Identification No.ACEM/MDB-41/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : ACEM/MDB-41/2025-26
5. Estimated Cost : Rs.15,18,909/-
6. Period of Completion : 02 (Two) Calendar Months
7. Date & Time of availability of bid documents in the Portal : From Dt.10.10.2025 (10.00 AM) to dt.22.10.2025 (5.30 PM)
8. Last date/time for receipt of bid in the Portal : dt.22.10.2025 (upto 5.30 PM)
9. Date and Place of Opening of Bid : Dt.23.10.2025 (12.00 Noon onwards in the O/o the Undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-Procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Addl. Chief Engineer
Mechanical Circle, Bhubaneswar
OIPR-32405/11/0096/2526

Government of Odisha No.MM-219
**"e" Procurement Notice**
**OFFICE OF THE DIVISIONAL FOREST OFFICER**
**PURI WILDLIFE DIVISION, PURI**
Bid Identification No.01 of 2025-26

| | | |
|---|---|---|
| 1 | Nature of the Work | Construction of New Forester Quarter |
| 2 | No. of Works:- | 2 Nos. |
| 3 | Estimate Cost:- | As mentioned in Column No.3 |
| 4 | Period of Completion | 03 (Three Calendar Months/Each) |
| 5 | Date & Time of availability of the bid documents in the portal | 11.00 Hours of 08.10.2025 to 17.00 Hours of 22.10.2025 |
| 6 | Last date/time of receipt of the bid in portal | 22.10.2025 upto 17.00 Hours |
| 7 | Date of Opening | 11.00 Hours of 23.10.2025 |
| 8 | Name and Address of the Office | Office of the Divisional Forest Officer, Puri (WL) Division, Puri |

Further details can be seen from the e-Procurement Portal "https://tendersorissa.gov.in.
Sd./- Divisional Forest Officer
Puri (WL) Division, Puri
OIPR-08140/11/0017/2526

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
No.A-698 **e-Procurement Notice**
Bid Identification No.ACEM/MDB-40/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : ACEM/MDB-40/2025-26
5. Estimated Cost : Rs.15,11,646/-
6. Period of Completion : 02 (Two) Calendar Months
7. Date & Time of availability of bid documents in the Portal : From Dt.10.10.2025 (10.00 AM) to dt.22.10.2025 (5.30 PM)
8. Last date/time for receipt of bid in the Portal : dt.22.10.2025 (upto 5.30 PM)
9. Date and Place of Opening of Bid : Dt.23.10.2025 (12.00 Noon onwards in the O/o the Undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-Procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Addl. Chief Engineer
Mechanical Circle, Bhubaneswar
OIPR-32405/11/0095/2526

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: 19039/ଭୁ.ଉ.କ., ଭୁବନେଶ୍ୱର ତା: 25.09.2025ରିଖ
BRP-1170/88
**ସୂଚନା**
No. CAD-1944: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରଗଡ଼ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ବରଗଡ଼, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ ନଂ. – RP-50କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୭୪୨୨/ଏ.ଏଲ୍, ତା୧୯।୦୭।୨୦୦୬ରିଖ ଅନୁଯାୟୀ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ପ୍ରକାଶ ପାଣିଙ୍କ ନାମରୁ (୧) ଶ୍ରୀ ଦିଲିପ କୁମାର ମିଶ୍ର, ପିତା: ମଧୁସୂଦନ ମିଶ୍ର ଓ (୨) ଶ୍ରୀମତୀ ମୀନା ମିଶ୍ର, ସ୍ୱାମୀ: ଶ୍ରୀ ଦିଲିପ କୁମାର ମିଶ୍ର, ଗ୍ରାମ: ଗମାଣ୍ଡିଆ, ପୋଷ୍ଟ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଜିଲ୍ଲା: କଟକ, ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା।
ଆବଣ୍ଟନଗ୍ରାହୀଙ୍କ ମଧ୍ୟରୁ ଦିଲିପ କୁମାର ମିଶ୍ର ଗତ ତା୦୯।୦୬।୨୦୨୧ରିଖରେ ମୃତ୍ୟୁବରଣ କରିଅଛନ୍ତି। (Death Certificate Registration No. 10258/2021 dated 11.06.2021. Legal heir Certificate Misc. Case No. E-LHC/2021/104194 Dated: 22.09.2022 ଅନୁଯାୟୀ ଦିଲିପ କୁମାର ମିଶ୍ରଙ୍କର ଉତ୍ତରାଧିକାରୀ (୧) ମୀନା ମିଶ୍ର (ସ୍ତ୍ରୀ), (୨) ବରୁଣ ମିଶ୍ର (ପୁତ୍ର) ଓ (୩) ମିଲନ ମିଶ୍ର (ପୁତ୍ର) ଅଟନ୍ତି।
ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଏଣୁ ଉକ୍ତ ପ୍ଲଟର ମାଲିକାନା ସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ସ୍ୱତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।
ସ୍ୱା./– ଆବଣ୍ଟନ ଅଧିକାରୀ–୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0384/2526

**ITDA, JHARSUGUDA**
**TENDER CALL NOTICE**
**No.724, Dt.04.10.2025**
No.CAD-1951:The Project Administrator, ITDA, Jharsuguda invites percentage rate basis Tender for 07 Nos. (Seven) of projects. The sale of bid documents starts from Dt.09.10.2025 to Dt.23.10.2025 during the office hour and receipt of the bid documents starts from Dt.09.10.2025 to Dt.24.10.2025 upto 5.00 P.M. on all working days in the office of the Project Administrator, ITDA, Jharsuguda. The bid will be opened on Dt.28.10.2025 at 11.00 A.M. Intending Valid Contractors may visit district website of Jharsuguda www.jharsuguda.odisha.gov.in for detail information.
Sd./- Project Administrator
ITDA, Jharsuguda
OIPR-19444/11/0002/2526

**ZILLA SWASTHYA SAMITI, KORAPUT**
(NTEP CELL)
NATIONAL HEALTH MISSION
E-mail: dtoorkrp@rntcp.org Phone:06852-252714
No.3282/NTEP/NHM/KPT Date:06.10.25
**TENDER CALL NOTICE**
No.E-427: Sealed tenders are invited from eligible agencies for selection of the most suitable agency to supply Nutritional Kit for TB Patients of Koraput District. Details regarding the items, terms & conditions and formats for submission of tender may be downloaded from the website: https://koraput.odisha.gov.in. The tenders should reach the office of the undersigned by 28.10.2025 till 04.00 P.M. The tender will be opened at 11.00 AM on 29.10.2025. The undersigned reserves the right to reject any or all the tenders without assigning any reason thereof.
Sd./- CDM & PHO -cum-
District Mission Director, Koraput
OIPR-10077/11/0025/2526

**BOARD OF REVENUE : ODISHA: CUTTACK**
(ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ)
(E-mail :exam. bor@gmail.com / exam2.bor@gmail.com)
File No.V-02/2025-422/Exam. Dated 08.10.2025
**NOTIFICATION**
No.F-71:On-line applications are hereby invited from the prospective officers through the Proforma application to be made available in the Board's website (https://boardodisha.nic.in/) w.e.f. 9th October, 2025 in respect of the 2nd Half Yearly Departmental Examination of Officers, 2025 conducted by the Board of Revenue for all Departments of Govt. of Odisha to be held in **the Last week of December, 2025.**
The candidates are required to furnish application through Online only. No off-line applications will be entertained. **The link for submission of application online shall be made available from 09.10.2025 (Thursday) to 04.11.2025 (Tuesday).** The candidates are requested to visit the Board's website and before proceeding for filling the online application form, they are required to go through the guidelines and instructions available in Board's website (Annexure-I).
The officers under training at the Gopabandhu Academy of Administration, Bhubaneswar / Madhusudan Das Regional Academy of Financial Management (MDRAFM), Bhubaneswar / any other institution should submit their application in the above manner through their Academy / Institute.
The detailed programme of the examination schedule (both Written & Viva-Voce) will be notified later on.
**DOCUMENTS TO BE UPLOADED:**
- Candidates must upload recent coloured passport size photo and scanned signature as per the instruction mentioned in Annexure-I.
- The forwarding letter duly signed or approved by the head of office must be uploaded. Otherwise, the application without forwarding letter will be rejected by the software & the candidate will not be able to appear in the Departmental Examination. (If the head of office is an examinee, his / her application should duly be approved by the next Higher Authority).
- The officers, who want to be exempted from passing of ODIA in the Departmental Examination, should upload their HSC/ equivalent certificate. (Note: ODIA in M.E. Standard will not be considered for exemption). **Offline Application for Odia Exemption or through E-mail shall not be entertained.**
- No need to upload HSC/ Equivalent certificate, if a candidate has already been exempted by this office.

For any queries and technical assistance, you may contact the Examination Branch, Board of Revenue, Odisha, Tel. No. 0671-2508006.
By orders of Member, Board of Revenue, Odisha, Cuttack
Sd./- Secretary, Board of Revenue, Odisha, Cuttack
OIPR-24002/11/0017/2526

No.RR-22
**ଓଡ଼ିଶା ସରକାର**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ଭୁବନେଶ୍ୱର**
**ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଏବଂ ସନ୍ଥକବି ଭୀମଭୋଇ ପାଠାଗାର, ଭୁବନେଶ୍ୱର ପାଇଁ ପୁସ୍ତକ କ୍ରୟ ନିମନ୍ତେ ବିଜ୍ଞାପନ**
୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଏବଂ ସନ୍ଥକବି ଭୀମଭୋଇ ପାଠାଗାର, ଭୁବନେଶ୍ୱର ନିମନ୍ତେ ଆଗ୍ରହୀ ପୁସ୍ତକ ଲେଖକ/ପ୍ରକାଶକ/ବିତରକମାନଙ୍କ ଠାରୁ ୨୦୨୫-୨୬ ମସିହାରେ ପ୍ରକାଶିତ ତଥା ପୂର୍ବ ପ୍ରକାଶିତ ବିରଳ ଓ ଦୁର୍ମୂଲ୍ୟ ପୁସ୍ତକ ଏବଂ ପାଠକ/ପାଠିକାମାନଙ୍କ ପାଇଁ ଉଦ୍ଦିଷ୍ଟ ବୃତ୍ତି ବିକାଶ ନମୁନା ପୁସ୍ତକର ଏକ ଖଣ୍ଡ ସହିତ ନିମ୍ନଲିଖିତ ଫର୍ମରେ ଦରଖାସ୍ତ ବିଜ୍ଞାପନ ପ୍ରକାଶିତ ହେବାର ଦୁଇ ମାସ ଭିତରେ (ସରକାରୀ ଛୁଟି ଦିବସ ବ୍ୟତୀତ) ଦିବା ୧୧ ଘଟିକାଠାରୁ ଅପରାହ୍ନ ୪ ଘଟିକା ମଧ୍ୟରେ ଆହ୍ୱାନ କରାଯାଉଅଛି । ନମୁନା ପୁସ୍ତକ ସହିତ ପୂରଣ ହୋଇଥିବା ଫର୍ମ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ବୈଷୟିକ ସେବା ବିଭାଗରେ ଦାଖଲ ହେବ । ଆଗ୍ରହୀ ପୁସ୍ତକ ଲେଖକ/ପ୍ରକାଶକ/ବିତରକ ପ୍ରାଧିକୃତ ସ୍ଥାନୀୟ ପୁସ୍ତକ ବିକ୍ରେତାଙ୍କ ମାଧ୍ୟମରେ ପୁସ୍ତକ ଦାଖଲ କରିବେ ଯଦ୍ୱାରା ଚୟନ ହୋଇଥିବା ପୁସ୍ତକର ବିଲ୍ ସେମାନେ ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ଚୟନ ହୋଇ ନଥିବା ପୁସ୍ତକଗୁଡ଼ିକୁ ନିଜ ଖର୍ଚ୍ଚରେ ଫେରସ୍ତ ନେବେ । ହିତାଧିକାରୀଙ୍କ ନିର୍ଭୁଲ୍ ବ୍ୟାଙ୍କ୍ ବିବରଣୀ ଜାଣିବା ପାଇଁ ତାଙ୍କ ବ୍ୟାଙ୍କ୍ ଖାତାର ପ୍ରଥମ ପୃଷ୍ଠା କିମ୍ବା ବ୍ୟାଙ୍କ୍ ଚେକ୍‌ର ଏକ ଫଟୋ ନକଲ ଦେବାକୁ ହେବ । ଧାର୍ଯ୍ୟ ତାରିଖ ପରେ ଦାଖଲ ହୋଇଥିବା ପୁସ୍ତକ କିମ୍ବା ନିମ୍ନୋକ୍ତ ଫର୍ମର କୌଣସି ସୂଚନା ଅପୂରଣୀୟ ଥିଲେ କିମ୍ବା ଉପରୋକ୍ତ କାଗଜାତ୍ ଦାଖଲ ହୋଇନଥିଲେ, ଦାଖଲ ହୋଇଥିବା ପୁସ୍ତକ ବିଚାରକୁ ନିଆଯିବ ନାହିଁ । ପ୍ରତ୍ୟେକ ବର୍ଷ ସାଧାରଣ ପୁସ୍ତକ କ୍ରୟ ପାଇଁ ୧୫% ରିହାତି ଓ ବୃତ୍ତିଗତ ପୁସ୍ତକ କ୍ରୟ ପାଇଁ ୨୦% ରିହାତି ପ୍ରକାଶକମାନେ ଦେଇଥାନ୍ତି । ଚଳିତ ବର୍ଷ ଏହି ରିହାତିଠାରୁ ଅଧିକ ରିହାତି ଦେବାକୁ ଆଗ୍ରହୀ ପୁସ୍ତକ ଲେଖକ/ପ୍ରକାଶକ/ବିତରକଙ୍କୁ ଅଗ୍ରାଧିକାର ଦିଆଯିବ । ପୁସ୍ତକ ଚୟନ ସମ୍ବନ୍ଧୀୟ ସମସ୍ତ ନିଷ୍ପତ୍ତି ନେବାକୁ ଚୟନ କମିଟି ହକଦାର ଏବଂ ଏହି କମିଟି ଦ୍ୱାରା ଚୟନ ହୋଇଥିବା ପୁସ୍ତକ କ୍ରୟ ନିମନ୍ତେ ଚୂଡାନ୍ତ ଅଟେ । ପ୍ରକାଶକ/ବିତରକମାନଙ୍କୁ ଅନୁରୋଧ କରାଯାଉଛି କି, ସେମାନେ ତାଙ୍କର ପୁସ୍ତକ ତାଲିକା EXCEL SHEET ରେ ପ୍ରସ୍ତୁତ କରି ତାହାର Soft Copy ଦାଖଲ କରିବେ ।

**ଦରଖାସ୍ତର ନମୁନା ଫର୍ମ**

| କ୍ର. ନଂ. | ପୁସ୍ତକର ନାମ | ଲେଖକ | ପ୍ରକାଶକ | ସଂସ୍କରଣ | ଗ୍ରନ୍ଥ ଖଣ୍ଡ | ପ୍ରକାଶନ ବର୍ଷ | ମୂଲ୍ୟ | ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ବିବରଣୀ, ବ୍ୟାଙ୍କ ଶାଖା, ଆକାଉଣ୍ଟ ନଂ. ଓ ଆଇ.ଏଫ୍.ଏସ୍.କୋଡ | ମୋବାଇଲ ନଂ. |
|---|---|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) | (୯) | (୧୦) |

ତାରିଖ:
ପୁସ୍ତକ ଦାଖଲକାରୀଙ୍କ ସ୍ୱାକ୍ଷର
ସ୍ୱା./–ନିର୍ଦ୍ଦେଶକ
ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର
ୟୁନିଟ୍–୪, ଭୁବନେଶ୍ୱର–୭୫୧୦୦୧
OIPR-03016/11/0006/2526

**ରାମ, ଲକ୍ଷ୍ମଣ, ସୀତା ବେଶରେ ଦଶହରା ଭେଟି ଆଦାୟ**

ଟାଙ୍ଗୀ, (ରଘୁନାଥ ସାହୁ): ଏବେବି ଗ୍ରାମାଞ୍ଚଳରେ ଓଡ଼ିଆ ସଂସ୍କୃତି ଓ ପରମ୍ପରା ଦେଖିବାକୁ ମିଳେ। ଶାରଦୀୟ ଦୁର୍ଗା ପୂଜା ଅବସରରେ ଗ୍ରାମାଞ୍ଚଳରେ କଳାକାରମାନେ ବିଭିନ୍ନ ବେଶ ଧରି ବାଜା ବଜାଇ ଦୋକାନ ବଜାର, ଘର ଘର ବୁଲି ଦଶହରା ଭେଟି ମାଗୁଛନ୍ତି। ବୁଧବାର ସୋରଣ ଗ୍ରାମର କଦମ୍ବ ସାହିର କଳାକାରମାନେ ୩ କୁନି କଳାକାରଙ୍କୁ ରାମ, ଲକ୍ଷ୍ମଣ, ସୀତା ବେଶରେ ସଜାଇ ଟାଙ୍ଗୀ ଚାନ୍ଦପୁର ବଜାରରେ ଦଶହରା ଭେଟି ମାଗୁଥିବା ଦେଖିବାକୁ ମିଳିଥିଲା। କଳାକାରମାନେ ସୁନ୍ଦର ଭାବେ ଗୀତ ତାଳେତାଳେ ନୃତ୍ୟ ପରିବେଷଣ କରିଥିଲେ।

# ଆଇନଜୀବୀଙ୍କୁ ସୁରକ୍ଷା, ଅଭିଯୁକ୍ତଙ୍କୁ ଗିରଫ ଦାବି

## ଖୋର୍ଦ୍ଧା ଓକିଲ ସଂଘର କଲମଛାଡ଼ ଆନ୍ଦୋଳନ

ଖୋର୍ଦ୍ଧା,୮।୧୦(ପ୍ରଭାତ ପାଣିଗ୍ରାହୀ)

ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାରେ ରାଜ୍ୟ ଆଇନଜୀବୀ ପରିଷଦ ଆହ୍ୱାନ କ୍ରମେ ବୁଧବାର ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘ କଲମଛାଡ଼ ଆନ୍ଦୋଳନ କରିଛି। ପୂର୍ବାହ୍ନରେ ସଂଘ ପକ୍ଷରୁ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ପଣ୍ଡାଙ୍କ ହତ୍ୟା ଘଟଣାକୁ ନିନ୍ଦା କରାଯିବା ସହ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଛି। ପଣ୍ଡାଙ୍କୁ ଗୁଳି କରାଯିବା ଘଟଣା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର। ସଂପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହ ଘଟଣାର ବିଚାରବିଭାଗୀୟ ତଦନ୍ତ ଦାବି କରିଛି ସଂଘ। ଏଥିସହ ଆଇନଜୀବୀମାନଙ୍କୁ ସୁରକ୍ଷା ଯୋଗାଇଦେବାକୁ ଆଡଭୋକେଟ ପ୍ରୋଟେକ୍ସନ ଆକ୍ଟ କାର୍ଯ୍ୟକାରୀ ନିମନ୍ତେ ଦାବି କରାଯାଇଛି। ଖୋର୍ଦ୍ଧା ଜିଲା ଓକିଲ ସଂଘ ସଭାପତି ଜୀବନଜ୍ୟୋତି ମିଶ୍ର, ସମ୍ପାଦକ କ୍ଷୀରୋଦ ମୋହନ ସ୍ୱାଇଁ, ପୂର୍ବତନ ସଭାପତି ଶିଶିର ପରିଡ଼ା, ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରଜନୀକାନ୍ତ ପଟ୍ଟନାୟକ, ଅଜିତ ପଟ୍ଟନାୟକ, ସର୍ବେଶ୍ୱର ସାହୁ, ନୃସିଂହ ଚରଣ ମିଶ୍ର, ଲୋତକବିନ୍ଦୁ ପଟ୍ଟନାୟକ, ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଏହି ଘଟଣାର ନିନ୍ଦା କରିଛନ୍ତି। ଅନ୍ୟପଟେ ଏହି ଆନ୍ଦୋଳନ ଯୋଗୁ କାର୍ଯ୍ୟ ପ୍ରଭାବିତ ହୋଇଥିଲା। ବିଭିନ୍ନ କାମରେ କୋର୍ଟକୁ ଆସିଥିବା ଲୋକେ ନିରାଶ ହୋଇ ଫେରିଯାଇଥିବା ଦେଖିବାକୁ ମିଳିଥିଲା।


କଲମଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିବା ଆଇନଜୀବୀମାନେ।

## ଆଇନଜୀବୀଙ୍କ କଲମଛାଡ଼ ଆନ୍ଦୋଳନ

ବାଣପୁର,୮।୧୦(ବିଜୟ କୁମାର ସ୍ୱାଇଁ)

ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣା ନେଇ ବାଣପୁର ଓକିଲଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏ ନେଇ ବୁଧବାର ବାଣପୁର ବିଚାରବିଭାଗୀୟ ଅଦାଲତ ପରିସରରେ ଓକିଲ ସଂଘର ସଦସ୍ୟମାନେ ସ୍ୱର୍ଗତ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ପଣ୍ଡାଙ୍କୁ ନିର୍ଦ୍ଦୟତାର ସହ ହତ୍ୟା କରାଯିବା ଗଣତନ୍ତ୍ର ପାଇଁ ଏକ ବଡ଼ ଘାତକ। ପୋଲିସ ତୁରନ୍ତ ଦୋଷୀମାନଙ୍କୁ ଗିରଫ କରି କଠୋର ଶାସ୍ତି ଦେବା ପାଇଁ ଓକିଲମାନେ ଦାବି କରିଛନ୍ତି। ଅଦାଲତ ସମେତ ତହସିଲ ଓ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଓକିଲମାନେ ମଧ୍ୟ କଲମଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିଲେ। ସଂଘର ସଭାପତି ବୃନ୍ଦାବନ ପ୍ରଧାନ, ସମ୍ପାଦକ ଜଗଦୀଶ ପଟ୍ଟନାୟକଙ୍କ ସମେତ ଆଇନଜୀବୀ ଶରତ ପଟ୍ଟନାୟକ, ଶରତ ଲେଙ୍କା, ପ୍ରଦୀପ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ମହାନ୍ତି, ଦେବବ୍ରତ ବଡଜେନା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଆଇନଜୀବୀଙ୍କ କାର୍ଯ୍ୟବନ୍ଦ

ଟାଙ୍ଗୀ,୮।୧୦(ରଘୁନାଥ ସାହୁ)

ବ୍ରହ୍ମପୁରର ଆଇନଜୀବୀ ତଥା ରାଜ୍ୟ ବାର୍ କାଉନସିଲ ସଦସ୍ୟ ପୀତବାସ ପଣ୍ଡାଙ୍କର ଗୁଳିମାଡ଼ରେ ମୃତ୍ୟୁ ଘଟିଛି। ଏହି ଘଟଣା ପ୍ରତିବାଦରେ ବୁଧବାର ରାଜ୍ୟ ବାର୍ କାଉନସିଲ୍‌ର ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଟାଙ୍ଗୀ ଗ୍ରାମ୍ୟ ନ୍ୟାୟାଳୟ ପରିସରରେ ବାର୍ ଆସୋସିଏଶନର ସଦସ୍ୟା ସଦସ୍ୟମାନେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନାକରି ନୀରବ ପ୍ରାର୍ଥନା କରିଛନ୍ତି। ଦୁର୍ବୃତ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସେମାନେ ଦାବି କରିଛନ୍ତି। ସଭାପତି ଭାସ୍କର ପ୍ରସାଦ ମହାନ୍ତି, ସମ୍ପାଦକ ପୀତବାସ ନାୟକ, ପୂର୍ବତନ ସଭାପତି ନକୁଳ ନାୟକ, ହମିଦ୍ ମୀରା, ଗଙ୍ଗାଧର ପ୍ରଧାନ, ଅଶ୍ୱିନୀ କୁମାର ଦାସ, ରମେଶ ଚନ୍ଦ୍ର ବେହେରା, ମନୋଜ କୁମାର ମାନସିଂହ, ରବୀନ୍ଦ୍ର କୁମାର ରଣା, ହେମନ୍ତ ଦାସ, ଅମରେନ୍ଦ୍ର ମହାନ୍ତି, ସୁରେନ୍ଦ୍ର ବେହେରା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ଡିଜିଟାଲ ଟିକେଟିଂରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଆଗୁଆ

ଭୁବନେଶ୍ୱର,୮।୧୦(ଅନୁରାଧା ମହାରଣା)




ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ଡିଜିଟାଲ ଟିକେଟିଂରେ ରେକର୍ଡ ବୃଦ୍ଧି କରିଛି। ଇ-ଟିକେଟିଂ, ଅଟୋମେଟିକ୍ ଟିକେଟ ଭେଣ୍ଡିଂ ମେଶିନ(ଏଟିଭିଏମ୍) ଓ ମୋବାଇଲ ଆଧାରିତ ୟୁଟିଏସ୍ (ଅଣସଂରକ୍ଷିତ) ଟିକେଟିଂ ରେଳମଣ୍ଡଳରେ ଯାତ୍ରୀ ସେବାକୁ ତ୍ୱରାନ୍ୱିତ କରିଛି। ଯାତ୍ରୀ ଟିକେଟ କ୍ରୟ କ୍ଷେତ୍ରରେ ଡିଜିଟାଲ ଟିକେଟିଂ ପ୍ରତି ଯାତ୍ରୀମାନଙ୍କ ଆକର୍ଷଣ ଦିନକୁ ଦିନ ବଢୁଛି। ସମଗ୍ର ୟୁଟିଏସ୍ ଟିକେଟରେ ୭.୮% ବୃଦ୍ଧି ହୋଇଛି। ଏହି ବୃଦ୍ଧି ମଧ୍ୟରୁ ଏଟିଭିଏମ୍ ଦ୍ୱାରା ଟିକେଟ ବିକ୍ରୟ ପୂର୍ବବର୍ଷ ତୁଳନାରେ ୩୪.୮% ବଢ଼ିଛି ଏବଂ ମୋବାଇଲ ଟିକେଟିଂ ମାଧ୍ୟମରେ ୮୫% ବୃଦ୍ଧି ହୋଇଛି। ଯେକୌଣସି ସ୍ଥାନରୁ ମୋବାଇଲ ଟିକେଟ ବୁକିଂ କରିବାର ସୁବିଧା, ଡିଜିଟାଲ ପେମେଣ୍ଟ ମୋଡ୍‌ଗୁଡ଼ିକ (ୟୁପିଆଇ, କାର୍ଡ, ନେଟ୍ ବ୍ୟାଙ୍କିଙ୍ଗ୍) ସହ ଏକୀକୃତ ପ୍ରଣାଳୀ ଏବଂ ଠିକ୍ ସମୟରେ ଟିକେଟ ଉପଲବ୍ଧତା ଏହାର ବ୍ୟବହାରକୁ ଦ୍ରୁତଭାବେ ବୃଦ୍ଧି କରିଛି। ଇ-ଟିକେଟିଂ, ଏଟିଭିଏମ୍ ଏବଂ ୟୁଟିଏସ୍ ମୋବାଇଲ ଟିକେଟିଂ ପ୍ରଣାଳୀ ଯୋଗୁ ବୁକିଂ କାଉଣ୍ଟରଗୁଡ଼ିକରେ ଲମ୍ବା ଧାଡ଼ିକୁ ଦୂରକରିବାରେ ସଫଳତା ମିଳିଛି। ବିଶେଷକରି ଯାତ୍ରା ଭିଡ଼ ସମୟରେ ଯାତ୍ରୀମାନେ ବିଭିନ୍ନ ଡିଜିଟାଲ ପେମେଣ୍ଟ ବିକଳ୍ପ ବ୍ୟବହାର କରି ଯେକୌଣସି ସମୟରେ ଏବଂ ଯେକୌଣସି ସ୍ଥାନରୁ ଟିକେଟ ବୁକିଂ କରିପାରୁଛନ୍ତି। ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ତାହାର ଡିଜିଟାଲ ପ୍ରଣାଳୀକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଆପ୍‌ର ବ୍ୟବହାରକୁ ବିସ୍ତାର କରୁଛି। ଅଧିକ ଭିଡ଼ ଥିବା ଷ୍ଟେଶନଗୁଡ଼ିକରେ ଅଧିକ ଏଟିଭିଏମ୍ ସ୍ଥାପନ କରାଯାଉଛି। ନଗଦହୀନ ଟିକେଟିଂ ପ୍ରଚାର ପାଇଁ ସଚେତନତା ଅଭିଯାନ ଜାରି ଥିବାବେଳେ ବିଶ୍ୱସନୀୟତା ବଢ଼ାଇବା ପାଇଁ ନିୟମିତ ଅଡିଟ ଓ ସିଷ୍ଟମ ନିରୀକ୍ଷଣ ମଧ୍ୟ କରାଯାଉଥିବା ସୂଚନା ଦିଆଯାଇଛି।

## ଯାଁଳା କପ୍: କ୍ୱାର୍ଟର ଫାଇନାଲରେ ଯାଁଳା, ଭାଲିଆବାଡ଼ି

ଯାଁଳା,୮।୧୦(ବୁଲା ବାରିକ)

ରାଧାମାଧବ କ୍ଲବ ଆନୁକୂଲ୍ୟରେ ବୁଧବାର ଯାଁଳା କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ସପ୍ତମ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତମାଣ୍ଡୋକୁ ୩୩ ରନ୍‌ରେ ହରାଇ ଭାଲିଆବାଡ଼ି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ତମାଣ୍ଡୋ ଦଳର ସନ୍ତୋଷ ଭୋଳ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ଅଷ୍ଟମ ଲିଗ୍ ମ୍ୟାଚ୍‌ରେ କୋଣାର୍କ ନଗରକୁ ୧୦୭ ରନ୍‌ରେ ହରାଇ ଯାଁଳା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଯାଁଳା ଦଳର ଅଭିଷେକ ପଟ୍ଟନାୟକ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସୁକାନ୍ତ ପ୍ରଧାନ, ଗୋପବନ୍ଧୁ ପ୍ରଧାନ ଓ ସତ୍ୟସୁନ୍ଦର ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ।

# ୩ ସ୍ଥାନରୁ ୬ ବ୍ୟାଟେରି ଚୋରି ଅଭିଯୋଗରେ ୩ ଗିରଫ

**ବୋଲଗଡ଼,୮।୧୦(ଦେବବ୍ରତ ହୋତା):** ବୋଲଗଡ଼ ଥାନା ପୋଲିସ ବୁଧବାର ଦୁଇଟି ପୃଥକ ମାମଲାରେ ୩ଟି ସ୍ଥାନରୁ ୬ଟି ବ୍ୟାଟେରି ଚୋରି ଅଭିଯୋଗରେ ୩ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମଣ୍ଡଳସିଂହ ଗ୍ରାମର ଦୀନବନ୍ଧୁ ସାହୁ, ବୋଲଗଡ଼ର ବିଷ୍ଣୁଚରଣ ଘଡ଼େଇ(୨୫) ଓରଫ ଚନ୍ଦୁ ଏବଂ ରାକେଶ କୁମାର ଜେନା (୨୭) ଓରଫ ଚନ୍ଦନ। ଫାସିଓଦା ପଞ୍ଚାୟତ ମଣ୍ଡଳସିଂହ ଗ୍ରାମରେ ଥିବା ମା’ ବ୍ରାହ୍ମଣୀ ଦେବୀ ମନ୍ଦିରରୁ ପୂର୍ବରୁ କେତେଥର ଘଣ୍ଟ, ଘଣ୍ଟି ଓ ଅନ୍ୟାନ୍ୟ ସରଞ୍ଜାମ ଚୋରି ହୋଇଥିବା ବେଳେ ଗତମାସ ୧୯ ତାରିଖ ବିଳମ୍ବିତ ରାତିରେ ଏକ ଇନଭର୍ଟର ବ୍ୟାଟେରି ଚୋରି ହୋଇଥିବା ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରାଥମିକ ଏତଲା ଦିଆଯାଇଥିଲା। ଏ ସମ୍ପର୍କରେ ଥାନା ପକ୍ଷରୁ ଏକ କେସ୍ (ନଂ. ୨୩୨/୨୫) ରୁଜୁ ପରେ ସମ୍ପୃକ୍ତ ଗ୍ରାମର ଦୀନବନ୍ଧୁ ସାହୁ (୨୯)ଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଗୋଟିଏ ବ୍ୟାଟେରି ଜବତ ହୋଇଛି। ସେହି ପଞ୍ଚାୟତ ଅଧୀନସ୍ଥ କୁସୁପଲ୍ଲା ଗ୍ରାମରେ ଠିକାଦାର ନରେନ୍ଦ୍ର କୁମାର ସାହୁଙ୍କ ଦୁଇଟି ଟ୍ରାକ୍ଟର ଓ ଗୋଟିଏ ଅଟୋରିକ୍ସାରୁ ୩ଟି ବ୍ୟାଟେରି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅନ୍ୟ ଏକ ଘଟଣାରେ ସୋମବାର ଅସନପଲ୍ଲୀ ଗ୍ରାମ ଛକ ନିକଟରେ ସୋଲାର ଷ୍ଟ୍ରିଟଲାଇଟ୍‌ର ଦୁଇଟି ବ୍ୟାଟେରି ଚୋରି ବେଳେ ଅଭିଯୁକ୍ତମାନଙ୍କୁ ଧରିବାକୁ ଗ୍ରାମବାସୀ ଗୋଡ଼ାଇଥିଲେ। ସେହି ସମୟରେ ପ୍ରାତଃ ଭ୍ରମଣରେ ଯାଉଥିବା ଠିକାଦାର ସାହୁ ବୋଲଗଡ଼ର ବିଷ୍ଣୁ ଚରଣ ଘଡେଇଙ୍କୁ ଚିହ୍ନି ପାରି ଥାନାରେ ଜଣାଇଥିଲେ। ପୋଲିସ ପକ୍ଷରୁ ଅନୁସନ୍ଧାନ କରାଯାଇ ବିଷ୍ଣୁଚରଣ ଘଡ଼େଇ (୨୫) ଓରଫ ଚନ୍ଦୁ ଓ ତାଙ୍କ ସହଯୋଗୀ ରାକେଶ କୁମାର ଜେନା(୨୭) ଓରଫ ଚନ୍ଦନଙ୍କୁ ଗିରଫ କରି ତାଙ୍କଠାରୁ ପାଞ୍ଚଟି ବ୍ୟାଟେରି ଜବତ କରାଯାଇଛି। ଏହିପରି ମୋଟ ୬ଟି ବ୍ୟାଟେରି ଜବତ ହୋଇଥିବା ବୁଧବାର ଏଏସ୍‌ଆଇ ପ୍ରସନ୍ନ କୁମାର ଦଳେଇ କହିଛନ୍ତି।

## ଟ୍ରେନ୍‌ରେ କଟି ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ

ନିରାକାରପୁର,୮।୧୦(ମାନସ ଚନ୍ଦ୍ର ପଟ୍ଟନାୟକ): ନିରାକାରପୁର ରେଲୱେ ଫାଣ୍ଡି ପୋଲିସ ବୁଧବାର ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ନିରାକାରପୁର ଷ୍ଟେଶନ ଏବଂ ୨୧୯ ନମ୍ବର ରେଳଫାଟକ ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ଡାଉନ୍ ଲାଇନ ରେଳଧାରଣାରୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ସରକାରୀ ମେଡିକାଲକୁ ପଠାଯାଇଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ଏନେଇ ରେଲୱେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୬୧/୨୦୨୫) ରୁଜୁ କରିଛି ବୋଲି ଫାଣ୍ଡି ଅଧିକାରୀ ଦିଲୀପ ସାହୁ ସୂଚନା ଦେଇଛନ୍ତି।

## ତାଲିମ ନେଲେ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ

**ବୋଲଗଡ଼,୮।୧୦(ଦେବବ୍ରତ ହୋତା):** ସରକାରଙ୍କ ନିର୍ଦ୍ଦେଶକ୍ରମେ ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ବୁଧବାର ଦୁଇଟି ସ୍ଥାନରେ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ୟୁଏଏସ(ଏକକ ସ୍ୱୟଂକ୍ରୀୟ ପଦ୍ଧତି ଦ୍ୱାରା ଉପସ୍ଥାନ ଆଦି) ବିଷୟରେ ତାଲିମ ଦିଆଯାଇଛି। ବାଙ୍କୋଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏହି ତାଲିମ ଶିବିରରେ ୯ଟି କ୍ଲଷ୍ଟରର ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦେଇଥିଲେ। ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ଶିବିର ଉଦଘାଟନ କରିଥିଲେ। ବାଙ୍କୋଇ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ଦଳାଇଙ୍କ ସଂଯୋଜନାରେ ଶିକ୍ଷୟିତ୍ରୀଶିକ୍ଷକ ଓ ସାଧନ କେନ୍ଦ୍ର ସଂଯୋଜକ ରବିନ୍ଦ୍ର କୁମାର ବେହେରା ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସାଧନ କେନ୍ଦ୍ର ସଂଯୋଜକ ଲୋକନାଥ ସାହୁ ପ୍ରଶିକ୍ଷକ ରୂପେ ଦାୟିତ୍ୱ ତୁଲାଇଥିଲେ। ସେହିପରି ବୋଲଗଡ଼ସ୍ଥିତ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ସହଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଅମିତା ମିଶ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୀତବାସ ଲେଙ୍କା ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶିକ୍ଷକ ରୂପେ ସାଧନ କେନ୍ଦ୍ର ସଂଯୋଜକ ବିଭୁ ପ୍ରସାଦ ମହାପାତ୍ର ଦାୟିତ୍ୱ ତୁଲାଇଥିଲେ। ବବ୍ରୁବାହନ ବେହେରା ସହଯୋଗ କରିଥିଲେ। ୯୬ଜଣ ପ୍ରଶିକ୍ଷାର୍ଥୀ ତାଲିମ ଗ୍ରହଣ କରିଥିଲେ।

## କୋଲୁହାପାଟଣା ଗ୍ରାମରୁ ବଜ୍ରକାପ୍ତା ଉଦ୍ଧାର

ବେଗୁନିଆ,୮।୧୦(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ୍ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମ ଆଦିବାସୀ ସାହିର ଶିକ୍ଷକ ପବିଧର ପରିଡ଼ାଙ୍କ ଘରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବଜ୍ରକାପ୍ତା ପଶିଯାଇଥିଲା। ବଜ୍ରକାପ୍ତାକୁ ଧରିନେବା ପାଇଁ ପରିବାର ଲୋକେ ବେଗୁନିଆ ବନପାଳ ପ୍ରିୟଦର୍ଶିନୀ ସେଠୀଙ୍କୁ ଯୋଗାଯୋଗ କରିଥିଲେ। ବନପାଳ ସେଠୀ ଘଟଣାସ୍ଥଳରେ ପହଞ୍ଚି ବଜ୍ରକାପ୍ତାଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିନେଇଥିଲେ। ବଜ୍ରକାପ୍ତାକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ସମାଗମ ହୋଇଥିଲା।



# ଚାନ୍ଦପୁର ମିଳିତ ପାଟରା ସମିତି ଗଠିତ

**ଟାଙ୍ଗୀ,୮।୧୦(ରଘୁନାଥ ସାହୁ):** ଚାନ୍ଦପୁର ଅଞ୍ଚଳର ସମସ୍ତ ପାଟରା ଭାଇମାନଙ୍କୁ ନେଇ ସ୍ଥାନୀୟ ରାସବିହାରୀ ମନ୍ଦିର ପରିସରରେ ଦୁର୍ଯ୍ୟୋଧନ ସାହୁଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବଡ଼ଠାକୁର ପ୍ରଭୁ ବଳଦେବଜୀଙ୍କ ପୂଜାର୍ଚ୍ଚନା ସହ ବଦ୍ରିନାରାୟଣ ଚୌଧୁରୀ ବେଦପାଠ କରିଥିଲେ। ଅଶୋକ କୁମାର ସାହୁ ଓ ଶିବପ୍ରସାଦ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପାଟରା ଯୁବକମାନେ ଏକତ୍ରିତ ହୋଇଥିଲେ। ଆଲୋଚନା ପରେ ଚାନ୍ଦପୁର ମିଳିତ ପାଟରା ସମିତି ଗଠନ ସହ ଏଥିରେ ସମସ୍ତେ ଏକତ୍ରିତ ହୋଇ ରହିବା ପାଇଁ ନିଷ୍ପତ୍ତି ନେଇଥିଲେ। କାର୍ଯ୍ୟକ୍ରମକୁ ରବୀନ୍ଦ୍ର କୁମାର ନାୟକ ସଂଯୋଜନା କରିଥିଲେ। ବରିଷ୍ଠ ସଭ୍ୟ ସୁବାସ ସାହୁ, ଭାଗୀରଥି ଦାସ, ଦୁଃଖିଶ୍ୟାମ ସାହୁ, ମାଧବ ମହାପାତ୍ର ପ୍ରମୁଖ ସମିତି ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ସମିତି ପରିଚାଳନା ପାଇଁ ଏକ ଅସ୍ଥାୟୀ କମିଟି ଗଠନ କରାଯାଇଥିଲା।


**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
No.A-694 **e-Procurement Notice**
Bid Identification No.ACEM/MDB-36/2025-26
1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : ACEM/MDB-36/2025-26
5. Estimated Cost : Rs.17,50,395/-
6. Period of Completion : 02 (Two) Calendar Months
7. Date & Time of availability of bid documents in the Portal : From Dt.10.10.2025 (10.00 AM) to dt.22.10.2025 (5.30 PM)
8. Last date/time for receipt of bid in the Portal : dt.22.10.2025 (upto 5.30 PM)
9. Date and Place of Opening of Bid : Dt.23.10.2025 (12.00 Noon onwards in the O/o the Undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar
Further details can be seen from the e-Procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Addl. Chief Engineer, Mechanical Circle, Bhubaneswar
OIPR-32405/11/0091/2526

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
No.A-699 **e-Procurement Notice**
Bid Identification No.ACEM/MDB-41/2025-26
1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : ACEM/MDB-41/2025-26
5. Estimated Cost : Rs.15,18,909/-
6. Period of Completion : 02 (Two) Calendar Months
7. Date & Time of availability of bid documents in the Portal : From Dt.10.10.2025 (10.00 AM) to dt.22.10.2025 (5.30 PM)
8. Last date/time for receipt of bid in the Portal : dt.22.10.2025 (upto 5.30 PM)
9. Date and Place of Opening of Bid : Dt.23.10.2025 (12.00 Noon onwards in the O/o the Undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar
Further details can be seen from the e-Procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Addl. Chief Engineer, Mechanical Circle, Bhubaneswar
OIPR-32405/11/0096/2526

Government of Odisha No.MM-219
“e” Procurement Notice
**OFFICE OF THE DIVISIONAL FOREST OFFICER PURI WILDLIFE DIVISION, PURI**
Bid Identification No.01 of 2025-26

| | | |
|---|---|---|
| 1 | Nature of the Work | Construction of New Forester Quarter |
| 2 | No. of Works:- | 2 Nos. |
| 3 | Estimate Cost:- | As mentioned in Column No.3 |
| 4 | Period of Completion | 03 (Three Calendar Months/Each) |
| 5 | Date & Time of availability of the bid documents in the portal | 11.00 Hours of 08.10.2025 to 17.00 Hours of 22.10.2025 |
| 6 | Last date/time of receipt of the bid in portal | 22.10.2025 upto 17.00 Hours |
| 7 | Date of Opening | 11.00 Hours of 23.10.2025 |
| 8 | Name and Address of the Office | Office of the Divisional Forest Officer, Puri (WL) Division, Puri |

Further details can be seen from the e-Procurement Portal “https:// tendersorissa.gov.in.
Sd./- Divisional Forest Officer, Puri (WL) Division, Puri
OIPR-08140/11/0017/2526

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
No.A-698 **e-Procurement Notice**
Bid Identification No.ACEM/MDB-40/2025-26
1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : ACEM/MDB-40/2025-26
5. Estimated Cost : Rs.15,11,646/-
6. Period of Completion : 02 (Two) Calendar Months
7. Date & Time of availability of bid documents in the Portal : From Dt.10.10.2025 (10.00 AM) to dt.22.10.2025 (5.30 PM)
8. Last date/time for receipt of bid in the Portal : dt.22.10.2025 (upto 5.30 PM)
9. Date and Place of Opening of Bid : Dt.23.10.2025 (12.00 Noon onwards in the O/o the Undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar
Further details can be seen from the e-Procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Addl. Chief Engineer, Mechanical Circle, Bhubaneswar
OIPR-32405/11/0095/2526

**ITDA, JHARSUGUDA**
**TENDER CALL NOTICE**
No.724, Dt.04.10.2025
No.CAD-1951: The Project Administrator, ITDA, Jharsuguda invites percentage rate basis Tender for 07 Nos. (Seven) of projects. The sale of bid documents starts from Dt.09.10.2025 to Dt.23.10.2025 during the office hour and receipt of the bid documents starts from Dt.09.10.2025 to Dt.24.10.2025 upto 5.00 P.M. on all working days in the office of the Project Administrator, ITDA, Jharsuguda. The bid will be opened on Dt.28.10.2025 at 11.00 A.M. Intending Valid Contractors may visit district website of Jharsuguda www.jharsuguda.odisha.gov.in for detail information.
Sd./- Project Administrator, ITDA, Jharsuguda
OIPR-19444/11/0002/2526

**ZILLA SWASTHYA SAMITI, KORAPUT**
(NTEP CELL)
NATIONAL HEALTH MISSION
E-mail: dtoorkrp@rntcp.org Phone:06852-252714
No.3282/NTEP/NHM/KPT Date:06.10.25
**TENDER CALL NOTICE**
No.E-427: Sealed tenders are invited from eligible agencies for selection of the most suitable agency to supply Nutritional Kit for TB Patients of Koraput District. Details regarding the items, terms & conditions and formats for submission of tender may be downloaded from the website: https://koraput.odisha.gov.in. The tenders should reach the office of the undersigned by 28.10.2025 till 04.00 P.M. The tender will be opened at 11.00 AM on 29.10.2025. The undersigned reserves the right to reject any or all the tenders without assigning any reason thereof.
Sd./- CDM & PHO -cum- District Mission Director, Koraput
OIPR-10077/11/0025/2526

**BOARD OF REVENUE : ODISHA: CUTTACK**
(ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ)
(E-mail :exam. bor@gmail.com / exam2.bor@gmail.com)
File No.V-02/2025-422/Exam. Dated 08.10.2025
**NOTIFICATION**
No.F-71: On-line applications are hereby invited from the prospective officers through the Proforma application to be made available in the Board’s website (https://boardodisha.nic.in/) w.e.f. 9th October, 2025 in respect of the 2nd Half Yearly Departmental Examination of Officers, 2025 conducted by the Board of Revenue for all Departments of Govt. of Odisha to be held in **the Last week of December, 2025.**
The candidates are required to furnish application through Online only. No off-line applications will be entertained. **The link for submission of application online shall be made available from 09.10.2025 (Thursday) to 04.11.2025 (Tuesday).** The candidates are requested to visit the Board’s website and before proceeding for filling the online application form, they are required to go through the guidelines and instructions available in Board’s website (Annexure-I).
The officers under training at the Gopabandhu Academy of Administration, Bhubaneswar / Madhusudan Das Regional Academy of Financial Management (MDRAFM), Bhubaneswar / any other institution should submit their application in the above manner through their Academy / Institute.
The detailed programme of the examination schedule (both Written & Viva-Voce) will be notified later on.
**DOCUMENTS TO BE UPLOADED:**
- Candidates must upload recent coloured passport size photo and scanned signature as per the instruction mentioned in Annexure-I.
- The forwarding letter duly signed or approved by the head of office must be uploaded. Otherwise, the application without forwarding letter will be rejected by the software & the candidate will not be able to appear in the Departmental Examination. (If the head of office is an examinee, his / her application should duly be approved by the next Higher Authority).
- The officers, who want to be exempted from passing of ODIA in the Departmental Examination, should upload their HSC/ equivalent certificate. (Note: ODIA in M.E. Standard will not be considered for exemption). **Offline Application for Odia Exemption or through E-mail shall not be entertained.**
- No need to upload HSC/ Equivalent certificate, if a candidate has already been exempted by this office.

For any queries and technical assistance, you may contact the Examination Branch, Board of Revenue, Odisha, Tel. No. 0671-2508006.
By orders of Member, Board of Revenue, Odisha, Cuttack
Sd./- Secretary, Board of Revenue, Odisha, Cuttack
OIPR-24002/11/0017/2526

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍‌ଡିଂ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: 19039/ଭୁ.ଉ.କ., ଭୁବନେଶ୍ୱର ତା: 25.09.2025ରିଖ
BRP-1170/88
**ସୂଚନା**
No. CAD-1944: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରଗଡ଼ ପ୍ଲଟେଡ୍ ଡେଭଲପ୍‌ମେଣ୍ଟ ସ୍କିମ୍, ବରଗଡ଼, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ ନଂ. – RP-50କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୭୪୨୨/ଏ.ଏଲ୍, ତା୧୯।୦୭।୨୦୦୬ରିଖ ଅନୁଯାୟୀ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ପ୍ରକାଶ ପାଣିଙ୍କ ନାମରୁ (୧) ଶ୍ରୀ ଦିଲିପ କୁମାର ମିଶ୍ର, ପିତା: ମଧୁସୂଦନ ମିଶ୍ର ଓ (୨) ଶ୍ରୀମତୀ ମୀନା ମିଶ୍ର, ସ୍ୱାମୀ: ଶ୍ରୀ ଦିଲିପ କୁମାର ମିଶ୍ର, ଗ୍ରାମ: ଗମାଣ୍ଡିଆ, ପୋଷ୍ଟ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଜିଲ୍ଲା: କଟକ, ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା।
ଆବଣ୍ଟନଗ୍ରାହୀଙ୍କ ମଧ୍ୟରୁ ଦିଲିପ କୁମାର ମିଶ୍ର ଗତ ତା୦୯।୦୬।୨୦୨୧ରିଖରେ ମୃତ୍ୟୁବରଣ କରିଅଛନ୍ତି। (Death Certificate Registration No. 10258/2021 dated 11.06.2021. Legal heir Certificate Misc. Case No. E-LHC/2021/104194 Dated: 22.09.2022 ଅନୁଯାୟୀ ଦିଲିପ କୁମାର ମିଶ୍ରଙ୍କର ଉତ୍ତରାଧିକାରୀ (୧) ମୀନା ମିଶ୍ର (ସ୍ତ୍ରୀ), (୨) ବରୁଣ ମିଶ୍ର (ପୁତ୍ର) ଓ (୩) ମିଲନ ମିଶ୍ର (ପୁତ୍ର) ଅଟନ୍ତି।
ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଏଣୁ ଉକ୍ତ ପ୍ଲଟର ମାଲିକାନା ସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ସ୍ୱତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।
ସ୍ୱା./– ଆବଣ୍ଟନ ଅଧିକାରୀ–୧, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0384/2526

No.RR-22
ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ଭୁବନେଶ୍ୱର
**ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଏବଂ ସନ୍ଥକବି ଭୀମଭୋଇ ପାଠାଗାର, ଭୁବନେଶ୍ୱର ପାଇଁ ପୁସ୍ତକ କ୍ରୟ ନିମନ୍ତେ ବିଜ୍ଞାପନ**
୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଏବଂ ସନ୍ଥକବି ଭୀମଭୋଇ ପାଠାଗାର, ଭୁବନେଶ୍ୱର ନିମନ୍ତେ ଆଗ୍ରହୀ ପୁସ୍ତକ ଲେଖକ/ପ୍ରକାଶକ/ବିତରକମାନଙ୍କ ଠାରୁ ୨୦୨୫-୨୬ ମସିହାରେ ପ୍ରକାଶିତ ତଥା ପୂର୍ବ ପ୍ରକାଶିତ ବିରଳ ଓ ଦୁର୍ମୂଲ୍ୟ ପୁସ୍ତକ ଏବଂ ପାଠକ/ପାଠିକାମାନଙ୍କ ପାଇଁ ଉଦ୍ଦିଷ୍ଟ ବୃତ୍ତି ବିକାଶ ନମୁନା ପୁସ୍ତକର ଏକ ଖଣ୍ଡ ସହିତ ନିମ୍ନଲିଖିତ ଫର୍ମରେ ଦରଖାସ୍ତ ବିଜ୍ଞାପନ ପ୍ରକାଶିତ ହେବାର ଦୁଇ ମାସ ଭିତରେ (ସରକାରୀ ଛୁଟି ଦିବସ ବ୍ୟତୀତ) ଦିବା ୧୧ ଘଟିକାଠାରୁ ଅପରାହ୍ନ ୪ ଘଟିକା ମଧ୍ୟରେ ଆହ୍ୱାନ କରାଯାଉଅଛି । ନମୁନା ପୁସ୍ତକ ସହିତ ପୂରଣ ହୋଇଥିବା ଫର୍ମ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ବୈଷୟିକ ସେବା ବିଭାଗରେ ଦାଖଲ ହେବ । ଆଗ୍ରହୀ ପୁସ୍ତକ ଲେଖକ/ପ୍ରକାଶକ/ବିତରକ ପ୍ରାଧିକୃତ ସ୍ଥାନୀୟ ପୁସ୍ତକ ବିକ୍ରେତାଙ୍କ ମାଧ୍ୟମରେ ପୁସ୍ତକ ଦାଖଲ କରିବେ ଯଦ୍ଦ୍ୱାରା ଚୟନ ହୋଇଥିବା ପୁସ୍ତକର ବିଲ୍ ସେମାନେ ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ଚୟନ ହୋଇ ନଥିବା ପୁସ୍ତକଗୁଡିକୁ ନିଜ ଖର୍ଚ୍ଚରେ ଫେରସ୍ତ ନେବେ । ହିତାଧିକାରୀଙ୍କ ନିର୍ଭୁଲ୍ ବ୍ୟାଙ୍କ୍ ବିବରଣୀ ଜାଣିବା ପାଇଁ ତାଙ୍କ ବ୍ୟାଙ୍କ୍ ଖାତାର ପ୍ରଥମ ପୃଷ୍ଠା କିମ୍ବା ବ୍ୟାଙ୍କ୍ ଚେକ୍‌ର ଏକ ଫଟୋ ନକଲ ଦେବାକୁ ହେବ । ଧାର୍ଯ୍ୟ ତାରିଖ ପରେ ଦାଖଲ ହୋଇଥିବା ପୁସ୍ତକ କିମ୍ବା ନିମ୍ନୋକ୍ତ ଫର୍ମର କୌଣସି ସୂଚନା ଅପୂରଣୀୟ ଥିଲେ କିମ୍ବା ଉପରୋକ୍ତ କାଗଜାତ୍ ଦାଖଲ ହୋଇନଥିଲେ, ଦାଖଲ ହୋଇଥିବା ପୁସ୍ତକ ବିଚାରକୁ ନିଆଯିବ ନାହିଁ । ପ୍ରତ୍ୟେକ ବର୍ଷ ସାଧାରଣ ପୁସ୍ତକ କ୍ରୟ ପାଇଁ ୧୫% ରିହାତି ଓ ବୃତ୍ତିଗତ ପୁସ୍ତକ କ୍ରୟ ପାଇଁ ୨୦% ରିହାତି ପ୍ରକାଶକମାନେ ଦେଇଥାନ୍ତି । ଚଳିତ ବର୍ଷ ଏହି ରିହାତିଠାରୁ ଅଧିକ ରିହାତି ଦେବାକୁ ଆଗ୍ରହୀ ପୁସ୍ତକ ଲେଖକ/ପ୍ରକାଶକ/ବିତରକଙ୍କୁ ଅଗ୍ରାଧିକାର ଦିଆଯିବ । ପୁସ୍ତକ ଚୟନ ସମ୍ବନ୍ଧୀୟ ସମସ୍ତ ନିଷ୍ପତ୍ତି ନେବାକୁ ଚୟନ କମିଟି ହକଦାର ଏବଂ ଏହି କମିଟି ଦ୍ୱାରା ଚୟନ ହୋଇଥିବା ପୁସ୍ତକ କ୍ରୟ ନିମନ୍ତେ ଚୂଡାନ୍ତ ଅଟେ । ପ୍ରକାଶକ/ବିତରକମାନଙ୍କୁ ଅନୁରୋଧ କରାଯାଉଛି କି, ସେମାନେ ତାଙ୍କର ପୁସ୍ତକ ତାଲିକା EXCEL SHEET ରେ ପ୍ରସ୍ତୁତ କରି ତାହାର Soft Copy ଦାଖଲ କରିବେ ।
**ଦରଖାସ୍ତର ନମୁନା ଫର୍ମ**

| କ୍ର. ନଂ. | ପୁସ୍ତକର ନାମ | ଲେଖକ | ପ୍ରକାଶକ | ସଂସ୍କରଣ | ଗ୍ରନ୍ଥ ଖଣ୍ଡ | ପ୍ରକାଶନ ବର୍ଷ | ମୂଲ୍ୟ | ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ବିବରଣୀ, ବ୍ୟାଙ୍କ ଶାଖା, ଆକାଉଣ୍ଟ ନଂ. ଓ ଆଇ.ଏଫ୍.ଏସ୍.କୋଡ | ମୋବାଇଲ ନଂ. |
|---|---|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) | (୯) | (୧୦) |

ତାରିଖ:
ପୁସ୍ତକ ଦାଖଲକାରୀଙ୍କ ସ୍ୱାକ୍ଷର
ସ୍ୱା./–ନିର୍ଦ୍ଦେଶକ, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ୟୁନିଟ୍–୪, ଭୁବନେଶ୍ୱର–୭୫୧୦୦୧
OIPR-03016/11/0006/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ତିତିଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏସୀୟ ଟିଟି ପାଇଁ କଳିଙ୍ଗ ଚଳଚଞ୍ଚଳ

**ଭୁବନେଶ୍ୱର, ୮।୧୦ (ତପନ ସ୍ୱାଇଁ)**

ଚଳିତ ମାସ ୧୧ରୁ ୧୫ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ୨୮ତମ ଏସୀୟ ଟେବୁଲ୍ ଟେନିସ୍ ଟିମ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ କଳିଙ୍ଗରେ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି। ଇତି ମଧ୍ୟରେ ଦେଶ ବିଦେଶର ଖେଳାଳି ଭୁବନେଶ୍ୱରରେ ପହଞ୍ଚିବା ଆରମ୍ଭ କରିଛନ୍ତି। ମଙ୍ଗଳବାର ଅଧିକାଂଶ ଭାରତୀୟ ଖେଳାଳି ଏଠାରେ ପହଞ୍ଚି ସାରିଛନ୍ତି। ସେମାନଙ୍କ ମଧ୍ୟରେ ଶ୍ୱେତା ଅଶୋକ ସୋନୋନେ, ପାୟସ ଜୈନ, ସୌରଭ ଚକ୍ରବର୍ତ୍ତୀ, ଯଶସ୍ୱିନୀ ଦୀପକ ଘୋରପଦେ, ସେଜାଲ ସୋନି, ଜନସନ ସେଲଭାକୁମାର ଦେବରାଜ, ଅମରଜିତ ସିଂ, ମାନବ ବିକାଶ ଠାକର, ମାନୁଷ ଉତ୍ପଲଭାଇ ସାହା, ଦିବ୍ୟା ପରାଗ ଚିତାଲେ, ସଚିନ ଶଙ୍କର ଶେଟ୍ଟି, ସ୍ୱସ୍ତିକା ଘୋଷ ଏବଂ ଇଟାଲିଆନ କୋଚ୍ ମାସିମୋ କୋଷ୍ଟାଣ୍ଟିନି ଅନ୍ୟତମ। ବୁଧବାର ତାରକା ମହିଳା ଖେଳାଳି ମନିକା ବାତ୍ରା ପହଞ୍ଚି ଅଭ୍ୟାସ ଆରମ୍ଭ କରିଛନ୍ତି। ସେହିପରି ଇରାନ, ଜାପାନ, ହଂକଂ ପ୍ରଭୃତି ଦେଶର ମହିଳା ଓ ପୁରୁଷ ଖେଳାଳି, କୋଚ୍ ଓ ସପୋର୍ଟ ଷ୍ଟାଫ୍ ପହଞ୍ଚି ସାରିଛନ୍ତି। ଗୁରୁବାର ଚାଇନା, ବାଂଲାଦେଶ, ଚାଇନିଜ୍ ତାଇପେ, କୋରିଆ, ଜାପାନ, ଇରାନ, ମାଲଡିଭ୍ସ, କାଜାଖସ୍ତାନ, ମଙ୍ଗୋଲିଆ ଆଦି ଦେଶର ଖେଳାଳି, କୋଚ୍ ଏବଂ ସପୋର୍ଟ ଷ୍ଟାଫ୍ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଥିବା ଚାଇନା ଦଳସହ ସମ୍ପ୍ରତି ବିଶ୍ୱ ର୍ୟାଙ୍କିଂରେ ନମ୍ବର ୱାନ୍‌ରେ ୱାଙ୍ଗ୍ ଚୁକ୍ୱିନ, ଦ୍ୱିତୀୟ ର୍ୟାଙ୍କ୍ ଲିନ୍ ଶିଡଙ୍ଗ୍ ଏବଂ ଅନ୍ୟ ଶୀର୍ଷ ର୍ୟାଙ୍କ୍ ଖେଳାଳି ଲିଆଙ୍ଗ ଜିଙ୍ଗ୍‌କୁନ୍, ଜିଆଙ୍ଗ୍ ପେଙ୍ଗ୍ ଭୁବନେଶ୍ୱର ଆସିବେ। ସେହିପରି ମହିଳା ଖେଳାଳିଙ୍କ ମଧ୍ୟରେ ନମ୍ବରୱାନ ସୁନ୍ ୟିଙ୍ଗ୍‌ସା, ୨ୟ ର୍ୟାଙ୍କ୍ ୱାଙ୍ଗ୍ ମାନୟୁ, ଚେନ୍ ଜିଙ୍ଗଟଙ୍ଗ୍ ଆକର୍ଷଣର କେନ୍ଦ୍ରରେ ରହିବେ।

ପ୍ରକାଶ ଯୋଗ୍ୟ ଯେ, ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତା ପ୍ରତି ସାଧାରଣ ଜନତାଙ୍କୁ ଆକର୍ଷିତ କରିବା ପାଇଁ ଏବେ ମାସ୍କଟ ଓଲି ସହ ଟ୍ରଫି ଟୁର୍ ପୁରୀ, କଟକ ଓ ଭୁବନେଶ୍ୱର ଆଦି ସହର ପରିକ୍ରମା କରୁଛି। ଗତ ସୋମବାର କଳିଙ୍ଗ ଷ୍ଟାଡିୟମର ଇନ୍‌ଡୋର ଆଥେଲେଟିକ୍ସ ସେଣ୍ଟରରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ଟ୍ରଫି ଅନାବରଣ ଓ ଟ୍ରଫି ଟୁର୍ ବସର ଶୁଭ ଉଦ୍‌ଘାଟନ ହୋଇଥିଲା। ଭାରତର ଟେବୁଲ୍ ଟେନିସ୍ କିମ୍ବଦନ୍ତୀ ଅଚନ୍ତ ଶରତ କମଲଙ୍କୁ ବ୍ରାଣ୍ଡ ଆମ୍ବାସଡର ମନୋନୀତ କରାଯାଇଛି। ୨୨ଟି ଶ୍ରେଷ୍ଠ ଏସୀୟ ଦଳକୁ ନେଇ ହେବାକୁ ଥିବା ଏହି ମହାଦେଶୀୟ ଟୁର୍ନାମେଣ୍ଟ ୨୦୨୬ରେ ଲଣ୍ଡନରେ ହେବାକୁ ଥିବା ବିଶ୍ୱ ଦଳଗତ ଟେବୁଲ ଟେନିସ୍ ଚାମ୍ପିୟନଶିପ୍‌ର ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାଭାବେ ପରିଗଣିତ ହେଉଛି। ଶରତ କମଲ ବିଶ୍ୱ କ୍ରୀଡାରେ ଜଣେ ସମ୍ମାନିତ ଚେହେରା ଭାବେ ପରିଗଣିତ ହେବା ସହ ଆଇଟିଟିଏଫର ଆଥଲେଟ୍ସ କମିଶନର ତଥା ସହ- ଅଧ୍ୟକ୍ଷ ଏବଂ ଭାରତୀୟ ଅଲିମ୍ପିକ୍ ଆସୋସିଏଶନର ଆଥଲେଟ୍ସ କମିଶନର ଉପାଧ୍ୟକ୍ଷ ଭାବରେ କାର୍ଯ୍ୟ ନିର୍ବାହ କରିଛନ୍ତି। ଏହାସହ ସେ ପଦ୍ମଶ୍ରୀ ଏବଂ ଖେଳରତ୍ନ ପୁରସ୍କାର ବିଜେତା ଏବଂ ୧୦ ଥର ଜାତୀୟ ଚାମ୍ପିୟନ୍ ମଧ୍ୟ।




ବିଦେଶୀ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ବୁଧବାର ସ୍ୱାଗତ କରାଯାଉଛି। ଭୁବନେଶ୍ୱରରେ ପହଞ୍ଚିବା ପରେ ଭାରତର ତାରକା ଟେବୁଲ ଟେନିସ୍ ଖେଳାଳି ମନିକା ବାତ୍ରା।

## ପହଞ୍ଚିଲେ ଦେଶ ବିଦେଶର ଖେଳାଳି


## ୧୬ତମ ଜନ୍ମଦିନ ଶୁଭେଚ୍ଛା



ସ୍ନେହା ଶ୍ରୀ (ତିତିଲି)
(ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର)
ଆଜିର ଏହି ଶୁଭ ଅବସରରେ ସାଇବାବାଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ, ତୋ'ର ସମସ୍ତ ଇଚ୍ଛା ପୂରଣ ହେଉ ଏବଂ ତୁ ସଫଳତାର ଶୀର୍ଷରେ ପହଞ୍ଚି ଯାଆ।
ଶୁଭେଚ୍ଛା ସହ- ଅଜା, ଆଈ, ମମି, ମଉସା, ମାମା, ମାମୁ, ମାଇଁ, ସାଇ, ଶ୍ରଦ୍ଧା, ଇଶାନ, ଇଭାନ
ଧ-୭୬୦୭୯


# ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

**ଭୁବନେଶ୍ୱର, ୮।୧୦(ତପନ ସ୍ୱାଇଁ)**

କଟକ ତୁଳସୀପୁର ମଧୁସୂଦନ ନଗରସ୍ଥିତ ୱିଜ୍‌କିଡ୍ସ ସ୍କୁଲ ପ୍ରାଙ୍ଗଣରେ ଏକ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ତଥା କଟକ ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଛନ୍ତି। ବରିଷ୍ଠ ଚେସ୍ ଖେଳାଳି ଚୌଧୁରୀ ପ୍ରଦ୍ୟୁମ୍ନ କେଶରୀ ମିଶ୍ର ଓ ରଘୁନନ୍ଦନ ସାମଲ ଅତିଥିଭାବେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣ ରାୟ ଓ ଚେସ୍ କେନ୍ଦ୍ରର ପ୍ରତିଷ୍ଠାତା ବିସ୍ମିତା ସାହୁ ଉପସ୍ଥିତ ଥିଲେ। ମୁଖ୍ୟ କୋଚ୍ ସୁଧୀର କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଚେସ୍ ଖେଳାଳି ଜ୍ୟୋତିପ୍ରକାଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ତେଲୁଗୁ ଟାଇଟନ୍ସ ବିଜୟୀ

**ଚେନ୍ନାଇ, ୮।୧୦(ପି.ଟି.)**

ଚଳିତ ପ୍ରୋ କବାଡି ଲିଗ୍(ପିକେଏଲ୍)ରେ ବୁଧବାର ଖେଳାଯାଇଥିବା ମ୍ୟାଚରେ ତେଲୁଗୁ ଟାଇଟନ୍ସ ୪୬-୨୯ ପଏଣ୍ଟରେ ହରିୟାଣା ଷ୍ଟିଲର୍ସକୁ ପରାସ୍ତ କରିଛି। ମ୍ୟାଚ୍‌ରେ ବିଜୟୀ ଦଳ ପାଇଁ ଭରତ ହୁଡା ୧୬ ରେଡ୍ ପଏଣ୍ଟ ସହ ସର୍ବାଧିକ ୨୦ ପଏଣ୍ଟ ହାସଲ କରିଥିଲେ। ଏହା ତାଙ୍କର ୧୦୦ତମ ପିକେଏଲ୍ ମ୍ୟାଚ୍ ଥିଲା। ଏହି ବିଜୟ ସହ ତେଲୁଗୁ ଟାଇଟନ୍ସର ପଏଣ୍ଟ ସଂଖ୍ୟା ୧୬କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ହରିୟାଣା ଷ୍ଟିଲର୍ସ ୧୩ ମ୍ୟାଚ୍‌ରେ ୧୨ ପଏଣ୍ଟ ସହ ଅଷ୍ଟମ ସ୍ଥାନରେ ରହିଛି। ଅନ୍ୟ ଏକ ମ୍ୟାଚ୍‌ରେ ପୁନେରି ପଲଟନ ୩୭-୨୭ ବ୍ୟବଧାନରେ ୟୁ ମୁମ୍ବାକୁ ପରାସ୍ତ କରିଛି। ପୁନେରି ଦଳ ୨୦ ପଏଣ୍ଟ ସହ ଦ୍ୱିତୀୟ ଓ ୟୁ ମୁମ୍ବା ୧୨ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି।

# ଜୁଡୋ କ୍ଲଷ୍ଟର ପୋଲିସ ଗେମ୍ସରେ କନ୍ଦନ ଜୁରି

**ଭୁବନେଶ୍ୱର, ୮।୧୦(ତପନ ସ୍ୱାଇଁ)**

ଜମ୍ମୁ-କଶ୍ମୀର ଆର୍ମଡ ପୋଲିସ ଆନୁକୂଲ୍ୟରେ ୧୦ମ ସର୍ବଭାରତୀୟ ଜୁଡୋ କ୍ଲଷ୍ଟର ପୋଲିସ ଗେମ୍ସ-୨୦୨୫ ଶ୍ରୀନଗରଠାରେ ଚଳିତ ମାସ ୧୦ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ କନ୍ଦନ ମୁର୍ମୁ ଅନ୍ତର୍ଜାତୀୟ ରେଫରି ଭାବେ ମନୋନୀତ ହୋଇଛନ୍ତି। ଏପରି ଗୁରୁଦାୟିତ୍ୱ ପାଇଥିବାରୁ ସେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓଡ଼ିଶା ରାଜ୍ୟ ଜୁଡୋ ଆସୋସିଏଶନ ସଭାପତି ଅସିତ୍ ପ୍ରଧାନ, ସମ୍ପାଦକ ଗୀତାଞ୍ଜଳି ପଣ୍ଡା ଓ ପରିବାରବର୍ଗଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ସୁଶ୍ରୀଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ସତ୍ତ୍ୱେ ଓଡ଼ିଶା ପରାସ୍ତ

**ଭୁବନେଶ୍ୱର, ୮।୧୦(ତପନ ସ୍ୱାଇଁ)**

ବିସିସିଆଇ ଘରୋଇ ସିଜନର ସିନିୟର ମହିଳା ଟି୨୦(ଏଲିଟ୍) କ୍ରିକେଟ୍ ଟୁର୍ନାମେଣ୍ଟ ଗ୍ୱାଲିୟରରେ ଆରମ୍ଭ ହୋଇଛି। ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ସତ୍ତ୍ୱେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍‌ରେ ହାଇଦ୍ରାବାଦ୍ ନିକଟରୁ ହାରିଯାଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ୨୦ ଓଭରରେ ୮ ଉଇକେଟ ହରାଇ ୧୦୮ ରନ୍ କରିଥିଲା। ମାଧୁରୀ ମେହେଟ୍ଟା ସର୍ବାଧିକ ୩୨ ଓ ଦିବ୍ୟଦର୍ଶିନୀ ୨୮ ରନ୍ କରିଥିଲେ। ବିପକ୍ଷ ଦଳର ଏମ୍. ସାକ୍ଷୀ ରାଓ ଏବଂ ଭେଲୋରି ମହେଶ କାବ୍ୟା ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୦୯ ରନ୍‌ର ବିଜୟଲକ୍ଷ୍ୟକୁ ହାଇଦ୍ରାବାଦ୍ ୧୮.୩ ଓଭରରେ ୫ ଉଇକେଟ ହରାଇ ହାସଲ କରିନେଇଥିଲା। ଜି. ତ୍ରିଶା ଦଳ ପକ୍ଷରୁ ସର୍ବାଧିକ ୩୮ ରନ୍ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଦିବ୍ୟଦର୍ଶିନୀ ସର୍ବାଧିକ ୨ଟି ଉଇକେଟ ନେଇଥିଲେ।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646



# Classified Everyday
0674-2580101, 9692975378


REAL ESTATE
SALE

Plot for sale near Railwaystation Bhawanipatna, Kalahandi, no broker. Contact:- 8658579717. D-2201

ଭୁବନେଶ୍ୱର NISER, IIT ଜଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡକୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି- 9337166296. D-1942

Centrally located housing plot for sale at Medinipur near Bhawanipatna, Kalahandi. Contact-: 9437148590, 8658579717. D-2202

Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492. D-2018

Resort at Puri, Investment- 20Lakhs Rental- 3Lakhs, Bhubaneswar/ Cuttack, Investment- 1Crore, Rental- 3Lakhs/ Year. 8917622925. D-2012

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


Healthcare

The massage felt totally professional & comfortable at all times-7978109255. D-76495

AFFIDAVIT

I, Sailendra Narayan Pattnaik, S/o- Late Jagannath Mohanty, resident of 47, Arya Village, Dumduma, P.S.- Khandagiri, Bhubaneswar, District- Khordha, Odisha- 751019 declare by this affidavit No.- 92/2025, dated- 24.09.2025 that now onwards I shall be known as SAILENDRA NARAYAN PATTANAIK for all future purposes. D-2011

By virtue of an affidavit sworn before the Executive Magistrate, Boudh, No.- 1389, date 06.10.2025, I, Sujata Pradhan, W/o- Chandramani Pradhan, R/o. Village/ P.O.- Tetelenga, P.S./ Dist.- Boudh, Odisha, PIN- 762014 declare that I have changed my daughter's name from Miki Pradhan to Purnima Pradhan. Henceforth, she shall be known as Purnima Pradhan for all purpose.
Sujata Pradhan
D-2009

By virtue of an affidavit sworn before the Executive Magistrate, Balangir, No.-2261, date. 08.10.25, I, Allhadini Rana, W/o- Shibaram Rana, R/o. Village.- Sihini, P.O.- Bahabal, P.S.- Belpada, Dist.- Balangir, PIN- 767026, Odisha, declare that I have changed my name from Ahaladina Rana to Allhadini Rana. Henceforth, I shall be known as Allhadini Rana for all purposes.
Allhadini Rana
D-2008

By virtue of an affidavit sworn before Executive Magistrate, Balasore, dated 22.09.2025, I, Indubhusan Nanda, At/P.O.- Beli, Via- Singla, P.S.- Singla, Dist.- Balasore, Odisha declare that my daughter PRACHI NANDA Born on 19.03.2012 wrongly mentioned as PARACHI NANDA. The Aadhaar Card No.- xxxx xxxx 3101. The above two name is of same person. Henceforth, the correct name is PRACHI NANDA for all purposes. D-2010

By virtue of an affidavit sworn before the Executive Magistrate, Junagarh, No.- 436, date 8.10.25, I, Pratima Rout, D/o- Kshirasindhu Rout, R/o. Village-Kulihariguda, P.O.- Dhamanpur, P.S.- Golamunda, Dist.- Kalahandi, Odisha declare that I have changed my name from Kalyani Rout to Pratima Rout. Henceforth, I shall be known as Pratima Rout for all purposes.
Pratima Rout
D-2007

By virtue of an affidavit sworn before Executive Magistrate, Thuamul Rampur, dated 02.07.25, I, Alladini Dalapati, R.o- At/P.O./P.S.- Thuamul Rampur, Dist.- Kalahandi, Odisha, PIN- 766037 declare that I have changed the name of my son from Raj Dalpati to Tuleswar Dalpati. Henceforth, he shall be known as Tuleswar Dalpati for all purposes.
Alladini Dalapati
D-2005

By virtue of an affidavit sworn before Executive Magistrate, Thuamul Rampur, dated 02.07.25, I, Danmati Majhi, R/o. At/P.O.- Kathakura, P.S.- Thuamul Rampur, Dist.- Kalahandi, Odisha, PIN- 766037 declare that I have changed the name of my daughter from Kamani Majhi to Kamini Majhi. Henceforth, she shall be known as Kamini Majhi for all purposes.
Danmati Majhi
D-2006


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ପଦ୍ମନାଭ ସାହୁ
ଅବସରପ୍ରାପ୍ତ ଶିକ୍ଷକ (ପାଇକସାହି)
ଆବିର୍ଭାବ: ୨୬।୦୯।୧୯୪୭
ତିରୋଧାନ: ୨୯।୦୯।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥ ଓ କାଶୀ ବିଶ୍ୱନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ-ନିରଜ, ଝିଅ-ସୁକାନ୍ତି, ରେଣୁବାଳା, ପ୍ରିୟମ୍ବଦା, ମମତା, ବୋହୂ-ପ୍ରତିଭା, ନାତି-ଗ୍ରିପନ୍ସ, ତେଜସ୍ୱାନ, ଜ୍ୱାଇଁ, ନାତିନାତୁଣୀ ଓ ପାଇକସାହି ଗ୍ରାମବାସୀବୃନ୍ଦ।
ଧ-୨୦୧୩

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବାପୁଜୀ ପାଇକରାୟ
ପ୍ଲଟ୍ ନଂ.- ୨୪ ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୧୨।୦୧।୧୯୬୭
ତିରୋଧାନ: ୨୩।୧୦।୨୦୨୧
ଆପଣ ଆମକୁ ଛାଡ଼ି ଚାଲିଯିବାର ଚାରିବର୍ଷ ବିତିଗଲାଣି। କିନ୍ତୁ ଆପଣଙ୍କ ଉପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ପରୋପକାରିତା ଚିର ସ୍ମରଣୀୟ ଓ ଚିର ବନ୍ଦନୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସଙ୍ଗୀତା, ପ୍ରିୟଙ୍କା, ପ୍ରିୟାଂଶୁ ଓ ବନ୍ଧୁ ପରିବାରବର୍ଗ
ଧ-୨୦୧୫


# ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟ୍‌ବଲ ୧୪ରୁ




ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୮।୧୦(ତପନ ସ୍ୱାଇଁ)**

ଭୁବନେଶ୍ୱର ଭେଟେରାନ୍ ଫୁଟ୍‌ବଲ ପ୍ଲେୟର୍ସ ଆସୋସିଏଶନ ଆନୁକୂଲ୍ୟରେ ଚଳିତ ମାସ ୧୪ରୁ ୟୁନିଟ୍-୧ ଫୁଟ୍‌ବଲ ଏକାଡେମୀ ପଡ଼ିଆରେ 'ୟୁନିଲାଇଟ କପ୍' ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ମୋଟ୍ ୯ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲେ ୟୁନିଟ୍-୧ ଓ ୟୁନିଟ୍-୩ ବାଳକ ଉଚ୍ଚ ବିଦ୍ୟାଳୟ, ମଦର୍ସ ପବ୍ଲିକ୍ ସ୍କୁଲ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ବିକାଶ ରେସିଡେନ୍ସିଆଲ ସ୍କୁଲ, ଓଡିଏମ୍ ପବ୍ଲିକ୍ ସ୍କୁଲ, କିସ୍ ହାଇସ୍କୁଲ, ଅରବିନ୍ଦ ହାଇସ୍କୁଲ ଗଣ୍ଡରପୁର ଏବଂ ଜଟଣୀ ହାଇସ୍କୁଲ। ନକ୍‌ଆଉଟ ଭିତ୍ତିରେ ହେବାକୁଥିବା ଏହି ପ୍ରତିଯୋଗିତାର ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଓ ରନରଅପ୍ ଦଳକୁ ୧୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି। ଉକ୍ତ ସମ୍ମିଳନୀରେ ସଭାପତି ନବରଞ୍ଜନ ପଟ୍ଟନାୟକ, ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ଉପସଭାପତି ପ୍ରଦୀପ କୁମାର ବଳିୟାରସିଂ, ବିରଞ୍ଚି ନାରାୟଣ ମହାନ୍ତି, କାର୍ଯ୍ୟକାରୀ ସମ୍ପାଦକ ଚିନ୍ମୟ କୁମାର ଦାସ, କୋଷାଧ୍ୟକ୍ଷ ଶ୍ରୀମନ୍ତ କୁମାର ମହାନ୍ତି, ଦେବାଶିଷ ନାୟକ, ୟୁନିଲାଇଟ ପର୍ଯ୍ୟବେକ୍ଷକ ଦେବବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୨୩ ବର୍ଷରୁ କମ୍ ଓଡ଼ିଶା ଦଳ ଚାମ୍ପିୟନ




ଟ୍ରଫି ସହ ଚାମ୍ପିୟନ ୨୩ ବର୍ଷରୁ କମ୍ ଓଡ଼ିଶା ଦଳ।

**ଭୁବନେଶ୍ୱର, ୮।୧୦(ତପନ ସ୍ୱାଇଁ)**

ବିଦର୍ଭ କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ନାଗପୁରର ଭିସିଏ ଜମଥା ଗ୍ରାଉଣ୍ଡରେ ଅନୁଷ୍ଠିତ ୨୯ତମ ବାପୁନା କପ୍ କ୍ରିକେଟ ଟୁର୍ନାମେଣ୍ଟ(୨ଦିନିଆ ଫର୍ମାଟ)ରେ ଓଡ଼ିଶା ୨୩ ବର୍ଷରୁ କମ୍ ସମ୍ଭାବ୍ୟ ଦଳ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ଓଡ଼ିଶା, ମହାରାଷ୍ଟ୍ର, କେରଳ, ବାପୁନା ଏକାଦଶ ଓ ଦିନଶଜ୍ ଏକାଦଶ ଆଦି ୫ଟି ଦଳ ଭାଗ ନେଇଥିଲେ। ଓଡ଼ିଶା ଅନ୍ୟ ୪ଟି ଦଳ ବିପକ୍ଷରେ ମ୍ୟାଚ୍ ଖେଳି ଡ୍ର ରଖିଥିଲା। ୩ଟି ମ୍ୟାଚ୍‌ରେ ପ୍ରଥମ ଇନିଂସ ଅଗ୍ରଣୀଲାଭ କରିଥିବାବେଳେ କେରଳ ବିପକ୍ଷ ମ୍ୟାଚ୍ ବର୍ଷାରେ ଧୋଇଯାଇଥିଲା। ଓଭରଅଲ୍ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଓଡ଼ିଶା ଦଳକୁ ଚାମ୍ପିୟନ ଘୋଷଣା କରାଯାଇଥିଲା। ମହମ୍ମଦ ଡାନିସ୍ ୩ ମ୍ୟାଚ୍‌ରୁ ୬ ଉଇକେଟ ନେଇ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ।

# ୱାଙ୍ଖେଡେରେ ଭେଙ୍ଗସରକାରଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହେବ

**ମୁମ୍ବାଇ, ୮।୧୦:** ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଦିଲୀପ ଭେଙ୍ଗସରକାରଙ୍କ ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବାକୁ ମୁମ୍ବାଇ କ୍ରିକେଟ୍ ଆସୋସିଏଶନ(ଏମ୍‌ସିଏ) ବୁଧବାର ଏହାର କାର୍ଯ୍ୟକାରୀ ବୈଠକରେ ନିଷ୍ପତ୍ତି ନେଇଛି। ଭେଙ୍ଗସରକାର ଭାରତର ଜଣେ ପୂର୍ବତନ କ୍ରିକେଟ୍ ଅଧିନାୟକ। ସେ ଭାରତ ପାଇଁ ଅନ୍ତର୍ଜାତୀୟସ୍ତରରେ ୧୧୬ ଟେଷ୍ଟ ଓ ୧୨୯ ଦିନିକିଆ ମ୍ୟାଚ୍ ଖେଳିଥିଲେ। ତାଙ୍କ ନାମରେ ଲର୍ଡ୍ସରେ ୩ ଶତକ ସହ ମୋଟ୍ ୧୭ ଶତକ ରହିଛି। ସେ ୧୯୮୩ ବିଶ୍ୱକପ୍ ଚାମ୍ପିୟନ ଦଳର ସଦସ୍ୟ ଥିଲେ। ପୂର୍ବରୁ ୱାଙ୍ଖେଡେରେ ସୁନୀଲ ଗାଭାସ୍କର ଓ ସଚିନ ତେନ୍ଦୁଲକରଙ୍କ ପ୍ରତିମୂର୍ତ୍ତି ରହିଛି।

# ରିତେଶଙ୍କ ଖୁସି ରହସ୍ୟ

ରିତେଶ ଦେଶମୁଖଙ୍କ ଖୁସି କହିଲେ ନ ସରେ। କାରଣ ଯେଉଁ ସିନେମାକୁ ନେଇ ସେ ବେଶ୍ ଆଶା ବାନ୍ଧି ବସିଛନ୍ତି ତାହା ଆସନ୍ତା ମାସ ୨୧ରେ ରିଲିଜ ହେବାକୁ ଯାଉଛି। ଫିଲ୍ମଟିର ଟାଇଟଲ ରହିଛି 'ମସ୍ତି ୪'। ଏହି ଚିତ୍ରରେ ତିନି ଜଣ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ରିତେଶଙ୍କ ବ୍ୟତୀତ ଅନ୍ୟ ଦୁଇ ଜଣ ଅଭିନେତା ହେଲେ ଆଫତାବ ଶିବଦାସାନୀ ଏବଂ ବିବେକ ଓବରୟ। ସବୁଠାରୁ ଖାସ୍ କଥା ହେଲା ଏଥିରେ ରିତେଶଙ୍କ ଅପୋଜିଟ୍‌ରେ ଅଛନ୍ତି ତାଙ୍କର ଧର୍ମପତ୍ନୀ ଜେନେଲିଆ ଡିସୌଜା। ପତି-ପତ୍ନୀ ମଧ୍ୟରେ ସମ୍ପର୍କ କିପରି ରହିବା ଉଚିତ ତାହାକୁ ଏହି ଫିଲ୍ମରେ କମେଡି ମାଧ୍ୟମରେ ଉପସ୍ଥାପନା କରାଯାଇଛି। ପରସ୍ପର ମଧ୍ୟରେ ମଧୁର ସମ୍ପର୍କ ରହିଲେ ପତି-ପତ୍ନୀ ସମ୍ପର୍କ ପୂର୍ବାପେକ୍ଷା ଆହୁରି ମଜଭୁତ ହୋଇଥାଏ, ଯାହାକୁ ଆଧାର କରି କାହାଣୀ ଗତି କରିଛି। ଏହି ଫିଲ୍ମ ବିଷୟରେ ରିତେଶ କହନ୍ତି, 'ଯେତେବେଳେ ମୁଁ ଏହାର କାହାଣୀ ଶୁଣିଲି ସେତେବେଳେ ମୋର ଦୃଢ଼ ବିଶ୍ୱାସ ହୋଇଯାଇଥିଲା ଯେ ଏହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ। କାରଣ ଆଜିକାଲି ଅନେକ ପତି-ପତ୍ନୀ ଭିତରେ ସାମାନ୍ୟ କଥାକୁ ନେଇ ଝଗଡ଼ା ହେଉଛି। ତେଣୁ ସେମାନଙ୍କ ଭିତରେ କିପରି ସମ୍ପର୍କ ଦୃଢ଼ ଏବଂ ମଧୁର ହେବ ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ।'' ଫିଲ୍ମଟିର କାହାଣୀ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ମିଲାପ ଜାଭେରି। ଜିତେନ୍ଦ୍ର, ଆର୍ଶାଦ ୱାର୍ସି, ତୁଷାର କପୁର, ରୁହି ସିଂ, ଅତୁଲ ଶର୍ମା ଏବଂ ମନୋଜ ଆନନ୍ଦ ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି।


ରିତେଶ

# କେବଳ ଲିପ୍-ଲକ୍ ସିନ୍ ପାଇଁ..

ସୋନମ ବାଜୱା ପଞ୍ଜାବୀ ଫିଲ୍ମ ଜଗତର ଜଣେ ପରିଚିତା ଅଭିନେତ୍ରୀ। କେବଳ ସେତିକି ନୁହେଁ, ସେ କେତୋଟି ତାମିଲ ଏବଂ ତେଲୁଗୁ ଫିଲ୍ମରେ ମଧ୍ୟ ଅଭିନୟ କରିସାରିଛନ୍ତି। ତାଙ୍କର ବଲିଉଡ ଯାତ୍ରା ଆରମ୍ଭ ହୋଇଥିଲା ୨୦୧୯ରୁ ଆଉ ତାଙ୍କର ଡେବ୍ୟୁ ହିନ୍ଦୀ ସିନେମାଟି ଥିଲା 'ବାଲା'। ତା'ପରେ ସେ 'ଷ୍ଟ୍ରିଟ୍ ଡ୍ୟାନ୍ସର ଥ୍ରୀଡି' ଏବଂ 'ହାଉସଫୁଲ ୫'ରେ ଅଭିନୟ କରିସାରିଛନ୍ତି। ହେଲେ ବଲିଉଡ୍‌ରେ ତାଙ୍କୁ ପୂର୍ବରୁ କେତୋଟି ଅଫର ମିଳିଥିଲା, କିନ୍ତୁ ସେ ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଥିଲେ। ଆଉ ତା' ପଛରେ କାରଣ କ'ଣ ଥିଲା ଜାଣନ୍ତି? ଲିପ୍-ଲକ୍ ସିନ୍। ସେତେବେଳେ ମିଳିଥିବା କେତୋଟି ଅଫରରେ ତାଙ୍କୁ ଏଭଳି ଶଟ୍ ଦେବାକୁ କୁହାଯାଇଥିଲା। କିନ୍ତୁ ଏ ନେଇ ଆଲୋଚନା ସମୟରେ ସେ ସିଧା ସିଧା ମନା କରିଦେଇଥିଲେ। ଏ ବିଷୟରେ ସୋନମ କହନ୍ତି, ''ମୁଁ ଯଦି ଚାହିଁଥାଆନ୍ତି ତେବେ ୨୦୧୯ ପୂର୍ବରୁ ବଲିଉଡ୍‌ରେ ଏଣ୍ଟ୍ରି କରିପାରିଥାଆନ୍ତି। କିନ୍ତୁ ଯେଉଁ କେତୋଟି ଅଫର ମିଳିଥିଲା ସେଥିରେ କିସ୍ ସିନ୍ ଥିବାରୁ ମୁଁ ରାଜି ହୋଇ ନ ଥିଲି। କାରଣ ପରଦା ଉପରେ ଏପରି ଶଟ୍‌କୁ ମୁଁ ସବୁବେଳେ ବିରୋଧ କରିଥାଏ। ତେଣିକି ମୋ ହାତରୁ ଭଲ ଅଫର ଖସିଯାଉ ସେ ନେଇ ଟିକିଏ ହେଲେ ମନଦୁଃଖ କରିବି ନାହିଁ। ତା'ପରେ ଯେଉଁ ସୁଯୋଗ ମିଳିଲା ତାହାର କାହାଣୀ ଏବଂ ସେଥିରେ ମୋ ଭୂମିକା ମୋତେ ବେଶ୍ ପ୍ରଭାବିତ କରିଥିବାରୁ ମୁଁ ଅଭିନୟ ପାଇଁ ରାଜି ହୋଇଥିଲି।'' ବର୍ତ୍ତମାନ ସେ ଅଭିନୟ କରିଥିବା ହିନ୍ଦୀ ସିନେମା 'ବାଗୀ ୪' ଏବଂ 'ଦିୱାନେ କି ଦିୱାନିୟତ' ରିଲିଜ ଅପେକ୍ଷାରେ ରହିଛି। ଏହାବ୍ୟତୀତ ନିର୍ମାଣାଧୀନ ହିନ୍ଦୀ ଫିଲ୍ମ 'ବର୍ଡର ୨'ରେ ସେ ମଧ୍ୟ ଅଭିନୟ କରୁଛନ୍ତି।


ସୋନମ

# ଅପେକ୍ଷା କରିଛନ୍ତି ରଶ୍ମିକା

ସତରେ, ଅପେକ୍ଷା କରିବା ଭାରି କଷ୍ଟ। ସେପଟେ ବହୁ ପ୍ରତୀକ୍ଷିତ ଦିନ ଯେତିକି ପାଖେଇ ଆସୁଥାଏ ମନରେ ଉତ୍କଣ୍ଠା ସେତିକି ବଢ଼ି ଚାଲିଥାଏ। ଦେଖୁନାହାନ୍ତି, ସେହି ଶୁଭ ଦିନକୁ କେମିତି ରଶ୍ମିକା ମାନ୍ଦାନା ବେଶ୍ ଆଗ୍ରହର ସହ ଅପେକ୍ଷା କରିଛନ୍ତି। କଥା କ'ଣ ଆୟୁଷ୍ମାନ ଖୁରାନା ଏବଂ ରଶ୍ମିକାଙ୍କୁ ନେଇ ପ୍ରସ୍ତୁତ 'ଥାମ୍ମା' ଚଳିତ ମାସ ୨୧ରେ ରିଲିଜ ହେବାକୁ ଯାଉଛି। ନିକଟରେ ଏହାର ଟ୍ରେଲର ରିଲିଜ ଅନୁଷ୍ଠିତ ହୋଇଥିଲା। ଏଥିରେ ଚିତ୍ରର କଳାକାରମାନେ ନିଜ ନିଜ ଅନୁଭୂତି ବଖାଣିଥିଲେ। ଏହି ଫିଲ୍ମର କାହାଣୀରେ ରୋମାନ୍ସ, କମେଡି ଏବଂ ସସପେନ୍ସ ଭରି ରହିଛି। ଏହି ଚିତ୍ର ବିଷୟରେ ରଶ୍ମିକା କହନ୍ତି, ''ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ କ୍ୟାରିୟରକୁ ମାଇଲେଜ ଦେବ ବୋଲି ଦୃଢ଼ ବିଶ୍ୱାସ ରହିଛି। ଏହାର କାହାଣୀରେ ଏଭଳି ନୂତନତ୍ୱ ରହିଛି, ଯାହା ଦର୍ଶକଙ୍କୁ ପ୍ରେକ୍ଷାଳୟରେ ନିଶ୍ଚୟ ବାନ୍ଧି ରଖିବ।'' ଉକ୍ତ ସିନେମାରେ ରଶ୍ମିକାଙ୍କ ନାୟକ ସାଜିଛନ୍ତି ଆୟୁଷ୍ମାନ ଖୁରାନା। ଏଥିରେ ନୱାଜଉଦ୍ଦିନ ସିଦ୍ଦିକି ଏବଂ ପରେଶ ରାୱଲ ମଧ୍ୟ ଅଭିନୟ କରିଛନ୍ତି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଦିନେଶ ଭିଜାନ୍ ଏବଂ ଅମର କୌଶିକ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଆଦିତ୍ୟ ସରପଟୋଦାର। ତେବେ ଏଥିରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡିବ।


ରଶ୍ମିକା

ଛୋଟ ପରଦା

# ଉଦ୍ଧାର କରିବୁ ସାତ ପୁରୁଷ

ଚଳିତ ମାସ ୧୨ ତାରିଖ ରବିବାର ଦିନ ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି ଏକ ଭିନ୍ନ ଧରଣର ଓଡ଼ିଆ ସିନେମା। ଏହାର ଟାଇଟଲ ରହିଛି 'ଉଦ୍ଧାର କରିବୁ ସାତ ପୁରୁଷ'। ପ୍ରସାରଣ ସମୟ ରହିଛି ସନ୍ଧ୍ୟା ୬.୩୦। ଏହି ଚ୍ୟାନେଲ ଓଡ଼ିଆ ଦର୍ଶକମାନଙ୍କ ପାଇଁ ସମସ୍ତ ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ଓ ସୁପରହିଟ ଫିଲ୍ମ ଭେଟି ଦେଇଚାଲିଛି। ଖାସ୍ କଥା ହେଲା ଏହାର ନିର୍ଦ୍ଦେଶନା ଦେଇଛନ୍ତି ଓଲିଉଡ୍‌ର ଗିମିକ ମାଷ୍ଟର ସଞ୍ଜୟ ନାୟକ। ପ୍ରଯୋଜନା କରିଛନ୍ତି ଅଜୟ ରାଉତ। ଫିଲ୍ମର ମୁଖ୍ୟ ଚରିତ୍ର ମୁନା ହେଉଛି ଅନାଥ। ସହରରେ ଜୀବନ ଗଢ଼ିବାରେ ଅସଫଳ ହେବା ପରେ ସେ ନିଏ ଏକ ଚରମ ନିଷ୍ପତ୍ତି। ଶେଷକୁ ସବୁଆଡୁ ବିଫଳ ହୋଇ ସେ ଆତ୍ମହତ୍ୟା କରିବ ବୋଲି ଠିକ୍ କରେ। ହେଲେ ଠିକ୍ ସମୟରେ କାହାଣୀରେ ଆସିଛି ଏକ ଅପ୍ରତ୍ୟାଶିତ ମୋଡ଼। ଯେଉଁଥିରେ ଜୀବିତ ମୁନାର ସାଥୀ ପାଲଟିଛନ୍ତି ଏକ ମୃତ ପରିବାର। ଏହି ପରିବାରର ସଦସ୍ୟମାନେ ମରିବା ପରେ ଅତୃପ୍ତ ଆତ୍ମା ହୋଇ ବୁଲୁଛନ୍ତି ଓ ଖୋଜୁଛନ୍ତି ମୁକ୍ତି। ହେଲେ ସେମାନଙ୍କର ମୃତ୍ୟୁ ହେଲା କିପରି? ମୁନା କ'ଣ ସମସ୍ତ ଆତ୍ମାକୁ ମୁକ୍ତି ଦେଇ ପାରିବ? ତେବେ ମୁନାର ଭବିଷ୍ୟତ କଣ ହେବ? ଏମିତି ସବୁ ପ୍ରଶ୍ନର ଉତ୍ତର ଏହି ଫିଲ୍ମଟିରେ ରହିଛି। ଜ୍ୟୋତି ପଣ୍ଡା, ହେଲିନା, ପ୍ରଦ୍ୟୁମ୍ନ ଲେଙ୍କା, କେଦାର ମିଶ୍ର, ରାଜଶ୍ରୀ, ଶୁଭ୍ରାଂଶୁ ଓ ବୀରେନ ମିଶ୍ର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମର କାହାଣୀ ରଚନା କରିଛନ୍ତି ସଞ୍ଜୟ ନାୟକ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ। ''ଜୀ ସାର୍ଥକ ସବୁବେଳେ ଓଡ଼ିଆ ଦର୍ଶକଙ୍କ ଚିନ୍ତାଧାରାକୁ ସବୁବେଳେ ଧ୍ୟାନରେ ରଖି ନୂଆ ଓ ଭିନ୍ନ କାହାଣୀ ସହିତ ଫିଲ୍ମ ସବୁ ଆଣିଥାଏ। ସେହିପରି ଏକ ଫିଲ୍ମ ହେଉଛି 'ଉଦ୍ଧାର କରିବୁ ସାତ ପୁରୁଷ'। ତେବେ ଏହା କେବଳ ଏକ ସାଧାରଣ ଫିଲ୍ମ ନୁହେଁ– ଏହା ଆମ ସମାଜରେ ଏକାକୀ ଜୀବନ ଗଢ଼ିବାକୁ ଚେଷ୍ଟାରତ ସମସ୍ତ ଯୁବବର୍ଗଙ୍କ ପାଇଁ ଏକ ସୁନ୍ଦର ମନଗଢ଼ା କାହାଣୀ ଯାହା ସେମାନଙ୍କୁ ଦେବ ଉତ୍ସାହ। ଆମର ସବୁ ଫିଲ୍ମ ପରି ଏହି ଫିଲ୍ମ ମଧ୍ୟ ଦର୍ଶକଙ୍କ ମନ ଜିତିବ ବୋଲି କହନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ରାହୁଲ ରାଓ।''


'ଉଦ୍ଧାର କରିବୁ ସାତ ପୁରୁଷ' ଫିଲ୍ମରେ ଜ୍ୟୋତି ପଣ୍ଡା-ହେଲିନା

# ଆଶା ରଖିଛନ୍ତି ଜାହ୍ନବୀ

ଜାହ୍ନବୀ କପୁରଙ୍କ ଅଭିନୀତ 'ସନ୍ନି ସଂସ୍କାରି କି ତୁଲସୀ କୁମାରୀ' ଚଳିତ ମାସ ୨ ତାରିଖରେ ରିଲିଜ ହୋଇଛି। ଏହି ଫିଲ୍ମରେ ତାଙ୍କର ନାୟକ ସାଜିଛନ୍ତି ବରୁଣ ଧାୱନ। ମାତ୍ର ୮୦ କୋଟି ବଜେଟରେ ନିର୍ମିତ ଏହି ସିନେମା ଏପର୍ଯ୍ୟନ୍ତ ୫୦କୋଟି ବିଜନେସ୍ କରିବାରେ ସକ୍ଷମ ହୋଇଛି। ତେବେ ଉକ୍ତ ଫିଲ୍ମଟି ଆଗକୁ ଆହୁରି ବିଜନେସ୍ କରିବ ବୋଲି ଦୃଢ଼ ଆଶା ରଖିଛନ୍ତି ଜାହ୍ନବୀ। ଏ ବିଷୟରେ ସେ କହନ୍ତି, ''ଏହି ସିନେମା ଧୀରେ ଧୀରେ ଭଲ ଆୟ କରୁଛି। ମୋର ଆଶା ରହିଛି ଫିଲ୍ମଟି ୧୦୦କୋଟି କ୍ଲବରେ ନିଶ୍ଚୟ ସାମିଲ ହେବ। ଏହାର କାହାଣୀକୁ ଫୁଲ୍ ଜଷ୍ଟିସ ଦେବାକୁ ସମସ୍ତ କଳାକାର ଚେଷ୍ଟା କରିଥିଲେ, ଯାହାର ଫଳ ଧୀରେ ଧୀରେ ମିଳୁଛି। ଏହି ଫିଲ୍ମରେ ବରୁଣଙ୍କ ସହ ମୋ ଯୋଡ଼ିକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ଆଗକୁ ଯଦି ପୁଣି ଥରେ ତାଙ୍କ ସହ ଅଭିନୟ କରିବାର ସୁଯୋଗ ମିଳେ ତେବେ ମୁଁ ମନା କରିବି ନାହିଁ।'' 'ସନ୍ନି ସଂସ୍କାରି କି ତୁଲସୀ କୁମାରୀ' ଚିତ୍ରର ପ୍ରଯୋଜନା କରିଛନ୍ତି ହୀରୋ ଯଶ ଜୋହର, କରନ ଜୋହର, ଅପୂର୍ବ ମେହେଟ୍ଟା, ଅଧର ପୁନାୱାଲା ଏବଂ ଶଶାଙ୍କ ଖୈତାନ। ଶଶାଙ୍କ ମଧ୍ୟ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହି ଫିଲ୍ମରେ ମଧ୍ୟ ସାନ୍ୟା ମାଲହୋତ୍ରା ଅଭିନୟ କରିଛନ୍ତି।


'ସନ୍ନି ସଂସ୍କାରି କି ତୁଲସୀ କୁମାରୀ' ଫିଲ୍ମରେ ଜାହ୍ନବୀ-ବରୁଣ

# ପାଖେଇ ଆସୁଛି ଶୁଭ ଦିନ

ଓଡ଼ିଆ ସିନେମାର ଆଉ ଜଣେ ନବାଗତ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି। ଅବଶ୍ୟ ଏହାପୂର୍ବରୁ ସେ ଶିଶୁ କଳାକାର ଭାବରେ ଅନେକ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରି ପ୍ରଶଂସା ସାଉଁଟି ସାରିଛନ୍ତି। ହେଲେ ଏଥର ନାୟକ ଭାବରେ ସେ ଡେବ୍ୟୁ କରିବେ। ନିଜର ହୋମ ବ୍ୟାନରରେ ପ୍ରସ୍ତୁତ ଏହି ଚିତ୍ରଟିର ଟାଇଟଲ ରହିଛି 'ଲଢ଼େଇ'। ହଁ, ସେ ଅଭିନେତା ଜଣଙ୍କ ହେଉଛନ୍ତି ଲୋହିତାକ୍ଷ ପଟ୍ଟନାୟକ। ପୁଣି ଏପରି ସଂଯୋଗ ଯେଉଁ ନିର୍ଦ୍ଦେଶକ ତାଙ୍କୁ ଶିଶୁ କଳାକାର ଭାବରେ ବ୍ରେକ୍ ଦେଇଥିଲେ ଏବେ ସେ ତାଙ୍କୁ ନାୟକ ଭାବରେ ବଡ଼ ପରଦାରେ ଆଣୁଛନ୍ତି। ସେ ହେଲେ ଓଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ଅଶୋକ ପତି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଲୋହିତାକ୍ଷଙ୍କ ବାପା ଦେବାଶିଷ ପଟ୍ଟନାୟକ। ଏଥିରେ ତାଙ୍କର ନାୟିକା ସାଜିଥିବା ଅଭିଲିପ୍ସା ମଧ୍ୟ ନବାଗତା। ଏ ବିଷୟରେ ଅଶୋକ କହନ୍ତି, ''ଏହି ଫିଲ୍ମର କାହାଣୀରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, କମେଡ଼ି, ଫାଇଟ୍- ସବୁକିଛି ରହିଛି। ନାୟିକା ଏବଂ ନାୟକ ଦୁହେଁ ନୂଆ। ଲୋହିତାକ୍ଷ ନୂଆ ଭାବରେ ନାୟକ ସାଜୁଛି, ହେଲେ ତା'ପୂର୍ବରୁ ସେ ଅନେକ ଓଡ଼ିଆ ସିନେମାରେ ଶିଶୁ କଳାକାର ଭାବରେ ଅଭିନୟ କରିସାରିଛି। ଦୁହିଁଙ୍କ ଅଭିନୟ ମଧ୍ୟ ମୋତେ ବେଶ୍ ଇମ୍ପ୍ରେଶ କରିଛି।'' ଡି.ଏସ.ଆର ଏଣ୍ଟରପ୍ରାଇଜେସ ବ୍ୟାନରରେ ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ ଓ ସୋମେଶ ଶତପଥୀ। ଦୃଶ୍ୟଗ୍ରହଣ ଦାୟିତ୍ୱ ତୁଲାଇଛନ୍ତି କୁଲଡି। ଏହି ଫିଲ୍ମର ଅନ୍ୟାନ୍ୟ ଭୂମିକାରେ ପ୍ରୀତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ମନୋଜ ଦଣ୍ଡପାଟ୍ଟ, ରାଜଲକ୍ଷ୍ମୀ ଡାକୁଆ, ରବି ନାରାୟଣ ବେହେରା, ସୁଶାନ୍ତ, ରାଜଲକ୍ଷ୍ମୀ ମହାପାତ୍ର ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଅଭିନୟ କରିଛନ୍ତି। ଏଥର ଦୀପାବଳି ଅବସରରେ ଫିଲ୍ମଟି ପରଦା ଉପରକୁ ଆସୁଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


'ଲଢ଼େଇ' ଫିଲ୍ମରେ ଲୋହିତାକ୍ଷ-ଅଭିଲିପ୍ସା



କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ବୁଧବାର ଆରମ୍ଭ ହୋଇଥିବା ଓଡ଼ିଶା ଆନ୍ତଃ-ଜିଲ୍ଲା ଅସିଚାଳନା ପ୍ରତିଯୋଗିତାରେ ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ ମୁକାବିଲା। (ଫଟୋ: ରାଜକିଶୋର ମହାନ୍ତି)

# ବିଜୟଧାରା ବଜାୟ ଲକ୍ଷ୍ୟରେ ଭାରତ

**ବିଶାଖାପାଟଣା, ୮।୧୦(ପି.ଟି.)**

ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ଆୟୋଜକ ଭାରତୀୟ ଦଳ ଗୁରୁବାର ତା'ର ତୃତୀୟ ଲିଗ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ଏହି ମ୍ୟାଚ୍ ଡ. ୱାଇ.ଏସ୍. ରାଜଶେଖର ରେଡ୍ଡୀ ଏସିଏ-ଭିଡିସିଏ ଷ୍ଟାଡିୟମରେ ଖେଳାଯିବ। ଏପର୍ଯ୍ୟନ୍ତ ଭାରତୀୟ ଦଳ ତା'ର ପ୍ରଥମ ଦୁଇ ମ୍ୟାଚ୍‌ରେ ଦୁର୍ବଳ ଶ୍ରୀଲଙ୍କା ଓ ପାକିସ୍ତାନକୁ ସହଜରେ ହରାଇଛି। ଉଭୟ ମ୍ୟାଚ୍‌ରେ ଭାରତୀୟ ଟପ୍ ଅର୍ଡର ବ୍ୟାଟରମାନେ ଆଶାନୁଯାୟୀ ପ୍ରଦର୍ଶନ କରିପାରିନାହାନ୍ତି। ମିଡଲ ଓ ଲୋୟର ଅର୍ଡରରେ ବ୍ୟାଟରଙ୍କ ଅବଦାନ ଓ ବୋଲରଙ୍କ ଉପଯୁକ୍ତ ବୋଲିଂ ଯୋଗୁ ଭାରତ ଏପର୍ଯ୍ୟନ୍ତ ଅପରାଜିତ ରହିଛି। ସ୍ମୃତି ମନ୍ଧାନା, ହରମନ୍‌ପ୍ରୀତ କୌର ଓ ଜେମିମା ରୋଡ୍ରିଗୁଏଜ୍‌ଙ୍କୁ ନେଇ ଗଠିତ ତାରକାଖଚିତ ଟପ୍ ଅର୍ଡର ଫେଲ୍ ମାରିବା ପରେ ହର୍ଲିନ ଦେଓଲ, ଅମନ୍‌ଜୋତ କୌର, ରିଚା ଘୋଷ୍ ଓ ଦୀପ୍ତି ଶର୍ମା ଦଳକୁ ଉଦ୍ଧାର କରିଥିଲେ। ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏହାର ପୁନରାବୃତ୍ତି ହେଲେ ଦଳର ଜିତିବା କଷ୍ଟକର ହେବ। ଏଣୁ ଦକ୍ଷିଣ ଆଫ୍ରିକା ଭଳି ଅପେକ୍ଷାକୃତ ଶକ୍ତିଶାଳୀ ଦଳ ବିପକ୍ଷରେ ଟପ୍ ଅର୍ଡର ବ୍ୟାଟରଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଯଦି ଏହି ମ୍ୟାଚ୍‌ର ଫଳାଫଳ ଭାରତୀୟ ଦଳ ସପକ୍ଷରେ ନ ଯାଏ, ତେବେ ଏହା ବିଶ୍ୱକପ୍‌ରେ ଦଳର ଅଭିଯାନ ଲାଗି ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। କାରଣ ଭାରତୀୟ ଦଳକୁ ପରବର୍ତ୍ତୀ ୩ ମ୍ୟାଚ୍‌ରେ ଯଥାକ୍ରମେ ଡିଫେଣ୍ଡିଂ ତଥା ୭ ଥରର ଚାମ୍ପିୟନ ଅଷ୍ଟ୍ରେଲିଆ, ୪ ଥରର ଚାମ୍ପିୟନ ଇଂଲଣ୍ଡ ଓ ୨୦୦୦ ସଂସ୍କରଣର ଚାମ୍ପିୟନ ନ୍ୟୁଜିଲାଣ୍ଡକୁ ଭେଟିବାର ଅଛି।



ଅଭ୍ୟାସ ଅବସରରେ ଅମୋଲ ମଜୁମଦାରଙ୍କ ସହ ସ୍ମୃତି ମନ୍ଧାନା।

ଏପର୍ଯ୍ୟନ୍ତ ଭାରତୀୟ ବୋଲରମାନେ ଦଳର ଆବଶ୍ୟକ ମୁତାବକ ପ୍ରଦର୍ଶନ କରିଛନ୍ତି। ମୁଖ୍ୟତଃ ଦୀପ୍ତି ଶର୍ମାଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିବା ବେଳେ ସ୍ନେହ ରାଣା, ଶ୍ରୀ ଚରନି ଓ ପେସର କ୍ରାନ୍ତି ଗୌଡ଼ ତାଙ୍କୁ ସହଯୋଗ କରିଛନ୍ତି। କିନ୍ତୁ ବିଶାଖାପାଟଣା ଭେନ୍ୟୁରେ ଗୁଆହାଟୀ ଓ କଲମ୍ବୋ ଭଳି ଦଳର ସ୍ପିନରଙ୍କୁ ସହାୟତା ମିଳିବ ନାହିଁ। ଭାରତୀୟ ବୋଲରଙ୍କ ଲାଗି ଗତ ମ୍ୟାଚ୍‌ରେ ଶତକ ହାସଲ କରିଥିବା ତଜମିନ ବ୍ରିଟ୍ସ, ନିର୍ଭରଯୋଗ୍ୟ ସୁନେ ଲୁସ୍, ଅଧିନାୟିକା ଲୌରା ୱଲଭାର୍ଡଟ, ମାରିଜେନ କାପ ସମସ୍ୟା ସୃଷ୍ଟି କରିପାରନ୍ତି।

### ଅମନ୍‌ଜୋତ ଫେରିପାରନ୍ତି

ଅସୁସ୍ଥତା କାରଣରୁ ପାକିସ୍ତାନ ବିପକ୍ଷ ମ୍ୟାଚ୍ ମିସ୍ କରିଥିବା ଅମନ୍‌ଜୋତ ଦଳକୁ ଫେରିପାରନ୍ତି। ଯଦି ସେ ଫିଟ୍ ହୁଅନ୍ତି, ତେବେ ତାଙ୍କୁ ରେଣୁକା ସିଂ ଠାକୁରଙ୍କ ବଦଳରେ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯିବ। ଅମନ୍‌ଜୋତ ଜଣେ ପେସର ସାଙ୍ଗକୁ ଉପଯୋଗୀ ଲୋୟର ଅର୍ଡର ବ୍ୟାଟର। ଦଳକୁ ତାଙ୍କର ଆବଶ୍ୟକତା ପଡ଼ିପାରେ।

**ସମ୍ଭାବ୍ୟ ଭାରତୀୟ ଦଳ:** ସ୍ମୃତି ମନ୍ଧାନା (ଉପଅଧିନାୟିକା), ପ୍ରତୀକା ରାୱଲ, ହର୍ଲିନ ଦେଓଲ, ହରମନପ୍ରୀତ କୌର (ଅଧିନାୟିକା), ଜେମିମା ରୋଡ୍ରିଗୁଏଜ୍, ରିଚା ଘୋଷ୍, ରେଣୁକା ସିଂ ଠାକୁର/ ଅମନ୍‌ଜୋତ କୌର, ଦୀପ୍ତି ଶର୍ମା, ସ୍ନେହ ରାଣା, ଶ୍ରୀ ଚରନି, କ୍ରାନ୍ତି ଗୌଡ଼।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଲୌରା ୱଲଭାର୍ଡଟ(ଅଧିନାୟିକା), ତଜମିନ ବ୍ରିଟ୍ସ, ସୁନେ ଲୁସ୍, ମାରିଜେନ କାପ, ଆନେକେ ବୋଶ୍ଚ, ସିନାଲୋ ଜାଫତା, ଚଲୋଏ ଟ୍ରିଅନ, ନାଦିନେ ଡି କ୍ଲେର୍କ, ମାସାବାତା କ୍ଲାସ, ଆୟାବୋଙ୍ଗା ଖାକା, ନକୁଲୁଲେକୋ ଏମ୍ଲାବା।

# ଆନ୍ତଃ-ଜିଲ୍ଲା ଅସିଚାଳନା ଉଦ୍‌ଘାଟିତ

**ଭୁବନେଶ୍ୱର, ୮।୧୦(ତପନ ସ୍ୱାଇଁ)**

ଓଡ଼ିଶା ଅସିଚାଳନା ସଂଘ ଆନୁକୂଲ୍ୟରେ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୪ର୍ଥ ଓଡ଼ିଶା ଆନ୍ତଃ-ଜିଲ୍ଲା ଅସିଚାଳନା ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଛି। ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଭାବେ ବିଜୟ ଦାଶ (ପୂର୍ବତନ ସଭାପତି, ଓଡ଼ିଶା ବାର୍ କାଉନ୍‌ସିଲ, କଟକ), ସମ୍ମାନିତ ଅତିଥି ନୟନ ମହାନ୍ତି (ମେମ୍ବର, ଭାଜପା ରାଜ୍ୟ କାଉନ୍‌ସିଲ), ଅଜୟ କୁମାର ବେହେରା(କଟକ ଜିଲ୍ଲା କ୍ରୀଡ଼ା ଅଧିକାରୀ), କିଶୋର ବେହେରା(ସମ୍ପାଦକ, ଓଡ଼ିଶା ସୁସ୍ତି ସଂଘ), ଅଶୋକ କୁମାର ସାହୁ(ସମ୍ପାଦକ, ଜିମ୍ନାଷ୍ଟିକ ସଂଘ), ପ୍ରସନ ରାଉତ(ଓଡ଼ିଶା ସାଇକ୍ଲିଂ ସଂଘ) ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କ୍ରୀଡ଼ା ସାମ୍ବାଦିକ ବିମଳ କୁମାର ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ରାଜ୍ୟ ସମ୍ପାଦକ ଦେବେନ୍ଦ୍ର ସାହୁ ଜାତୀୟ ଅସିଚାଳନା ସଂଘ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରତିଯୋଗିତାରେ ୧୦ ଜିଲ୍ଲାରୁ ୩୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି।

# ଅଷ୍ଟ୍ରେଲିଆର ବଡ଼ ବିଜୟ

**ଆଇସିସି ମହିଳା ବିଶ୍ୱକପ୍**

**କଲମ୍ବୋ, ୮।୧୦**

ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୧୦୭ ରନରେ ପାକିସ୍ତାନକୁ ପରାସ୍ତ କରିଛି। ଏହା ଅଷ୍ଟ୍ରେଲିଆର ଦ୍ୱିତୀୟ ବିଜୟ ହୋଇଥିବା ବେଳେ ପାକିସ୍ତାନ ପାଇଁ ଏହା କ୍ରମାଗତ ତୃତୀୟ ପରାଜୟ। ଅଷ୍ଟ୍ରେଲିଆ ୫ ପଏଣ୍ଟ ସହ ଶୀର୍ଷକୁ ଉନ୍ନୀତ ହୋଇଛି। ମ୍ୟାଚ୍‌ରେ ଦର୍ଶନୀୟ ଶତକ ହାସଲ କରିଥିବା ବେଥ ମୁନି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୩୪ ଓଭର ମଧ୍ୟରେ ୧୧୫ ରନରେ ୮ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ମୁନି ଓ ଆଲାନା କିଙ୍ଗ ନବମ ଉଇକେଟରେ ୧୦୬ ରନ ଯୋଡ଼ିଥିଲେ, ଯାହାକି ମହିଳା କ୍ରିକେଟରେ ସର୍ବାଧିକ। ମୁନି ୧୧ ଚୌକା ସହ ୧୦୯ ରନ କରି ଆଉଟ୍ ହୋଇଥିଲେ। କିଙ୍ଗ୍ ୩ ଲେଖାଏ ଚୌକା ଓ ଛକା ସହ ୫୧ ରନ କରି ଅପରାଜିତ ରହିଥିଲେ। ମହିଳା କ୍ରିକେଟରେ ଦଶମ ସ୍ଥାନରେ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିବାରେ ସେ ପ୍ରଥମ ବ୍ୟାଟର। ଅଷ୍ଟ୍ରେଲିଆ ୫୦ ଓଭରରେ ୯ ଉଇକେଟ ହରାଇ ୨୨୧ ରନ କରିଥିଲା। ପାକିସ୍ତାନ ପକ୍ଷରୁ ନଶ୍ରା ସାନ୍ଧୁ ୩ ଉଇକେଟ ନେଇଥିଲେ। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପାକିସ୍ତାନ ୩୬.୩ ଓଭରରେ ୧୧୪ ରନରେ ଅଲଆଉଟ୍ ହୋଇଯାଇଥିଲା।



ଶତକ ହାସଲ ପରେ ଅଷ୍ଟ୍ରେଲିଆର ବେଥ୍ ମୁନି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ: ୫୦ ଓଭରରେ ୨୨୧/୯ (ବେଥ ମୁନି-୧୦୯, ଆଲାନା କିଙ୍ଗ୍-୫୧*, ନଶ୍ରା ସାନ୍ଧୁ-୩/୩୭, ରମିନ ଶାମିମ-୨/୨୯, ଫାତିମା ସାନା-୨/୪୯)। ପାକିସ୍ତାନ: ୩୬.୩ ଓଭରରେ ୧୧୪/ଅଲଆଉଟ୍ (ସିଦ୍ରା ଆମିନ-୩୫, କିମ ଗାର୍ଥ-୧୪/୩, ଆନାବେଲା ସଦରଲାଣ୍ଡ-୧୫/୨)।

# ରୋନାଲ୍ଡୋ ପ୍ରଥମ ବିଲିୟନେୟାର ଫୁଟ୍‌ବଲ ଖେଳାଳି

**ଲିସ୍‌ବନ, ୮।୧୦**

କ୍ରିଷ୍ଟିଆନୋ ରୋନାଲ୍ଡୋ ତାଙ୍କ ଉଜ୍ଜ୍ୱଳମୟ କ୍ୟାରିୟରରେ ଆଉ ଏକ ମାଇଲଷ୍ଟୋନ୍ ଯୋଡ଼ିଛନ୍ତି। ଏହି ପର୍ତ୍ତୁଗୀଜ୍ ସୁପରଷ୍ଟାର ଆନୁଷ୍ଠାନିକ ଭାବେ ପ୍ରଥମ ବିଲିୟନେୟାର ଫୁଟ୍‌ବଲ ଖେଳାଳି ହୋଇପାରିଛନ୍ତି। ବ୍ଲୁମ୍‌ବର୍ଗ ବିଲିୟନେୟାର୍ସ ଇଣ୍ଡେକ୍ସ ଅନୁଯାୟୀ, ରୋନାଲ୍ଡୋଙ୍କ ପାଖରେ ୧.୪ ବିଲିୟନ ଡଲାରର ସମ୍ପତ୍ତି ରହିଛି। ତାଙ୍କୁ ପ୍ରଥମଥର ପାଇଁ ଏହି ତାଲିକାରେ ସାମିଲ କରାଯାଇଛି। ତେବେ ୨୦୨୩ରେ ସେ ସାଉଦି ଆର୍‌ବିଆନ୍ କ୍ଲବ ଅଲ-ନାସରଙ୍କ ସହ କଣ୍ଟ୍ରାକ୍ଟ କରିବା ପରେ ତାଙ୍କ ଆୟରେ ଉଲ୍ଲେଖନୀୟ ବୃଦ୍ଧି ଆସିଛି। ଏହି ଚୁକ୍ତିରେ ଟିକସମୁକ୍ତ ଦରମା ଓ ବାର୍ଷିକ ୨୦୦ ମିଲିୟନ ଡଲାର ବୋନସ୍ ସହିତ ୩୦ ମିଲିୟନ ଡଲାର ସାଇନିଂ ବୋନସ୍, କ୍ଲବରେ ଇକ୍ୱିଟି ସହିତ ପ୍ରାଇଭେଟ ଜେଟ୍ ଭଳି ସୁବିଧା ସାମିଲ ରହିଛି।

**ଏସିଆନ କପ୍ କ୍ୱାଲିଫାୟର୍ସ**

# ଆଜି ସିଙ୍ଗାପୁରକୁ ଭେଟିବ ଭାରତ

**ସିଙ୍ଗାପୁର, ୮।୧୦ (ପି.ଟି.)**

ଭାରତୀୟ ଫୁଟ୍‌ବଲ ଦଳ ଗୁରୁବାର ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାଇଙ୍ଗ୍ ତୃତୀୟ ରାଉଣ୍ଡର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ସିଙ୍ଗାପୁରକୁ ଭେଟିବାକୁ ଯାଉଛି। ଭାରତୀୟ ଦଳ ୪ ଦଳବିଶିଷ୍ଟ ଗ୍ରୁପ୍-ସି'ରେ ୧ ପଏଣ୍ଟ ସହ ସର୍ବନିମ୍ନରେ ରହିଛି। ବାଂଲାଦେଶ ବିପକ୍ଷ ପ୍ରଥମ ମ୍ୟାଚ୍‌କୁ ଭାରତ ଡ୍ର ରଖିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ୧-୦ ଗୋଲରେ ହଂକଂଠାରୁ ପରାସ୍ତ ହୋଇଥିଲା। ଅନ୍ୟପକ୍ଷରେ ସିଙ୍ଗାପୁର ଦୁଇ ମ୍ୟାଚ୍‌ରୁ ୪ ପଏଣ୍ଟ ସହ ଗ୍ରୁପ୍ ଶୀର୍ଷରେ ରହିଛି। ଏହି ମ୍ୟାଚ୍‌ରେ ପରାଜିତ ହେଲେ ଭାରତୀୟ ଦଳ ୨୦୨୭ରେ ହେବାକୁଥିବା ଏସିଆନ କପ୍‌ର ମୁଖ୍ୟ ଇଭେଣ୍ଟରୁ ବାଦ୍ ପଡ଼ିବ। କେବଳ ଗ୍ରୁପ୍‌ରେ ଟପ୍ କରିଥିବା ଦଳ ହିଁ ଏସିଆନ କପ୍ ଲାଗି ଯୋଗ୍ୟତା ହାସଲ କରିବ।

ଫିଫା ର୍‍ୟାଙ୍କିଙ୍ଗ୍‌ରେ ସିଙ୍ଗାପୁର ୧୫୮ତମ ସ୍ଥାନରେ ରହିଥିବା ବେଳେ ଭାରତ ୧୩୪ତମ ସ୍ଥାନରେ ରହିଛି। କିନ୍ତୁ ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ଫଳାଫଳରେ ବିଶେଷ ପାର୍ଥକ୍ୟ ନାହିଁ। ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ୨୭ ମ୍ୟାଚ୍‌ରେ ଭାରତ ୧୨ ଓ ସିଙ୍ଗାପୁର ୧୧ ଥର ବାଜିମାତ୍ କରିଛି। ଅନ୍ତିମ ମ୍ୟାଚ୍ ସମେତ ୪ ମୁକାବିଲା ଡ୍ର'ରେ ଶେଷ ହୋଇଛି।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ